AHSC EXAM
2024-25

# ମାଧ୍ୟମିକ
# ପରୀକ୍ଷା ପ୍ରଦୀପ




ଅଶୋକ ଦାସ ଫାଉଣ୍ଡେସନ୍

# ମାଧ୍ୟମିକ ପରୀକ୍ଷା ପ୍ରଦୀପ

(୨୦୨୪-୨୫ ଶିକ୍ଷା ବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ)

**AHSC EXAM -2024-25**


ସମୀକ୍ଷକ

ପଣ୍ଡିତ ଭୂପତି ଭୂଷଣ ମିଶ୍ର



ପ୍ରକାଶକ

**ଅଶୋକ ଦାସ ଫାଉଣ୍ଡେସନ, ଯାଜପୁର**

ଅଟ୍ଟାଳିକାଟିଏ ........

ଗଢ଼ିତୋଳିବାପାଇଁ ଯେଉଁପରି ସୁଦୃଢ଼ ମୂଳଭିତିଭୂମିର ଆବଶ୍ୟକତା ରହିଛି, ସେହିପରି ଭଲମଣିଷ ଆଉସୁନ୍ଦର ଭବିଷ୍ୟତଟିଏ ତିଆରିକରିବାପାଇଁ, ବିଦ୍ୟାର୍ଥୀ ମାନଙ୍କର ଶୈକ୍ଷିକ ଜୀବନ ଅଧିକ ପ୍ରଭାବଶାଳୀ ଓ ରୁଚି ସଂପନ୍ନ କରିବା ଅତ୍ୟନ୍ତ ଆବଶ୍ୟକ ।

ଅଶୋକ ଦାସ ଫାଉଣ୍ଡେସନ ଶୈକ୍ଷିକ ବିକାଶପାଇଁ ଏକ ଛୋଟିଆ ପ୍ରୟାସଟିଏ କରିଛି । ଅଶୋକ ଦାସ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ, ଯାଜପୁରର ପ୍ରବାଦ ପୁରୁଷ ସ୍ୱର୍ଗତ ଅଶୋକ ଦାସଙ୍କ ପୁଣ୍ୟ ସ୍ମୃତିରେ ଜନସାଧାରଣଙ୍କ ସେବା ଓ ସହଯୋଗ ପାଇଁ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ସଦାସର୍ବଦା ଅଙ୍ଗୀକାରବଦ୍ଧ । ରକ୍ତଦାନ, ବୃକ୍ଷରୋପଣ, ସ୍ୱାସ୍ଥ୍ୟଶିବିର ସହିତ ଶୈକ୍ଷିକ ବିକାଶପାଇଁ ସଙ୍ଗଠନ ପ୍ରୟାସ ଜାରିରଖିଛି।

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ହାତକୁ ନବାପାଇଁ ପ୍ରୟାସ ଜାରିରଖିଛି । ଏଥିପାଇଁ ସମ୍ମାନନୀୟ ପୂଜ୍ୟଶିକ୍ଷକ, ଅଭିବାବକ ଓ ଶ୍ରଦ୍ଧେୟ ବିଦ୍ୟାର୍ଥୀ ମାନଙ୍କର ସହଯୋଗ କାମନା କରୁଛୁ ।

ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଛାତ୍ର ଛାତ୍ରୀଙ୍କ ଇଚ୍ଛାକୁ ସାକାରରୂପ ଦେବାପାଇଁ ଚଳିତବର୍ଷ ୨୪ – ୨୫ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ **"ପରୀକ୍ଷା ପ୍ରଦୀପ"** ପୁସ୍ତକଟିକୁ ଉପହାର ଦବାକୁ ସଂକଳ୍ପ ଗ୍ରହଣ କରାଯାଇଛି ।

ସଂପାଦକ ମଣ୍ଡଳୀଙ୍କର ସହଯୋଗ ଓ ଆନ୍ତରିକ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିବା ସହିତ ଭବିଷ୍ୟତରେ ସେମାଙ୍କର ଶୁଭେଚ୍ଛା କାମନା କରୁଛୁ ।

ପ୍ରିୟ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା କାମନା କରି ମା' ବିରଜାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।

ଅଶୋକ ଦାସ ଫାଉଣ୍ଡେସନ , ଜହ୍ନବଗିଚା, ଯାଜପୁର

ମୋ – **8249185453**

# ମାଧ୍ୟମିକ ପରୀକ୍ଷା ପ୍ରଦୀପ

# MATHEMATICS (MTH)

**ASHOK DAS FOUNDATION, JAJPUR**

# ସୂଚୀପତ୍ର


| | |
|---|---|
| ୧. ସରଳ ସହ ସମୀକରଣ | ୦୬ |
| ୨. ପରିସଂଖ୍ୟାନ | ୨୩ |
| ୩. ସ୍ଥାନାଙ୍କ ଜ୍ୟାମିତି | ୩୭ |
| ୪. ବୃତ୍ତ□ | ୫୫ |
| ୫. ବୃତ୍ତର ସ୍ପର୍ଶକ | ୬୮ |
| ୬. ପରିମିତ | ୮୨ |
| ୭. ତ୍ରିକୋଣମିତି | ୧୦୨ |
| ୮. ଅଙ୍କନ | ୧୧୧ |
| ୯. ଦ୍ୱିଘାତ ସମୀକରଣ | ୧୨୩ |
| ୧୦. ସମ୍ଭାବ୍ୟତା | ୧୩୩ |
| ୧୧. ସମାନ୍ତର ପ୍ରଗତି | ୧୪୩ |
| ୧୨. ସଡ଼କ ସୁରକ୍ଷା ଶିକ୍ଷା | ୧୪୯ |
| ୧୩. ଜ୍ୟାମିତିରେ ସାଦୃଶ୍ୟ | ୧୫୪ |
| ୧୪. ପରିମିତି (୫.୪ ରୁ ୫.୯) | ୧୬୧ |
| ୧୫. ତ୍ରିକୋଣମିତି (୪.୯ ଏବଂ ୪.୧୦) | ୧୬୭ |
| ୧୬. ଅଙ୍କନ (୬.୬ ରୁ ୬.୯) | ୧୭୨ |
| ୧୭. **PRACTIVE QUESTIONS** | ୧୭୭ |
| ୧୮. **MODEL QUESTIONS** | ୧୯୮ |
| ୧୯. **EXTRA MATERIALS** | ୨୧୨ |

## ପ୍ରଥମ ଅଧ୍ୟାୟ (ବୀଜଗଣିତ)

# ସରଳ ସହସମୀକରଣ

ଗୋଟିଏ ଅଜ୍ଞାତ ରାଶି x ରେ ସରଳ ସମୀକରଣର ସାଧାରଣ ରୂପ ହେଉଛି $ax + b = 0$, ଯେଉଁଠାରେ $a \neq 0$ ।
ଏଠାରେ a ଓ b ବାସ୍ତବ ସଂଖ୍ୟା ଓ a କୁ x ର ସହଗ (coefficient ) ଓ b କୁ ଧ୍ରୁବକ ରାଶି କୁହାଯାଏ ।

ଦୁଇଟି ଅଜ୍ଞାତ ରାଶିରେ ଗୋଟିଏ ସରଳ ସମୀକରଣ
(ଏକଘାତୀ)ର ସାଧାରଣ ରୂପ $a_1x + b_1y + c_1 = 0$ $(a, b, c \in R)$ ଏବଂ a ଓ b ଏକ ସଙ୍ଗେ $\neq 0$ ଅର୍ଥାତ

$a^2+b^2 \neq 0$ (a, x ର ସହଗ, b, y ର ସହଗ ଓ c ଧ୍ରୁବକ)

ସରଳ ସହସମୀକରଣ ଦ୍ୱୟର ସାଧାରଣ ରୂପ $a_1x + b_1y + c_1 = 0$ ......(1)

$(a_1,b_1,c_1 \in R)$ ଏବଂ $a_1 \neq 0$ ଓ $b_1 \neq 0$ ଅର୍ଥାତ $a_1^2 + b_1^2 \neq 0)$
$a_2x + b_2y + c_2 = 0$ ......(2)

$(a_2,b_2,c_2 \in R)$ ଏବଂ $a_2 \neq 0$ ଓ $b_2 \neq 0$ ଅର୍ଥାତ $a_2^2 + b_2^2 \neq 0)$

**ସହ-ସମୀକରଣଦ୍ୱୟର ଜ୍ୟାମିତିକ ପରିପ୍ରକାଶ-**

$L_1 : a_1x + b_1y + c_1 = 0$ ଏବଂ $L_2 : a_2x + b_2y + c_2 = 0$

xy- ସମତଳରେ ସମୀକରଣଦ୍ୱୟର ଜ୍ୟାମିତିକ ରୂପ




ସରଳ ସମୀକରଣର ଲେଖଚିତ୍ର ସମ୍ବନ୍ଧୀୟ କେତେକ ତଥ୍ୟ :-

- ✓ ଗୋଟିଏ ସମୀକରଣର ଲେଖଚିତ୍ର xy ସମତଳରେ ଏକ ସରଳରେଖା
- ✓ X = 0 ସମୀକରଣର ଲେଖଚିତ୍ର y – ଅକ୍ଷ
- ✓ Y = 0 ସମୀକରଣର ଲେଖଚିତ୍ର x – ଅକ୍ଷ
- ✓ X = ଧ୍ରୁବକ ସଂଖ୍ୟା (Ex -> x = 4 ) ସମୀକରଣର ଲେଖଚିତ୍ର y – ଅକ୍ଷ ସହ ସମାନ୍ତର
- ✓ y = ଧ୍ରୁବକ ସଂଖ୍ୟା (Ex -> y = 4 ) ସମୀକରଣର ଲେଖଚିତ୍ର x – ଅକ୍ଷ ସହ ସମାନ୍ତର
- ✓ y = mx ( m ଏକ ଧ୍ରୁବକ) ସମୀକରଣର ଲେଖଚିତ୍ର ମୂଳବିନ୍ଦୁ ମଧ୍ୟ ଦେଇ ଯାଏ ।

ଲେଖଚିତ୍ର ଦ୍ୱାରା ସହ ସମୀକରଣ ଦ୍ୱୟର ସମାଧାନ :

xy  ସମତଳରେ ସହ ସମୀକରଣ ଦ୍ଵୟର ଲେଖଚିତ୍ର ଅଙ୍କନ କଲେ, ସେମାନଙ୍କର ଛେଦବିନ୍ଦୁର x ସ୍ଥାନଙ୍କ ଓ y ସ୍ଥାନଙ୍କ ଉକ୍ତ ସହ ସମୀକରଣ ଦ୍ଵୟର ସମାଧାନ ଅଟେ ।

ସହ ସମୀକରଣ ଦ୍ଵୟର ସମାଧାନ ପାଇଁ ସର୍ତ୍ତ

| $a_1x+b_1y+c_1=0$ ଏବଂ $a_2x+b_2y+c_2=0$ $\frac{a_1}{a_2}, \frac{b_1}{b_2}, \frac{c_1}{c_2}$ ଅନୁପାତ ଗୁଡ଼ିକ ମଧ୍ୟରେ ତୁଳନା | $L_1 : a_1x+b_1y+c_1=0$<br>$L_2 : a_2x+b_2y+c_2=0$ | ସହସମୀକରଣ ଦ୍ଵୟର ସମାଧାନ ଅନୁଯାୟୀ ସେମାନଙ୍କର ନାମକରଣ |
|---|---|---|
| $\frac{a_1}{a_2} \neq \frac{b_1}{b_2}$ | $L_1$ ଓ $L_2$ ରେଖାଦ୍ଵୟ ପରସ୍ପର ଛେଦୀ | ସଙ୍ଗତ ଓ ସ୍ଵତନ୍ତ୍ର ଅର୍ଥାତ୍ ଅନନ୍ୟ (ସହସମୀକରଣଦ୍ଵୟର ଏକମାତ୍ର ସମାଧାନ ସମ୍ଭବ) |
| $\frac{a_1}{a_2} = \frac{b_1}{b_2} = \frac{c_1}{c_2}$ | $L_1$ ଓ $L_2$ ରେଖାଦ୍ଵୟ ସମାପତିତ ଅଥବା ଏକ ଓ ଅଭିନ୍ନ | ସଙ୍ଗତ ଓ ନିର୍ଭରଶୀଳ (ଅସଂଖ୍ୟ ସମାଧାନ ବିଶିଷ୍ଟ) |
| $\frac{a_1}{a_2} = \frac{b_1}{b_2} \neq \frac{c_1}{c_2}$ | $L_1$ ଓ $L_2$ ରେଖାଦ୍ଵୟ ସମାନ୍ତର | ଅସଙ୍ଗତ (ସମାଧାନ ଅସମ୍ଭବ) |

**ଦ୍ରଷ୍ଟବ୍ୟ :** ସମୀକରଣ $a_1x+b_1y=0$ ଓ $a_2x+b_2y=0$ ଦ୍ଵୟର ଅନନ୍ୟ ସମାଧାନଟି (0,0); ଯଦି $\frac{a_1}{a_2} \neq \frac{b_1}{b_2}$ ଓ ଅସଂଖ୍ୟ ସମାଧାନ ସମ୍ଭବ; ଯଦି $\frac{a_1}{a_2} = \frac{b_1}{b_2}$ । ଏ କ୍ଷେତ୍ରରେ ସମୀକରଣଦ୍ଵୟ ସର୍ବଦା ସଙ୍ଗତ ଅଟନ୍ତି ।

ସହ ସମୀକରଣଦ୍ଵୟର ବୀଜଗାଣିତିକ ସମାଧାନ :

**(i) ପ୍ରତିକଳ୍ପନ ପଦ୍ଧତି (Method of Substitution) :** ଏହି ପ୍ରଣାଳୀରେ ଗୋଟିଏ  ସମୀକରଣର x କୁ y ମାଧ୍ୟମରେ କିମ୍ବା y କୁ x ମାଧ୍ୟମରେ ପ୍ରକାଶ କରି ଦ୍ଵିତୀୟ ସମୀକରଣରେ ଉକ୍ତ ମାନକୁ

ବ୍ୟବହାର କରି x ବା y ର ମାନ ନିରୂପଣ କରାଯାଏ ।

**(II) ଅପସାରଣ ପଦ୍ଧତି (Method of Elimination) :**

ଏହି ପ୍ରଣାଳୀରେ  x କିମ୍ବା y କୁ ଅପସାରଣ କରାଯାଇଥାଏ ।

ମନେକର ଆମେ x କୁ ଅପସାରଣ କରିବା ବେଳେ y ର ମାନ ପାଇବା ଓ ଏହି ମାନକୁ ସମୀକରଣ (1) ବା ସମୀକରଣ (2)ରେ ବ୍ୟବହାର କରି x ର ମାନ ପାଇବା ।

**(iii) ବଜ୍ର ଗୁଣନ (Cross Multiplication) :** ଦିଓ  ସହ ସମୀକରଣଦ୍ଵୟ

$a_1x + b_1y + c_1 = 0$ .....................(1)

$a_2x + b_2y + c_2 = 0$ .....................(2)

ର ସମାଧାନ

$$\frac{x}{b_1c_2 - b_2c_1} = \frac{y}{c_1a_2 - c_2a_1} = \frac{1}{a_1b_2 - a_2b_1}$$

**(iv) Cramer's ନିୟମ –**

$A = \begin{pmatrix} a & b \\ c & d \end{pmatrix}$ ଏଠାରେ A କୁ 2 x 2 ମ୍ୟାଟ୍ରିକ୍ସ ବା ବର୍ଗ ମ୍ୟାଟ୍ରିକ୍ସ କୁହାଯାଏ । କାରଣ ଏଠାରେ ଧାଡି ସଂଖ୍ୟା ଓ ସ୍ତମ୍ଭସଂଖ୍ୟା ସମାନ। ପ୍ରତି ବର୍ଗ ମ୍ୟାଟ୍ରିକ୍ସ ଡିଟରମିନାଣ୍ଟ କୁହାଯାଏ । ଡିଟରମିନାଣ୍ଟ

$$| A | = \begin{vmatrix} a & b \\ c & d \end{vmatrix} = ad - bc$$

ସହ ସମୀକରଣଦ୍ଵୟରେ

$a_1x + b_1y + c_1 = 0 \Rightarrow a_1x + b_1y = -c_1$ ଏବଂ

$a_2x + b_2y + c_2 = 0 \Rightarrow a_2x + b_2y = -c_2$

$a_1, b_1, -c_1, a_2, b_2, -c_2$ ସଂଖ୍ୟାଗୁଡ଼ିକୁ ନେଇ ନିମ୍ନ ତିନିଗୋଟି ଡିଟରମିନାଣ୍ଟକୁ ବିଚାର କର :

$\Delta = \begin{vmatrix} a_1 & b_1 \\ a_2 & b_2 \end{vmatrix}$, $\Delta_X = \begin{vmatrix} -c_1 & b_1 \\ -c_2 & b_2 \end{vmatrix}$ ଏବଂ $\Delta_Y = \begin{vmatrix} a_1 & -c_1 \\ a_2 & -c_2 \end{vmatrix}$

[$\Delta$ର ପ୍ରଥମ ସ୍ତମ୍ଭକୁ ଧ୍ରୁବକ ସ୍ତମ୍ଭ ଦ୍ୱାରା ବଦଳାଇଲେ] [$\Delta$ର ଦ୍ୱିତୀୟ ସ୍ତମ୍ଭକୁ ଧ୍ରୁବକ ସ୍ତମ୍ଭ ଦ୍ୱାରା ବଦଳାଇଲେ]

ଯେଉଁଠାରେ $\Delta = a_1b_2 - a_2b_1$, $\Delta_x = -c_1b_2 - b_1(-c_2) = b_1c_2 - b_2c_1$, $\Delta_y = -a_1c_2 - a_2(-c_1) = c_1a_2 - c_2a_1$

ଅତଏବ ଡିଟରମିନାଣ୍ଟ ମାଧ୍ୟମରେ ନିର୍ଣ୍ଣେୟ ସମାଧାନ :

$x = \frac{\Delta_x}{\Delta}, y = \frac{\Delta_y}{\Delta}$ ଯେଉଁଠାରେ $\Delta \neq 0$ କାରଣ ସମୀକରଣଦ୍ୱୟ ସଙ୍ଗତ ହେବା ଆବଶ୍ୟକ ।

ବଜ୍ରଗୁଣନ ପଦ୍ଧତିରେ ଲବ୍ଧ ସମାଧାନକୁ ଡିଟରମିନାଣ୍ଟ ମାଧ୍ୟମରେ ଲେଖିଲେ,

$$\frac{x}{b_1c_2 - b_2c_1} = \frac{y}{c_1a_2 - c_2a_1} = \frac{1}{a_1b_2 - a_2b_1} \Rightarrow \frac{x}{\begin{vmatrix} -c_1 & b_1 \\ -c_2 & b_2 \end{vmatrix}} = \frac{y}{\begin{vmatrix} a_1 & -c_1 \\ a_2 & -c_2 \end{vmatrix}} = \frac{1}{\begin{vmatrix} a_1 & b_1 \\ a_2 & b_2 \end{vmatrix}}$$

$$\Rightarrow \frac{x}{\Delta_x} = \frac{y}{\Delta_y} = \frac{1}{\Delta} \Rightarrow x = \frac{\Delta_x}{\Delta}, y = \frac{\Delta_y}{\Delta}$$

ଏହା କ୍ରାମରଙ୍କ ନିୟମ ଅଟେ ।

## ପ୍ରଥମ ଅଧ୍ୟାୟ (ବୀଜଗଣିତ)

## ସରଳ ସହସମୀକରଣ

## Multiple Choice Questions

୧) $3x + y + 2 = 0$ ହେଲେ y ର ମାନ କେତେ ?

a) $3x + 2$
b) $3x – 2$
c) $2 – 3x$
d) $– 3x – 2$

୨) $a_1x + b_1y + c_1=0$ ସମୀକରଣରେ x କୁ y ମାଧ୍ୟମରେ ପ୍ରକାଶ କରିବାର ସର୍ତ୍ତଟି କ'ଣ ?

a) $a_1 \neq 0$
b) $a_1 = 0$
c) $b_1 \neq 0$
d) $b_1 = 0$

୩) $2x + y – 3 = 0$ସମୀକରଣର ଅନ୍ୟତମ ସମାଧାନ କ'ଣ ଅଟେ ?

a) (1,1)
b) (1,– 1)
c) (2,– 2)
d) (1,2)

୪) କେଉଁ ସହ ସମୀକରଣଦ୍ୱୟର ଅସଂଖ୍ୟ ସମାଧାନ ସମ୍ଭବ ?

a) $x + y + 1 = 0, x + y + 5 = 0$
b) $x + y + 1 = 0, 3x + 3y + 3 = 0$
c) $2x – y + 3 = 0, 2x + y – 5 = 0$
d) $x + y + 1 = 0, x – y + 1 = 0$

୫) $x + y = 0$ ଓ $x – y = 0$ସହ ସମୀକରଣଦ୍ୱୟର ସମାଧାନ କ'ଣ ଅଟେ ?

a) (0,1)
b) (1,0)
c) (0,0)
d) (1,1)

୬) $3x – 2y – 5 = 0$ ଓ $6x – 4y + 3 = 0$ସହ ସମୀକରଣଦ୍ୱୟର କେତୋଟି ସମାଧାନ ଅଛି ?

a) 1
b) 2
c) ଅସଂଖ୍ୟ
d) ସମାଧାନ ନାହିଁ

୭) ନିମ୍ନସ୍ଥ କେଉଁ ବିନ୍ଦୁଟି $3x – y – 1 = 0$ସମୀକରଣଦ୍ୱୟର ଲେଖଚିତ୍ର ଉପରେ ଅବସ୍ଥିତ ନୁହେଁ ?

a) (0,1)
b) (1,2)
c) (2,5)
d) (0,–1)

୮) $x = 4$ ସମୀକରଣର ଲେଖଚିତ୍ରଟି---- ?

a) x ଅକ୍ଷ ସହ ସମାନ୍ତର
b) y ଅକ୍ଷ ସହ ସମାନ୍ତର
c) ମୂଳ ବିନ୍ଦୁ ମଧ୍ୟ ଦେଇ ଯିବ
d) କୌଣସିଟି ନୁହେଁ

୯) $y = –2$ସମୀକରଣର ଲେଖଚିତ୍ର ଅଙ୍କନ କଲେ, ନିମ୍ନସ୍ଥ କେଉଁ ବିନ୍ଦୁଟି ତା ଉପରେ ଅବସ୍ଥାନ କରିବ ?

a) (–2, 0)
b) (0, –2)
c) (–2, 3)
d) (–2,–3)

୧୦) 't' ର କେଉଁ ମାନ ପାଇଁ (1, 1), $tx – 2y – 10 = 0$ ର ଅନ୍ୟତମ ସମାଧାନ ହେବ ?

a) 8
b) –8
c) 12
d) –12

୧୧) k ର କେଉଁ ମାନ ପାଇଁ $2x + 3y = 5$ ଓ $4x + ky = 10$ର ଅସଂଖ୍ୟ ସମାଧାନ ଅଛି ?

a) 1
b) 3
c) 6
d) 0

୧୨) k ର କେଉଁମାନ ପାଇଁ $x + 2y – 3 = 0$ ଓ $5x + ky + 7 = 0$ ସମୀକରଣଦ୍ୱୟ ଅସଙ୍ଗତ ?

a) 10
b) 6
c) 3
d) 1

୧୩) $3x + y + 6 = 0$ ଏବଂ $6x + ky + 12 = 0$ସହ ସମୀକରଣ ଦ୍ୱୟ ସଙ୍ଗତ ଓ ନିର୍ଭରଶୀଳ ହେଲେ kର ମାନ କେତେ ?

a) –1
b) 1
c) 2
d) –2

୧୪) kର କେଉଁମାନ ପାଇଁ $x + 2y – 5 = 0$ ଓ $3x + ky + 15 = 0$ସମୀକରଣ ଦ୍ୱୟର ଲେଖ ସମାନ୍ତର ସରଳ ରେଖା ହେବ ?

a) 6
b) – 6
c) 3/2
d) କୌଣସିଟି ନୁହେଁ

୧୫) ଯଦି $am \neq bl$ ହୁଏ, ତେବେ $ax + by = c$ ଓ$lx + my = n$ସମୀକରଣ ଦ୍ୱୟର

a) ଅସଂଖ୍ୟ ସମାଧାନ ସମ୍ଭବ
b) ଅନନ୍ୟ ସମାଧାନ ରହିବ
c) ସମାଧାନ ସମ୍ଭବ ନୁହେଁ
d) ସମାଧାନ ଥାଇପାରେ ବା ନଥାଇପାରେ

୧୬) $kx + my + 4 = 0$ ଓ $2x + y = 1$ସମୀକରଣ ଦ୍ୱୟ ଅସଙ୍ଗତ ହେଲେ k : m କେତେ ?

a) 1:4
b) 4:1
c) 1:2
d) 2:1

୧୭) $2x + 3y – 5 = 0$ ଓ $7x – 6y – 1 = 0$ସମୀକରଣ ଦ୍ୱୟର ସମାଧାନ $(\alpha,1)$ ହେଲେ$\alpha$ର ମୂଲ୍ୟ କେତେ ?

a) 2
b) 1
c) 3
d) –1

୧୮) ଦୁଇଟି ସମୀକରଣ ସଙ୍ଗତ ହେଲେ ସେମାନଙ୍କର ଲେଖଚିତ୍ର କିପରି ହେବ ?

a)ଛେଦୀ
b)ଏକ ଓ ଅଭିନ୍ନ
c)ସମାନ୍ତର
d)ଛେଦୀ ବା ଏକ ଓ ଅଭିନ୍ନ

୧୯) ଦୁଇଟି ସମୀକରଣ ଅସଙ୍ଗତ ହେଲେ ଏହାର ଲେଖଚିତ୍ର କିପରି ହେବ ?

a)ଛେଦୀ
b)ଏକ ଓ ଅଭିନ୍ନ
c)ସମାନ୍ତର
d)ଛେଦୀ ବା ଏକ ଓ ଅଭିନ୍ନ

୨୦) k ର କେଉଁମାନ ପାଇଁ $kx + y – 9 = 0$ ସମୀକରଣର ଏକ ସମାଧାନ (2,1)ହେବ ?

a) 4
b) 2
c) 7
d) 8

୨୧) $x + 2y – 3 = 0$ ଓ $2x – y – 1 = 0$ସମୀକରଣ ଦ୍ୱୟର ଲେଖଚିତ୍ର ଦ୍ୱୟର ଛେଦ ବିନ୍ଦୁର ସ୍ଥାନାଙ୍କ କେତେ ?

a) (1, 2)
b) (2, 1)
c) (1, 1)
d) (2,2)

୨୨) k ର କେଉଁମାନ ପାଇଁ $2x + 3y – 5 = 0$ ଓ $6x + ky – 15 = 0$ସମୀକରଣ ଦ୍ୱାରା ଗଠିତ ସରଳରେଖାଦ୍ୱୟ ଏକ ଓ ଅଭିନ୍ନ ହେବ ?

a) 3
b) 6
c) 9
d) 5

୨୩) $2x + 3y = 7$ ଓ $2ax + (a+b)y = 28$ସହ ସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ଥିଲେ ?

a) $a = 2b$
b) $b = 2a$
c) $a + 2b = 0$
d) $2a + b = 0$

୨୪) k ର କେଉଁମାନ ପାଇଁ$kx - 5y = 2$ଓ $6x + 2y = 7$ସହ ସମୀକରଣ ଦ୍ୱୟର ସମାଧାନ ଅସମ୍ଭବ ?

a) – 10
b) – 5
c) – 6
d) – 15

୨୫) k ର କେଉଁମାନ ପାଇଁ $kx + 2y - 5 = 0$ ଓ $3x + y - 1 = 0$ସହ ସମୀକରଣ ଦ୍ୱୟର ଅନନ୍ୟ ସମାଧାନ ସମ୍ଭବ ?

a) $\neq 6$
b) $= 6$
c) $\neq 3$
d) $= 3$

୨୬) $y = -3$ରଲେଖଚିତ୍ର କେଉଁ କେଉଁ ବୃତ୍ତପାଦରେ ରହିବ ?

a) ଦ୍ୱିତୀୟ ଓ ତୃତୀୟ
b) ତୃତୀୟ ଓ ଚତୁର୍ଥ
c) ପ୍ରଥମ ଓ ଚତୁର୍ଥ
d) ଦ୍ୱିତୀୟ ଓ ଚତୁର୍ଥ

୨୭) $3x + 4y = 0$ ଓ $4x + 3y = 0$ସହ ସମୀକରଣ ଦ୍ୱୟର ଅନନ୍ୟ ସମାଧାନଟି କ'ଣ ?

a) (3, 4)
b) (4, 3)
c) (3, 0)
d) (0, 0)

୨୮) କେଉଁ ସର୍ତ୍ତରେ$a_1x + b_1y = 0$ ଓ $a_2x + b_2y = 0$ସହ ସମୀକରଣ ଦ୍ୱୟର ସମାଧାନ(0,0) ଅଟେ ?

a) $a_1b_2 - b_1a_2 \neq 0$
b) $b_1c_2 - b_2c_1 \neq 0$
c) $c_1a_2 - c_2a_1 \neq 0$
d) $a_1a_2 - b_1b_2 \neq 0$

୨୯) $3x + y + 2 = 0$ ଓ $2x + y + 1 = 0$ ସହ ସମୀକରଣ ଦ୍ୱୟର ଲେଖଚିତ୍ର କିପରି ହେବ ?

a) ପରସ୍ପର ସମାନ୍ତର
b) ପରସ୍ପର ଛେଦୀ
c) ଏକ ଓ ଅଭିନ୍ନ
d) ଅଣଛେଦୀ

୩୦) $(2k-1)x + (k-1)y = 2k+1$ ରସମୀକରଣଟି(2,0) ଦ୍ୱାରା ସିଦ୍ଧ ହେଲେ 'k' ର ମାନ କେତେ ?

a) 2 ½
b) –2 ½
c) 1 ½
d) –1 ½

୩୧) $x + 2y = 3$ସମୀକରଣରେ ଧ୍ରୁବକ କିଏ ?

a) 1
b) 3
c) 2
d)–3

୩୨) $y = 5x$ ସମୀକରଣର ଲେଖଚିତ୍ରଟି ?

a) ମୂଳ ବିନ୍ଦୁଗାମୀ
b) x ଅକ୍ଷ ସହ ସମାନ୍ତର
c) y ଅକ୍ଷ ସହ ସମାନ୍ତର
d) y ଅକ୍ଷ

୩୩) $3y + 5 = 0$ସମୀକରଣକୁ $ax + by + c = 0$ରୂପରେ ପ୍ରକାଶ କଲେ aର ମାନ କେତେ ହେବ ?

a) 5
b) 3
c) 0
d) -5

୩୪) $2x + y + 1 = 0$ ସମୀକରଣର ଜ୍ୟାମିତିକ ରୂପxy ସମତଳରେ କିପରି କିପରି ହେବ ?

a) ବିନ୍ଦୁ
b) ସରଳରେଖା
c) ବକ୍ରରେଖା
d) କୌଣସିଟି ନୁହେଁ

୩୫) $x + 2y = -1$ ଓ $2x - 3y = 12$ସହ ସମୀକରଣ ଦ୍ୱୟରୁ $2x + y$ ର ମାନ କେତେ ହେବ ?

a) 1
b) 5
c) – 1
d) 4

୩୬) $a_1x + b_1y + c_1 = 0$ ଏବଂ $a_2x + b_2y + c_2 = 0$ ସହ ସମୀକରଣ ଦ୍ୱୟକୁ ବଜ୍ରଗୁଣନ ପ୍ରଣାଳୀରେ ସମାଧାନ କଲେ xର ମାନ କେତେ ହେବ ?

a) $\frac{b_1c_2-b_2c_1}{a_1b_2-a_2b_1}$
b) $\frac{c_1a_2-c_2a_1}{a_1b_2-a_2b_1}$
c) $\frac{b_1c_2-b_2c_1}{c_1a_2-c_2a_1}$
d) $\frac{c_1a_2-b_1a_2}{a_1b_2-a_2b_1}$

୩୭) ଡ଼ିଟରମିନାଣ୍ଟ $|A| = \begin{vmatrix} a & b \\ c & d \end{vmatrix}$ର ମାନ କାହା ସଙ୍ଗେ ସମାନ ?

a) ab – cd
b) ac – bd
c) ad – bc
d) bc – ad

୩୮) $3x + 2y = 11$ ଓ $2x + 3y = 4$ ସହ ସମୀକରଣ ଦ୍ୱୟରୁ$x - y$ର ମାନ କେତେ ହେବ ?

a) 11
b) 7
c) 15
d) 3

୩୯) ଦୁଇଟି ସଂଖ୍ୟାର ଯୋଗଫଳ 15 ଓ ବିୟୋଗ ଫଳ 5 ହେଲେ ବୃହତ୍ତର ସଂଖ୍ୟାଟି କେତେ ?

a) 15
b) 5
c) 10
d) 20

୪୦) ) ଡ଼ିଟରମିନାଣ୍ଟ $\begin{vmatrix} 4 & -2 \\ 3 & 1 \end{vmatrix}$ର ମାନ ନିର୍ଣ୍ଣୟ କର ?

a) 14
b) – 5
c) – 10
d) 10

୪୧) $a_1x + b_1y + c_1 = 0$ ଓ$a_2x + b_2y + c_2 = 0$ ସହ ସମୀକରଣ ଦ୍ୱୟ ସଙ୍ଗତ ଓ ନିର୍ଭରଶୀଳ ହେଲେ ନିମ୍ନଲିଖିତ ମଧ୍ୟରୁ କେଉଁ ସର୍ତ୍ତଟି ଠିକ୍ ?

a)$\frac{a_1}{a_2} \neq \frac{b_1}{b_2}$
b) $\frac{a_1}{a_2} = \frac{b_1}{b_2} = \frac{c_1}{c_2}$
c) $\frac{a_1}{a_2} = \frac{b_1}{b_2} \neq \frac{c_1}{c_2}$
d) $\frac{a_1}{a_2} \neq \frac{c_1}{c_2}$

୪୨) $x - y - 5 = 0$ଓ $3x - 2y - 10 = 0$ ସହ ସମୀକରଣ ଦ୍ୱୟର ସମାଧାନ ସଂଖ୍ୟା କେତେ ?

a) 0
b) 1
c) 2
d) ଅସଂଖ୍ୟ

୪୩) $3x - 5y - 4 = 0$ ଓ $ax - by + 1 = 0$ ସହ ସମୀକରଣ ଦ୍ୱୟ ଅସଙ୍ଗତ ହେଲେa : bର ମାନ ନିର୍ଣ୍ଣୟ କର ?

a) 3 : 5
b) 5 : 3
c) 3 : 2
d) 2 : 3

୪୩) $x + y = 0$ସମୀକରଣ ଅନ୍ୟତମ ସମାଧାନ କେତେ ?

a) (3, 2)
b) (– 6, 6)
c) (5, 5)
d) (– 3, 4)

୪୪) $x + y - 3 = 0$ ସମୀକରଣ ସହ ନିମ୍ନସ୍ଥ କେଉଁ ସମୀକରଣଟି ନେଲେ ଅନନ୍ୟ ସମାଧାନ ସମ୍ଭବ ?

a) $2x + 2y - 6 = 0$
b) $5x + 5y + 3 = 0$
c) $x - y - 1 = 0$
d) $3x + 3y - 9 = 0$

୪୫) x ଅକ୍ଷର ସମୀକରଣଟି କ'ଣ ?

a) $y = 0$
b) $y = x$
c) $x + y = 0$

d) x = 0

୪୬) ଡ଼ିଟରମିନାଣ୍ଟ $\begin{vmatrix} 5 & 2 \\ 1 & 0 \end{vmatrix}$ ର ମାନନିର୍ଣ୍ଣୟ କର ?
a) 5
b) 10
c) 2
d) – 2

୪୭) x ଅକ୍ଷ ଓ y ଅକ୍ଷ ପରସ୍ପରକୁ ଛେଦ କରୁଥିବା ବିନ୍ଦୁର ସ୍ଥାନାଙ୍କ କେତେ ?
a) (1, 1)
b) (1, 0)
c) (0, 0)
d) (0, 1)

୪୮) x + y = 3, 2x +3y = 8 ସହ ସମୀକରଣ ଦ୍ୱୟର ସମାଧାନଟି କେତେ ?
a) (2, 1)
b) (1, 2)
c) (3, 0)
d) (0, 3)

୪୯) 2x + y + k = 0 ସହ ସମୀକରଣର ସରଳରେଖା ମୂଳ ବିନ୍ଦୁଗାମୀ ହେଲେ kର ମାନ କେତେ ?
a) 0
b) 1
c) 2
d) –1

୫୦) ଦୁଇଟି କ୍ରମିକ ସଂଖ୍ୟାର ବର୍ଗର ଅନ୍ତରଫଳ 15 ହେଲେ କ୍ଷୁଦ୍ରତର ସଂଖ୍ୟାଟି କେତେ ?
a) 7
b) 8
c) 9
d) 10

୫୧) ଦୁଇଟି ସହ ସମୀକରଣ ସଙ୍ଗତ ଓ ସ୍ୱତନ୍ତ୍ର ହେଲେ ଏହାର ଲେଖଚିତ୍ରଦ୍ୱୟ କିପରି ହେବ ?
a) ସମାନ୍ତର
b) ଅଣଛେଦୀ
c) ଏକ ଓ ଅଭିନ୍ନ
d) ଛେଦୀ

୫୨) kx + 3y = k – 3 ଓ 12x + ky = k ସହ ସମୀକରଣ ଦ୍ୱୟର ଲେଖଚିତ୍ର ଏକ ଓ ଅଭିନ୍ନ ହେଲେkର ମାନ କେତେ ?
a) 3
b) 12
c) 6
d) 10

୫୩) 3x + 4y + 7 = 0 ଓ cx + 3y – 5 = 0 ସହ ସମୀକରଣ ଦ୍ୱୟର ସମାଧାନ ଅସମ୍ଭବ ହେଲେ cର ମାନ କେତେ ?
a) $-{}^{9}/_{4}$
b) ${}^{9}/_{4}$
c) ${}^{3}/_{4}$
d) $-{}^{4}/_{3}$

୫୪) x + 2y = 2 ଓ 3x + y = 1 ହେଲେx + yକେତେ ହେବ ?
a) 1
b) 2
c) 3
d) 4

୫୫) ନିମ୍ନସ୍ଥ କେଉଁ ବିନ୍ଦୁଟି 2x + 4y = 6 ସମୀକରଣର ଲେଖ ଉପରେ ଅବସ୍ଥିତ ନୁହେଁ ?
a) (1, 1)
b) (2, 2)
c) (-3, 3)
d) (5, -1)

## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. d | 2. a | 3. a | 4. b | 5. c | 6. d | 7. a | 8. b | 9. b | 10. c |
| 11. c | 12. a | 13. c | 14. a | 15. b | 16. d | 17. b | 18. d | 19. c | 20. a |
| 21. c | 22. c | 23. b | 24. d | 25. a | 26. b | 27. d | 28. a | 29. b | 30. c |
| 31. d | 32. a | 33. c | 34. b | 35. d | 36. a | 37. c | 38. b | 39. c | 40. d |
| 41. b | 42. a | 43. b | 44. c | 45. a | 46. d | 47. c | 48. b | 49. a | 50. a |
| 51. d | 52. c | 53. a | 54. b | 55. b | | | | | |

# ସହସମୀକରଣ

## Class - X, Ch 1, Subjective Question Answer

## (5 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର)

୧) ଲେଖଚିତ୍ର ଅଙ୍କନ କରି ନିମ୍ନଲିଖିତ ସମୀକରଣଦ୍ୱୟର ସମାଧାନ କର । $x + y - 3 = 0$ $3x - 2y - 4 = 0$

ସମାଧାନ : $x + y - 3 = 0$ -------- (1)

⇨ $y = 3 - x$

x ର ଭିନ୍ନ ଭିନ୍ନ ମାନ ପାଇଁ y ର ଆନୁସଙ୍ଗିକ ମାନ ସ୍ଥିର କରି ପ୍ରସ୍ତୁତ ସାରଣୀଟି

| x | 1 | 2 | –1 |
|---|---|---|---|
| y | 2 | 1 | 4 |

$3x - 2y - 4 = 0$ --------- (2)

⇨ $2y = 3x - 4$ ⇨ $y = \frac{3x-4}{2}$

x ର ଭିନ୍ନ ଭିନ୍ନ ମାନ ପାଇଁ y ର ଆନୁସଙ୍ଗିକ ମାନ ସ୍ଥିର କରି ପ୍ରସ୍ତୁତ ସାରଣୀଟି




| x | 0 | 2 | 4 |
|---|---|---|---|
| y | –2 | 1 | 4 |

∴ ନିର୍ଣ୍ଣେୟ ସମାଧାନ : $(x, y) = (2, 1)$

୨) ପ୍ରତି କଳ୍ପନ ପ୍ରଣାଳୀରେ ସହସମୀକରଣ ଦ୍ୱୟର ସମାଧାନ କର । $3x + 2y - 5 = 0$, $x - 3y - 9 = 0$

ସମାଧାନ : $3x + 2y - 5 = 0$ ---------- (1)

$x - 3y - 9 = 0$ ---------- (2)

ସମାଧାନ (1) ରୁ $3x + 2y - 5 = 0$

⇨ $3x = 5 - 2y$

⇨ $x = \frac{5-2y}{3}$

x ର ଏହି ମାନକୁ ସମୀକରଣ (2) ରେ ପ୍ରୟୋଗ କଲେ

x (2)

$x - 3y - 9 = 0$

⇨ $\frac{5-2y}{3} - 3y - 9 = 0$

⇨ $\frac{5-2y-9y}{3} - 9 = 0$

⇨ $\frac{5-11y}{3} = 9$

⇨ $5 - 11y = 27$

⇨ $-11y = 27 - 5 = 22$

⇨ $y = \frac{22}{-11} = -2$

ବର୍ତ୍ତମାନ $(x = \frac{5-2y}{3} = \frac{5-2(-2)}{3}$

$= \frac{5+4}{3} = \frac{9}{3} = 3$

∴ ନର୍ଣ୍ଣେୟ ସମାଧାନ (3, –2)

୩) ଅପସାରଣ ପ୍ରଣାଳୀରେ ସହ ସମୀକରଣ ଦ୍ୱୟର ସମାଧାନ କର । $3x + 2y - 11 = 0, 2x + 3y - 4 = 0$

ସମାଧାନ : $3x + 2y - 11 = 0$ ---------- (1)

$2x + 3y - 4 = 0$ ---------- (2)

ସମୀକରଣ : (1) × 3 ⇨ $9x + 6y - 33 = 0$ ---------- (3)

ସମୀକରଣ : (2) ×2 ⇨ $4x + 6y - 8 = 0$ ---------- (4)

– – +

ସମୀକରଣ : (3) – (4) ⇨ $5x - 25 = 0$

⇨ $5x = 25$

⇨ $x = \frac{25}{5} = 5$

ସମୀକରଣ : (1) ରେ x = 5 ସ୍ଥାପନ କଲେ ପାଇବା

$3(5) + 2y - 11 = 0$

⇨ $15 + 2y - 11 = 0$

⇨ $2y + 4 = 0$

⇨ $2y = -4$

⇨ $y = \frac{-4}{2} = -2$

∴ ନିର୍ଣ୍ଣେୟ ସମାଧାନ (5, –2)

୪) ବଜ୍ରଗୁଣନ ପ୍ରଣାଳୀରେ ନିମ୍ନ ସହସମୀକରଣ ଦ୍ୱୟ ସମାଧାନ କର । $2x - y - 3 = 0, 4x + y - 3 = 0$

ସମାଧାନ : $2x - y - 3 = 0$ ---------- (1)

$4x + y - 3 = 0$ ---------- (2)

$a_1 = 2, b_1 = -1, c_1 = -3$

$a_2 = 4, b_2 = 1, c_2 = -3$

ଏଠାରେ $a_1b_2 - a_2b_1 = (2)(1) - (4)(-1) = 2 + 4 = 6 \neq 0$

ତେଣୁ ସମାଧାନ ସମ୍ଭବ ।

ବଜ୍ରଗୁଣନ ପ୍ରଣାଳୀରେ ସୂତ୍ର : $\frac{x}{b_1c_2-b_2c_1} - \frac{y}{c_1a_2-c_2a_1} = \frac{1}{a_1b_2-a_2b_1}$

$\Rightarrow \frac{x}{(-1)(-3)-(1)(-3)} - \frac{y}{(-3)(4)-(-3)(2)} = \frac{1}{(2)(1)-(4)(-1)}$

$\Rightarrow \frac{x}{3+3} - \frac{y}{-12+6} = \frac{1}{2+4}$

$\Rightarrow \frac{x}{3+3} - \frac{y}{-12+6} = \frac{1}{2+4}$

$\Rightarrow \frac{x}{6} - \frac{y}{-6} = \frac{1}{6}$

$\Rightarrow x = \frac{6}{6} = 1, y = \frac{-6}{6} = -1$

$\therefore$ ନିର୍ଣ୍ଣେୟ ସମାଧାନ (1, -1)

୫) ଅପସାରଣ ପ୍ରଣାଳୀରେ ନିମ୍ନଲିଖିତ ସହ ସମୀକରଣମାନଙ୍କର ସମାଧାନ କର । $ax + by = 0, x + y - c = 0$

ସମାଧାନ : $ax + by = 0$ ---------- (1)

$x + y - c = 0$ ---------- (2)

ସମୀକରଣ : $(1) \times 1 \Rightarrow ax + by = 0$ ---------- (3)

ସମୀକରଣ : $(2) \times b \Rightarrow bx + by - bc = 0$ ---------- (4)

$-\quad -\quad +$

ସମୀକରଣ : $(3) - (4) \Rightarrow ax - bx + bc = 0$

$\Rightarrow x(a - b) = -bc$

$\Rightarrow x = \frac{-bc}{a-b}$

x ର ମାନକୁ ସମୀକରଣ (2)ରେ ପ୍ରୟୋଗ କଲେ

$\Rightarrow \frac{-bc}{a-b} + y - c = 0$

$\Rightarrow y = c + \frac{bc}{a-b}$

$\Rightarrow y = \frac{c(a-b)+bc}{a-b} = \frac{ca}{a-b}$

$\therefore$ ନିର୍ଣ୍ଣେୟ ସମାଧାନ $(x, y) = \left(\frac{-bc}{a-b}, \frac{ca}{a-b}\right)$

୬) ନିମ୍ନଲିଖିତ ସହସମୀକରଣମାନଙ୍କର ସମାଧାନ କର । $2x - y = 2xy, x + 2y = 16xy, x \neq 0, y \neq 0$

ସମାଧାନ : $2x - y = 2xy$ ---------- (1)

$x + 2y = 16xy$ ---------- (2)

ଏଠାରେ ଦତ୍ତ ସହସମୀକରଣଦ୍ୱୟ ଏକଘାତୀ ନୁହଁନ୍ତି । କିନ୍ତୁ ଉଭୟ ସମୀକରଣର ଦୁଇପାର୍ଶ୍ୱକୁ xy ଦ୍ୱାରା ଭାଗ କଲେ

$(\because x \neq 0, y \neq 0 \text{ or } xy \neq 0)$

$\frac{2x}{xy} - \frac{y}{xy} = \frac{2xy}{xy} \Rightarrow \frac{2}{y} - \frac{1}{x} = 2$ ---------- (3)

$\frac{x}{xy}+\frac{2y}{xy}=\frac{16xy}{xy}$ ⇨ $\frac{1}{y}+\frac{2}{x}=16$ ---------- (4)

ସହସମୀକରଣଦ୍ୱୟରେ $\frac{1}{x}=u$ ଓ $\frac{1}{y}=v$ ଲେଖିଲେ ପାଇବା

$-u + 2v = 2$ ---------- (i)

$2u + v = 16$ ---------- (ii)

ସମୀକରଣ : (i) × 2 ⇨ $-2u + 4v = 4$

ସମୀକରଣ : (ii) ⇨ $2u + v = 16$

$5v = 20$ ⇨ $v = \frac{20}{5} = 4$

v = 4 କୁ ସମୀକରଣ (i) ରେ ସ୍ଥାପନ କଲେ

$-u + 2 \times 4 = 2$ ⇨ $-u = 2 - 8 = -6$

ବର୍ତ୍ତମାନ $u = 6$ ⇨ $x = \frac{1}{u} = \frac{1}{6}$

$v = 4$ ⇨ $y = \frac{1}{v} = \frac{1}{4}$

∴ ନିର୍ଣ୍ଣେୟ ସମାଧାନ(x, y) $\frac{1}{6}, \frac{1}{4}$

୭) ନିମ୍ନଲିଖିତ ସହସମୀକରଣଦ୍ୱୟର ସମାଧାନ କର ।

$\frac{10}{x+y}+\frac{2}{x-y}=4, \frac{15}{x+y}-\frac{9}{x-y}=-2$

ସମାଧାନ : $\frac{10}{x+y}+\frac{2}{x-y}=4$ ---------- (1)

$\frac{15}{x+y}-\frac{9}{x-y}=-2$ ---------- (2)

ମନେକର $\frac{1}{x+y}=u$ $\frac{1}{x-y}=v$

∴ ଦତ୍ତସହସମୀକରଣଦ୍ୱୟର ପରିବର୍ତ୍ତିତ ରୂପ

$10u + 2v = 4$ ---------- (3)

$15u - 9v = -2$ ---------- (4)

ସମୀକରଣ (3) × 3 ⇨ $30u + 6v = 12$

ସମୀକରଣ (4) ×2 ⇨ $30u - 18v = -4$

$-\quad +\quad +$

$24v = 16$

⇨ $v = \frac{16}{24} = \frac{2}{3}$

$v = \frac{2}{3}$ ସମୀକରଣ (3) ରେ ସ୍ଥାପନ କଲେ

⇨ $10u + 2 \times \frac{2}{3} = 4$ ⇨ $10u = 4 - \frac{4}{3}$

⇨ $10u = \frac{12-4}{3} = \frac{8}{3}$ ⇨ $u = \frac{8}{30} = \frac{4}{15}$

ବର୍ତ୍ତମାନ $u = \frac{1}{x+y} = \frac{4}{15}$

⇨ $x + y = \frac{15}{4}$ ---------- (5)

$v = \frac{1}{x-y} = \frac{2}{3}$

⇨ $x - y = \frac{3}{2}$ ---------- (6)

ସମୀକରଣ (5) ⇨ $x + y = \frac{15}{4}$

ସମୀକରଣ (6) ⇨ $x - y = \frac{3}{2}$

$2x = \frac{15}{4} + \frac{3}{2} = \frac{15+6}{4}$

⇨ $2x = \frac{21}{4}$ ⇨ $x = \frac{21}{8}$

$x = \frac{21}{8}$କୁ ସମୀକରଣ (5) ରେ ସ୍ଥାପନ କଲେ

$y = \frac{15}{4} - x = \frac{15}{4} - \frac{21}{8}$

$= \frac{30-21}{8} = \frac{9}{8}$

∴ ନିର୍ଣ୍ଣେୟ ସମାଧାନ $(x, y) = \left(\frac{21}{8}, \frac{9}{8}\right)$

୮) ବଜ୍ରଗୁଣନ ପ୍ରଣାଳୀରେ ସହ ସମୀକରଣଦ୍ୱୟର ସମାଧାନ କର । $x + y = a - b$, $ax - by = a^2 + b^2$

ସମାଧାନ : $x + y - (a - b) = 0$ ---------- (I)

$ax - by - (a^2 + b^2) = 0$ ---------- (II)

ଏଠାରେ $a_1 = 1, b_1 = 1, c_1 = -(a - b)$

$a_2 = a, b_2 - b, c_2 = -(a^2 + b^2)$

⇨ $\frac{x}{b_1c_2 - b_2c_1} = \frac{y}{c_1a_2 - c_2a_1} = \frac{1}{a_1b_2 - a_2b_1}$

⇨ $\frac{x}{(1)\{-(a^2+b^2)\} - (-b)\{-(a-b)\}} = \frac{y}{-(a-b)(a) - (1)\{-(a^2+b^2)\}} = \frac{1}{(1)(-b) - (a)(1)}$

⇨ $\frac{x}{-(a^2+b^2) - b(a-b)} = \frac{y}{-a(a-b) + (a^2+b^2)} = \frac{1}{-b-a}$

⇨ $\frac{x}{-a^2 - b2 - ab + b^2} = \frac{y}{-a^2 + ab + a^2 + b^2} = \frac{1}{-b-a}$

⇨ $\frac{x}{-a^2 - ab} = \frac{y}{ab + b^2} = \frac{1}{-b-a}$

⇨ $\frac{x}{-a(a+b)} = \frac{y}{b(a+b)} = \frac{1}{-(a+b)}$

⇨ $x = \frac{-a(a+b)}{-(a+b)} = a$

ଓ $y = \frac{b(a+b)}{-(a+b)} = -b$

∴ ନିର୍ଣ୍ଣେୟ ସମାଧାନ $(x, y) = (a, -b)$

୯) ଦୁଇ ଅଙ୍କ ବିଶିଷ୍ଟ ଗୋଟିଏ ସଂଖ୍ୟା ଓ ତାହାର ଅଙ୍କଦ୍ୱୟର ସ୍ଥାନ ବଦଳାଇ ଲେଖିଲେ ଯେଉଁ ସଂଖ୍ୟା ମିଳିବ, ସେ ଦୁହିଁଙ୍କର ଯୋଗଫଳ 121 ଓ ଅଙ୍କଦ୍ୱୟର ଅନ୍ତର 3 ହେଲେ ସଂଖ୍ୟାଟି କେତେ ?

ସମାଧାନ : ମନେକର ସଂଖ୍ୟାଟିର ଦଶକ ସ୍ଥାନୀୟ ଅଙ୍କ = x ଓ ଏକକ ସ୍ଥାନୀୟ ଅଙ୍କ = y

∴ ସଂଖ୍ୟାଟି $= 10x + y$

ଅଙ୍କଦ୍ୱୟର ସ୍ଥାନ ବଦଳାଇ ଲେଖିଲେ ନୂତନ ସଂଖ୍ୟାଟି $10y + x$ ପ୍ରଶ୍ନାନୁସାରେ $(10x + y) + (10y + x) = 121$

⇨ $(11x + 11y) = 121$

⇨ $11 (x + y) = 121$

⇨ $x + y = \frac{121}{11} = 11$

⇨ $x + y = 11$ ---------- (1)

ପ୍ରଶ୍ନାନୁସାରେ ଅଙ୍କ ଦ୍ୱୟର ଅନ୍ତର 3

ତେଣୁ $x - y = 3$ ---------- (2)

ସମୀକରଣ (1) ⇨ $x + y = 11$

ସମୀକରଣ (2) ⇨ $x - y = 3$

$2x = 14$ ⇨ $x = 7$

$x = 7$ ସମୀକରଣ (1) ରେ ସ୍ଥାପନ କଲେ $y = 11 - 7 = 4$

ତେବେ ସଂଖ୍ୟାଟି $= 10x + y = 10 \times 7 + 4 = 74$

ସମୀକରଣ (1) ⇨ $x + y = 11$

ସମୀକରଣ (2) ⇨ $x - y = 3$

$2y = 14$

⇨ $y = 7$

$y = 7$ ସମୀକରଣ (1) ରେ ସ୍ଥାପନ କଲେ

$x = 11 - 7 = 4$

ତେବେ ସଂଖ୍ୟାଟି $= 10x + y = 10 \times 4 + 7 = 47$

∴ ନିର୍ଣ୍ଣେୟ ସଂଖ୍ୟାଟି 47

୧୦) 50 କୁ ଏପରି ଦୁଇଟି ସଂଖ୍ୟାର ସମଷ୍ଟିରୂପେ ପ୍ରକାଶକର ଯେପରିକି ସଂଖ୍ୟାଦ୍ୱୟର ବ୍ୟୁତକ୍ରମର ସମଷ୍ଟି $\frac{1}{12}$ ହେବ ।

ସମାଧାନ : ମନେକର ସଂଖ୍ୟାଦ୍ୱୟ x ଓ y । ତେବେ ସେମାନଙ୍କର ବ୍ୟୁତକ୍ରମ $\frac{1}{x}$ ଓ $\frac{1}{y}$ ହେବ ।

ପ୍ରଶ୍ନାନୁସାରେ $x + y = 50$ ---------- (1)

$\frac{1}{x} + \frac{1}{y} = \frac{1}{12}$ ---------- (2)

$\frac{1}{x} + \frac{1}{y} = \frac{1}{12}$

⇨ $\frac{x+y}{xy} = \frac{1}{12}$

⇨ $\frac{50}{xy} = \frac{1}{12}$ { ∵ $x + y = 50$ ସମୀକରଣ (1) ରୁ }

⇨ $xy = 600$

କିନ୍ତୁ $x - y = \pm\sqrt{(x+y)^2 - 4xy}$

$= \pm\sqrt{(50)^2 - 4 \times 600}$

$= \pm\sqrt{2500 - 2400}$

$= \pm\sqrt{100} = \pm 10$

∴ $x - y = 10$ ---------- (3)

$x - y = -10$ ---------- (4)

ସମୀକରଣ (1) ⇨ $x + y = 50$

ସମୀକରଣ (3) ⇨ $x - y = 10$

$2x = 60$

⇨ $x = \frac{60}{2} = 30$

x ର ସମୀକରଣ (1) ରେ ସ୍ଥାପନ କଲେ

$y = 50 - 30 = 20$

ସମୀକରଣ (1) ⇨ $x + y = 50$

ସମୀକରଣ (4) ⇨ $x - y = -10$

$2x = 40$

⇨ $x = 20$

$x = 20$ ସମୀକରଣ (1) ରେ ସ୍ଥାପନ କଲେ

$y = 50 - x = 50 - 20 = 30$

∴ ସଂଖ୍ୟାଦ୍ୱୟ30 ଓ 20

୧୧) ପ୍ରତିକଳ୍ପନ ପ୍ରଣାଳୀରେ ସହସମୀକରଣଦ୍ୱୟର ସମାଧାନ କର ।

$$\frac{2x}{a}+\frac{y}{b}=2, \frac{x}{a}-\frac{y}{b}=4$$

ସମାଧାନ : $\frac{2x}{a}+\frac{y}{b}=2$---------- (1)

$\frac{x}{a}-\frac{y}{b}=4$---------- (2)

ସମୀକରଣ (1) ରୁ $\frac{2x}{a}+\frac{y}{b}=2$

⇨$\frac{y}{b}=2-\frac{2x}{a}=\frac{2a-2x}{a}$

⇨ $y=b\left(\frac{2a-2x}{a}\right)$

y ର ମାନ ସମୀକରଣ (2) ରେ ସ୍ଥାପନ କଲେ

$$\frac{x}{a}-\frac{1}{b}\times b\left(\frac{2a-2x}{a}\right)=4$$

⇨$\frac{x}{a}-\left(\frac{2a-2x}{a}\right)=4$

⇨$\frac{x-2a+2x}{a}=4$

⇨ $3x - 2a = 4a$

⇨ $3x = 4a + 2a = 6a$

⇨ $x=\frac{6a}{3}=2a$

y ର ମାନ ସମୀକରଣ (2) ରେ ସ୍ଥାପନ କଲେ

$$\frac{2a}{a}-\frac{y}{b}=4$$

⇨ $2-\frac{y}{b}=4$

⇨$-\frac{y}{b}=4-2=2$

⇨ $y = -2b$

∴ ନିର୍ଣ୍ଣେୟ ସମାଧାନ $(x, y) = (2a, -2b)$

୧୨) ନିମ୍ନଲିଖିତ ସହସମୀକରଣ ଦ୍ୱୟର ସମାଧାନ କର ।

$2x - y - 6 = 0, x - y - 2 = 0$

ସମାଧାନ : $2x - y - 6 = 0$ ---------- (1)

$x - y - 2 = 0$ ---------- (2)

ଏଠାରେ $a_1 = 2, b_1 = -1, c_1 = -6$

$a_2 = 1, b_2 = -1, c_2 = -2$

$a_1b_1 - a_2b_2 = (2)(-1) - (1)(-1) = -2 + 1 = -1 \neq 0$

ତେଣୁ ସମାଧାନ ସମ୍ଭବ ।

ବଜ୍ରଗୁଣନ ପ୍ରଣାଳୀରେ ସୂତ୍ର :

$\Rightarrow \frac{x}{b_1c_2 - b_2c_1} = \frac{y}{c_1a_2 - c_2a_1} = \frac{1}{a_1b_2 - a_2b_1}$

$\Rightarrow \frac{x}{(-1)(-2)-(-1)(-6)} = \frac{y}{(-6)(1)-(-2)(2)} = \frac{1}{(2)(-1)-(1)(-1)}$

$\Rightarrow \frac{x}{2-6} = \frac{y}{-6+4} = \frac{1}{-2+1}$

$\Rightarrow \frac{x}{-4} = \frac{y}{-2} = \frac{1}{-1}$

$\Rightarrow x = \frac{-4}{-1} = 4$

$\Rightarrow y = \frac{-2}{-1} = 2$

$\therefore$ ନିର୍ଣ୍ଣେୟ ସମାଧାନ $(x, y) = (4,2)$

୧୩) ସହସମୀକରଣଦ୍ୱୟର ସମାଧାନ କର ।

$8x + 5y = 9, 3x + 2y = 4$

ସମାଧାନ : $8x + 5y = 9$ ---------- (1)

$3x + 2y = 4$ ---------- (2)

ସମୀକରଣ (1) $\times 2 \Rightarrow 16x + 10y = 18$ ---------- (3)

ସମୀକରଣ (2) $\times 5 \Rightarrow 15x + 10y = 20$ ---------- (4)

$(3) - (4) \quad \Rightarrow \quad x = -2$

ସମୀକରଣ (2) ରେ ସ୍ଥାପନ କଲେ

$3(-2) + 2y = 4$

$\Rightarrow -6 + 2y = 4$

$\Rightarrow 2y = 6 + 4 = 10$

$\Rightarrow y = \frac{10}{2} = 5$

$\therefore$ ନିର୍ଣ୍ଣେୟ ସମାଧାନ $(x,y) = (-2, 5)$

୧୪) ଗୋଟିଏ ଭଗ୍ନାଂଶର ହର, ଲବର 2 ଗୁଣରୁ 4 ଅଧିକ । ଲବ ଓ ହର ଉଭୟରୁ 6 ବିୟୋଗ କଲେ ହର, ଲବର 12 ଗୁଣ ହୁଏ । ତେବେ ଭଗ୍ନାଂଶଟି କେତେ ?

ସମାଧାନ : ମନେକର ଗୋଟିଏ ଭଗ୍ନାଂଶର ଲବ x ଓ ହର y ତେବେ ଭଗ୍ନାଂଶଟି $\frac{x}{y}$

ପ୍ରଶ୍ନୋନୁସାରେ ହର = ଲବ $\times 2 + 4$

$\Rightarrow y = 2x + 4$

$\Rightarrow 2x - y + 4 = 0$ ---------- (1)

ଉଭୟରୁ 6 ବିୟୋଗ କଲେ, $y - (6) = 12(x - 6)$

$\Rightarrow y - 6 = 12x - 72$

$\Rightarrow 12x - y - 66 = 0$ ---------- (2)

ସମୀକରଣ (1) $\Rightarrow 2x - y + 4 = 0$

ସମୀକରଣ (2) $\Rightarrow 12x - y - 66 = 0$

$-10x \quad + 70 = 0$
$-10x = -70$
$x = \frac{-70}{-10} = 7$
x = 7 ସମୀକରଣ (1) ରେ ସ୍ଥାପନ କଲେ
$y = 2 \times 7 + 4 = 14 + 4 = 18$ ତେଣୁ ନିର୍ଣ୍ଣେୟ ଭଗ୍ନାଂଶଟି $= \frac{7}{18}$

୧୫) 5 ଜଣ ପୁରୁଷ ଓ 2 ଦୁଇ ଜଣ ସ୍ତ୍ରୀ ଲୋକ ଏକତ୍ର ଗୋଟିଏ କାର୍ଯ୍ୟକୁ 4 ଦିନରେ ଶେଷ କରିପାରନ୍ତି । ସେହି କାର୍ଯ୍ୟକୁ 6 ଜଣ ପୁରୁଷ ଓ 3 ଜଣ ସ୍ତ୍ରୀ ଲୋକ ଏକତ୍ର 3ଦିନରେ ଶେଷ କରିପାରନ୍ତି । ତେବେ ଜଣେ ସ୍ତ୍ରୀଲୋକ ବା ଜଣେ ପୁରୁଷ ସେହି କାର୍ଯ୍ୟକୁ କେତେଦିନରେ ଶେଷ କରିପାରିବେ ?

**ସମାଧାନ :** ମନେକର ଜଣେ ପୁରୁଷ x ଦିନରେ ଓ ଜଣେ ସ୍ତ୍ରୀଲୋକ y ଦିନରେ କାର୍ଯ୍ୟଟିକୁ ଶେଷକରି ପାରିବେ ।
ତେବେ ଜଣେ ପୁରୁଷ ଗୋଟିଏ ଦିନରେ କାର୍ଯ୍ୟର $\frac{1}{x}$ ଅଂଶ ଓ ଜଣେ ସ୍ତ୍ରୀ ଲୋକ ଗୋଟିଏ ଦିନରେ କାର୍ଯ୍ୟର $\frac{1}{y}$ ଅଂଶ କରିପାରିବ ।
ମାତ୍ର 5 ଜଣ ପୁରୁଷ ଓ 2 ଜଣ ସ୍ତ୍ରୀଲୋକ ଗୋଟିଏ ଦିନରେ କାର୍ଯ୍ୟର $\frac{1}{4}$ ଅଂଶ କରନ୍ତି ଏବଂ 6 ଜଣ ପୁରୁଷ ଓ 3 ଜଣ ସ୍ତ୍ରୀ ଲୋକ ଗୋଟିଏ ଦିନରେ କାର୍ଯ୍ୟର $\frac{1}{3}$ ଅଂଶ କରନ୍ତି ।
ପ୍ରଶ୍ନାନୁସାରେ $\frac{5}{x} + \frac{2}{y} = \frac{1}{4}$---------- (1)
$\frac{6}{x} + \frac{3}{y} = \frac{1}{3}$---------- (2)
ମନେକର $\frac{1}{x} = u$ ଏବଂ $\frac{1}{y} = v$ ତେବେ ସମୀକରଣଦ୍ୱୟର
ପରିବର୍ତ୍ତିତ ରୂପ $5u + 2v = \frac{1}{4} \Rightarrow 20u + 8v - 1 = 0$ ---------- (3)
$6u + 3v = \frac{1}{3} \Rightarrow 18u + 9v - 1 = 0$ ---------- (4)
ବଜ୍ରଗୁଣନ ପଦ୍ଧତି ଅବଲମ୍ବନରେ

$$\frac{u}{(8)(-1)-(9)(-1)} = \frac{v}{(-1)(18)-(-1)(20)} = \frac{1}{(20)(9)-(18)(8)}$$

$\Rightarrow \frac{u}{-8+9} = \frac{v}{-18+20} = \frac{1}{180-144}$
$\Rightarrow \frac{u}{1} = \frac{v}{2} = \frac{1}{36}$
$\Rightarrow u = \frac{1}{36}, v = \frac{2}{36} = \frac{1}{18}$
$x = \frac{1}{u} = 36$ ଦିନ ଓ $y = \frac{1}{v} = 18$ ଦିନ

ଜଣେ ପୁରୁଷ କାର୍ଯ୍ୟଟିକୁ 36 ଦିନରେ ଓ ଜଣେ ସ୍ତ୍ରୀ ଲୋକ କାର୍ଯ୍ୟଟିକୁ 18 ଦିନରେ ଶେଷ କରିପାରିବ ।

# ପରିସଂଖ୍ୟାନ

## (STATISTICS)

କେନ୍ଦ୍ରୀୟ ପ୍ରବଣତାକୁ ସୂଚାଇବାପାଇଁ ତିନି ପ୍ରକାରର ମାପ ଅଛି । ସେଗୁଡ଼ିକ ହେଲା –
**(i)** ମାଧ୍ୟମାନ (**Mean**), **(ii)** ମଧ୍ୟମା (**Median**) ଏବଂ **(iii)** ଗରିଷ୍ଠକ (**Mode**) ।

**ମାଧ୍ୟମାନ :** ଗୋଟିଏ ସାଂଖ୍ୟିକ ତଥ୍ୟାବଳୀ ଅନ୍ତର୍ଗତ ସମସ୍ତ ଲବ୍ଧାଙ୍କର ହାରାହାରି ମାପକୁ ତଥ୍ୟାବଳୀର ମାଧ୍ୟମାନ କୁହାଯାଏ ।

**ମଧ୍ୟମା :** ବଡ଼ରୁ ସାନ ବା ସାନରୁ ବଡ଼ କ୍ରମରେ ସଜାଯାଇଥିବା ସମସ୍ତ ଲବ୍ଧାଙ୍କର ମଧ୍ୟମ ଲବଧାଙ୍କକୁ ମଧ୍ୟମା କୁହାଯାଏ ।

**ଗରିଷ୍ଠକ :** କୌଣସି ସାଂଖ୍ୟିକ ତଥ୍ୟାବଳୀରେ ଥିବା ସର୍ବାଧିକ ବାରମ୍ବାରତା ବିଶିଷ୍ଟ ଲବ୍ଧାଙ୍କକୁ ଉକ୍ତ ତଥ୍ୟାବଳୀର ଗରିଷ୍ଠକ କୁହାଯାଏ ।

### ମାଧ୍ୟମାନ: (Mean)

**(a)** ସାଂଖ୍ୟିକ ତଥ୍ୟାବଳୀର ମାଧ୍ୟମାନ ନିର୍ଣ୍ଣୟ

$$M = \frac{x_1 + x_2 + x_3 \ldots\ldots\ldots\ldots + x_n}{n} = \frac{1}{n}\sum_{k=1}^{k=n} x_k$$

$\sum_{k=1}^{k=n} x_k$ : $x_1$ ଠାରୁ $x_n$ ପର୍ଯ୍ୟନ୍ତ ଲବ୍ଧାଙ୍କ ମାନଙ୍କର ସମଷ୍ଟି ଯେଉଁଠାରେ

$n$ : ତଥ୍ୟାବଳୀ ଅନ୍ତର୍ଗତ ଲବ୍ଧାଙ୍କମାନଙ୍କର ସଂଖ୍ୟା

ସଂକ୍ଷେପରେ ତଥ୍ୟାବଳୀର ମାଧ୍ୟମାନ = $\frac{\text{ତଥ୍ୟାବଳୀ ଅନ୍ତର୍ଗତ ଲବ୍ଧାଙ୍କମାନଙ୍କର ସମଷ୍ଟି}}{\text{ଲବ୍ଧାଙ୍କମାନଙ୍କର ସଂଖ୍ୟା}}$

ଅର୍ଥାତ୍ $M = \frac{\Sigma x}{n}$

**(b)** ବାରମ୍ବାରତା ବିତରଣରେ ପ୍ରକାଶିତ ତଥ୍ୟାବଳୀର ମାଧ୍ୟମାନ ନିର୍ଣ୍ଣୟ

ସଂକ୍ଷିପ୍ତ ପ୍ରଣାଳୀ ବା ବିଚ୍ୟୁତି ପ୍ରଣାଳୀ:

ଅର୍ଥାତ୍ $M$ = ଆରମ୍ଭ ବିନ୍ଦୁ + $\frac{\text{ବିଚ୍ୟୁତି ମାନଙ୍କର ସମଷ୍ଟି}}{\text{ଲବ୍ଧାଙ୍କ ସଂଖ୍ୟା}}$ ମାଧ୍ୟମାନ $(M) = A + \frac{\Sigma fy}{\Sigma f}$

**(c)** ସୋପାନ - ବିଚ୍ୟୁତି ପ୍ରଣାଳୀ:

ଏଠାରେ ସୂତ୍ରଟି ହେଲା : ମାଧ୍ୟମାନ $(M) = A + \frac{\Sigma fy'}{\Sigma f} \times c$

$(A)$ = ଆରମ୍ଭ ବିନ୍ଦୁ, $y' = \frac{\text{ବିଚ୍ୟୁତି } (y)}{\text{ସାଧାରଣ ଗୁଣନୀୟକ } (c)}$

$\Sigma fy'$ = ବାରମ୍ବାରତା $(f)$ ଓ $y'$ ର ଗୁଣଫଳମାନଙ୍କର ସମଷ୍ଟି

$f$ = ବାରମ୍ବାରତା, $\Sigma f$ = ବାରମ୍ବାରତା ମାନଙ୍କର ସମଷ୍ଟି ।

### ମଧ୍ୟମା (Median) :

କୌଣସି ତଥ୍ୟାବଳୀର ଲବ୍ଧାଙ୍କ ଗୁଡ଼ିକ ସାନରୁ ବଡ଼ ବା ବଡ଼ରୁ ସାନ କ୍ରମରେ ସଜ୍ଜିତ ଥିଲେ ସେମାନଙ୍କର ମଧ୍ୟମ ଲବ୍ଧାଙ୍କକୁ ତଥ୍ୟାବଳୀର ମଧ୍ୟମା କୁହାଯାଏ ।

**(a)** ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ :

n ଅଯୁଗ୍ମ ହେଲେ, ମଧ୍ୟମା $(M_d) = \frac{n+1}{2}$ ତମ ଲବ୍ଧାଙ୍କ,

n ଯୁଗ୍ମ ହେଲେ, ମଧ୍ୟମା $(M_d) = \frac{1}{2}\{ \frac{n}{2}$ ତମ ଲବ୍ଧାଙ୍କ + $(\frac{n}{2}+1)$ ତମ ଲବ୍ଧାଙ୍କ $\}$

**(b)** (ବ) ସାଂଖ୍ୟିକ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ :

**(c)** (ଭ) ବାରମ୍ବାରତା ବିତରଣରେ ପ୍ରକାଶିତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ :-

**n ଯୁଗ୍ମ ହେଉ ବା ଅଯୁଗ୍ମ ହେଉ $\frac{n}{2}$ ତମ ସ୍ଥାନକୁ ତଥ୍ୟାବଳୀର ମଧ୍ୟମ ସ୍ଥାନ ନିଆଯାଇପାରେ (ଅବଶ୍ୟ ଯେଉଁଠି 'n' ର ମାନ ଅପେକ୍ଷାକୃତ ବୃହତ୍) ।**

| **ମଧ୍ୟମା ନିର୍ଣ୍ଣୟର ସୂତ୍ର :** ମଧ୍ୟମା $(M_d) = l + \frac{m-c}{f} \times i$ |
|---|

M = ମଧ୍ୟମା ସ୍ଥାନ , $l$= ମଧ୍ୟମା ସଂଭାଗର ନିମ୍ନସୀମା, f = ମଧ୍ୟମା ସଂଭାଗର ବାରମ୍ବାରତା, c = ମଧ୍ୟମା ସଂଭାଗର ଠିକ୍ ପୂର୍ବବର୍ତ୍ତୀ ସଂଭାଗର ରାଶିକୃତ ବାରମ୍ବାରତା ଏବଂ i = ସଂଭାଗ ବିସ୍ତାର

ଗରିଷ୍ଠକ **(Mode)**

**ସଂଜ୍ଞା : କୌଣସି ତଥ୍ୟାବଳୀରେ ସର୍ବାଧିକ ବାର ରହିଥିବା ଲବ୍ଧାଙ୍କ (ଲବ୍ଧାଙ୍କ ମାନ) ହିଁ ଉକ୍ତ ତଥ୍ୟାବଳୀର ଗରିଷ୍ଠକ) ଭାଗବିହୀନ ବାରମ୍ବାରତା ବଣ୍ଟନରେ ସର୍ବାଧିକ ବାରମ୍ବାରତା ବିଶିଷ୍ଟ ଲବ୍ଧାଙ୍କ ବା ଲବ୍ଧାଙ୍କ ମାନ) ହିଁ ଉକ୍ତ ବଣ୍ଟନର ଗରିଷ୍ଠକ ।**

ଗୋଟିଏ ତଥ୍ୟାବଳୀର ମାଧ୍ୟମାନ (ଗ) ମଧ୍ୟମା (ଗ$_d$) ଏବଂ ଗରିଷ୍ଠକ (ଗ$_0$) ମଧ୍ୟରେ ଏକ ସାଧାରଣ ସମ୍ବନ୍ଧ ରହିଛି । ଏହା ଏକ ଆନୁଭବିକ ସମ୍ବନ୍ଧ **(Empirical Relation)** ଅଟେ ।

ସମ୍ବନ୍ଧଟି ହେଲା : $M_0 = 3M_d - 2M$

# ପରିସଂଖ୍ୟାନ

## Multiple Choice Questions

୧) ଗୋଟିଏ ସାଂଖ୍ୟିକ ତଥ୍ୟାବଳୀର ଅନ୍ତର୍ଗତ ସମସ୍ତ ଲବ୍ଧାଙ୍କର ହାରାହାରି ମାପକୁ ତଥ୍ୟବଳୀର _______ କୁହାଯାଏ ?

a) ମଧ୍ୟମା

b) ମାଧ୍ୟମାନ

c) ଗରିଷ୍ଠକ

d) କେନ୍ଦ୍ରୀୟ ପ୍ରବଣତା

୨) ସାନରୁ ବଡ଼ କ୍ରମରେ ସଜାଯାଇଥିବା ସମସ୍ତ ଲବ୍ଧାଙ୍କ ମାନଙ୍କର ମଧ୍ୟମ ଲବ୍ଧାଙ୍କକୁ _______କୁହାଯାଏ ?

a) ଗରିଷ୍ଠକ

b) ମଧ୍ୟମା

c) ମାଧ୍ୟମାନ

d) ସମସ୍ତ

୩) କୌଣସି ସାଂଖ୍ୟିକ ତଥ୍ୟାବଳୀର ସର୍ବାଧିକ ବାରମ୍ବାରତା ବିଶିଷ୍ଟ ଲବ୍ଧାଙ୍କକୁ ଉକ୍ତ ତଥ୍ୟାବଳୀର _______କୁହାଯାଏ ?

a) ମାଧ୍ୟମାନ

b) ମାଧ୍ୟମା

c) ଗରିଷ୍ଠକ

d) ନିମ୍ନସୀମା

୪) ପ୍ରଥମ n ସଂଖ୍ୟକ କ୍ରମିକ ଗଣନ ସଂଖ୍ୟାର ମାଧ୍ୟମାନ _______ହେବ ?

a) $\frac{n}{2}$

b) $\frac{n+1}{2}$

c) $\frac{n(n+1)}{2}$

d) $\frac{n+2}{2}$

୫) 5, 7, 22, 11, 19, 14 ଓ 25 ର ମଧ୍ୟମା _______ ?

a) 12
b) 13
c) 14
d) 15

୬) ପ୍ରଥମ 8ଟି ଗଣନ ସଂଖ୍ୟାର ମାଧ୍ୟମାନ ଓ ମଧ୍ୟମା ମଧ୍ୟରେ ପାର୍ଥକ୍ୟ _______ ।

a) 0
b) 1
c) 3
d) 4

୭) ଗୋଟିଏ ତଥ୍ୟାବଳୀର ମାଧ୍ୟମାନ 39 ଓ ମଧ୍ୟମା 37ହେଲେ ଗରିଷ୍ଠକ _______ ।

a) 30
b) 32
c) 33
d) 35

୮) ଗୋଟିଏ ସଂଭାଗ ଶ୍ରେଣୀର ନିମ୍ନସୀମା ଓ ଉର୍ଦ୍ଧ୍ୱସୀମା ଯଥାକ୍ରମେ $l_1$ଓ $l_2$ହେଲେ ସଂଭାଗର ମଧ୍ୟବିନ୍ଦୁ _______ ।

a) $\frac{(l_1-l_2)}{2}$

b) $\frac{(l_1+l_2)}{2}$

c) $l_1+l_2$

d) $l_1-l_2$

୯) 0, 1, 2, …………., 100 ପର୍ଯ୍ୟନ୍ତ ସଂଖ୍ୟାମାନଙ୍କର ମାଧ୍ୟମାନ _______ ?

a) 50
b) 55
c) 52
d) 54

୧୦) 18, 25, 13-x, 2x+10ଓ 16 ର ମାଧ୍ୟମାନ 17 ହେଲେ ମଧ୍ୟମା_______ ?

a) 15
b) 16
c) 17
d) 18

୧୧) 5, 7, 11, x ଓ17 ର ମାଧ୍ୟମାନ 12 ହେଲେ x ର ମାନ _______ ?

a) 22
b) 19
c) 20
d) 25

୧୨) 8, 12, 15, 6ଓ 25 ର ମଧ୍ୟମା କେତେ _______ ?

a) 12
b) 15
c) 25
d) 8

୧୩) ସାନରୁ ବଡ଼ କ୍ରମରେ ଲେଖାଥିବା ୬ଟି ଲଷ୍ଯାଙ୍କ 18, 18+x, 27-x, 27+2x, 36, ଓ 40 ର ମଧମା 29ହେଲେ,x ମାନ କେତେ ହେବ ?

a) 5
b) 3
c) 4
d) 0

୧୪) ଏକ ତଥ୍ୟାବଳୀର $M_d$ : M = 2:3 ହେଲେ $M_o$କେତେ ?

a) 1
b) 4
c) 0
d) 3

୧୫) 70, 72, 78, 83, 84 ଓ 88 ର ମଧ୍ୟମା _______ ?

a) 70
b) 78
c) 83
d) କୌଣସିଟି ନୁହେଁ

୧୬) ଗୋଟିଏ ତଥ୍ୟାବଳୀର ମାଧ୍ୟମାନ 22 , ଯଦି ପ୍ରତ୍ୟେକ ତଥ୍ୟକୁ 3 ଲେଖାଏଁ ବଢ଼ାଇ 5 ଦ୍ୱାରା ଭାଗ କରାଯାଏ ତେବେ ନୂତନ ମାଧ୍ୟମାନ _______ହେବ ?

a) 4
b) 6
c) 5
d) 0

୧୭) 20 ଜଣ ଛାତ୍ରଙ୍କ ମାଧ୍ୟମାନ ବୟସ 15 , ଶ୍ରେଣୀ ଶିକ୍ଷକଙ୍କ ସହ ମାଧ୍ୟମାନ ବୟସ 17 ହେଲେ, ଶିକ୍ଷକଙ୍କ ବୟସ_______ହେବ ?

a) 50
b) 53
c) 57
d) 58

୧୮) 22, 24, 36, 32 ଓ 30 ର ମାଧ୍ୟମାନ ନିର୍ଣ୍ଣୟ କର ? ?

a) 27.5
b) 28.2
c) 28.8
d) 26.3

୧୯) ସାନରୁ ବଡ଼କ୍ରମରେ ସଜା ଯାଇଥିବା 6ଟି ଲଷ୍ଯାଙ୍କ 30, 30+x, 39-x, 37+2x, 47 ଓ 50ର ମଧ୍ୟମା 39 ହେଲେ, x ର ମାନ _______ହେବ ?

a) x = 0
b) x = 5
c) x = 3
d) x = 2

୨୦) ଗୋଟିଏ ତଥ୍ୟାବଳୀର $M_o = 5x – 1$, $M_d = 2x – 2$ ଓ $M = x – 5$ ହେଲେ, x ର ମାନ _______ହେବ ?

a) x = 4
b) x = 5
c) x = 6
d) x = 7

୨୧) x + 2, x + 4, x + 6, x + 8 ଓ x + 10 ମାଧ୍ୟମାନ_______ହେବ ?

a) x + 1
b) x + 4
c) x + 6
d) x + 8

୨୨) ଗୋଟିଏ ତଥ୍ୟାବଳୀର ଗରିଷ୍ଠକ x , ମାଧ୍ୟମାନ y ହେଲେ, ମଧ୍ୟମା _______ହେବ ?

a) $\frac{x+2y}{2}$

b) $\frac{x+2y}{3}$

c) $\frac{x+3y}{2}$

d) $\frac{x+3y}{3}$

୨୩) ଏକ ତଥ୍ୟାବଳୀର $M_o = 76$, $M_d$ 74 ହେଲେ, M ର ମାନ _______ହେବ ?

a) 70
b) 72
c) 73
d) 75

୨୪) 12, 25, x-4, x+4, 18 ଓ 19 ମାଧ୍ୟମାନ 15ତେବେ x ର ମାନ _______ ?

a) 8
b) 10
c) 12
d) 14

୨୫) କୌଣସି ଏକ ତଥ୍ୟାବଳୀର M, $M_o$ଓ $M_d$ମଧ୍ୟରେ ଥିବା ସମ୍ବନ୍ଧକୁ _______କୁହାଯାଏ ?

a) ସାମ୍ବନ୍ଧିକ ସମ୍ବନ୍ଧ

b) ଆନୁଭବିକ ସମ୍ବନ୍ଧ

c) ପାରସ୍ପରିକ ସମ୍ବନ୍ଧ

d) ସମସ୍ତ

୨୬) ପ୍ରଥମ n ସଂଖ୍ୟକ ଧନାତ୍ମକ ଯୁଗ୍ମ, ସଂଖ୍ୟାର ମାଧ୍ୟମାନ _______ ?

a) n + 1
b) n + 2
c) n + 3
d) n + 4

୨୭) ପ୍ରଥମ n ସଂଖ୍ୟକ ଧନାତ୍ମକ ଅଯୁଗ୍ମ, ସଂଖ୍ୟାର ମାଧ୍ୟମାନ _______ ?

a) n + 1
b) n + 2
c) n + 3
d) n + 4

୨୮) ଭାଗବିଭକ୍ତ ବାରମ୍ବରତା ସାରଣୀର ମଧ୍ୟମା ନିର୍ଣ୍ଣୟ ବେଳେ ମଧ୍ୟମା ସ୍ଥାନ _______ତମ ସ୍ଥାନକୁ ନିଆଯାଏ ?

a) n
b) n/2
c) n/3
d) n+1/2

୨୯) ଦୁଇଟି କ୍ରମିକ ଅଯୁଗ୍ମ ସଂଖ୍ୟାର ମାଧ୍ୟମାନ ସେ ଦ୍ୱୟ ମଧ୍ୟବର୍ତ୍ତୀ _______ ସଙ୍ଗେ ସମାନ ?

a)ଛେଦୀ

b)ଏକ

c)ସମାନ୍ତର

d)ଛେଦୀ

୩୦) 1, 2, 3, …………, 100 ର ଗରିଷ୍ଠକ _______ହେବ ?

a) 10
b) 20
c) 50
d) ନାହିଁ

୩୧) 8 ମାଧ୍ୟମାନ ବିଶିଷ୍ଟ 6ଟି ଲବ୍ଧାଙ୍କ ମଧ୍ୟରୁ ପ୍ରତ୍ୟେକକୁ 5 ବଢ଼ାଇଲେ, ନୂତନ 6ଟି ଲବ୍ଧାଙ୍କର ମାଧ୍ୟମାନ _______ହେବ ?

a) 11
b) 12
c) 13
d) 14

୩୨) ଏକ ତଥ୍ୟାବଳୀର ଗରିଷ୍ଠକ 12 ଓ ମାଧ୍ୟମାନ 18 ହେଲେ, ମଧ୍ୟମା _______ହେବ ?

a) 15
b) 16
c) 17
d) 18

୩୩) ଏକ ତଥ୍ୟବାଳୀର ମାଧ୍ୟମାନ m ତଥ୍ୟାବଳୀର ପ୍ରତ୍ୟେକ ଲବ୍ଧାଙ୍କର ମାନ x ବଢ଼ିଲେ ତଥ୍ୟାବଳୀର ନୂତନ ମାଧ୍ୟମାନ _______ହେବ ?

a) m + x
b) m – x
c) mx
d) m/x

୩୪) ଗୋଟିଏ ତଥ୍ୟାବଳୀର ମାଧ୍ୟମ 8 ହେଲେ, ସେହି ତଥ୍ୟାବଳୀର ($M_o$) ଗରିଷ୍ଠକ ଓ (M) ମାଧ୍ୟମାନ ମଧ୍ୟରେ ଥିବା ଅନୁଭବିକ ସମ୍ପର୍କଟି କ'ଣ _______ ?

a) $M_o – 3M = 24$
b) $M_o + 2M = 24$
c) $M_o – 24 = 3M$
d) $M_o – 3M = 24$

୩୫) ଗୋଟିଏ ତଥ୍ୟାବଳୀର ଗରିଷ୍ଠକ 10 ହେଲେ, ସେହି ତଥ୍ୟାବଳୀର ମାଧ୍ୟମା (M) ଓ ମଧ୍ୟମା ($M_o$) ମଧ୍ୟରେ ଥିବା ଆନୁଭବିକ ସମ୍ପର୍କ _______ହେବ ?

a) $2M + 10 = 3M_d$
b) $2M – 10 = 3M_d$
c) $2M – 3M_d = 10$
d) $2M – 2M_d = 10$

୩୬) ଗୋଟିଏ ତଥ୍ୟାବଳୀର ଗରିଷ୍ଠକ = 4, ମାଧ୍ୟମାନ = 7 ହେଲେ, ମଧ୍ୟମା _______ ?

a) 6
b) 7
c) 8
d) 9

୩୭) M ମାଧ୍ୟମାନ ବିଶିଷ୍ଟ n ସଂଖ୍ୟକ ଲଷ୍ଠାଙ୍କ ମାନଙ୍କ ମଧ୍ୟରୁ ପ୍ରତ୍ୟେକକୁ 5 ଦ୍ୱାରା ଭାଗ କଲେ, ନୂତନ ଲଷ୍ଠାଙ୍କ ମାନଙ୍କର ମାଧ୍ୟମାନ_______ହେବ ?

a) M+5
b) M–5
c) 5M
d) M/5

୩୮) 2M ମାଧ୍ୟମାନ ବିଶିଷ୍ଟ m ସଂଖ୍ୟକ ଲଷ୍ଠାଙ୍କ ପ୍ରତ୍ୟେକକୁ 6 ଯୋଗ କଲେ, ନୂତନ ଲଷ୍ଠାଙ୍କ ମାନଙ୍କର ମାଧ୍ୟମାନ_______ହେବ ?

a) 2M – 6
b) 2M + 6
c) 2M/6
d) 2M

୩୯) 5, 7, 6, 8, x ଓ 9 ଲଷ୍ଠାଙ୍କ ମାନଙ୍କରମାଧ୍ୟମାନ 8 ହେଲେ, x ର ମାନ_______ହେବ ?

a) 10
b) 11
c) 13
d) 14

୪୦) ପ୍ରଥମ n, ସଂଖ୍ୟକ ଗଣନ ସଂଖ୍ୟାର ମାଧ୍ୟମାନ _______ ହେବ ?

a) n + 1
b) $\frac{n(n+1)}{2}$
c) $\frac{n+1}{2}$
d) $\frac{n}{2}$

୪୧) ପ୍ରଥମେ n ସଂଖ୍ୟକ ଧନାତ୍ମକ ଯୁଗ୍ମ ସଂଖ୍ୟାର ମାଧ୍ୟମାନ _______ ହେବ ?

a) n – 1
b) n
c) n + 1
d) n + 2

୪୨) ପ୍ରଥମେ n ସଂଖ୍ୟକ ଧନତ୍ମକ ଅଯୁଗ୍ମ ସଂଖ୍ୟାର ମାଧ୍ୟମାନ _______ ହେବ ?

a) n – 1
b) n + 1
c) n(n+1)
d) n

୪୩) ପ୍ରଥମେ 20ଟି ଗଣନ ସଂଖ୍ୟାର ମାଧ୍ୟମାନ _______ ହେବ ?

a) 10
b) 11
c) 10.5
d) 11.5

୪୪) 4 ଜଣ ବାଳକଙ୍କର ମାଧ୍ୟମାନ ବୟସ 7 ବର୍ଷ ଓ 6 ଜଣ ବାଳିକାଙ୍କର ମାଧ୍ୟମାନ ବୟସ 12ବର୍ଷ ହେଲେ, ଉଭୟ ବାଳକ ଓ ବାଳିକାଙ୍କର ମାଧ୍ୟମାନ ବୟସ _______ ହେବ ?

a) 11
b) 12
c) 10
d) 8

୪୫) 20ଟି ଲବ୍ଧାଙ୍କର ଗରିଷ୍ଠକ 15 ପ୍ରତ୍ୟେକ ଲବ୍ଧାଙ୍କକୁ 2ଗୁଣ କଲେ ନୂତନ ଗରିଷ୍ଠକ_______ ହେବ ?

a) 15
b) 20
c) 25
d) 30

୪୬) 3, 5, 7, 3, 8, 5, 8, 7 ତଥ୍ୟାବଳୀର ଗରିଷ୍ଠକ _______ ?

a) 3
b) 5
c) 7
d)

୪୭) M ମାଧ୍ୟମାନ ବିଶିଷ୍ଟ 10ଟି ଲବ୍ଧାଙ୍କ ମଧ୍ୟରୁ ପ୍ରତ୍ୟେକକୁ 2 ବଢ଼ାଇ ଦେଲେ, ନୂତନ ଲବ୍ଧାଙ୍କ 10 ଟିର ମାଧ୍ୟମାନ _______ ହେବ ?

a) M + 2
b) 2M
c) 4M
d) $\frac{M-2}{4}$

୪୮) $x_1, x_2, \ldots\ldots, x_{10}$ ସଂଖ୍ୟାମାନଙ୍କର ମାଧ୍ୟମାନ mହେଲେ $\sum_{i=1}^{10}(x_i - 3) = 10$ହେଲେ, m _______ ହେବ ?

a) 10
b) 4
c) 2
d) 3

୪୯) x, x + 2, x + 4, x + 6, x + 8ତଥ୍ୟାବଳୀର ମାଧ୍ୟମାନ 7 ହେଲେ, xର ମୂଲ୍ୟ _______ ?

a) 1
b) 2
c) 3
d) 4

୫୦) ପ୍ରଥମ 6ଟି ଗଣନ ସଂଖ୍ୟାର ମଧ୍ୟମା, ପ୍ରଥମ 7 ଟି ଗଣନ ସଂଖ୍ୟାର ମଧ୍ୟମା ଠାରୁ କେତେ କମ୍ ?

a) 0
b) 1
c) 0.5
d) 2

୫୧) 12 ଟି ଲବ୍ଧାଙ୍କର ଗରିଷ୍ଠକ 16, ପ୍ରତ୍ୟେକ ଲବ୍ଧାଙ୍କକୁ 4 କମାଇ ଦେଲେ, ନୂତନ ଗରିଷ୍ଠକ_______ ହେବ ?

a) 6
b) 12
c) 15
d) 20

୫୩) $x_1$, $x_2$, $x_3$, ……, $x_{10}$ ସଂଖ୍ୟକମାନଙ୍କର ମାଧ୍ୟମାନ mହେଲେ, $\sum_{i=1}^{6}(x_i - 3)$ର ମାନ_______ ହେବ ?

a) 10(m-3)
b) 10m – 3
c) 3m – 10
d) 3m – 30

୫୪) ଭୁଲକ୍ରମେ 20କୁ 28 ନେଇ ଋରୋଟି ରାଶିର ମାଧ୍ୟମାନ ନିରୂପଣ କରିବାରୁ 75ହେଲା । ପ୍ରକୃତ ମାଧ୍ୟମାନ _______ ହେବ ?

a) 73
b) 74
c) 72
d) 76

୫୫) ପ୍ରଥମ 8ଟି ଯୌଗିକ ସଂଖ୍ୟାର ମଧ୍ୟମା _______ ହେବ ?

a) 6.5
b) 7.5
c) 8.5
d) 9.5

୫୬) m ମାଧ୍ୟମାନ ବିଶିଷ୍ଟ n ସଂଖ୍ୟକ ଲବ୍ଧାଙ୍କ ମାନଙ୍କ ମଧ୍ୟରୁ 4 ଦ୍ୱାରା ଭାଗ କଲେ ନୂତନ ଲବ୍ଧାଙ୍କ ମାନଙ୍କର ମାଧ୍ୟମାନ _______ ହେବ ?

a) m
b) m/4
c) m/5
d) 4m

୫୭) 15 ଗୋଟି ସଂଖ୍ୟାର ମାଧ୍ୟମାନ 17, ପ୍ରତ୍ୟେକ ସଂଖ୍ୟାକୁ 4 ଦ୍ୱାରା ଗୁଣିଲେ ମାଧ୍ୟମାନ _______ ହେବ ?

a) 8.5
b) 17
c) 25,5
d) 84

୫୮) ନିମ୍ନଲିଖିତ ମଧ୍ୟରୁ _______ଟି କେନ୍ଦ୍ରୀୟ ପ୍ରବଣତା ନୁହେଁ ?

a) ମାଧ୍ୟମାନ

b) ମଧ୍ୟମା

c) ଗରିଷ୍ଠକ

d) ମଧ୍ୟକ

୫୯) 12, 13,16, x+2, x+4, 28, 30, 35 ଲବ୍ଧାଙ୍କ ମାନଙ୍କ ମାଧ୍ୟମାନ 23 ହେଲେ, xର ମାନ _______ ?

a) 18
b) 19
c) 20
d) 22

୬୦) ନିମ୍ନୋକ୍ତ ମଧ୍ୟରୁ _______ଟି କେନ୍ଦ୍ରୀୟ ପ୍ରବଣତା ନୁହେଁ ?

a) ମାଧ୍ୟମାନ

b) ମଧ୍ୟମା

c) ସମାନ୍ତର ମଧ୍ୟକ

d) ଗରିଷ୍ଠକ

୬୧) ଯଦି ପ୍ରଥମ nଟି ଗଣନ ସଂଖ୍ୟାର ମାଧ୍ୟମାନ $\frac{3n}{5}$ ହୁଏ, ତେବେ nର ମୂଲ୍ୟ _______ହେବ ?

a) 3
b) 4
c) 5
d) 6

୬୨) a, a+3, a+6, a+9 ଏବଂ a+12 ର ମାଧ୍ୟମାନ 10 ହେଲେ, aର ମାନ _______ହେବ ?

a) 1
b) 2
c) 3
d) 4

୬୩) ଗୋଟିଏ ତଥ୍ୟାବଳୀର ମାଧ୍ୟମାନ 15 ଓ ଗରିଷ୍ଠକ 12 ହେଲେ, ମଧ୍ୟମା _______ହେବ ?

a) 12
b) 14
c) 15
d) 16

୬୪) 12, 14, 19, 16, x, 12, 16, 19, 12 ଲବ୍ଧାଙ୍କ ଗୁଡ଼ିକର ଗରିଷ୍ଠକ 16 ହେଲେ, xର ମୂଲ୍ୟ _______ହେବ ?

a) 12
b) 16
c) 19
d) 18

୬୫) ପ୍ରଥମ 10ଟି ଲବ୍ଧାଙ୍କର ମାଧ୍ୟମାନ 15, ପରବର୍ତ୍ତୀ 20ଟି ଲବ୍ଧାଙ୍କର ମାଧ୍ୟମାନ 24 ହେଲେ, 30ଟି ଯାକ ଲବ୍ଧାଙ୍କର ମାଧ୍ୟମାନ _______ହେବ ?

a) 20
b) 15
c) 21
d) 24

## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. b | 2. b | 3. c | 4. b | 5. c | 6. a | 7. c | 8. b | 9. a | 10. b |
| 11. c | 12. a | 13. c | 14. c | 15. b | 16. c | 17. c | 18. c | 19. d | 20. b |
| 21. c | 22. b | 23. c | 24. a | 25. b | 26. a | 27. d | 28. b | 29. a | 30. d |
| 31. c | 32. b | 33. a | 34. c | 35. b | 36. a | 37. a | 38. d | 39. b | 40. c |
| 41. c | 42. c | 43. d | 44. c | 45. c | 46. d | 47. d | 48. a | 49. b | 50. c |
| 51. c | 52. b | 53. a | 54. a | 55. a | 56. d | 57. b | 58. d | 59. a | 60. d |
| 61. c | 62. c | 63. d | 64. b | 65. C | | | | | |

## (Subjective Questions & Answers)

## (ପରିସଂଖ୍ୟାନ)

### ୫ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର :

1) 80ଜଣ ପିଲା ଗଣିତରେ ରଖିଥିବା ନମ୍ବର ନିମ୍ନ ସାରଣୀରେ ଦିଆଯାଇଛି । ପିଲାମାନେ ରଖିବା ନମ୍ବରର ମାଧ୍ୟମାନ ଉପଯୁକ୍ତ ଆରମ୍ଭ ବିନ୍ଦୁ ନେଇ ନିର୍ଣ୍ଣୟ କର ।

| ନମ୍ବର | 10 ରୁ କମ୍ | 20ରୁ କମ୍ | 30ରୁ କମ୍ | 40ରୁ କମ୍ | 50ରୁ କମ୍ | 60ରୁ କମ୍ |
|---|---|---|---|---|---|---|
| ଛାତ୍ର ସଂଖ୍ୟା | 3 | 12 | 27 | 57 | 75 | 80 |

2) ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ 30 ହେଲେ ନିର୍ଣ୍ଣୟ କର ।

| ସଂଭାଗ | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା | 12 | 18 | 27 | $f_1$ | 17 | 6 |

3)ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ ୫୦ ଏବଂ ବାରମ୍ବାରତା ଗୁଡ଼ିକର ସମଷ୍ଟି ୧୨୦ ହେଲେ $f_1$ ଓ $f_2$ ନିର୍ଣ୍ଣୟ କର ।

| ସଂଭାଗ | 0-20 | 20-40 | 40-60 | 60-80 | 80-100 |
|---|---|---|---|---|---|
| ବାରମ୍ବାରତା | 17 | $f_1$ | 32 | $f_2$ | 19 |

4) ଗୋଟିଏ ଶ୍ରେଣୀରେ ଥିବା 40 ଜଣ ଛାତ୍ରଙ୍କର ହାରାହାରି ବୟସ 15 ବର୍ଷ । ଶ୍ରେଣୀ ଶିକ୍ଷକଙ୍କ ସହିତ ସେମାନଙ୍କର ହାରାହାରି ବୟସ 16 ବର୍ଷ ହେଲେ ଶ୍ରେଣୀ ଶିକ୍ଷକଙ୍କ ବୟସ ନିର୍ଣ୍ଣୟ କର ।

5) $x_1, x_2, x_3$ . . . ପ୍ରଭୃତି n ସଂଖ୍ୟକ ଲବ୍ଧାଙ୍କର ମାଧ୍ୟମାନ m । ଯଦି$\sum_{i=1}^{n}(x_i - 2)=110$ ଏବଂ $\sum_{i=1}^{n}(x_i - 5)= 180$ ହୁଏ; ତେବେ n ଓ m ର ମାନ ସ୍ଥିର କର ।

6) ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 0-10 | 10-20 | 20-30 | 30-40 | 40-50 |
|---|---|---|---|---|---|
| ବାରମ୍ବାରତା | 7 | 12 | 18 | 22 | 23 |

7) ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 0-8 | 8-16 | 16-24 | 24-32 | 32-40 | 40-48 |
|---|---|---|---|---|---|---|
| ବାରମ୍ବାରତା | 6 | 11 | 16 | 26 | 18 | 13 |

8)ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା | 6 | 13 | 22 | 18 | 10 | 7 |

9) ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 4-7 | 8-11 | 12-15 | 16-19 | 20-23 | 24-27 |
|---|---|---|---|---|---|---|
| ବାରମ୍ବାରତା | 4 | 11 | 25 | 47 | 56 | 29 |

10) ରାଶିକୃତ ବାରମ୍ବାରତା ନିର୍ଦ୍ଦେଶରେଖା ଅଙ୍କନ କରି ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 5-10 | 10-15 | 15-20 | 20-25 | 25-30 | 30-35 | 35-40 | 40-45 |
|---|---|---|---|---|---|---|---|---|
| ବାରମ୍ବାରତା | 3 | 7 | 13 | 22 | 33 | 28 | 19 | 12 |

11) ନିମ୍ନ ତଥ୍ୟାବଳୀରେ ଥିବା କେତେକ ସଂଭାଗର ବାରମ୍ବାରତା ଦିଆଯାଇନାହିଁ । ଯଦି ବାରମ୍ବାରତା ମାନଙ୍କର ସମଷ୍ଟି 74, ଏକ ତଥ୍ୟାବଳୀର ମଧ୍ୟମା 36 ହୋଇଥାଏ, ତେବେ ଆମକୁ ଜଣା ନଥିବା 2 ସଂଭାଗର ବାରମ୍ବାରତା ସ୍ଥିର କର ।

| ଲବ୍ଧାଙ୍କ | 0-10 | 10-20 | 20-30 | 30-40 | 40-50 | 50-60 | 60-70 | 70-80 |
|---|---|---|---|---|---|---|---|---|
| ବାରମ୍ବାରତା | 2 | 8 | ? | 20 | 12 | ? | 4 | 3 |

# Answers

**1.**

| ସଂଭାଗ | ପିଲାସଂଖ୍ୟା | F | ବିଚ୍ୟୁତି ($y^1$) | $fy^1$ |
|---|---|---|---|---|
| 0 ରୁ 10 | 3 | 3 | -3 | -9 |
| 10 ରୁ 20 | 12-3 =9 | 9 | -2 | -18 |
| 20 ରୁ 30 | 27-12 =15 | 15 | -1 | -15 |
| 30 ରୁ 40 | 57-27 = 30 | 30 | 0 | 0 |
| 40 ରୁ 50 | 75-57= 18 | 18 | +1 | 18 |
| 50 ରୁ 60 | 80-75 =5 | 5 | +2 | 10 |

$\sum fy^1 = -14$

ମାଧ୍ୟମାନ $M = A + \frac{\sum fy^1}{\sum f} \times i$

$= \frac{30+40}{2} + \frac{-14}{80} \times 10$

$= 35 - \frac{7}{4} = 35 - 1.75 = 33.25$

**2.**

| ସଂଭାଗ | ବାରମ୍ବାରତା (f) | X | f x |
|---|---|---|---|
| 0 ରୁ 10 | 12 | 5 | 60 |
| 10 ରୁ 20 | 18 | 15 | 270 |
| 20 ରୁ 30 | 27 | 25 | 625 |
| 30 ରୁ 40 | $f_1$ | 35 | $35f_1$ |
| 40 ରୁ 50 | 14 | 45 | 765 |
| 50 ରୁ 60 | 6 | 55 | 330 |
| | $\sum f = 80 + f_1$ | | $\sum fx = 2050 + 35 f_1$ |

$\therefore$ M = $\frac{2050+35f_1}{80+f_1}$ = 30

⇨ $2050 + 35f_1 = 2400 + 30f_1$

⇨ $35f_1 – 30f_1 = 2400 – 2050$

⇨ $5f_1 = 350$

⇨ $f_1 = \frac{350}{5} = 70$

3) ବାରମ୍ବାରତା ଗୁଡ଼ିକର ସମଷ୍ଟି $17 + f_1 + 32 + f_2 + 19 = 20$

⇨ $f_1 + f_2 = 120 – (17 + 32 + 19)$
$= 120 – 68 = 52$

ଦତ୍ତ ସାରଣୀକୁ ନିମ୍ନମତେ ଲେଖାଯିବ ।

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | (f x) |
|---|---|---|---|
| 0-20 | 17 | 10 | 170 |
| 20-40 | $f_1$ | 30 | 30 $f_1$ |
| 40-60 | 32 | 50 | 1600 |
| 60-80 | $f_2$ | 70 | 70 $f_2$ |
| 80-100 | 19 | 90 | 1710 |
| | $\Sigma f= 120$ | | $\Sigma fx= 30 f_1+ 70f_2 + 3480$ |

ପ୍ରଶ୍ନାନୁସାରେ,

ମାଧ୍ୟମାନ = $\frac{\Sigma fx}{\Sigma f} = 50$

⇨ $\frac{30f_1+70f_2+3480}{120} = 50$

⇨ $30f_1 + 70f_2 + 3480 = 6000$

⇨ $3f_1 + 7f_2 + 348 = 600$

⇨ $3f_1 + 7f_2 = 600 – 348 = 252$

ବର୍ତ୍ତମାନ ସହସମୀକରଣ ଦ୍ୱୟ

$f_1 + f_2 = 52$ …….. (1)

$3f_1 + 7f_2 = 252$ …….. (2) କୁ ସମାଧାନ କରାଯାଉ ।

$3 \times eq^n (1) – eq^n (2)$ ⇨ $– 4f_2 = – 96$

⇨ $f_2 = 24$

$f_2$ ର ମୂଲ୍ୟ (1)ରେ ବସାଇଲେ,

$f_1 =52 – f_2 = 52 – 24 = 28$

$\therefore f_1 =28$ ଓ $f_2 = 24$

4) ମନେକର ଶ୍ରେଣୀ ଶିକ୍ଷକଙ୍କ ବୟସ x ବର୍ଷ । 40 ଜଣ ଛାତ୍ରଙ୍କର ହାରାହାରି ବୟସ ବର୍ଷ । 40 ଜଣ ଛାତ୍ରଙ୍କର ମୋଟ ବୟସ = 15 × 40 = 600 ବର୍ଷ ଶ୍ରେଣୀ ଶିକ୍ଷକଙ୍କ ସହ 41 ଜଣଙ୍କର ହାରାହାର 16 ବର୍ଷ ।

∴ 41 ଜଣଙ୍କର ମୋଟ ବୟସ$41 \times 16 = 656$ ବର୍ଷ

∴ $600 + x = 656$

⇨ $x = 656 - 600 = 56$

∴ଶ୍ରେଣୀ ଶିକ୍ଷକଙ୍କ ବୟସ 56 ବର୍ଷ

5) $x_1, x_2, x_3 \ldots\ldots$ n ଟି ଲବ୍ଧାଙ୍କର ମାଧ୍ୟମାନ m

⇨ $x_1 + x + x_3 + \ldots\ldots + x_n = mn$

$$\sum_{i=1}^{n} x_i - 2 = 100$$

⇨ $x_1 - 2 + x_2 - 2 + \ldots\ldots + x_n - 2 = 110$

⇨ $mn - 2n = 110$

$\sum_{i=1}^{n} x_i - 5 = 800$⇨ $mn - 5n = 80$

⇨ $(mn - 5n) - (mn - 2n) = 80 - 110$

⇨ $mn - 5n - mn + 2n = -30$

⇨ $-3n = -30$

⇨ $n = \frac{-30}{-3} = 10$

ପୁନଶ୍ଚ $mn - 2n = 110$

⇨ $m \times 10 - 2 \times 10 = 110$ ⇨ 10

$m = 110 = 20 = 130$ ⇨ $m = \frac{130}{10} = 13$

∴ $m = 13$ $n = 10$

6)

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) |
|---|---|---|
| 0-10 | 7 | 7 |
| 10-20 | 12 | 19 |
| 20-30 | 18 | 37 |
| 30-40 | 22 | 59 |
| 40-50 | 23 | 82 |

ମଧ୍ୟମା ସ୍ଥାନ = $\frac{82+1}{2} = 41.5$

41.5 ଠାରୁ ଠିକ୍ ବୃହତ୍ତର cf = 59

ମଧ୍ୟମା ସମ୍ଭାଗ = 30 – 40

$l_1 = 30, l_2 = 40, m = 41.5, c = 37$

$f = 22, i = 10$

∴ $M_d = l + \frac{m-c}{f} \times i$

$= 30 + \frac{41.5 - 37}{22} \times 10$

$= 30 + \frac{45}{22} = 32.04$ପ୍ରାୟ ।

7.

| ସଂଭାଗ | ବାରମ୍ବାରତା | ରାଶିକୃତ ବାରମ୍ବାରତା |
|---|---|---|
| 0-8 | 6 | 6 |
| 8-16 | 11 | 17 |
| 16-24 | 16 | 33 |
| 24-32 | 26 | 59 |
| 32-40 | 18 | 77 |
| 40-48 | 13 | 90 |

ଏଠାରେ, ମଧ୍ୟସ୍ଥାନ = $m + \frac{n}{2} = \frac{90}{2} = 45$ ତମ ସ୍ଥାନ m ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା 59

$\therefore$ ମଧ୍ୟମା ସଂଭାଗ 24-32

ଫଳରେ l = 24, f =26, c= 33, i =8

$\therefore$ ମଧ୍ୟମା $M_d = l + \frac{m-c}{f} \times i$

$= 24 + \frac{45-33}{26} \times 8$

$= 24 + \frac{96}{26} \times 24 + 3.7 + 27.7$ପ୍ରାୟ

8.

| ସଂଭାଗ | ବାରମ୍ବାରତା | ରାଶିକୃତ ବାରମ୍ବାରତା |
|---|---|---|
| 0-10 | 6 | 6 |
| 10-20 | 13 | 19 |
| 20-30 | 33 | 41 |
| 30-40 | 18 | 59 |
| 40-50 | 10 | 69 |
| 50-60 | 7 | 76 |

$\sum f = 76$

9. ଆମକୁ ପ୍ରଥମେ ଦତ ଅନ୍ତର୍ଭୁକ୍ତ ସଂଭାଗୀକରଣକୁ ବହିର୍ଭୁକ୍ତ ସଂଭାଗୀକରଣରେ ପ୍ରକାଶ କରି ନିମ୍ନସାରଣୀ ପ୍ରସ୍ତୁତ କରାଗଲା ।

| ସଂଭାଗ | ବାରମ୍ବାରତା | ରାଶିକୃତ ବାରମ୍ବାରତା |
|---|---|---|
| 3.5-7.5 | 4 | 4 |
| 7.5-11.5 | 11 | 15 |
| 11.5-15.5 | 25 | 40 |
| 15.5-19.5 | 47 | 87 |
| 19.5-23.5 | 56 | 143 |
| 23.5-27.5 | 29 | 172 |
| 27.5-31.5 | 20 | 192 |
| 31.5-35.5 | 08 | 200 |

n= 200

ମଧ୍ୟମା ସ୍ଥାନ (m) = $\frac{n}{2} = \frac{200}{2} = 100$
m ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା = 143

$\therefore$ ମଧ୍ୟମା ସଂଭାଗ = (19.5-23.5)

ଫଳରେ l = 19.5, f = 56, c = 87, i = 4

ମଧ୍ୟମା ($M_d$) = $l + \frac{m-c}{f} \times i$

$= 19.5 + \frac{100-87}{56} \times 4$

$= 19.5 + \times \frac{13}{14} = 19.5 + 0.93 = 20.43$

10.

| ସଂଭାଗ | ବାରମ୍ବାରତା | ରାଶିକୃତ ବାରମ୍ବାରତା |
|---|---|---|
| 5-10 | 3 | 3 |
| 10-15 | 7 | 10 |
| 15-20 | 13 | 23 |
| 20-25 | 22 | 45 |
| 25-30 | 33 | 78 |
| 30-35 | 28 | 106 |
| 35-40 | 19 | 125 |
| 40-45 | 12 | 137 |

ମଧ୍ୟମା ସ୍ଥାନ n=$\frac{137+1}{2} = \frac{138}{2} = 69$

11.

| ଲବ୍ଧାଙ୍କ | ବାରମ୍ବାରତା | ରାଶିକୃତ ବାରମ୍ବାରତା |
|---|---|---|
| 0-10 | 2 | 2 |
| 10-20 | 8 | 10 |
| 20-30 | x | 10+x |
| 30-40 | 20 | 30 + x |
| 40-50 | 12 | 42 + x |
| 50-60 | y | 42 + x +y |
| 60-70 | 4 | 46 + x + y |
| 70-80 | 3 | 49 + x + y |

$\therefore$ 49 + x + y = 74

⇨ x + y = 74 = 49 = 25

ମଧ୍ୟମା ସ୍ଥାନ = $\frac{74}{2}$ = 37 = m,

m ଠାରୁ ଠିକ୍ ବୃହତ୍ତର cf = 30 + x (not 42 + x)

$\therefore$ x > 7

ମଧ୍ୟମା ସଂଭାଗ 30 – 40 ($\because$ = 36)

$\therefore$ $l_1$ = 30, m = 37, f = 20, c = 10 + x, i = 10

$\therefore$ Md = $l + \frac{m-c}{f} \times i$ ⇨ $36 = 30 + \frac{37-10-x}{20} \times 10$

⇨ $36 - 30 = \frac{27-x}{2}$

⇨ $x = 27 - 12 = 15$

$y = 25 - 15 = 10$ ($\because x + y = 25$)

$\therefore$ 20 – 30ର ବାରମ୍ବାରତା = 15

50 – 60ର ବାରମ୍ବାରତା = 10

# ସ୍ଥାନାଙ୍କ ଜ୍ୟାମିତି

**(CO-ORDINATE GEOMETRY)**

**ଦୁଇଟି ଦତ୍ତ ବିନ୍ଦୁ ମଧ୍ୟରେ ଦୂରତା (Distance between two given points) :**

**ଉପପାଦ୍ୟ - 1:**

**ସ୍ଥାନାଙ୍କ ସମତଳରେ $P_1(x_1, y_1)$ ଓ $P_2(x_2, y_2)$ ଦୁଇଟି ଦତ୍ତ ବିନ୍ଦୁ ହେଲେ, ସେମାନଙ୍କ ଦୂରତା**

$$P_1P_2 = \sqrt{(x_2 - x_1)^2 + (y_2 - y_1)^2}$$

**ବିଭାଜନ ସୂତ୍ର (Division Fermula) :**

**ସଂଜ୍ଞା : ଅନ୍ତର୍ବିଭାଜନ :**

ଯଦି A – P – B ହୁଏ, ଅର୍ଥାତ୍ $\overline{AB}$ ଉପରେ A ଓ B ବିନ୍ଦୁଦ୍ୱୟର ମଧ୍ୟବର୍ତ୍ତୀ P ବିନ୍ଦୁ ହୁଏ, ତେବେ $\overline{AB}$ ରେଖାଖଣ୍ଡ ନ୍ଦୁରେ $\overline{AP}$ ଓ $\overline{PB}$ ରେଖାଖଣ୍ଡରେ ଅନ୍ତର୍ବିଭକ୍ତ ହୁଏ ।




| |
|---|
| ଦୁଇବିନ୍ଦୁ ମଧ୍ୟରେ ଦୂରତା = $\sqrt{\text{x - ସ୍ଥାନାଙ୍କ ଦ୍ୱୟର ଅନ୍ତରର ବର୍ଗ} + \text{y- ସ୍ଥାନାଙ୍କ ଦ୍ୱୟର ଅନ୍ତରର ବର୍ଗ}}$ |

**ଉପପାଦ୍ୟ - 2 :**

A $(x_1, y_1)$ ଓ B $(x_2, y_2)$ ବିନ୍ଦୁଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡ $\overline{AB}$, ଯଦି P (x, y) ବିନ୍ଦୁଦ୍ୱାରା m : n ଅନୁପାତରେ ଅର୍ନ୍ତବିଭାଜିତ ହୁଏ, ତେବେ P ବିନ୍ଦୁର ସ୍ଥାନାଙ୍କ $\left(\frac{mx_2 + nx_1}{m+n}, \frac{my_2 + ny_1}{m+n}\right)$ ହେବ ।

**ତ୍ରିଭୁଜର କ୍ଷେତ୍ରଫଳ (Area of a triangle) :**

**ଉପପାଦ୍ୟ - 3 :** ଗୋଟିଏ ତ୍ରିଭୁଜର ଶୀର୍ଷ ବିନ୍ଦୁମାନଙ୍କର ସ୍ଥାନାଙ୍କ $(x_1, y_1)$ $(x_2, y_2)$ ଏବଂ $(x_3, y_3)$ ହେଲେ,

ତ୍ରିଭୁଜଟିର କ୍ଷେତ୍ରଫଳ = $\frac{1}{2}|\{x_1(y_2-y_3)+x_2(y_3-y_1)+x_3(y_1-y_2)\}|$

**ଅନୁସିଦ୍ଧାନ୍ତ - 1:**

ଯଦି ତ୍ରିଭୁଜର ତିନି ଶୀର୍ଷବିନ୍ଦୁ ଏକ ସରଳରେଖାରେ ରହିବେ, ତେବେ ତ୍ରିଭୁଜଟିର କ୍ଷେତ୍ରଫଳ ଶୂନ ହେବ ଏବଂ ବିପରୀତ ପକ୍ଷେ କୌଣସି ତ୍ରିଭୁଜର କ୍ଷେତ୍ରଫଳ ଶୂନ ହେଲେ, ଶୀର୍ଷବିନ୍ଦୁତ୍ରୟ ଏକ ସରଳରେଖାରେ ରହିବେ ।

ଏଣୁ ଯେକୌଣସି ଦତ୍ତ ବିନ୍ଦୁତ୍ରୟ $(x_1, y_1)$ $(x_2, y_2)$ ଏବଂ $(x_3, y_3)$ ଏକ ସରଳରେଖାରେ ରହିବାର ଆବଶ୍ୟକ ଓ ଯଥେଷ୍ଟ ସର୍ତ୍ତ (necessary and sufficient condition) ଟି ହେଲା,

$x_1(y_2-y_3)+x_2(y_3-y_1)+x_3(y_1-y_2)=0$

**ଅନୁସିଦ୍ଧାନ୍ତ - 2:**

ଯଦି ତ୍ରିଭୁଜର ଏକ ଶୀର୍ଷବିନ୍ଦୁର ସ୍ଥାନାଙ୍କ ମୂଳବିନ୍ଦୁ ହୁଏ ତେବେ ତ୍ରିଭୁଜର କ୍ଷେତ୍ରଫଳ $=\frac{1}{2}[x_1y_2-x_2y_1]$ ହେବ, ଯେତେବେଳେ ତ୍ରିଭୁଜର ଶୀର୍ଷବିନ୍ଦୁମାନଙ୍କର ସ୍ଥାନାଙ୍କ $(x_1, y_1)$ $(x_2, y_2)$ ଏବଂ $(0, 0)$ ହେବ ।

**ଅନୁସିଦ୍ଧାନ୍ତ - 3:**

ମନେକର ABCD ଏକ ଚତୁର୍ଭୁଜ । ଏହାର ଏକ କର୍ଣ୍ଣ $\overline{AC}$ ଅଙ୍କନ କଲେ, ଆମେ ଦୁଇଟି ତ୍ରିଭୁଜ $\Delta$ ABC ଓ ACD ପାଇବା । ତେଣୁ ଏକ ଚତୁର୍ଭୁଜର କ୍ଷେତ୍ରଫଳ = ଉତ୍ପନ୍ନ ଦୁଇଗୋଟି ତ୍ରିଭୁଜର କ୍ଷେତ୍ରଫଳର ସମଷ୍ଟି ।



(ଚିତ୍ର 6.9)

ତ୍ରିଭୁଜର କ୍ଷେତ୍ରଫଳ $\frac{1}{2}|\{x_1(y_2-y_3)+x_2(y_3-y_1)+x_3(y_1-y_2)\}|$ କୁ ଏକ 3 x 3 ମାଟ୍ରିକ୍ସର ଡିଟରମିନାଣ୍ଟ ମାଧ୍ୟମରେ ପ୍ରକାଶ କଲେ,

$$\text{ତ୍ରିଭୁଜର କ୍ଷେତ୍ରଫଳ} = \frac{1}{2}\begin{vmatrix} x_1 & y_1 & 1 \\ x_2 & y_2 & 1 \\ x_3 & y_3 & 1 \end{vmatrix} = \frac{1}{2}\left\{x_1\begin{vmatrix} y_2 & 1 \\ y_3 & 1 \end{vmatrix} - x_2\begin{vmatrix} y_1 & 1 \\ y_3 & 1 \end{vmatrix} + x_3\begin{vmatrix} y_1 & 1 \\ y_2 & 1 \end{vmatrix}\right\}$$

# ସ୍ଥାନାଙ୍କ ଜ୍ୟାମିତି

## Multiple Choice Questions

୧) A (2,3) ଏବଂ B (x,0) ବିନ୍ଦୁଦ୍ୱୟ ମଧ୍ୟରେ ଦୂରତା ଓ 3 ଏକକ ହେଲେ 'x' ର ମାନ କେତେ ?

a) 2
b) 3
c) x
d) -3

୨) ମୂଳବିନ୍ଦୁ 'O' ଠାରୁ (8,y) ର ଦୂରତା 10 ଏକକ ହେଲେ 'y' ର ମାନ କେତେ ?

a) -6
b) +2
c) $\pm 6$
d) 5

୩) ତିନୋଟି ବିନ୍ଦୁ (0,0), $(3,\sqrt{3})$ ଏବଂ $(3,\alpha)$ ଯଦି ଏକ ସମବାହୁ $\Delta$ଗଠନ କରନ୍ତି ତେବେ $\alpha =$ ?

a) 2
b) -3
c) -4
d) କୌଣସିଟି ନୁହେଁ

୪) ଯଦି (1,-2) ବିନ୍ଦୁଟି (4,2) ଓ (k,-6) ବିନ୍ଦୁଦ୍ୱୟର ମଧ୍ୟବିନ୍ଦୁର ସ୍ଥାନାଙ୍କ ହୁଏ, ତେବେ kର ମାନ କେତେ ?

a) 3
b) -2
c) 4
d) 5

୫) $\overline{AB}$ର ପ୍ରାନ୍ତବିନ୍ଦୁ ଦ୍ୱୟର ସ୍ଥାନାଙ୍କ (7,-1) ଓ (-7,1) ହେଲେ, ଏହାର ମଧ୍ୟବିନ୍ଦୁର ସ୍ଥାନାଙ୍କ କେତେ ହେବ ?

a) (0,0)
b) (3.5,0)
c) (0, -3.5)
d) (3.5,-0.5)

୬) ଗୋଟିଏ ବୃତ୍ତର ବ୍ୟାସର ପ୍ରାନ୍ତବିନ୍ଦୁ ଦ୍ୱୟର ସ୍ଥାନାଙ୍କ (3,3) ଓ (-1,-1) ହେଲେ, ବୃତ୍ତର କେନ୍ଦ୍ରର ସ୍ଥାନାଙ୍କ କେତେ ହେବ ?

a) (3,-3)
b) (3,1)
c) (-1,3)
d) (1,1)

୭) ଯଦି ବିନ୍ଦୁଦ୍ୱୟ (a,0), (0,b) ଓ (1,1) ଗୁଡ଼ିକ ଏକ ରେଖୀୟ ତେବେ $\frac{1}{a} + \frac{1}{b}$ ?

a) 1
b) 2
c) 0
d) -1

୮) $\Delta$ABCରେA (3, 4), B (7, -2) ଏବଂ C (-7, 2) ଏବଂ $\overline{BC}$ର ମଧ୍ୟବିନ୍ଦୁ D ହେଲେ, $\overline{AD}$ ମଧ୍ୟମାର ଦୈର୍ଘ୍ୟ କେତେ ହେବ ?

a) 7
b) 8
c) 5
d) 6

୯) ଦ୍ୱିତୀୟ ବୃତ୍ତ ପାଦରେ ଅବସ୍ଥିତ ଯେ କୌଣସି ବିନ୍ଦୁର ସ୍ଥାନାଙ୍କ (x,y) ପାଇଁ ନିମ୍ନସ୍ଥ ମଧ୍ୟରୁ କେଉଁଟି ଠିକ୍ ହେବ ?

a) x>0, y>0
b) x<0 , y>0
c) x>0, y<0
d) x<0, y<0

୧୦) x<0, y>0 ହେଲେ P (-x, y) ବିନ୍ଦୁଟି କେଉଁ ବୃତ୍ତ ପାଦରେ ଅବସ୍ଥିତ ?

a) ପ୍ରଥମ
b) ଦ୍ୱିତୀୟ
c) ତୃତୀୟ
d) ଚତୁର୍ଥ

୧୧) A (0, 0), B (4, 0) ଓ C (0, 3) ଶୀର୍ଷବିନ୍ଦୁ ବିଶିଷ୍ଟ ତ୍ରିଭୁଜର ପରିସୀମା କେତେ ?

a) 5 ଏକକ
b) 7 ଏକକ

c) 11 ଏକକ

d) 12 ଏକକ

୧୨) A (3,2), B (6,1) ଓ C (0,3) ଶୀର୍ଷବିନ୍ଦୁ ବିଶିଷ୍ଟ ତ୍ରିଭୁଜର ଭରକେନ୍ଦ୍ରର ସ୍ଥାନାଙ୍କ କେତେ ?

a) (–3,2)
b) (–2,2)
c) (2,2)
d) (3,2)

୧୩) x – ଅକ୍ଷ ଉପରିସ୍ଥ ଏକ ବିନ୍ଦୁ, A (–3, 4) ଏବଂ B (7,6) ବିନ୍ଦୁଦ୍ୱୟ ଠାରୁ ସମଦୂରବର୍ତ୍ତୀ ହେଲେ, x – ଅକ୍ଷ ଉପରିସ୍ଥ ବିନ୍ଦୁର ସ୍ଥାନାଙ୍କ କେତେ ?

a) (–4, 0)
b) (4, 0)
c) (0, 3)
d) (3, 0)

୧୪) $\Delta$ABC ରେA (a,b), B (b,c) ଏବଂ C (c,a) । $\Delta$ ABC ରଭର କେନ୍ଦ୍ରର ସ୍ଥାନାଙ୍କ (0, 0) ହେଲେ, a + b + c ର ମାନ କେତେ ?

a) 0
b) 1
c) 2
d) 3

୧୫) A (4, 6), B (–7, –1) କୁ ସଂଯୋଗ କରୁଥିବା ରେଖାଖଣ୍ଡ x – axisଦ୍ୱାରା କେଉଁ ଅନୁପାତରେ ଅନ୍ତର୍ବିଭକ୍ତ ହେବ ?

a) 1:6
b) 6:2
c) 2:6
d) 6:1

୧୬) y ର ମାନ କେତେ ହେଲେ (–2, –2), (3, y) ଓ (5, 5) ବିନ୍ଦୁତ୍ରୟ ଏକ ରେଖୀୟ ହେବେ ?

a) 5
b) – 4
c) 1
d) 3

୧୭) (–2, 3)ଓ (5, –7)ବିନ୍ଦୁଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ 3:4ଅନୁପାତରେ ଅନ୍ତର୍ବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ କେତେ ?

a) $(1,-\frac{3}{7})$
b) $(-2,\frac{5}{7})$
c) $(1,-\frac{9}{7})$
d) $(4,\frac{2}{7})$

୧୮) (7, x), (y, –6) ଓ (9, 10) ବିନ୍ଦୁତ୍ରୟ ଏକ ତ୍ରିଭୁଜର ଶୀର୍ଷବିନ୍ଦୁ ଓ ତ୍ରିଭୁଜର ଭରକେନ୍ଦ୍ରର ସ୍ଥାନାଙ୍କ (6, 3) ହେଲେ (x, y) ର ମାନ କେତେ ?

a) (4, 5)
b) (5, 4)
c) (-5, 2)
d) (5, 2)

୧୯) AOBC ଏକ ଆୟତଚିତ୍ର ଯାହାର 'O'ମୂଳବିନ୍ଦୁ । 'A'ର ସ୍ଥାନାଙ୍କ (0, b), 'B'ର ସ୍ଥାନାଙ୍କ (a, 0) ହେଲେ, ଆୟତଚିତ୍ରର କର୍ଣ୍ଣର ଦୈର୍ଘ୍ୟ କେତେ ଏକକ ହେବ ?

a) $a^2 + b^2$
b) $\sqrt{a2 + b2}$
c) a + b
d) କୌଣସିଟି ନୁହେଁ

୨୦) P(–3, 2) ଓ Q (6,1) କୁ ସଂଯୋଗ କରୁଥିବା ରେଖାଖଣ୍ଡ y – axis ଦ୍ୱାରା କେଉଁ ଅନୁପାତରେ ଅନ୍ତର୍ବିଭକ୍ତ ହେବ ?

a) 1:3
b) 2:1
c) 1:2
d) 3:1

୨୧) ଗୋଟିଏ ରେଖାଖଣ୍ଡ $\overline{MN}$ର ପ୍ରାନ୍ତ ବିନ୍ଦୁ ଦ୍ୱୟ ମଧ୍ୟରୁ ଗୋଟିକର ସ୍ଥାନାଙ୍କ M (3, 6) । ରେଖାଖଣ୍ଡର ମଧ୍ୟବିନ୍ଦୁ Pର ସ୍ଥାନାଙ୍କ (–3,4) ହେଲେ Nର ସ୍ଥାନାଙ୍କ କେତେ ?

a) (9, –2)
b) (–9, 2)
c) (6, 3)
d) (–6, 3)

୨୨) ତ୍ରିଭୁଜର କୌଣସି ଏକ ଶୀର୍ଷବିନ୍ଦୁରୁ ସମ୍ମୁଖୀନ ବାହୁ ପ୍ରତି ଅଙ୍କିତ ମଧ୍ୟମା, ଉକ୍ତ ବାହୁକୁ କେଉଁ ଅନୁପାତରେ ବିଭକ୍ତ କରେ ?

a) 3:2
b) 3:1
c) 1:1
d) 2:1

୨୩) A (2, 3) ଏବଂ B (5, 6) ହେଲେ, $\overline{AB}$ର ସମଦ୍ୱିଖଣ୍ଡକ ଲମ୍ବ y – ଅକ୍ଷକୁ ଛେଦ କରୁଥିବା ବିନ୍ଦୁର ସ୍ଥାନାଙ୍କ କେତେ ?

a) (0, 8)
b) (8, 0)
c) (3, 0)
d) (2, 3)

୨୪) ABC ସମକୋଣୀ ତ୍ରିଭୁଜରେ ∠B ସମକୋଣ, ତ୍ରିଭୁଜର ଶୀର୍ଷବିନ୍ଦୁ ତ୍ରୟର ସ୍ଥାନାଙ୍କ ଯଥାକ୍ରମେ (a,0), (0,0), (0,b) ହେଲେ, କର୍ଣ୍ଣର ଦୈର୍ଘ୍ୟ କେତେ ?

a) a ଏକକ

b) b ଏକକ

c) $(a^2+b^2)$ ଏକକ

d) $\sqrt{a2 + b2}$ଏକକ

୨୫) ନିମ୍ନଲିଖିତ ମଧ୍ୟରୁ କେଉଁଟି ମୂଳବିନ୍ଦୁଗାମୀ ଏକ ସରଳରେଖା ଅଟେ ?

a) $y + x = 3$
b) $2y – 3x = 0$
c) $2x = 3y + 2$
d) $y – 2x – 1 = 0$

୨୬) x – ଅକ୍ଷ ଉପରିସ୍ଥ ଏକ ବିନ୍ଦୁର y ସ୍ଥାନାଙ୍କ କେତେ ?

a) 0
b) 1
c) –1
d) ଏଥିମଧ୍ୟରୁ କୌଣସିଟି ନୁହେଁ

୨୭) y – ଅକ୍ଷ ର ସମୀକରଣଟି କ'ଣ ?

a) $x = 0$
b) $y = 1$
c) xy
d) $y = 0$

୨୮) ଗୋଟିଏ ବୃତ୍ତର $\overline{AB}$ ବ୍ୟାସ । 'C' ବୃତ୍ତର କେନ୍ଦ୍ର A (1, 4) ଏବଂ C (2, –3) ହେଲେ Bର ସ୍ଥାନାଙ୍କ କେତେ ହେବ ?

a) (3, –1)
b) (3, –10)
c) (2, 3)
d) ଏଥିମଧ୍ୟରୁ କୌଣସିଟି ନୁହେଁ

୨୯) ଏକ ସମବାହୁ ତ୍ରିଭୁଜର ଦୁଇ ଶୀର୍ଷବିନ୍ଦୁର ସ୍ଥାନାଙ୍କ (0,3) ଓ (4,3) ହେଲେ, ତୃତୀୟ ଶୀର୍ଷବିନ୍ଦୁର ସ୍ଥାନାଙ୍କ କେତେ ?

a) $(3, 2 + 3\sqrt{3})$
b) $(2, 2 + 2\sqrt{3})$
c) $(2, 3 + 2\sqrt{3})$
d) $(3, 3 + 2\sqrt{3})$

୩୦) ପ୍ରଥମ ବୃତ୍ତ ପାଦରେ ଅବସ୍ଥିତ ଯେ କୌଣସି ବିନ୍ଦୁର ସ୍ଥାନାଙ୍କ (x, y) ପାଇଁ ନିମ୍ନସ୍ଥ ମଧ୍ୟରୁ କେଉଁଟି ଠିକ୍ ହେବ ?

a) $x > 0, y > 0$
b) $x < 0 , y > 0$
c) $x < 0, y < 0$
d) $x > 0, y < 0$

୩୧) $(0, a \sin\theta – b \cos\theta)$ ଓ $(a \cos \theta + b \sin\theta, 0)$ ବିନ୍ଦୁ ଦ୍ୱୟ ମଧ୍ୟରେ ଦୂରତା କେତେ ?

a) $a^2 + b^2$
b) $a + b$
c) $a^2 – b^2$
d) $\sqrt{a2 + b2}$

୩୨) P ବିନ୍ଦୁ A (1, 2) ଓ B (6, 7) ବିନ୍ଦୁ ଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡ ଉପରେ ଅବସ୍ଥିତ ଏବଂ $AP = \frac{2}{5} AB$ ହେଲେ P ବିନ୍ଦୁର ସ୍ଥାନାଙ୍କ କେତେ ?

a) (2, 3)
b) (3, 4)
c) (-2, 5)
d) (3, -4)

୩୩) (3, 4) ବିନ୍ଦୁ (2, 3) ଓ (x, 6) କୁ ସଂଯୋଗ କରୁଥିବା ରେଖାଖଣ୍ଡକୁ 1:2 ଅନୁପାତରେ ଅନ୍ତର୍ବିଭକ୍ତ ହେଲେ xର ମାନ କେତେ ?

a) 4
b) 5
c) 6
d) 3

୩୪) ଯେଉଁ ତ୍ରିଭୁଜର ଶୀର୍ଷ ବିନ୍ଦୁମାନଙ୍କ ସ୍ଥାନାଙ୍କ (1, 2), (3, 4) ଓ (5, 8) ତାହା ନିମ୍ନୋକ୍ତ ମାନଙ୍କ ମଧ୍ୟରୁ କେଉଁ ପ୍ରକାର ତ୍ରିଭୁଜ ଗଠନ କରେ ?

a) ସମକୋଣୀ
b) ସମବାହୁ
c) ସମଦ୍ୱିବାହୁ
d) ବିଷମବାହୁ

୩୫) ଏକ ବର୍ଗଚିତ୍ରର ଦୁଇଟି କ୍ରମିକ ଶୀର୍ଷ ବିନ୍ଦୁର ସ୍ଥାନାଙ୍କ (0, 0)(0, 7) ହେଲେ ବର୍ଗକ୍ଷେତ୍ରର କ୍ଷେତ୍ରଫଳ କେତେ ବର୍ଗ ଏକକ ହେବ ?

a) 18
b) 21
c) 49
d) 28

୩୬) P(1, 1), Q(3, -3) ଓ R(-2, 7) ଏକରେଖୀୟ ହେଲେ ନିମ୍ନ ସର୍ତ୍ତମାନଙ୍କ ମଧ୍ୟରୁ କେଉଁଠି ଠିକ୍ ?

a) PQ + PR = RQ
b) RQ + PQ = RP
c) RP + RQ = PQ
d) PQ + PR = 2RQ

୩୭) PQR ତ୍ରିଭୁଜର PS ମଧ୍ୟମାର P(5, 1), S(2, 7) ହେଲେ ଭର କେନ୍ଦ୍ରର ସ୍ଥାନାଙ୍କ କେତେ ?

a) (5, 3)
b) (-3, -5)
c) (3, 5)
d) (3, -5)

୩୮) y – ଅକ୍ଷ ଠାରୁ (3, -4) ବିନ୍ଦୁର ଦୂରତା କେତେ ?

a) 5 ଏକକ
b) 4 ଏକକ
c) 3 ଏକକ
d) 7 ଏକକ

୩୯) P(-3, 2) ବିନ୍ଦୁରୁ y ଅକ୍ଷ ଉପରକୁ ଅଙ୍କିତ ଲମ୍ବର ପାଦ ବିନ୍ଦୁ M ର ସ୍ଥାନାଙ୍କ କେତେ ?

a) (3, 0)
b) (0, 2)
c) (3/2, -1)
d) (-3, 2)

୪୦) x - ଅକ୍ଷ ଉପରେ ଅବସ୍ଥିତ କେଉଁ ବିନ୍ଦୁଟି (2, -5) ଓ (-2, 9) ବିନ୍ଦୁ ଦ୍ୱୟ ଠାରୁ ସମଦୂରବର୍ତ୍ତୀ ହେବ ?

a) (-7, 0)
b) (4, 0)
c) (-3, 0)
d) (5, 0)

୪୧) ABCD ଆୟତ ଚିତ୍ରର A (0, 0), B (2, 0), D (0, 3) ହେଲେ C ର ସ୍ଥାନାଙ୍କ କେତେ ?

a) (-3, 10)
b) (0, 1)
c) (5, 2)
d) (2, 3)

୪୨) ଏକ ତ୍ରିଭୁଜର ଭର କେନ୍ଦ୍ର (1, 4) ଓ ଅନ୍ୟ ଦୁଇ ଶୀର୍ଷ ବିନ୍ଦୁର ସ୍ଥାନାଙ୍କ (4, -3) ଓ (-9, 7) ହେଲେ ତ୍ରିଭୁଜର କ୍ଷେତ୍ରଫଳ କେତେ ହେବ ?

a) 183 ବର୍ଗ ଏକକ
b) $\frac{183}{2}$ବର୍ଗ ଏକକ
c) 366 ବର୍ଗ ଏକକ
d) $\frac{183}{4}$ବର୍ଗ ଏକକ

୪୩) ଯଦି (x, 2), (-3, -4) ଏବଂ (7, -5) ବିନ୍ଦୁତ୍ରୟ ଏକ ରେଖୀୟ ତେବେ x କେତେ ?

a) 60
b) 63
c) – 63
d) – 60

୪୪) ଯଦି P (x, y) ବିନ୍ଦୁଟି A (5, 1) ଓ B (-1, 5) ଦ୍ୱୟ ଠାରୁ ସମଦୂରବର୍ତ୍ତୀ, ତେବେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ?

a) 5x = y
b) x = 5y
c) 3x = 2y
d) 2x = 3y

୪୫) ଯଦି (-2, 1) ଏକ ତ୍ରିଭୁଜର ଭର କେନ୍ଦ୍ର ଓ ଉକ୍ତ ତ୍ରିଭୁଜର ଶୀର୍ଷବିନ୍ଦୁ ତ୍ରୟ (x, 0), (5, -2), (-8, y) ହେଲେ ନିମ୍ନୋକ୍ତ ମଧ୍ୟରୁ କେଉଁ ସମ୍ପର୍କଟି x ଓ y ପାଇଁ ପ୍ରଯୁଜ୍ୟ ?

a) 3x + 8y = 0
b) 3x – 8y = 0
c) 8x + 3y = 0
d) 8x = 3y

୪୬) (2, -2) ଓ (-7, 4) ବିନ୍ଦୁଦ୍ୱୟକୁ ସଂଯୋଗ କରୁଥିବା ରେଖାଖଣ୍ଡକୁ 1:2ରେ ବର୍ହିବିଭାଜନ କରୁଥିବା ବିନ୍ଦୁର ସ୍ଥାନାଙ୍କ କେତେ ?

a) (-9, 8)
b) (9, 8)
c) (11, 8)
d) (11, -8)

୪୭) ଯଦି A(a, b), B (b, c) ଓ C (c, a) ଶୀର୍ଷବିନ୍ଦୁ ବିଶିଷ୍ଟ ତ୍ରିଭୁଜର ଭର କେନ୍ଦ୍ରର ସ୍ଥାନାଙ୍କ (0, 0) ହୁଏ ତେବେ $a^3 + b^3 + c^3$ର ମାନ କେତେ ?

a) –3abc
b) 3abc
c) abc
d) – abc

## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. a | 2. c | 3. d | 4. b | 5. a | 6. d | 7. a | 8. c | 9. b | 10. a |
| 11. d | 12. d | 13. d | 14. a | 15. d | 16. d | 17. c | 18. d | 19. b | 20. c |
| 21. b | 22. c | 23. a | 24.d | 25. b | 26. a | 27. a | 28. b | 29. c | 30. a |
| 31. d | 32. b | 33. b | 34. d | 35. c | 36. a | 37. c | 38. c | 39. b | 40. b |
| 41. d | 42. b | 43. c | 44. d | 45. a | 46. c | 47. b | | | |

# ସ୍ଥାନାଙ୍କ ଜ୍ୟାମିତି

## SA – 1 (Subjective Questions)

## (5 ନମ୍ବର ସମ୍ବଳିତ)

### 5 ନମ୍ବର ସମ୍ବଳିତ ପ୍ରଶ୍ନ

1. A (P+1,1), B (2P+1,3) ଓ C(2P+2,2P) ବିନ୍ଦୁଦ୍ୱୟ ଏକରେଖୀୟ ହେଲେ P ର ମାନ ନିର୍ଣ୍ଣୟ କର ।

2. PQRS ଚ଼ତୁର୍ଭୁଜର ଶୀର୍ଷବିନ୍ଦୁ ମାନଙ୍କର ସ୍ଥାନାଙ୍କ ଯଥାକ୍ରମେ (2,1), (4, 2) (5,4) ଓ (3,8) ହେଲେ ଚ଼ତୁର୍ଭୁଜର କ୍ଷେତ୍ରଫଳ ନିର୍ଣ୍ଣୟ କର ।

3. ଯଦି O (0,0) , A (1,2), B (3,8) ଏବଂ C (3,-1) ହୁଏ ତେବେ ଦର୍ଶାଅ ଯେ AB = 2CO

4. ଗୋଟିଏ ତ୍ରିଜୁଜର ବାହୁମାନଙ୍କର ମଧ୍ୟବିନ୍ଦୁର ସ୍ଥାନାଙ୍କ (3 ,1), (5, 6), ଓ (-3, 2) ହେଲେ ତ୍ରିଭୁଜର ଶୀର୍ଷବିନ୍ଦୁର ସ୍ଥାନାଙ୍କ ନିର୍ଣ୍ଣୟ କର ।

5. ଯଦି A (2, -2) ଓ B (3, 7) ରେଖାଖଣ୍ଡକୁ 2x + y – 4 = 0ସରଳରେଖାଟି କେଉଁ ଅନୁପାତରେ ଛେଦ କରିବ ନିର୍ଣ୍ଣୟ କର ।

6. ଗୋଟିଏ ତ୍ରିଭୁଜର ଶୀର୍ଷବିନ୍ଦୁମାନଙ୍କର ସ୍ଥାନାଙ୍କ (0, 4), (0, 0) ଓ (3, 0) ହେଲେ ଏହାର ପରିସୀମା ନିର୍ଣ୍ଣୟ କର ।

7.(-2, 3), ଓ (5, -7) ବିନ୍ଦୁଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ ୩:୪ ଅନୁପାତରେ ଅନ୍ତବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ ନିର୍ଣ୍ଣୟ କର ।

8. ଗୋଟିଏ ତ୍ରିଭୁଜର ଭରକେନ୍ଦ୍ର 'G' ର ସ୍ଥାନାଙ୍କ (1, 3) । ତ୍ରିଭୁଜର ଦୁଇଟି ଶୀର୍ଷର ସ୍ଥାନାଙ୍କ A (-7, 6) ଓ B (8, 5) ହେଲେ ତୃତୀୟ ଶୀର୍ଷ 'C' ର ସ୍ଥାନାଙ୍କ କେତେ ?

9. (1, 5), ଓ (7, 2) ସ୍ଥାନାଙ୍କ ବିଶିଷ୍ଟ ବିନ୍ଦୁଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ ସମତ୍ରିଖଣ୍ଡ କରୁଥିବା ବିନ୍ଦୁଦ୍ୱୟର ସ୍ଥାନାଙ୍କ ନିର୍ଣ୍ଣୟ କର ।

10.P (x, 0), Q (0,y), ଏବଂ R (1,1) ବିନ୍ଦୁତ୍ରୟ ଏକ ରେଖୀୟ ହେଲେ ଦର୍ଶାଅ ଯେ $\frac{1}{x} + \frac{1}{y} = 1$

11.ΔPQR ର ଶୀର୍ଷବିନ୍ଦୁ ଗୁଡ଼ିକର ସ୍ଥାନାଙ୍କ P (4,5), Q (-1,-6), ଏବଂ R (-4,-5) ତ୍ରିଭୁଜର କ୍ଷେତ୍ରଫଳ ସ୍ଥିର କର ।

12.PQR ତ୍ରିଭୁଜର ଶୀର୍ଷବିନ୍ଦୁତ୍ରୟ P (k.2k), Q (-2,6) ଏବଂ R (3,1) ଏବଂଏହାର କ୍ଷେତ୍ରଫଳ 5 ବର୍ଗ ଏକକ ହେଲେ k ର ମାନ ସ୍ଥିର କର ।

13.X- ଅକ୍ଷ ଉପରେ ଏକ ବିନ୍ଦୁର ସ୍ଥାନାଙ୍କ ନିରୁପଣ କର ଯାହା P (2,-5) ଓ Q (-2,9) ବିନ୍ଦୁଦ୍ୱୟ ଠାରୁ ସମଦୂରବର୍ତ୍ତୀ ହେବ ।

14.(3,4) ଓ (-5,8) ବିନ୍ଦୁଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ 2:1 ଅନୁପାତରେ ବହିଃବିଭାଜନ କରୁଥିବା ବିନ୍ଦୁର ସ୍ଥାନାଙ୍କ ନିର୍ଣ୍ଣୟ କର ।

15.(6,-6) , (2,-4) ଓ (3, 3) ବିନ୍ଦୁତ୍ରୟ ମଧ୍ୟ ଦେଇ ଯାଉଥିବା ବୃତ୍ତର କେନ୍ଦ୍ର ନିର୍ଣ୍ଣୟ କର ।

16. ଗୋଟିଏ ସରଳରେଖା Y- ଅକ୍ଷ ଓ X- ଅକ୍ଷକୁ ଯଥାକ୍ରମେ P ଓ Q ବିନ୍ଦୁଦ୍ୱୟରେ ଛେଦ କରେ । ଯଦି PQ ର ମଧ୍ୟବିନ୍ଦୁର ସ୍ଥାନାଙ୍କ (2,-5) ହୁଏ ତେବେ P ଓ Q ର ସ୍ଥାନାଙ୍କ ନିର୍ଣ୍ଣୟ କର ।

17. ଦର୍ଶାଅ ଯେ (1,1), (-1,-1) , ($-\sqrt{3},\sqrt{3}$) ବିନ୍ଦୁଗୁଡ଼ିକ ଏକ ସମବାହୁ $\Delta$ ଗଠନ କରିବ ।

18. A (0,-1), B (-2, 3), C (6,7) ଓ D (8,3) ଏକ ଚତୁର୍ଭୁଜର ଚାରୋଟି ଶୀର୍ଷ ବିନ୍ଦୁ ହେଲେ ପ୍ରମାଣ କର ଯେ, ABCD ଏକ ଆୟତ ଚିତ୍ର ।

19. ଗୋଟିଏ ସମବାହୁ ତ୍ରିଭୁଜର ଦୁଇ ଶୀର୍ଷ ବିନ୍ଦୁର ସ୍ଥାନାଙ୍କ (0,3) ଓ (4,3) ହେଲେ ତୃତୀୟ ଶୀର୍ଷ ବିନ୍ଦୁର ସ୍ଥାନାଙ୍କ ସ୍ଥିର କର ।

20. P (-3, 10) ଓ Q (6, -8) ବିନ୍ଦୁ ଦ୍ୱୟକୁ ସଂଯୋଗ କରୁଥିବା ରେଖା ଖଣ୍ଡକୁ କେଉଁ ଅନୁପାତରେ ଅନ୍ତର୍ବିଭକ୍ତ କଲେ, ଅନ୍ତର୍ବିଭକ୍ତ ବିନ୍ଦୁର ସ୍ଥାନାଙ୍କ R (-1,6) ହେବ ।

21. (x,y), (3,4) ଓ (-5, -6) ବିନ୍ଦୁ ତ୍ରୟ ଏକ ରେଖୀୟ ହେଲେ ପ୍ରମାଣ କରେ ଯେ, 5x- 4y+1 = 0

22. ଯଦି A (1,2), B (4, y), C (x,6) ଏବଂ D (3,5) ବିନ୍ଦୁମାନ ଏକ ABCD ସମାନ୍ତରିକ ଚିତ୍ରର ଶୀର୍ଷବିନ୍ଦୁ ହୁଅନ୍ତି, ତେବେ x ଓ y ର ମାନ ନିରୂପଣ କର ।

23. ଯଦି (5, 9) ବିନ୍ଦୁଟି(7,-3) ଓ (4, k) କୁ ସଂଯୋଗ କରୁଥିବା ରେଖାଖଣ୍ଡକୁ 2:1 ଅନୁପାତରେ ଅନ୍ତର୍ବିଭକ୍ତ କରେ, ତେବେ k ର ମୂଲ୍ୟ ନିର୍ଣ୍ଣୟ କର ।

24. ଗୋଟିଏ ରେଖାଖଣ୍ଡର ଦୁଇ ଶୀର୍ଷ ବିନ୍ଦୁର ସ୍ଥାନାଙ୍କ (2,-3) ଓ (5,6) ଏହା x – ଅକ୍ଷ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହେଲେ, ସେ ଭାଗ ଦ୍ୱୟର ଅନୁପାତ ନିର୍ଣ୍ଣୟ କର ।

# ANSWERS

1. A (P + 1, 1), B (2P + 1, 3) ଓ C (2P + 2, 2P) ବିନ୍ଦୁ
ତ୍ରୟ ଏକ ରେଖୀୟ ହେବେ, ଯଦି A, B ଓ C ଶୀର୍ଷବିନ୍ଦୁ ବିଶିଷ୍ଟ ତ୍ରିଭୁଜର କ୍ଷେତ୍ରଫଳ O ହେବ

ମନେକର $(x_1, y_1) = (P + 1, 1)$

$(x_2, y_2) = (2P + 1, 3)$

$(x_3, y_3) = (2P + 2, 2P)$

$\therefore \Delta ABC$ ର କ୍ଷେତ୍ରଫଳ = 0

⇨ $\frac{1}{2}|x_1(y_2 - y_3) + x_2(y_3 - y_1) + x_3(y_1 - y_2)| = 0$

⇨ $\frac{1}{2}|(P + 1)(3 - 2P) + (2P + 1)(2P - 1) + (2P + 2)(1 - 3)| = 0$

⇨ $\frac{1}{2}|3P + 3 - 2P^2 - 2P + 4P^2 - 1 - 4P - 4| = 0$

⇨ $\frac{1}{2}|3P + 2P^2 - 6P + 3 - 5| = 0$

⇨ $\frac{1}{2}|2P^2 - 3P - 2| = 0$

⇨ $2P^2 - 4P + P - 2 = 0$

⇨ $2P(P-2) + 1(P-2) = 0$
⇨ $(P-2)(2P+1) = 0$
⇨ $2P + 1 = 0$ or $P - 2 = 0$
⇨ $P = -\frac{1}{2}$ ⇨ $P = 2$

2. $\Delta PQR$ ର କ୍ଷେତ୍ରଫଳ

$= \frac{1}{2}|2(2-4) + 4(4-1) + 5(1-2)|$

$= \frac{1}{2}|2(-2) + 4(3) + 5(-1)|$

$= \frac{1}{2}|-4 + 12 - 5|$

$= \frac{1}{2}|3| = \frac{3}{2}$ ବର୍ଗ ଏକକ




$\Delta PRS$ ର କ୍ଷେତ୍ରଫଳ

$= \frac{1}{2}|2(4-3) + 5(3-1) + 3(1-4)|$

$= \frac{1}{2}|2(1) + 5(2) + 3(-3)|$

$= \frac{1}{2}|2 + 10 - 9|$

$= \frac{1}{2}|3| = \frac{3}{2}$ ବର୍ଗ ଏକକ

∴ PQRS ଚତୁର୍ଭୁଜର କ୍ଷେତ୍ରଫଳ = $\Delta PQR$ କ୍ଷେତ୍ରଫଳ + $\Delta PRS$ର କ୍ଷେତ୍ରଫଳ

$= \frac{3}{2} + \frac{3}{2} = \frac{6}{2} = 3$ ବର୍ଗ ଏକକ ।

3. O (0, 0), A (1, 2), B (3, 8) ଏବଂ C (3, -1)

$AB = \sqrt{(8-2)^2 + (3-1)^2}$

$= \sqrt{(6)^2 + (2)^2}$

$= \sqrt{36 + 4}$

$= \sqrt{40} = 2\sqrt{10}$ ---------- (i)

$CO = \sqrt{(3-0)^2 + (-1-0)^2}$

$= \sqrt{(3)^2 + (-1)^2}$

$= \sqrt{9 + 1}$

$= \sqrt{10}$ ---------- (ii)

$eq^n$ (i) ଓ (ii) ରୁ ଜଣାଗଲା ଯେ,

$AB = 2\sqrt{10}$

⇨ $AB = 2 \times CO$

⇨ $AB = 2CO$

4. ମନେକର $\Delta ABC$ର 'A' ବିନ୍ଦୁର ସ୍ଥାନାଙ୍କ $(x_1, y_1)$, 'B'ର ସ୍ଥାନାଙ୍କ $(x_2, y_2)$ ଓ 'C' ବିନ୍ଦୁର ସ୍ଥାନାଙ୍କ $(x_3, y_3)$ ଏବଂ D (3, 1), E (5, 6) ଓ F (-3, 2) ଯଥାକ୍ରମେ $\overline{BC}$, $\overline{CA}$ଓ $\overline{AB}$ ବାହୁ ତ୍ରୟର ମଧ୍ୟବିନ୍ଦୁ ଅଟନ୍ତି ।

⇨ $\frac{x_2 + x_3}{2} = 3$

⇨ $x_2 + x_3 = 6$ ---------- (i)

ଓ ⇨ $\frac{y_2 + y_3}{2} = 1$

⇨ $y_2 + y_3 = 2$ ---------- (ii)



⇨ $\frac{x_3 + x_1}{2} = 5$ ⇨ $x_3 + x_1 = 10$ ---------- (iii)
ଓ ⇨ $\frac{y_3 + y_1}{2} = 6$ ⇨ $y_3 + y_1 = 12$ ---------- (iv)

B $(x_2, y_2)$ D (3, 1) C $(x_3, y_3)$

⇨ $\frac{x_1 + x_2}{2} = -3$ ⇨ $x_1 + x_2 = -6$ ---------- (v)
ଓ ⇨ $\frac{y_1 + y_2}{2} = 2$ ⇨ $y_1 + y_2 = 4$ ---------- (vi)
ସମୀକରଣ (i), (iii) ଓ (v) କୁ ଯୋଗ କଲେ,
$2 (x_1 + x_2 + x_3) = 10$
⇨ $x_1 + x_2 + x_3 = 10/2 = 5$ ---------- (vii)

$x_1 + x_2 + x_3 = 5$
⇨ $x_1 + 5 = 5$
⇨ $x_1 = 5 – 6 = –1$
$x_1 + x_2 + x_3 = 5$
⇨ $x_2 + 10 = 5$
⇨ $x_2 = 5 – 10 = –5$
$x_1 + x_2 + x_3 = 5$
⇨ $–6 + x_3 = 5$
⇨ $x_3 = 5 + 6 = 11$
(ii), (iv) ଓ (vi) କୁ ଯୋଗ କଲେ,
$2 (y_1 + y_2 + y_3) = 18$
⇨ $y_1 + y_2 + y_3 = 9$ ---------- (viii)
(ii), (iv) ଓ (vi) କୁ ପୃଥକ୍ ଭାବେ (viii) ରୁ ବିୟୋଗ କଲେ,
$y_1 = 7$, $y_2 = -3$ ଓ $y_3 = 5$
∴ A ର ସ୍ଥାନାଙ୍କ (-1, 7), Bର ସ୍ଥାନାଙ୍କ (-5, -3), Cର ସ୍ଥାନାଙ୍କ (11, 5) (ଉତ୍ତର)

5. ମନେକର 2x + y – 4 = 0 ସରଳରେଖାଟିଏ AB କୁ k:1 ଅନୁପାତରେ ‘C’ ବିନ୍ଦୁରେ ଛେଦ କରେ ।
ଏଠାରେ A (2, -2), B (3, 7)
⇨ C ବିନ୍ଦୁର ସ୍ଥାନାଙ୍କ $\left(\frac{3k+2}{k+1}, \frac{7k-2}{k+1}\right)$
କିନ୍ତୁ C ବିନ୍ଦୁଟି 2x + y – 4 = 0 ସରଳରେଖା ଉପରେ ଅବସ୍ଥିତ ହେତୁ
⇨ $2\left(\frac{3k+2}{k+1}\right) + \frac{7k-2}{k+1} - 4 = 0$
⇨ $\frac{6k+4}{k+1} + \frac{7k-2}{k+1} - 4 = 0$
⇨ $\frac{6k+4+7k-2-4k-4}{k+1} = 0$
⇨ $\frac{9k-2}{k+1} = 0$
⇨ $9k – 2 = 0$
⇨ $9k = 2$
⇨ $k = \frac{2}{9}$
∴ ନିର୍ଣ୍ଣୟ ଅନୁପାତ $k : 1 = \frac{2}{9} : 1 = 2 : 9$

6. $\Delta ABC$ ର A ର ସ୍ଥାନାଙ୍କ (0, 4)

B ର ସ୍ଥାନାଙ୍କ (0, 0)

C ର ସ୍ଥାନାଙ୍କ (3, 0)

$AB = \sqrt{(0-0)^2 + (0-4)^2}$

$= \sqrt{0 + (-4)^2}$

$= \sqrt{0+16}$

$= \sqrt{16} = 4$ଏକକ

$BC = \sqrt{(3-0)^2 + (0-0)^2} = \sqrt{9} = 3$ ଏକକ

$CA = \sqrt{(3-0)^2 + (0-4)^2}$

$= \sqrt{9+16} = \sqrt{25} = 5$ ଏକକ

$\therefore \Delta$ର ପରିସୀମା = AB + BC + CA

= 4 + 3 + 5 = 12 ଏକକ ।

7. ରେଖାଖଣ୍ଡକୁ 3 : 4 ଅନୁପାତରେ ଅନ୍ତର୍ବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ (x, y) ହେଉ ।

ଏଠାରେ $(x_1, y_1) = (-2, 3)$

$(x_2, y_2) = (5, -7)$

ଏବଂ m : n = 3 : 4

$x = \frac{3 \times 5 + 4\,(-2)}{3+4} = \frac{15-8}{7} = \frac{7}{7} = 1$

$y = \frac{3\,(-7) + 4\,(3)}{3+4} = \frac{-21+12}{7} = \frac{-9}{7}$

$\therefore$ ଅନ୍ତର୍ବିଭକ୍ତ ବିନ୍ଦୁର ସ୍ଥାନାଙ୍କ = $(1, \frac{-9}{7})$




8. $\Delta ABC$ ର ଶୀର୍ଷତ୍ରୟ A (-7, 6), B (8, 5) ଓ C (a, b)

$\overline{AM}$ ମଧ୍ୟମା ଓ G ଭରକେନ୍ଦ୍ରର ସ୍ଥାନାଙ୍କ (1,3)

$\therefore \frac{a-7+8}{3} = 1$ ଏବଂ $\frac{b+6+5}{3} = 3$

⇨ a – 7 + 8 = 3 ⇨ b + 11 = 9

⇨ a + 1 = 3 ⇨ b = 9 – 11

⇨ a = 3 – 1 = 2 ⇨ b = – 2

$\therefore$ C ଶୀର୍ଷର ସ୍ଥାନାଙ୍କ (2, – 2)

9. ମନେକର $\overline{AB}$ ର A ଓ B ବିନ୍ଦୁର ସ୍ଥାନାଙ୍କ ଯଥାକ୍ରମେ (1, 5) ଓ (7, 2)

ମନେକର $\overline{AB}$ କୁ ସମତ୍ରିଖଣ୍ଡ କରୁଥିବା ବିନ୍ଦୁ ଦ୍ୱୟ P ଓ Q

$\therefore$ AQ : BQ = 2 : 1

$\therefore$ Q ବିନ୍ଦୁର ସ୍ଥାନାଙ୍କ = $\left(\frac{mx_2+nx_1}{m+n}, \frac{my_2+ny_1}{m+n}\right)$

$= \left(\frac{2\times 7+1\times 1}{3}, \frac{2\times 2+1\times 5}{3}\right)$

$= \left(\frac{14+1}{3}, \frac{4+5}{3}\right)$

$= \left(\frac{15}{3}, \frac{9}{3}\right) = (5, 3)$

‘P’ ବିନ୍ଦୁଟି AQ କୁ ସମଦ୍ୱିଖଣ୍ଡକରେ ।

∴ P ବିନ୍ଦୁର ସ୍ଥାନାଙ୍କ = $\left(\frac{1+5}{2}, \frac{5+3}{2}\right)$

$= \left(\frac{6}{2}, \frac{8}{2}\right)$ = (3, 4)

∴ (1, 5) ଓ (7, 2) ସ୍ଥାନାଙ୍କ ବିଶିଷ୍ଟ ବିନ୍ଦୁ ଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ ସମତ୍ରିଖଣ୍ଡ କରୁଥିବା ବିନ୍ଦୁ ଦ୍ୱୟର ସ୍ଥାନାଙ୍କ (3, 4) ଓ (5, 3) ।

10. P (x, 0), Q (0, y) ଏବଂ R (1, 1) ଏକ ରେଖୀୟ ହେଲେ ΔPQR ର କ୍ଷେତ୍ରଫଳ 0 ସହ ସମାନ ହେବ ।

$$\frac{1}{2}|x\,(y-1) + 0(1-0) + 1(0-y)| = 0$$

⇨ xy – x – y = 0

⇨ xy = x + y

⇨ x + y = xy

⇨ $\frac{x+y}{xy} = 1$

⇨ $\frac{x}{xy} + \frac{y}{xy} = 1$

⇨ $\frac{1}{y} + \frac{1}{x} = 1$ (proved)

11. ΔPQR ର P (4, 5), Q (-1, -6) ଓ R (-4, -5)

ΔPQRର କ୍ଷେତ୍ରଫଳ =

$= \frac{1}{2}|4\,(-6+5) + (-1)(-5-5) + (-4)(5+6)|$

$= \frac{1}{2}|4(-1) + (-1)(-10) + (-4)(11)|$

$= \frac{1}{2}|(-4) + 10 - 44|$

$= \frac{1}{2}|-48 + 10|$

$= \frac{1}{2}|-38|$

$= \frac{1}{2} \times 38$ = 19ବର୍ଗ ଏକକ

12. ΔPQR ର P (k, 2k), a (-2, 6) ଓ R (3, 1)

ΔPQRର କ୍ଷେତ୍ରଫଳ

$= \frac{1}{2}|k\,(6-1) + (-2)(1-2k) + 3(2k-6)|$

⇨ 5 $= \frac{1}{2}|5k + 4k - 2 + 6k - 18|$

⇨ 10 $= |15k - 20|$

⇨ 15k = 30

⇨ k $= \frac{30}{15} = 2$

ଯଦି 15k – 20 > 0ତେବେ $|15k - 20|$ = 15k – 20

ଯଦି 15k – 20 < 0ତେବେ$|15k - 20|$ = 20 – 15k

∴ 10 = – 15k + 20

⇨ 15k = 10

⇨ k $= \frac{10}{15} = \frac{2}{3}$

13. P (2, -5) ଓ Q (-2, 9)

ମନେକର X – ଅକ୍ଷ ଉପରିସ୍ଥ ବିନ୍ଦୁର ସ୍ଥାନାଙ୍କ R (x, 0)

$\therefore$ PR = QR

➯ $PR^2 = QR^2$

➯ $(x-2)^2 + (0+5)^2 = (x+2)^2 + (0-9)^2$

➯ $25 + (x-2)^2 = (x+2)^2 + 81$

➯ $25 - 81 = (x+2)^2 - (x-2)^2$

➯ $-56 = 4 \times x \times 2$

➯ $-56 = 8x$

➯ $x = \frac{-56}{8} = -7$

$\therefore$ ନିର୍ଣ୍ଣୟ ବିନ୍ଦୁଟି R (-7, 0)

14. ରେଖାଖଣ୍ଡକୁ 2 : 1 ଅନୁପାତରେ ବର୍ହିବିଭାଜନ କରୁଥିବା ବିନ୍ଦୁର ସ୍ଥାନାଙ୍କ (x, y) ହେଉ ।

ଏଠାରେ $(x_1, y_1) = (3, 4)$

$(x_2, y_2) = (-5, 8)$

ଏବଂ m : n = 2 : 1

$x = \frac{mx_2 - nx_1}{m-n} = \frac{2 \times (-5) - 1(3)}{2-1} = \frac{-10-3}{1} = \frac{-13}{1} = -13$

$y = \frac{my_2 - ny_1}{m-n} = \frac{2 \times 8 - 1(4)}{1} = \frac{16-4}{1} = \frac{12}{1} = 12$

ବର୍ହି ବିଭାଜନ କରୁଥିବା ବିନ୍ଦୁର ସ୍ଥାନାଙ୍କ (-13, 12)

15. ମନେକର ବୃତ୍ତର କେନ୍ଦ୍ରବିନ୍ଦୁ Pରସ୍ଥାନାଙ୍କ (x, y) ଓ A (6, -6), B (3, -7) ଓ C (3, 3)

$\because$ PA = PB = PC

PA = PB

➯ $PA^2 = PB^2$

➯ $(x-6)^2 + (y+6)^2 = (x-3)^2 + (y+7)^2$

➯ $x^2 + 36 - 12x + y^2 + 36 + 12y = x^2 + 9 - 6x + y^2 + 49 + 14y$

➯ $-12x + 6x + 12y - 14y = 58 - 72$

➯ $-6x - 2y = -14$

➯ $-2(3x + y - 7) = 0$

➯ $3x + y - 7 = 0$ ---------- (i)




ପୁନଶ୍ଚ BP = CP

➯ $BP^2 = CP^2$

➯ $(x-3)^2 + (y+7)^2 = (x-3)^2 + (y-3)^2$

➯ $x^2 + 9 - 6x + y^2 + 49 + 14y = x^2 + 9 - 6x + y^2 + 9 - 6y$

➯ $-6x + 14y + 58 = -6x - 6y + 18$

➯ $-6x + 6x + 14y + 6y + 58 - 18 = 0$

➯ $20y + 40 = 0$

➯ $20y = -40$

➯ $y = \frac{-40}{20} = -2$

yର ମୂଲ୍ୟକୁ ସମୀକରଣ (i) ରେ ପ୍ରୟୋଗ କଲେ,

$3x + y - 7 = 0$

$\Rightarrow 3x + (-2) - 7 = 0$

$\Rightarrow 3x - 9 = 0$

$\Rightarrow x = \frac{9}{3} = 3$

କେନ୍ଦ୍ର ବିନ୍ଦୁର ସ୍ଥାନାଙ୍କ (3, -2)

16. ଏକ ସରଳରେଖା $\overleftrightarrow{MN}$Y ଅକ୍ଷକୁ P ବିନ୍ଦୁରେ ଓ X ଅକ୍ଷକୁ Q ବିନ୍ଦୁରେ ଛେଦ କରେ ।

P ବିନ୍ଦୁର ସ୍ଥାନଙ୍କ (0, y)

Q ବିନ୍ଦୁର ସ୍ଥାନଙ୍କ (x, 0)

PQ ର ମଧ୍ୟବିନ୍ଦୁ R ହେଉ ଯାହାର ସ୍ଥାନାଙ୍କ (2, -5)




ଅର୍ଥାତ୍ $\frac{x+0}{2} = 2$

$\Rightarrow x + 0 = 4$

$\Rightarrow x = 4$

ଏବଂ $\frac{0+y}{2} = (-5)$

$\Rightarrow \frac{y}{2} = -5$

$\Rightarrow y = -10$

$\therefore$ P ବିନ୍ଦୁର ସ୍ଥାନାଙ୍କ (0, –10) ଓ Q ବିନ୍ଦୁର ସ୍ଥାନାଙ୍କ (4, 0) ଅଟେ ।

17. ମନେକର A (1, 1), B (–1, –1) ଓ C (–√3, √3)

$AB^2 = (-1-1)^2 + (-1-1)^2 = (-2)^2 + (-2)^2$

$= 4 + 4 = 8$

$BC^2 = \{\sqrt{3}-(-1)\}^2 + \{-\sqrt{3}-(-1)\}^2$

$= (\sqrt{3}+1)^2 + \{-\sqrt{3}+1\}^2$

$= (\sqrt{3}+1)^2 + \{-(\sqrt{3}-1)\}^2$

$= (\sqrt{3}+1)^2 + (\sqrt{3}-1)^2$

$= 2\{(\sqrt{3})^2 + (1)^2\}$

$= 2(3 + 1) = 2 \times 4 = 8$

$AC^2 = (-\sqrt{3} - 1)^2 + (\sqrt{3} - 1)^2$

$= (\sqrt{3}-1)^2 + \{-(\sqrt{3}+1)\}^2$

$= (\sqrt{3}-1)^2 + (\sqrt{3}+1)^2$

$= 2\{(\sqrt{3})^2 + (1)^2\}$

$= 2(3 + 1) = 2 \times 4 = 8$

ଏଠାରେ $AB^2 = BC^2 = AC^2$

$\Rightarrow AB = BC = AC$

∆ABC ଏକ ସମବାହୁ∆

18. $AB = \sqrt{(-2)^2 + (3+1)^2}$

$= \sqrt{4 + 16}$

$= \sqrt{20}$ ଏକକ




$CD = \sqrt{(8-6)^2 + (3-7)^2}$

$= \sqrt{(2)^2 + (-4)^2}$

$= \sqrt{4 + 16}$

$= \sqrt{20}$ ଏକକ

AC $= \sqrt{(6-0)^2 + (7+1)^2}$ B (-2, 3) C (6, 7)

$= \sqrt{36+64}$

$= \sqrt{100} = 10$ ଏକକ

BC $= \sqrt{(6+2)^2 + (7-3)^2}$

$= \sqrt{(8)^2 + (4)^2}$

$= \sqrt{64+16}$

$= \sqrt{80}$ ଏକକ

AD $= \sqrt{(8-0)^2 + (3+1)^2}$

$= \sqrt{(8)^2 + (4)^2}$

$= \sqrt{64+16}$

$= \sqrt{80}$ ଏକକ

BD $= \sqrt{(8+2)^2 + (3-3)^2}$

$= \sqrt{(10)^2 + (0)^2}$

$= \sqrt{100+0}$

$= \sqrt{100} = 10$ ଏକକ

ସୁତରାଂ $\overline{AB} = \overline{CD}, \overline{AD} = \overline{BC}$

ଏବଂ କର୍ଣ୍ଣ $\overline{AC} = \overline{BD}$

$\therefore$ ABCD ଏକ ଆୟତଚିତ୍ର ।

19. ସ୍ଥାନାଙ୍କ C (x, y)

ମନେକର A (0, 3) ଏବଂ B (4, 3)

$\Delta ABC$ ରେ AB = AC = BC

⇨ $AB^2 = AC^2 = BC^2$

$AC^2 = BC^2$

⇨ $(3-y)^2 + (0-x)^2 = (3-y)^2 + (4-x)^2$

⇨ $(0-x)^2 = (4-x)^2$

⇨ $x^2 = 16 + x^2 - 8x$

⇨ $8x = 16$

⇨ $x = \frac{16}{8} = 2$ ---------- (i)

ପୁନଶ୍ଚ $AB^2 = AC^2$

⇨ $(3-3)^2 + (4-0)^2 = (3-y)^2 + (4-x)^2$

⇨ $0 + 16 = 9 + y^2 - 6y + (4-2)^2$

(xର ମାନ 2 ନେଲେ)

⇨ $16 = 9 + y^2 - 6y + 4$

⇨ $y^2 - 6y - 3 = 0$

⇨ $y = \frac{-(-6) \pm \sqrt{36-(-12)}}{2 \times 1}$

$= \frac{6 \pm \sqrt{36+12}}{2}$

$= \frac{6 \pm \sqrt{48}}{2}$

$= \frac{6 \pm 4\sqrt{3}}{2}$
$= \frac{2(3 \pm 2\sqrt{3})}{2}$
$= 3 \pm 2\sqrt{3}$

∴ C ବିନ୍ଦୁର ସ୍ଥାନାଙ୍କ $(2, 3 \pm 2\sqrt{3})$

20. ମନେକର ଅନୁପାତଟି k : 1

$x = \frac{mx_2+nx_1}{m+n}$ ଏବଂ $y = \frac{my_2+ny_1}{m+n}$

⇨ $-1 = \frac{k \times 6 + 1(-3)}{k+1}$ ଏବଂ ⇨ $6 = \frac{k(-8)+1(10)}{k+1}$

⇨ $-k - 1 = 6k - 3$ ଏବଂ ⇨ $6k + 6 = -8k + 10$

⇨ $6k + k = -1 + 3$ ଏବଂ ⇨ $6k + 8k = 10 - 6$

⇨ $7k = 2$ ଏବଂ ⇨ $14k = 4$

⇨ $k = \frac{2}{7}$ ଏବଂ ⇨ $k = \frac{4}{14} = \frac{2}{7}$

∴ ନିର୍ଣ୍ଣୟ ଅନୁପାତଟି k : 1

⇨ $\frac{2}{7} : 1$
⇨ 2 : 7

21. A(x, y), B (3, 4) ଓ C (-5, -6) ବିନ୍ଦୁତ୍ରୟ ଏକରେଖୀୟ ହେଲେ A, B, C ଶୀର୍ଷବିନ୍ଦୁ ବିଶିଷ୍ଟ ତ୍ରିଭୁଜର କ୍ଷେତ୍ରଫଳ 0 ହେବ

ମନେକର $(x_1, y_1) = (x, y)$
$(x_2, y_2) = (3, 4)$
$(x_3, y_3) = (-5, -6)$

∴ ABC ର କ୍ଷେତ୍ରଫଳ = 0

⇨ $\frac{1}{2}|x(4+6) + 3(-6-y) - 5(y-4)| = 0$
⇨ 10x – 18 – 3y – 5y + 20 = 0
⇨ 10x – 8y + 2 = 0
⇨ 2 (5x – 4y + 1) = 0
⇨ 5x – 4y + 1 = 0 (proved)

22. $\overline{AC}$ଓ $\overline{BD}$ ପରସ୍ପରକୁ ସମଦ୍ୱିଖଣ୍ଡକରିବେ । ଅର୍ଥାତ୍ $\overline{AC}$ଓ $\overline{BD}$ର ମଧ୍ୟବିନ୍ଦୁP

⇨ $\left(\frac{x+1}{2}, \frac{6+2}{2}\right) = \left(\frac{4+3}{2}, \frac{y+5}{2}\right)$

⇨ $\frac{x+1}{2} = \frac{7}{2}$ ଏବଂ ⇨ $\frac{y+5}{2} = \frac{8}{2}$

⇨ x + 1 = 7 ଏବଂ ⇨ y + 5 = 8

⇨ x = 7–1= 6 ଏବଂ ⇨ y = 8 – 5 = 3




23. ରେଖାଖଣ୍ଡକୁ ଅନ୍ତର୍ବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ (x, y) = (5, 9)

ଏଠାରେ $(x_1, y_1) = (7, -3)$

$(x_2, y_2) = (4, k)$ ଏବଂ

$m : n = 2 : 1$

$\because\ y = \frac{my_2+ny_1}{m+n}$

➩$9 = \frac{2 \times k+1 \times (-3)}{2+1}$

$$= \frac{2k-3}{3}$$

➩$27 = 2k - 3$

➩$2k = 27 + 3 = 30$

➩$k = \frac{30}{2} = 15$

➩$k = 15$

24. ମନେକର ଭାଗ ଦ୍ୱୟର ଅନୁପାତ $k : 1$

➩ $k : 1$ ଅନୁପାତରେ ବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ

$$\left(\frac{2k + 5}{k+1}, \frac{-3k+6}{k+1}\right)$$

ଉକ୍ତ ବିନ୍ଦୁଟି $x$ ଅକ୍ଷ ଉପରେ ଅବସ୍ଥିତ ଓ $x$ ଅକ୍ଷର $y$ ସ୍ଥାନାଙ୍କ = 0

$$\frac{-3k+6}{k+1} = 0$$

➩ $-3k + 6 = 0$

➩ $-3k = -6$

➩ $k = \frac{6}{3} = 2$

$\therefore$ X- ଅକ୍ଷ ଦ୍ୱାରା ବିଭକ୍ତ ହୋଇଥିବା ଅନୁପାତ 2 : 1 ।

# Geometry, Class-X

# ବୃତ୍ତ

**(CIRCLE)**

**ସଂଜ୍ଞା :** ଗୋଟିଏ ସମତଳରେ ଅବସ୍ଥିତ କୌଣସି ଏକ ଦତ୍ତ ବିନ୍ଦୁଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ଉକ୍ତ ସମତଳରେ ଅବସ୍ଥିତ ସମସ୍ତ ବିନ୍ଦୁର ସେଟ୍‌କୁ ବୃତ୍ତ କୁହାଯାଏ ।

ଜ୍ୟା **(Chord) :** ବୃତ୍ତର ଦୁଇଟି ପୃଥକ୍ ବିନ୍ଦୁର ସଂଯୋଜକ ରେଖାଖଣ୍ଡକୁ ବୃତ୍ତର ଏକ ଜ୍ୟା କୁହାଯାଏ ।

ବ୍ୟାସ **(Diameter) :** ଯେଉଁ ଜ୍ୟାରେ ବୃତ୍ତର କେନ୍ଦ୍ର ଅବସ୍ଥିତ ସେହି ଜ୍ୟାକୁ ବୃତ୍ତର ଏକ ବ୍ୟାସ କୁହାଯାଏ ।

ଉପପାଦ୍ୟ - ୭

ବୃତ୍ତର କେନ୍ଦ୍ରରୁ ଏହାର ବ୍ୟାସ ଭିନ୍ନ ଏକ ଜ୍ୟା ପ୍ରତି ଅଙ୍କିତ ଲମ୍ବ ଉକ୍ତ ଜ୍ୟାକୁ ସମଦ୍ୱିଖଣ୍ଡ କରେ ।

ଉପପାଦ୍ୟ - ୮

ଗୋଟିଏ ବୃତ୍ତର ସମାନ ଦୈର୍ଘ୍ୟ ବିଶିଷ୍ଟ ଜ୍ୟାମାନେ କେନ୍ଦ୍ରଠାରୁ ସମଦୂରବର୍ତ୍ତୀ ।

ଉପପାଦ୍ୟ - ୯

ଗୋଟିଏ ବୃତ୍ତର ଦୁଇଟି ସର୍ବସମ ଜ୍ୟା କେନ୍ଦ୍ରଠାରେ ଯେଉଁ କୋଣ ଉତ୍ପନ୍ନ କରନ୍ତି ସେମାନେ ସର୍ବସମ ।

ଉପପାଦ୍ୟ - ୧୦

ଗୋଟିଏ ବୃତ୍ତରେ ଦୁଇଟି ସର୍ବସମ ଚାପ ସହ ସମ୍ପୃକ୍ତ ଜ୍ୟାଦ୍ୱୟ ସର୍ବସମ ।

ଉପପାଦ୍ୟ - ୧୧

ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜର ବିପରୀତ କୋଣମାନ ପରସ୍ପର ପରିପୂରକ ।

# ବୃତ୍ତ (Circle)

## MCQ

୧) ଗୋଟିଏ ରେଖାଖଣ୍ଡ ସର୍ବାଧିକ _____ଟି ବୃତ୍ତର ଜ୍ୟା ହୋଇପାରିବ ?

a) 1
b) 2
c) 4
d) ଅସଂଖ୍ୟ

୨) ଗୋଟିଏ ରେଖାଖଣ୍ଡ ସର୍ବାଧିକ _______ଟି ବୃତ୍ତର ବ୍ୟାସାର୍ଦ୍ଧ ହୋଇପାରିବ ?

a) 1
b) 2
c) 3
d) ଅସଂଖ୍ୟ

୩) ଗୋଟିଏ ରେଖାଖଣ୍ଡ ସର୍ବାଧିକ _______ଟି ବୃତ୍ତର ବ୍ୟାସ ହୋଇପାରିବ ?

a) 1
b) 2
c) 3
d) ଅସଂଖ୍ୟ

୪) ବୃତ୍ତର ପ୍ରତ୍ୟେକ ବିନ୍ଦୁ କେତୋଟି ଜ୍ୟାର ପ୍ରାନ୍ତବିନ୍ଦୁ ହୋଇବ ?

a) 1
b) 2
c) ଅସଂଖ୍ୟ
d) 3

୫) ଏକ କ୍ଷୁଦ୍ରଚାପ ମଧ୍ୟରେ ଅନ୍ତର୍ଲିଖିତ କୋଣର ପରିମାଣ ସର୍ବଦା ଏକ କେଉଁ ପ୍ରକାର କୋଣ ହେବ ?

a) ସ୍ଥୁଳକୋଣ
b) ସମକୋଣ
c) ସୂକ୍ଷ୍ମକୋଣ
d) ପ୍ରବୃଦ୍ଧ କୋଣ

୬) ବୃତ୍ତର ଏକ ଉପସେଟ୍‌କୁ କ'ଣ କୁହାଯାଏ ?

a) ଚାପ
b) ବୃତ୍ତକଳା
c) ବୃତ୍ତଖଣ୍ଡ
d) ଗୋଲକ

୭) ଗୋଟିଏ ବୃତ୍ତରେ ଦୁଇଟିଚାପର ଏକ ସାଧାରଣ ପ୍ରାନ୍ତବିନ୍ଦୁ ଥିଲେ, ଚାପ ଦୁଇଟି କ'ଣ ହେବ ?

a) ପରିପୂରକ ଚାପ
b) ପ୍ରାନ୍ତବିନ୍ଦୁ ଚାପ
c) ସନ୍ନିହିତ ଚାପ
d) କୋଣସିଟି ନୁହେଁ

୮) ଏକ ଟ୍ରାପିଜିୟମର ଅସମାନ୍ତର ବାହୁଦ୍ୱୟ ସର୍ବସମ ହେଲେ ଟ୍ରାପିଜିୟମଟି କ'ଣ ହେବ ?

a) ବୃତ୍ତାନ୍ତର୍ଲିଖିତ
b) ଆୟତଚିତ୍ର
c) ବର୍ଗଚିତ୍ର
d) ରମ୍ବସ

୯) ଗୋଟିଏ ବିନ୍ଦୁ ସର୍ବାଧିକ କେତୋଟି ବୃତ୍ତର କେନ୍ଦ୍ର ହୋଇପାରିବ ?

a) 1
b) 2
c) 3
d) ଅସଂଖ୍ୟ

୧୦) ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜର ବାହୁମାନେ କେନ୍ଦ୍ରଠାରୁ ସମଦୂରବର୍ତ୍ତୀ ହେଲେ, ଚତୁର୍ଭୂଜଟି କ'ଣ ହେବ ?

a) ସାମନ୍ତରିକ ଚିତ୍ର
b) ଆୟତ ଚିତ୍ର

c) ବର୍ଗଚିତ୍ର

d) ରମ୍ବସ

୧୧) ବୃତ୍ତାନ୍ତର୍ଲିଖିତ ସାମନ୍ତରିକ ଚିତ୍ର ଏକ _______

a) ରମ୍ବସ

b) ବର୍ଗଚିତ୍ର

c) ଆୟତ ଚିତ୍ର

d) ଟ୍ରାପିଜିୟମ୍

୧୨) ବୃତ୍ତାନ୍ତର୍ଲିଖିତ ରମ୍ବସ ଏକ _______

a) ରମ୍ବସ

b) ବର୍ଗଚିତ୍ର

c) ସାମନ୍ତରିକ ଚିତ୍ର

d) ଆୟତ ଚିତ୍ର

୧୩) ଗୋଟିଏ ବୃତ୍ତରେ ଏକ ଜ୍ୟାର ଦୈର୍ଘ୍ୟ ବ୍ୟାସାର୍ଦ୍ଧ ସହ ସମାନ ହେଲେ ଉକ୍ତ ଜ୍ୟା ଦ୍ୱାରା ଛେଦିତ ବୃହତ୍ ଚାପର ଅନ୍ତର୍ଲିଖିତ କୋଣର ପରିମାଣ କେତେ ?

a) $30^0$
b) $60^0$
c) $90^0$
d) $120^0$

୧୪) ଏକ କ୍ଷୁଦ୍ରଚାପର ଡ଼ିଗ୍ରୀ ପରିମାଣ କେତେ ଡ଼ିଗ୍ରୀରୁ କମ୍

a) $0^0$
b) $90^0$
c) $180^0$
d) କୌଣସିଟି ନୁହେଁ

୧୫) କୌଣସି ଏକ ବୃତ୍ତର ଏକ ବ୍ୟାସାର୍ଦ୍ଧ ଜ୍ୟାର ଦୈର୍ଘ୍ୟ ସହ ସମାନ ହେଲେ ଜ୍ୟାଟି କେନ୍ଦ୍ରରେ ଉତ୍ପନ୍ନ କରୁଥିବା କୋଣର ପରିମାଣ କେତେ ?

a) $30^0$
b) $60^0$
c) $90^0$
d) $120^0$

୧୬) ଗୋଟିଏ ସମତଳରେ ଦୁଇଟି ବୃତ୍ତ ମଧ୍ୟରେ ତିନି ଗୋଟି ସାଧାରଣ ବିନ୍ଦୁ ଥିଲେ ବୃତ୍ତଦ୍ୱୟ _______

a) ସମାନ

b) ସର୍ବସମ

c) ସର୍ବସମ ନ ହୋଇପାରନ୍ତି

d) ସମାନ ନ ହୋଇ ପାରନ୍ତି

୧୭) ଏକ ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁ ଏହାର ପରିବୃତ୍ତର କେନ୍ଦ୍ରଠାରେ ଉତ୍ପନ୍ନ କରୁଥିବା କୋଣର ପରିମାଣ କେତେ ?

a) $30^0$
b) $60^0$
c) $90^0$
d) $120^0$

୧୮) ଏକ ସୁଷମ ପଞ୍ଚଭୁଜର ପ୍ରତ୍ୟେକ ବାହୁ ଏହାର ପରିବୃତ୍ତର କେନ୍ଦ୍ରଠାରେ କେତେ ଡ଼ିଗ୍ରୀ କୋଣ ଉତ୍ପନ୍ନ କରେ ?

a) $36^0$
b) $45^0$
c) $60^0$
d) $72^0$

୧୯) ଅର୍ଦ୍ଧବୃତ୍ତ ଠାରୁ କ୍ଷୁଦ୍ରା ବୃତ୍ତଖଣ୍ଡସ୍ଥ କୋଣ ଏକ_______ହେବ ?

a) ସୂକ୍ଷ୍ମକୋଣ

b) ସ୍ଥୁଳକୋଣ

c) ସମକୋଣ

d) ସରଳକୋଣ

୨୦) ଗୋଟିଏ ଚାପ ସହ ସମ୍ପୃକ୍ତ କେତୋଟି ପରିପୂରକ ଚାପାନ୍ତର୍ଲିଖିତ କୋଣ ରହିଅଛି ?

a) ଶୂନ

b) ଏକ

c) ଦୁଇ

d) ଅସଂଖ୍ୟ

୨୧) ବୃତ୍ତରେ ଅନ୍ତର୍ଲିଖିତ ବର୍ଗଚିତ୍ରର ପ୍ରତ୍ୟେକ ବାହୁ କେନ୍ଦ୍ରରେ କେତେ ଡ଼ିଗ୍ରୀ କୋଣ ଉତ୍ପନ୍ନ କରେ ?

a) $120^0$
b) $90^0$
c) $60^0$
d) $75^0$

୨୨) ଦୁଇଟି ଅସମାନ୍ତର ଜ୍ୟାର ଛେଦବିନ୍ଦୁ _______ ?

a) ବୃତ୍ତର ଏକ ଅନ୍ତଃସ୍ଥ ବିନ୍ଦୁ

b) ବୃତ୍ତର ଏକ ବହିଃସ୍ଥ ବିନ୍ଦୁ

c) ବୃତ୍ତ ଉପରିସ୍ଥ ଏକ ବିନ୍ଦୁ

d) ବତ୍ତର ଉପରିସ୍ଥ କିମ୍ବା ଅନ୍ତଃସ୍ଥ ବିନ୍ଦୁ

୨୩) ଗୋଟିଏ ବତ୍ତର ବୃହତ୍ତମ ଜ୍ୟା କାହା ସହ ସମାନ ?

a) ବ୍ୟାସ

b) $\sqrt{2}$ବ୍ୟାସାର୍ଦ୍ଧ

c) ବ୍ୟାସାର୍ଦ୍ଧ

d) କୌଣସିଟି ନୁହେଁ

୨୪) ଏକ ଅର୍ଦ୍ଧବୃତ୍ତର ଡ଼ିଗ୍ରୀ ପରିମାଣ କେତେ ?

a) $60^0$
b) $90^0$
c) $180^0$
d) $360^0$

୨୫) ଗୋଟିଏ ଚାପରେ କେତୋଟି ବିନ୍ଦୁ ଅଛି ?

a) ଶୂନ

b) ଏକ

c) ଦୁଇ

d) ଅସଂଖ୍ୟ

୨୬) ଏକ ବୃତ୍ତର ବ୍ୟାସାର୍ଦ୍ଧ ଓ ଏହାର ଅନ୍ତର୍ଲିଖିତ ରମ୍ବସର ବାହୁର ଦୈର୍ଘ୍ୟର ଅନୁପାତ କେତେ ?

a) $\sqrt{2}:2$

b) $\sqrt{2}:2$

c) 1:1
d) 2:1

୨୭) ଗୋଟିଏ ସରଳରେଖା ଗୋଟିଏ ବୃତ୍ତକୁ ସର୍ବାଧିକ କେତୋଟି ବିନ୍ଦୁରେ ଛେଦ କରିପାରିବ ?

a) 1
b) 2
c) 3
d) କୌଣସିଟି ନୁହେଁ

୨୮) ଗୋଟିଏ ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମର ଗୋଟିଏ କୋଣ ସମକୋଣ ହେଲେଏହା କେଉଁ ପ୍ରକାର ଚିତ୍ର ହେବ ?

a) ସାମନ୍ତରିକ ଚିତ୍ର

b) ବର୍ଗଚିତ୍ର

c) ରମ୍ବସ୍

d) ଆୟତ ଚିତ୍ର

୨୯) PQRବତ୍ତରେ $\overline{PR}$ ଏକ ବ୍ୟାସ ହେଲେm $\widehat{PQR}$କେତେ ?

a) $90^0$
b) $135^0$
c) $180^0$
d) $360^0$

୩୦) ଗୋଟିଏ ଚାପ ଓ ତାର ବିପରୀତ ଚାପର ଡ଼ିଗ୍ରୀ ପରିମାଣର ସମଷ୍ଟି _______ଡ଼ିଗ୍ରୀ ?

a) $120^0$
b) $360^0$
c) $180^0$
d) $260^0$

୩୧) ଦୁଇଟି ବୃତ୍ତ ପରସ୍ପରକୁ ସର୍ବାଧିକ _______ଟି ବିନ୍ଦୁରେ ଛେଦ କରିବେ ?

a) 1
b) 2
c) 4
d) 3

୩୨) କେଉଁ ତ୍ରିଭୁଜର ପରିକେନ୍ଦ୍ର ଏହାର ଏକ ବହିଃସ୍ଥ ବିନ୍ଦୁ ?

a) ସମକୋଣ

b) ସ୍ଥୁଳକୋଣୀ

c) ସମବାହୁ

d) ସୂକ୍ଷ୍ମକୋଣୀ

୩୩) ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜରେ$m\angle A = 120^\circ$, $m\angle B = 75^\circ$ ହେଲେ$m\angle D - m\angle C =$_______

a) $70^0$
b) $60^0$
c) $45^0$

d) $50^0$

୩୪) ଗୋଟିଏ ବୃତ୍ତରେ ଏକ ଚାପର ଡ଼ିଗ୍ରୀ ପରିମାଣ $90^0$ , ତେବେ ଉକ୍ତ ଚାପ ଦ୍ଵାରା ନିର୍ଦ୍ଧାରିତ ଜ୍ୟା ଓ ବୃତ୍ତର ବ୍ୟାସାର୍ଦ୍ଧର ଅନୁପାତ କେତେ ?

a) $\sqrt{2}:1$ b) $1:\sqrt{2}$

c) $\sqrt{3}:\sqrt{2}$ d) $2:\sqrt{3}$

୩୫) $\triangle ABC$ ଏକ ବୃତ୍ତାନ୍ତଲିଖିତ ସମବାହୁ $\triangle$ । $\overline{BC}$ ଜ୍ୟା ସହ ସଂପୃକ୍ତ କ୍ଷୁଦ୍ରଚାପ ଉପରେP ଏକ ବିନ୍ଦୁ,PA = 12cm, PC = 5cm ହେଲେPB = ?

a) 6
b) 5
c) 8
d) 7

୩୬) ଏକ ବୃତ୍ତାନ୍ତଲିଖିତ ସମବାହୁ$\triangle$ରପ୍ରତ୍ୟେକ ବାହୁର ଦୈର୍ଘ୍ୟ3cmହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

a) $\sqrt{2}$

b) $\sqrt{3}$

c) $2\sqrt{2}$

d) $2\sqrt{3}$

୩୭) 17 cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଏକ ଜ୍ୟାର ଦୈର୍ଘ୍ୟ30 cmବୃତ୍ତର କେନ୍ଦ୍ର ଠାରୁ ଉକ୍ତ ଜ୍ୟାରଦୂରତା କେତେ ?

a) 7cm
b) 8cm
c) 9cm
d) 10cm

୩୮) A ବିନ୍ଦୁ ବୃତ୍ତର ଏକ ବହିଃସ୍ଥ ବିନ୍ଦୁ ହେଲେ, ବୃତ୍ତ ଉପରେ A ଠାରୁ ସମଦୂରବର୍ତ୍ତୀ କେତେ ଯୋଡ଼ା ବିନ୍ଦୁ ଅଛି ?

a) 1
b) 2
c) 3
d) ଅସଂଖ୍ୟ

୩୯) ଗୋଟିଏ ବୃତ୍ତରେ ଏକ ଚାପର ଡ଼ିଗ୍ରୀ ପରିମାପ120°, ଚାପର ଦୈର୍ଘ୍ୟ ଓ ବୃତ୍ତର ପରିଧିର ଅନୁପାତ କେତେ ?

a) 1:4
b) 1:5
c) 1:3
d) 2:3

୪୦) r cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ପରିଲିଖିତ ସମବାହୁ ତ୍ରିଭୁଜର ବାହୁର ଦୈର୍ଘ୍ୟ କେତେ ସେ.ମି. ?

a) $\sqrt{2}r$
b) $\sqrt{3}r$
c) 3r
d) $2\sqrt{3}r$

୪୧) ଏକ ବୃତ୍ତରେ16cmଦୈର୍ଘ୍ୟ ବିଶିଷ୍ଟ ଏକ ଜ୍ୟା ଏକ ବ୍ୟାସାର୍ଦ୍ଧ CP ଦ୍ଵାରା D ବିନ୍ଦୁରେ ସମଦ୍ଵିଖଣ୍ଡିତ ହୁଏ । ବୃତ୍ତର ବ୍ୟାସାର୍ଦ୍ଧ 10cmହେଲେ DP ର ଦୈର୍ଘ୍ୟ କେତେ ?

a) 4cm
b) 5cm
c) 6cm
d) 7cm

୪୨) ABCDବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜରେ $m\angle A - m\angle C = 20°$ହେଲେ $m\angle A$ =କେତେ______

a) $80^0$
b) $100^0$
c) $110^0$
d) $45^0$

୪୩) ଗୋଟିଏ ବୃତ୍ତରେ ଦୁଇଟି ସମାନ୍ତର ଜ୍ୟାର ଦୈର୍ଘ୍ୟ ଯଥାକ୍ରମେ24cmଓ 10cm । ଜ୍ୟା ଦ୍ଵୟ ବୃତ୍ତର କେନ୍ଦ୍ରର ଏକ ପାର୍ଶ୍ଵରେ ଅବସ୍ଥିତ ଏବଂ ଜ୍ୟା ଦ୍ଵୟ ମଧ୍ୟରେ ଦୂରତା 7cm ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ? ?

a) 10
b) 12
c) 13
d) 14

୪୪) ଗୋଟିଏ ବୃତ୍ତରେ ଏକ ଜ୍ୟାର ପ୍ରାନ୍ତବିନ୍ଦୁ କେନ୍ଦ୍ର ଠାରୁ15cm ଦୂରରେ ଏବଂ ଜ୍ୟାର ମଧ୍ୟବିନ୍ଦୁ କେନ୍ଦ୍ରଠାରୁ 9cm ଦୂରରେ ଅବସ୍ଥିତି । ଜ୍ୟାର ଦୈର୍ଘ୍ୟ = ---- ସେ.ମି

a) 16
b) 25
c) 24
d) 20

୪୫) ଗୋଟିଏ ବୃତ୍ତରେ ଏକ ଜ୍ୟା ବ୍ୟାସାର୍ଦ୍ଧର $\sqrt{2}$ଗୁଣ ହେଲେ କ୍ଷୁଦ୍ରଚାପର ଡ଼ିଗ୍ରୀ ପରିମାପ କେତେ ? ?

a) $45^{\circ}$
b) $60^{\circ}$
c) $90^{\circ}$
d) କୌଣସିଟି ନୁହେଁ

୪୬) 3cm ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତରେ ସର୍ବାଧିକ କେତେ ସେ.ମି. ଜ୍ୟା ଅଙ୍କନ କରାଯାଇପାରିବ ? ?

a) 5
b) 6
c) 8
d) 10

୪୭) ଏକ ଜ୍ୟାABCବୃତ୍ତକୁ ଦୁଇଟି ଚାପରେ ବିଭକ୍ତ କରେ ଯାହାର ଡ଼ିଗ୍ରୀ ପରିମାଣର ଅନୁପାତ 5:7 । କ୍ଷୁଦ୍ରଚାପର ଡ଼ିଗ୍ରୀ ପରିମା _______

a) $120^{\circ}$
b) $160^{\circ}$
c) $150^{\circ}$
d) କୌଣସିଟି ନୁହେଁ

୪୮) x cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଅନ୍ତର୍ଲିଖିତ ସମବାହୁ ତ୍ରିଭୁଜର ଉଚ୍ଚତା କେତେ ସେ.ମି. ?

a) $\sqrt{3}x$
b) $\frac{3x}{2}$
c) $\frac{\sqrt{3}x}{2}$
d) $\sqrt{2}x$

୪୯) ଗୋଟିଏ ବୃତ୍ତରେ ଏକ ଚାପର ଡ଼ିଗ୍ରୀ ପରିମାଣ$120^{\circ}$ହେଲେ ଉକ୍ତ ଚାପର ବିପରୀତ ଚାପାନ୍ତର୍ଲିଖିତ ପରିମାଣ କେତେ ? ?

a) $60^{\circ}$
b) $90^{\circ}$
c) $75^{\circ}$
d) $120^{\circ}$

୫୦) ଏକ ବୃତ୍ତର ଅନ୍ତର୍ଲିଖିତ ରମ୍ବସରେ ଏକ ବାହୁର ଦୈର୍ଘ୍ୟ $2\sqrt{2}$cmହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

a) 1
b) $\sqrt{2}$
c) 3
d) 2

୫୧) ABCD ଏକ ବୃତ୍ତାନ୍ତର୍ଲିଖିତ ଚ଼ତୁର୍ଭୁଜ । ଯଦି$m\angle A : m\angle C = 1:3$ ହୁଏ ତେବେ$\widehat{BCD}$ର ଅନ୍ତର୍ଲିଖିତ କୋଣର ପରିମାଣ କେତେ ?

a) $45^{\circ}$
b) $90^{\circ}$
c) $135^{\circ}$
d) $105^{\circ}$

୫୨) ABCD ଏକ ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମର AD ∥ BC, BD ଏହାର ଏକ କର୍ଣ୍ଣ । ଯଦି$m\angle ABC = 65^{\circ}$ହୁଏ, ତେବେ $m\angle BCD$ କେତେ ?

a) $65^{\circ}$
b) $115^{\circ}$
c) $75^{\circ}$
d) $105^{\circ}$

୫୩) ABCD ବୃତ୍ତାନ୍ତର୍ଲିଖିତ ଚ଼ତୁର୍ଭଜରେ$m\angle A = 2x + 40^{\circ}$ଏବଂ$m\angle C = 3x + 20^{\circ}$, ହେଲେx ର ମାନ କେତେ ?

a) 24
b) 48
c) 36
d) 72

୫୪) ABCD ଏକ ବୃତ୍ତାନ୍ତର୍ଲିଖିତଚ଼ତୁର୍ଭଜ । ଯଦି $m\widehat{ABC} = \frac{1}{4}m\widehat{ADC}$ହୁଏ, ତେବେ$m\angle ADC$ କେତେ ?

a) $45^{\circ}$
b) $36^{\circ}$
c) $37\frac{1}{2}^{\circ}$
d) $60^{\circ}$

୫୫) ଗୋଟିଏ ବୃତ୍ତରେ ଅନ୍ତର୍ଲିଖିତ ସମବାହୁ ତ୍ରିଭୁଜର ପରିସୀମା 6a cm ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

a) $\sqrt{3}a/2$
b) $a/\sqrt{3}$
c) $2a/\sqrt{3}$
d) $2\sqrt{3}a$

୫୬) ABCଏକ ବୃତ୍ତାନ୍ତର୍ଲିଖିତ ତ୍ରିଭୁଜ ।O ବୃତ୍ତର କେନ୍ଦ୍ର, $m\angle B = 55^{\circ}$ହେଲେ$m\angle OAC$ କେତେ ?

a) 55°
b) 25°
c) 35°
d) 125°

୫୭) ABC ଏକବୃତ୍ତାନ୍ତର୍ଲିଖିତ ତ୍ରିଭୁଜ $\widehat{AB}, \widehat{BC}, \widehat{AC}$ର ଅନୁପାତ3:5:4ହେଲେm∠BAC କେତେ ?

a) 150°
b) 120°
c) 75°
d) 90°

୫୮) ΔABC ର ପରିବୃତ୍ତର କେନ୍ଦ୍ର O, ତ୍ରିଭୁଜର ଏକ ଅନ୍ତଃସ୍ଥ ବିନ୍ଦୁ, m∠OBC = 60°ହେଲେm∠BACର ପରିମାଣ କେତେ ?

a) 60°
b) 45°
c) 30°
d) 15°

୫୯) ABCDଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ,AB = 4cm, BC = 5cm, AD = 8cm, CD = 6cm, AC = 10cm ହେଲେ BD = ?

a) 5
b) 8
c) 6.2
d)କୌଣସିଟି ନୁହେଁ

୬୦) ΔABC ରେ∠Aର ସମଦ୍ୱିଖଣ୍ଡକ ଏହାର ପରିବୃତ୍ତକୁD ବିନ୍ଦୁରେ ଛେଦ କରେ ।BDCର ପ୍ରକାର ତ୍ରିଭୁଜ ।

a) ସମଦ୍ୱିବାହୁ
b) ସମବାହୁ
c) ସମକୋଣୀ
d) ବିଷମବାହୁ

୬୧) ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ ଏବଂXଓ Yଏହି ବୃତ୍ତ ଉପରିସ୍ଥ ଦୁଇଟି ବିନ୍ଦୁ ।$m\widehat{BXA} = 55°, m\widehat{AYD} = 75°$ହେଲେ, m∠BCD କେତେ ?

a) 60°
b) 65°
c) 70°
d) 75°




୬୨) ଦତ୍ତଚିତ୍ରରେ m∠OAB = 40°, Oବୃତ୍ତର କେନ୍ଦ୍ର ହେଲେ m∠AXB= _____ ଡ଼ିଗ୍ରୀ ?

a) 40°
b) 130°
c) 90°
d) 120°




୬୩) ଦତ୍ତଚିତ୍ରରେ m∠BAC + m∠OBC = _______ ଡ଼ିଗ୍ରୀ ?

a) 75
b) 120
c) 60
d) 90




୬୪) ଏକ ବୃତ୍ତରେ$\overline{OP} \perp \overline{AB}$ସେ.ମି. ସେ.ମି AB =16 ସେ.ମି.OD = 6 ସେ.ମି. ହେଲେ DP =ସେ.ମି._______ ?

a) 8
b) 4
c) 5
d) 6




୬୫) ଦତ୍ତବୃତ୍ତରେ AB ଓ CD ଜ୍ୟା ଦ୍ୱୟ ପରସ୍ପରକୁ P ବିନ୍ଦୁରେ ଛେଦ କରନ୍ତି । m∠PBD = 80°ଓ m∠CAP = 45°ହେଲେ m∠AP ?

a) 45°
b) 80°
c) 75°
d) 55°




୬୬) ନିମ୍ନ ଚିତ୍ରରେ$m\widehat{PQ} = 105°, m\widehat{PR} = 115°$ହେଲେ m∠QPR=_______ ଡ଼ିଗ୍ରୀ ?

a) 70
b) 130
c) 155
d) 126



୬୭) ନିମ୍ନ ଚିତ୍ରରେ ବୃତ୍ତPQRର କେନ୍ଦ୍ର ‘O’ଓ$\widehat{PQ}$ର ଏକ ଅନ୍ତଃସ୍ଥ ବିନ୍ଦୁ ‘S’m$\widehat{PSQ}$= 140ºହେଲେm∠PSQ= _______ଡ଼ିଗ୍ରୀ ?

a) 90
b) 50
c) 110
d) 60




୬୮) ପାର୍ଶ୍ୱସ୍ଥ ଚିତ୍ରରେ m∠ADC = 150º, $\overline{AB}$ଏକ ବ୍ୟାସ । ତେବେm∠BAC = _______ଡ଼ିଗ୍ରୀ ?

a) 60
b) 65
c) 30
d) 50




୬୯) ପାର୍ଶ୍ୱସ୍ଥ ଚିତ୍ରରେ m$\widehat{APB}$ = 80º ହେଲେm∠BPT = _______ଡ଼ିଗ୍ରୀ ?

a) 160
b) 40
c) 50
d) 60




୭୦)’O’ ବୃତ୍ତର କେନ୍ଦ୍ର m∠BAC = 120ºହେଲେ m∠OBC= ______

a) 30º
b) 40º
c) 60º
d) 45º




୭୧) ପାର୍ଶ୍ୱସ୍ଥଚିତ୍ରରେm∠B=60ºଓm∠D=80ºତେବେm∠APC = _______ଡ଼ିଗ୍ରୀ ?

a) 50º
b) 40º
c) 30º




୭୬) Δ ABC ଏକ ... ବାହୁ ତ୍ରିଭୁଜ $\overline{BC}$ଜ୍ୟା ସହ ସମ୍ପୃକ୍ତ କ୍ଷୁଦ୍ର [illegible] ବିନ୍ଦୁ । PB = 10 ସେ.ମି. PC = 8 ସେ.ମି. ହେଲେPA = ____ ?

a) 2 ସେ.ମି.
b) 8ସେ.ମି.
c) 10 ସେ.ମି.
d) 18ସେ.ମି.




d) 70º

D

୭୨) ଦତ୍ତଚିତ୍ରରେm$\widehat{AC}$ ଓ m$\widehat{BD}$ ଯଥାକ୍ରମେ 80º ଓ 30º ହେଲେ m∠P = ____ଡ଼ିଗ୍ରୀ ?

a) 75º
b) 25º
c) 30º
d) 60º




୭୩) ΔABCର ପରିବୃତ୍ତର କେନ୍ଦ୍ର O ତ୍ରିଭୁଜଟିର ଏକ ଅନ୍ତଃସ୍ଥ ବିନ୍ଦୁ ହେଲେ m∠BAC+ m∠OBC = ___ଡ଼ିଗ୍ରୀ ?

a) 45º
b) 60º
c) 90º
d) 110º




୭୪) ΔABCର ପରିବୃତ୍ତର କେନ୍ଦ୍ର O ତ୍ରିଭୁଜଟିର ଏକ ବହିଃସ୍ଥ ବିନ୍ଦୁ ହେଲେ m∠BAC–m∠OBC = ____ଡ଼ିଗ୍ରୀ ?

a) 60º
b) 90º
c) 120º
d) 180º




୭୫) Δ ABC ର କୋଣମାନଙ୍କର ସମଦ୍ୱିଖଣ୍ଡକ ମାନେ ତ୍ରିଭୁଜର ପରିବୃତ୍ତକୁ X, Yଓ Z ବିନ୍ଦୁରେ ଛେଦ କରନ୍ତି । m∠A =60ºହେଲେ m∠X____ ?

a) 30º
b) 45º
c) 60º
d) 90º




୭୭) ପାର୍ଶ୍ୱସ୍ଥ ଚିତ୍ରରେ‘O’ ବୃତ୍ତର କେନ୍ଦ୍ର m∠QPR = 32ºହେଲେ m∠PQRର ମାନ କେତେ ?

a) 52º
b) 56º
c) 58º
d) 62º



୭୮ ) ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ ଏବଂ X ଓ Y ଏହି ବୃତ୍ତ ଉପରିସ୍ଥ ଦୁଇଟି ବିନ୍ଦୁ । $m\widehat{BXA} = 55°$, $m\widehat{AYD} = 75°$, ହେଲେ $m\angle BCD$ କେତେ ?

a) 60º
b) 65º
c) 70º
d) 75º




୭୯ ) ପାର୍ଶ୍ୱସ୍ଥ ଚିତ୍ରରେ $\overline{AB}$ ଓ $\overline{AC}$ ଦୁଇଟି ସର୍ବସମ ଜ୍ୟା । 'O' ବୃତ୍ତର କେନ୍ଦ୍ର । $m\angle AOC = 112º$ ହେଲେ $m\angle BAC$ କେତେ ?




a) 58º
b) 68º
c) 72º
d) 78º

୮୦ ) ପାର୍ଶ୍ୱସ୍ଥ ଚିତ୍ରରେ $\overline{AB}$ ଓ $\overline{CD}$ ଜ୍ୟା ଦ୍ୱୟ ପରସ୍ପରକୁ P ବିନ୍ଦୁରେ ଛେଦ କରନ୍ତି । $m\angle PBD = 80º$ ଓ $m\angle CAP = 45º$ ହେଲେ $m\angle BPD$ କେତେ ?

a) 45º
b) 50º
c) 55º
d) 60º




## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. d | 2. b | 3. a | 4. c | 5. a | 6. a | 7. c | 8. a | 9. d | 10. c |
| 11. c | 12. b | 13. a | 14. c | 15. b | 16. a | 17. d | 18. d | 19. b | 20. d |
| 21. d | 22. d | 23. a | 24. c | 25. d | 26. a | 27. b | 28. d | 29. c | 30. b |
| 31. b | 32. b | 33. c | 34. a | 35. d | 36. b | 37. b | 38. d | 39. c | 40. d |
| 41. a | 42. b | 43. c | 44. c | 45. c | 46. b | 47. c | 48. b | 49. a | 50. d |
| 51. c | 52. a | 53. a | 54. b | 55. c | 56. c | 57. c | 58. c | 59. d | 60. a |
| 61. b | 62. b | 63. d | 64. b | 65. d | 66. a | 67. c | 68. a | 69. b | 70. a |
| 71. b | 72. b | 73. c | 74. b | 75. c | 76. d | 77. c | 78. b | 79. b | 80.C |

## SUBJECTIVE PART

# ବୃତ୍ତ

1)$\Delta$ABCଏକ ବୃତ୍ତାନ୍ତର୍ଲିଖିତ ସମବାହୁ ତ୍ରିଭୁଜ, $\overline{BC}$ ଜ୍ୟା ସହ ସମ୍ପୃକ୍ତ କ୍ଷୁଦ୍ରଚାପ ଉପରେ ଏକ ବିନ୍ଦୁ ।

ପ୍ରମାଣ କର PA = PB + PC

**Ans.**ଦତ୍ତ : $\Delta$ABCଏକ ବୃତ୍ତାନ୍ତର୍ଲିଖିତ ସମବାହୁ ତ୍ରିଭୁଜ

$\overline{BC}$ ଜ୍ୟା ସହ ସମ୍ପୃକ୍ତ କ୍ଷୁଦ୍ରଚାପ ଉପରେ P ଏକ ବିନ୍ଦୁ ।




ପ୍ରମାଣ୍ୟ : PA = PB + PC

ଅଙ୍କନ : $\overrightarrow{BP}$ ଉପରେ D ଏକ ବିନ୍ଦୁ ନିଅ, ଯେପରି PC = PD

$\overline{CD}$ଅଙ୍କନ କର

ପ୍ରମାଣ : $\Delta$ABCଏକ ସମବାହୁ ତ୍ରିଭୁଜ

$m\angle BAC = 60^0$

ଦତ୍ତ ଚ଼ିତ୍ରରେ $m\angle BAC = m\angle CPD$

⇨ $m\angle CPD = 60^0$

$\Delta$PCDରେ PC = PD ଏବଂ $\angle CPD = 60^0$

$\therefore \Delta$PCDଏକ ସମବାହୁ ତ୍ରିଭୁଜ

⇨ PC = PD = CD ⇨ $m\angle ACB = m\angle PCD = 60^0$

⇨ $m\angle ACB + m\angle BCP = m\angle PCD + m\angle BCP$

⇨ $m\angle ACP = m\angle BCD$ $\Delta$ACP ଓ $\Delta$BCD ମଧ୍ୟରେ

AC = BC ; $m\angle ACP = m\angle BCD$ ; PC = CD (ପୂର୍ବରୁ ପ୍ରମାଣିତ)

$\therefore \Delta ACP \cong \Delta BCD$ (ବା –କୋ–ବା)

⇨ PA = BD (ଅନୁରୂପ ବାହୁ)

⇨ PA = PB + PD⇨ PA = PB + PC (Proved)

**2) $\Delta$ABCକୋଣ ମାନଙ୍କର ସମଦ୍ୱିଖଣ୍ଡକ ଏହାର ପରିବୃତ୍ତକୁ X, Y ଓ Z ବିନ୍ଦୁରେ ଛେଦ କରନ୍ତି, ତେବେ ପ୍ରମାଣ କର ଯେ $\Delta$XYZ କୋଣମାନଙ୍କର ପରିମାଣ ଯଥାକ୍ରମେ $90^0 - ½\angle A$, $90^0 - ½\angle B$ ଓ $90^0 - ½\angle C$ ।**

**Ans.**ଦତ୍ତ : $\Delta$ABCରେ $\angle A$, $\angle B$, $\angle C$ ର ସମଦ୍ୱିଖଣ୍ଡକ ଏହାର ପରିବୃତ୍ତକୁ ଯଥାକ୍ରମେ X, Y ଓ Z ବିନ୍ଦୁରେ ଛେଦ କରେ ।




ପ୍ରମାଣ୍ୟ : i) $m\angle ZXY = 90^0 - ½\, m\angle A$

ii) $m\angle XYZ = 90^0 - ½\, m\angle B$

iii) $m\angle XZY = 90^0 - ½\, m\angle C$

ପ୍ରମାଣ : $\Delta$ABCରେ

$m\angle A + m\angle B + m\angle C = 180^0$

⇨ $½\, m\angle A + ½\, m\angle B + ½\, m\angle C = 90^0$

⇨ $½\, m\angle B + ½\, m\angle C = 90^0 - ½\, m\angle A$

$\widehat{AY}$ ର ବିପରୀତ ଉପାନ୍ତର୍ଲିଖିତ କୋଣଦ୍ୱୟ $m\angle YXA = m\angle YBA$

⇨ $m\angle YXA = ½\, m\angle B$

ସେହିପରି $\widehat{AZ}$ ର ବିପରୀତ ଉପାନ୍ତର୍ଲିଖିତ କୋଣଦ୍ୱୟ $m\angle ZXA = m\angle ZCA$

⇨ $m\angle ZXA = ½\, m\angle C$

$½\, m\angle B + ½\, m\angle C = 90^0 – ½\, m\angle A$

⇨ $m\angle YXA + m\angle ZXA = 90^0 – ½\, m\angle A$

⇨ $m\angle ZXY = 90^0 – ½\, m\angle A$

ସେହିପରି ଭାବରେ ପ୍ରମାଣ କରାଯାଇପାରିବ

$m\angle XYZ = 90^0 – ½\, m\angle B$

$m\angle XYZ = 90^0 – ½\, m\angle C$ (Proved)

3) A ଓ B କେନ୍ଦ୍ର ବିଶିଷ୍ଟ ଦୁଇଗୋଟି ବୃତ୍ତ ପରସ୍ପରକୁ P ଓ Q ବିନ୍ଦୁରେ ଛେଦ କରନ୍ତି । P ମଧ୍ୟ ଦେଇ $\overline{AB}$ ସହିତ ସମାନ୍ତର ସରଳରେଖା ବୃତ୍ତଦ୍ୱୟକୁ M ଓ N ବିନ୍ଦୁରେ ଛେଦ କଲେ, ପ୍ରମାଣ କର MN = 2AB

**Ans.** ଦତ୍ତ : $S_1$ ଓ $S_2$ ବୃତ୍ତଦ୍ୱୟ ପରସ୍ପରକୁ P ଓ Q ବିନ୍ଦୁରେ ଛେଦ କରନ୍ତି । A ଓ B ଯଥାକ୍ରମେ ବୃତ୍ତଦ୍ୱୟର କେନ୍ଦ୍ର । P ବିନ୍ଦୁ ମଧ୍ୟ ଦେଇ $\overline{AB}$ ସହ ସମାନ୍ତର ଭାବେ ଅଙ୍କିତ ସରଳରେଖା ବୃତ୍ତଦ୍ୱୟକୁ M ଓ N ବିନ୍ଦୁରେ ଛେଦ କରେ ।

ପ୍ରାମାଣ୍ୟ : MN = 2AB

ଅଙ୍କନ : $\overline{AC} \perp \overline{MN}$ ଓ $\overline{BD} \perp \overline{MN}$ ଅଙ୍କନ କର




ପ୍ରମାଣ : MN || AB ଏବଂ $m\angle DCA = 90^0$

∴ ABCD ଏକ ଆୟତଚିତ୍ର

⇨ CD = AB

$S_1$ ବୃତ୍ତରେ AC ⊥ MP, PC = MC

⇨ PC = ½ PM

ସେହିପରି $S_2$ ବୃତ୍ତରେ PD = ½PN

∴ CD = PC + PD

⇨ CD = ½ PM + ½ PN

⇨ CD = ½ MN (PM + PN = MN)

⇨ AB = ½ MN (CD = AB)

⇨ 2AB = MN

⇨ MN = 2AB (Proved)

4) ପ୍ରମାଣ କର ଯେ ଏକ ସମକୋଣୀ ତ୍ରିଭୁଜରେ କର୍ଣ୍ଣର ମଧ୍ୟବିନ୍ଦୁ, ଏହାର ପରିବୃତ୍ତର କେନ୍ଦ୍ର ଅଟେ ।




**Ans.** ଦତ୍ତ : $\Delta ABC$ ରେ $\angle B$ ସମକୋଣ $\overline{AC}$ କର୍ଣ୍ଣର ମଧ୍ୟବିନ୍ଦୁ O

ପ୍ରାମାଣ୍ୟ : $\Delta ABC$ ର ପରିବୃତ୍ତର କେନ୍ଦ୍ର O

ଅର୍ଥାତ୍ OA = OB = OC

ଅଙ୍କନ : $\overrightarrow{BO}$ ଉପରେ D ଏକ ବିନ୍ଦୁ ନିଅ ଯେପରି B-O-D ହେବ

ଏବଂ BO = OD, $\overline{AD}$, $\overline{DC}$ ଅଙ୍କନ କର ।

ପ୍ରମାଣ : ABCD ଚ଼ତୁର୍ଭୁଜରେ

AO = CO ଦତ୍ତ

BO = DP ଅଙ୍କନ

⇨ ABCD ଏକ ସାମନ୍ତରିକ ଚ଼ିତ୍ର

$m\angle ABC = 90^0$ ଦତ୍ତ

⇨ ABCD ଏକ ଆୟତଚ଼ିତ୍ର

⇨ AC = BD

⇨ ½ AC = ½ BD

⇨ AO = BO

⇨ AO = BO = CO = DO

∴ O ∆ABCର ପରିବୃତ୍ତର କେନ୍ଦ୍ର(Proved)

5) ∆ABCର ପରିବୃତ୍ତର କେନ୍ଦ୍ର O ତ୍ରିଭୁଜର ଏକ ଅନ୍ତଃସ୍ଥ ବିନ୍ଦୁ ହେଲେ ପ୍ରମାଣ କର

$m\angle BAC + m\angle OBC = 90^0$




**Ans.**ଦତ୍ତ : ∆ABCର ପରିବୃତ୍ତର କେନ୍ଦ୍ର O, ତ୍ରିଭୁଜର ଏକ ଅନ୍ତଃସ୍ଥ ବିନ୍ଦୁ ।

ପ୍ରମାଣ୍ୟ : $m\angle BAC + m\angle OBC = 90^0$

ଅଙ୍କନ : $\overrightarrow{BO}$, ∆ର ପରିବୃତ୍ତକୁ D ବିନ୍ଦୁରେ ଛେଦକରୁ $\overline{AD}$ ଅଙ୍କନ କର

ପ୍ରମାଣ : ABC ବୃତ୍ତର ବ୍ୟାସ BD

⇨ $m\angle BAD = 90^0$

⇨ $m\angle BAD = m\angle BAC + m\angle CAD = 90^0$(କୋଣ ସମଷ୍ଟି ସ୍ୱୀକାର୍ଯ୍ୟ)

$\overset{\frown}{CD}$ ର ବିପରୀତ ଉପାନ୍ତର୍ଲିଖିତ କୋଣ ଦ୍ୱୟ $m\angle CBD = m\angle CAD$

⇨$m\angle OBC = m\angle CAD$

⇨ $m\angle BAC + m\angle CAD = 90^0$

⇨$m\angle BAC + m\angle OBC = 90^0$(Proved)

6) ∆ABCର ପରିବୃତ୍ତର କେନ୍ଦ୍ର O ତ୍ରିଭୁଜର ଏକ ବହିଃସ୍ଥ ବିନ୍ଦୁ ପ୍ରମାଣ କର

$m\angle BAC - m\angle OBC = 90^0$




**Ans.**ଦତ୍ତ : ∆ABCର ପରିବୃତ୍ତର କେନ୍ଦ୍ର O, ∆ର ବହିଃସ୍ଥ ବିନ୍ଦୁ

ପ୍ରମାଣ୍ୟ : $m\angle BAC - m\angle OBC = 90^0$

ଅଙ୍କନ : $\overrightarrow{BO}$ବୃତ୍ତକୁ D ବିନ୍ଦୁରେ ଛେଦ କରୁ

$\overline{AD}$ଅଙ୍କନ କର

ପ୍ରମାଣ : $\overline{BD}$ ବୃତ୍ତର ବ୍ୟାସ

$m\angle BAD = 90^0$

⇨ $m\angle BAC - m\angle DAC = 90^0$

⇨ $m\angle BAC - m\angle OBC = 90^0$ ($m\angle DAC = m\angle OBC$ ଏକ ବୃତ୍ତଖଣ୍ଡସ୍ଥ କୋଣ)

(Proved)

7) ପ୍ରମାଣ କର ଯେ ଏକ ଟ୍ରାପିଜିୟମର ଅସମାନ୍ତର ବାହୁଦ୍ୱୟ ସର୍ବସମ ହେଲେ ଟ୍ରାପିଜିୟମ୍‌ଟି ବୃତ୍ତାନ୍ତର୍ଲିଖିତ ହେବ ।

**Ans.**ଦତ୍ତ : ABCD ଟ୍ରାପିଜିୟମ୍‌ରେ AB || CD, AD = BC

ପ୍ରାମାଣ୍ୟ : ଟ୍ରାପିଜିୟମ୍‌ଟି ବୃତ୍ତାନ୍ତର୍ଲିଖିତ

ଅଙ୍କନ : AD ସହ ସମାନ୍ତର କରି BE ଅଙ୍କନ କରାଯାଉ, ଯାହା $\overline{DC}$ କୁ E ବିନ୍ଦୁରେ ଛେଦ କରିବ ।

ପ୍ରମାଣ : ABCD ଟ୍ରାପିଜିୟମରେ




AB || CD ⇨ AB || DE

ଏବଂ AD || BE (ଅଙ୍କନ)

ABED ଏକ ସାମନ୍ତରିକ ଚିତ୍ର

⇨AD = BE ଏବଂ AD = BC (ଦତ୍ତ)

⇨ BE = BC

⇨ $m\angle BEC = m\angle BCE$

ଏବଂ $m\angle BEC = m\angle ADE$ (ଅନୁରୂପ କୋଣ)

⇨ $m\angle ADE = m\angle BCE$

AB || DC

$m\angle ABC + m\angle BCD = 180^0$

⇨ $m\angle ABC + m\angle BCE = 180^0$.

⇨ $m\angle ABC + m\angle ADE = 180^0$

⇨ $m\angle ABC + m\angle ADC = 180^0$

⇨ABCD ଟ୍ରାପିଜିୟମ୍‌ଟି ବୃତ୍ତାନ୍ତର୍ଲିଖିତ (ଉପପାଦ୍ୟ-13) (Proved)

# ବୃତ୍ତର ସ୍ପର୍ଶକ

## (TANGENTS TO A CIRCLE)

ସଂଜ୍ଞା : ଗୋଟିଏ ସମତଳରେ ଅବସ୍ଥିତ ଏକବୃତ୍ତ□ଓ ଏକ ସରଳରେଖାର ଗୋଟିଏ ମାତ୍ର ସାଧାରଣ ବିନ୍ଦୁ (ବା ଛେଦବିନ୍ଦୁ) ଥିଲେ, ଉକ୍ତ ସରଳରେଖାକୁ ବୃତ୍ତର ଏକ ସ୍ପର୍ଶକ କୁହାଯାଏ ଏବଂ ସେମାନଙ୍କର ସାଧାରଣ ବିନ୍ଦୁକୁ ସମ୍ପୃକ୍ତ ସ୍ପର୍ଶକର ସ୍ପର୍ଶବିନ୍ଦୁ କୁହାଯାଏ ।




**ଉପପାଦ୍ୟ - 12**

**ଗୋଟିଏ ବୃତ୍ତର ଏକ ସ୍ପର୍ଶକ ଏହାର ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ ପ୍ରତି ଲମ୍ବ ।**

**ଉପପାଦ୍ୟ - 13**

**କୌଣସି ବୃତ୍ତର ବହିଃସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ।**

**ଉପପାଦ୍ୟ - 14**

**ଏକ ବୃତ୍ତର ବହିଃସ୍ଥ କୌଣସି ଗୋଟିଏ ବିନ୍ଦୁ P ଦେଇ ବୃତ୍ତ ପ୍ରତି ଏକ ସ୍ପର୍ଶକ-ଖଣ୍ଡ $\overline{PT}$ ଏବଂ ଏକ ଛେଦକ $\overleftrightarrow{PAB}$ ଅଙ୍କିତ ହେଲେ, $PA \times PB = PT^2$ ।**

**ଉପପାଦ୍ୟ - 15**

**ଦୁଇଟି ସ୍ପର୍ଶକ ବୃତ୍ତର କେନ୍ଦ୍ର ଦ୍ୱୟ ଓ ସ୍ପର୍ଶବିନ୍ଦୁ ଏକ ସରଳରେଖାରେ ଅବସ୍ଥିତ ।**

**ଅନୁସିଦ୍ଧାନ୍ତ -1:** ଏକ ବୃତ୍ତର ବହିଃସ୍ଥ କୌଣସି ଏକ ବିନ୍ଦୁ P ଦେଇ ଦୁଇଟି ଛେଦକ ଯଦି ବୃତ୍ତକୁ ଯଥାକ୍ରମେ A,B ଓ C,D ବିନ୍ଦୁରେ ଛେଦ କରନ୍ତି, ତେବେ ସ୍ପର୍ଶକ $\overleftrightarrow{PT}$ (ସ୍ପର୍ଶବିନ୍ଦୁ T ) ଅଙ୍କନ କରି ପ୍ରମାଣ କରାଯାଇପାରିବ ଯେ,

$PA \times PB = PC \times PD$




(ଚିତ୍ର 3.14)

ମନେରଖ :

(i) ଦୁଇଟି ବହିଃସ୍ପର୍ଶୀ ବୃତ୍ତର

(a) ସରଳ ସାଧାରଣ ସ୍ପର୍ଶକ ସଂଖ୍ୟା = ୨

(b) ତିର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା = ୧

(ii) ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର

(a) ସରଳ ସାଧାରଣ ସ୍ପର୍ଶକ ସଂଖ୍ୟା = ୧

(b) ତିର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା =୦

(iii) ପରସ୍ପର ବହିଃସ୍ଥ ହୋଇଥିବା ଦୁଇଟି ଅଣଛେଦୀ ବୃତ୍ତର

(a) ସରଳ ସାଧାରଣ ସ୍ପର୍ଶକ ସଂଖ୍ୟା = ୨

(b) ତିର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା = ୨

(iv) ପରସ୍ପର ବହିଃସ୍ଥ ହୋଇ ନ ଥିବା ଦୁଇଟି ଅଣଛେଦୀ ବୃତ୍ତର

(a) ସରଳ ସାଧାରଣ ସ୍ପର୍ଶକ ସଂଖ୍ୟା = ୦

(b) ତିର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା = ୦

# CLASS – X (Geometry)
## Ch – 3 (ବୃତ୍ତର ସ୍ପର୍ଶକ)
### Multiple Choice Questions

୧) ଗୋଟିଏ ବୃତ୍ତର ଏକ ସ୍ପର୍ଶକ ଏହାର ସ୍ପର୍ଶ ବିନ୍ଦୁଗାମୀ ବ୍ୟାସାର୍ଦ୍ଧ ସହ କେତେ ଡ଼ିଗ୍ରୀ କୋଣ ଅଙ୍କନ କରେ ?

a) $180^0$
b) $60^0$
c) $90^0$
d)$30^0$

୨) ବୃତ୍ତର ଯେ କୌଣସି ଗୋଟିଏ ବିନ୍ଦୁଠାରେ କେତୋଟି ସ୍ପର୍ଶକ ଅଙ୍କିତ ହୋଇପାରିବ ?

a) 1
b) 2
c) 3
d)ଅସଂଖ୍ୟ

୩) ଗୋଟିଏ ବୃତ୍ତର ବହିଃସ୍ଥ କୌଣସି ବିନ୍ଦୁରୁ ଉକ୍ତ ବୃତ୍ତପ୍ରତି କେତୋଟି ସ୍ପର୍ଶକ ଅଙ୍କନ ସମ୍ଭବ ?

a) 1
b) 2
c) 3
d)ଅସଂଖ୍ୟ

୪) ଦୁଇଟି ଏକ କୈନ୍ଦ୍ରିକ ବୃତ୍ତର ସାଧାରଣ ସ୍ପର୍ଶକ ସଂଖ୍ୟା କେତେ ?

a) 1
b) 2
c) 3
d)0

୫) 5cm ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ବୃତ୍ତର କେନ୍ଦ୍ର O । ବୃତ୍ତର ବହିଃସ୍ଥ ଏକ ବିନ୍ଦୁ Q ଠାରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ $\overline{PQ}$ ଅଟେ । ଯଦି$\overline{OQ}$ = 12cm ତେବେ $\overline{PQ}$ର ଦୈର୍ଘ୍ୟ କେତେ ?

a) 12 cm
b) 13 cm
c) 8.5 cm
d)$\sqrt{119}$cm

୬) ଏକ ବୃତ୍ତର କେନ୍ଦ୍ର O । ବୃତ୍‌ତର ବହିଃସ୍ଥ ଏକ ବିନ୍ଦୁ P ଏବଂ $\overline{PA}$ ଓ $\overline{PB}$ ଉକ୍ତ ବୃତ୍ତପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ ଖଣ୍ଡ । ଯଦି m $\angle APB = 80^0$ ହୁଏ ତେବେ m $\angle AOB$ = ?

a) $90^0$
b) $80^0$
c) $100^0$
d)$110^0$

୭) O କେନ୍ଦ୍ର ବିଶିଷ୍ଟ ଏକ ବୃତ୍ତର ବହିଃସ୍ଥ ଏକ ବିନ୍ଦୁ T । TP ଓ TQ ଉକ୍ତ ବୃତ୍ତପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ ଖଣ୍ଡ । ଯଦି m$\angle PTQ = 100^0$, m $\angle TPQ$ = ?

a) $40^0$
b) $50^0$
c) $60^0$
d)$80^0$

୮) O କେନ୍ଦ୍ର ବିଶିଷ୍ଟ ଏକ ବୃତ୍ତର P ବହିଃସ୍ଥ ବିନ୍ଦୁ ଏବଂ PQ ବୃତ୍ତପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଅଟେ । OPQ ଏକ ସମଦ୍ୱିବାହୁ ତ୍ରିଭୁଜ ହେଲେ m $\angle OPQ$= ?

a) $30^0$
b) $45^0$
c) $60^0$
d)$90^0$

୯) ଦତ୍ତ ଚିତ୍ରରେ ABCD ଚତୁର୍ଭୁଜର ପ୍ରତ୍ୟେକ ବାହୁ ଏକ ବୃତ୍ତର ସ୍ପର୍ଶକ ଅଟେ, ତେବେ




a) AC + AD = BD + CD
b) AB + CD = BC + AD
c) AB + CD = AC + BC
d)AC + AD = BC + DB

୧୦) ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର ସରଳ ସାଧାରଣ ସ୍ପର୍ଶକ ସଂଖ୍ୟା କେତେ ?

a) 0
b) 2
c) 3

d)1

୧୧) ଏକ ବୃତ୍ତର କେନ୍ଦ୍ର O, ବୃତ୍ତର ବହିଃସ୍ଥ ଏକ ବିନ୍ଦୁ P ଏବଂ $\overline{PQ}$ ଉକ୍ତ ବୃତ୍ତପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ହେଲେ m $\angle$ QOP + m$\angle$QPO = ?

a) $30^0$
b) $60^0$
c) $90^0$
d)$180^0$

୧୨) ଦତ୍ତ ଚିତ୍ରରେ QRT ବୃତ୍ତର $\overline{PQ}$ ଓ $\overline{PR}$ଦୁଇଟି ସ୍ପର୍ଶକ ଖଣ୍ଡ m $\angle$QPR = $64^0$ ହେଲେ m $\widehat{QTR}$କେତେ ହେବ ?

a) $114^0$
b) $116^0$
c) $118^0$
d)$120^0$




୧୩) ଦତ୍ତ ଚିତ୍ରରେ PQR ବୃତ୍ତ ତ୍ରିଭୁଜ ABCର ବାହୁମାନଙ୍କୁ P, Q ଓ R ବିନ୍ଦୁରେ ସ୍ପର୍ଶ କରେ, AQ = 3cm, PC = 4cm, BR = 5cm ହେଲେ ABC $\Delta$ର ପରିସୀମା କେତେ ?

a) 24cm
b) 48cm
c) 12cm
d)36cm




୧୪) O କେନ୍ଦ୍ର ବିଶିଷ୍ଟ ଏକ ବୃତ୍ତର ବହିଃସ୍ଥ ଏକ ବିନ୍ଦୁ A ଠାରୁ ବୃତ୍ତପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ ଖଣ୍ଡ AP ଓ AQ ଅଟନ୍ତି ଯଦି ବୃତ୍ତର ବ୍ୟାସାର୍ଦ୍ଧ 9cmଓ OA = 15cmତେବେ AP + AQ ର ମୂଲ୍ୟ ନିରୂପଣ କର ?

a) 12cm
b) 18cm
c) 24cm
d)36cm

୧୫) ଦତ୍ତ ଚିତ୍ରରେ O ବୃତ୍ତର କେନ୍ଦ୍ର । PSଓ PT ଦୁଇଟି ସ୍ପର୍ଶକ ଖଣ୍ଡ ଏବଂ m$\angle$OPT = $20^0$ ହେଲେ m$\angle$SOT ର ପରିମାଣ କେତେ ?

a) $70^0$
b) $90^0$
c) $110^0$




d)$140^0$

୧୬) ଦତ୍ତ ଚିତ୍ରରେ ବୃତ୍ତଦ୍ୱୟ Pବିନ୍ଦୁରେ ସ୍ପର୍ଶ କରନ୍ତି । କେନ୍ଦ୍ର । $\overleftrightarrow{AB}$ ବୃତ୍ତଦ୍ୱୟର ସାଧାରଣ ସ୍ପର୍ଶକ ଏବଂ Aଓ B ସ୍ପର୍ଶବିନ୍ଦୁ । m$\angle$APB = କେତେ ?

a) $45^0$
b) $60^0$
c) $90^0$
d)$120^0$




୧୭) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 5 cm ହେଲେ ଏହାର ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟବର୍ତ୍ତୀ ଦୂରତା କେତେ ସେ.ମି ?

a) 5 cm
b) 10 cm
c) 2.5 cm
d)15 cm

୧୮) ପରସ୍ପର ବହିଃସ୍ଥ ହୋଇଥିବା ଦୁଇଟି ଅଣଛେଦୀ ବୃତ୍ତର ତୀର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା ?

a) 4
b) 3
c) 1
d)2

୧୯) ଦତ୍ତ ଚିତ୍ରରେ AD ସ୍ପର୍ଶକ ଖଣ୍ଡ । m$\angle$BAD = $50^0$AC=BC ହେଲେ m$\angle$BAC = କେତେ ?

a) $65^0$
b) $130^0$
c) $50^0$
d)$40^0$




୨୦) ଦତ୍ତ ଚିତ୍ରରେ $\overline{PT}$ଏକ ସ୍ପର୍ଶକ ଖଣ୍ଡ । $\overleftrightarrow{PAB}$ଏକ ଛେଦକ । PT = 12 cm, PA = 8cm ହେଲେ PB ର ଦୈର୍ଘ୍ୟ କେତେ ?

a) 4 cm
b) 18 cm
c) 20 cm
d)24 cm




୨୧) ଦତ୍ତ ଚିତ୍ରରେ ଯଦି AD = BD ତେବେ

a) AC = AB
b) AC = BC
c) AE = CE



d)AB = BC

୨୨) ଦତ୍ତ ଚିତ୍ରରେ $S_1$ଓ $S_2$ଦୁଇଟି ଏକ କୈନ୍ଦ୍ରିକ ବୃତ୍ତ PA ଓ PB ଦୁଇଟି ସ୍ପର୍ଶକ ଖଣ୍ଡ । OA = 6cm, OB = 3cm, AP = 10cm ହେଲେ BP = କେତେ ?

a) $\sqrt{91}$ cm
b) $\sqrt{127}$ cm
c) $\sqrt{119}$ cm
d)$\sqrt{109}$ cm




୨୩) ଦତ୍ତ ଚିତ୍ରରେ PAB ଓ PCD ବୃତ୍ତ ପ୍ରତି ଦୁଇଟି ଛେଦକ ଅଟେ PA = 8cm, AB= 10cm, PC= 9cm ହେଲେ CD = କେତେ ସେ.ମି. ?

a) 18 cm
b) 16 cm
c) 7 cm
d)2 cm




୨୪) ABC ସମକୋଣୀ $\Delta$ର B ସମକୋଣ । BC = 12cm, AB = 5cm । ABC ତ୍ରିଭୁଜର ଅନ୍ତର୍ଲିଖିତ ବୃତ୍ତର ବ୍ୟାସାର୍ଦ୍ଧର ଦୈର୍ଘ୍ୟ କେତେ ସେ.ମି ?

a) 4
b) 3
c) 1
d)2

୨୫) ଦୁଇଗୋଟି ବହିଃସ୍ପର୍ଶୀ ବୃତ୍ତର ବ୍ୟାସ ଯଥାକ୍ରମେ $d_1$ଓ $d_2$ତେବେ ସେମାନଙ୍କର କେନ୍ଦ୍ର ମଧ୍ୟବର୍ତ୍ତୀ ଦୂରତା ନିର୍ଣ୍ଣୟ କର ?

a) $\frac{d_1+d_2}{2}$
b) $\frac{d_1-d_2}{2}$
c) $(d_1+d_2)^2$
d)$(d_1-d_2)^2$

୨୬) ଦୁଇଟି ବହିଃସ୍ପର୍ଶୀ ବୃତ୍ତର ବ୍ୟାସ $r_1$ଓ $r_2$ଏକକ ବୃତ୍ତ ଦ୍ୱୟର ଏକ ସରଳ ସାଧାରଣ ସ୍ପର୍ଶକ $\overleftrightarrow{PQ}$ହେଲେ $\overline{PQ}$ କେତେ ସେ.ମି. ?

a) $r_1 + r_2$
b) $r_1 - r_2$
c) $r_1r_2$
d)$2\sqrt{r_1r_2}$

୨୭) 6 cm ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତର କେନ୍ଦ୍ରଠାରୁ 10 cm ଏଦୂରରେ ଏକ ବିନ୍ଦୁ A ଠାରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ $\overline{PA}$ ର ଦୈର୍ଘ୍ୟ ନିର୍ଣ୍ଣୟକର ?

a) 6cm
b) 8cm
c) 10cm
d)$2\sqrt{34}$

୨୮) O କେନ୍ଦ୍ର ବିଶିଷ୍ଟ ଏକ ବୃତ୍ତର ବହିଃସ୍ଥ ବିନ୍ଦୁ P ଠାରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ PQ । QOR ବୃତ୍ତର ବ୍ୟାସ ଯେପରିକି $m\angle POR = 120^0$, ତେବେ $m\ \angle OPQ$ = କେତେ ?

a) $90^0$
b) $60^0$
c) $45^0$
d)$30^0$

୨୯) ଦତ୍ତ ଚିତ୍ରରେ AD, AE ଓ BC ତିନୋଟି ସ୍ପର୍ଶକ ଖଣ୍ଡ ଯଥାକ୍ରମେ ବୃତ୍ତକୁ D, E ଓ F ବିନ୍ଦୁରେ ସ୍ପର୍ଶ କରନ୍ତି, ତେବେ

a) AD = AB + BC + CA
b) 2AD = AB + BC + CA
c) 3AD = AB + BC + CA
d)4AD = AB + BC + CA




୩୦) ଦୁଇଟି ଅନ୍ତସ୍ପର୍ଶୀ ବୃତ୍ତର ବ୍ୟାସାର୍ଦ୍ଧ 8 cm ଓ 4.5 cm ହେଲେ କେନ୍ଦ୍ରଦ୍ୱୟର ମଧ୍ୟବର୍ତ୍ତୀ ଦୂରତା କେତେ ହେବ ?

a) 8 cm
b) 4.5 cm
c) 12.5 cm
d)3.5 cm

୩୧) ଦତ୍ତ ଚିତ୍ରରେ O ବୃତ୍ତର କେନ୍ଦ୍ର AP ବୃତ୍ତର ସ୍ପର୍ଶକ ଖଣ୍ଡ, OP = 4cm ଓ $m\ \angle APO = 30^0$ହେଲେ AP = କେତେ ହେବ ?

a) $2\sqrt{2}$ cm
b) 2 cm
c) $2\sqrt{3}$ cm
d)$3\sqrt{2}$ cm



୩୨) ଦତ୍ତ ଚିତ୍ରରେ O ବୃତ୍ତର କେନ୍ଦ୍ର PT ବୃତ୍ତର ସ୍ପର୍ଶକ ଖଣ୍ଡ ଓ $\overleftrightarrow{PAB}$ ବୃତ୍ତର ଛେଦକ । PT = 2AP ଏବଂ AB = 18cm ହେଲେ PT କେତେ ସେ.ମି. ?

a) 12
b) 10
c) 9
d)6




୩୩) ଦତ୍ତ ଚିତ୍ରରେ O ବୃତ୍ତର କେନ୍ଦ୍ର $\overleftrightarrow{APB}$ ବୃତ୍ତର ସ୍ପର୍ଶକ ଯଦି $m\angle QPB = 50^0$ ତେବେ $m\angle POQ =$ କେତେ ?

a) $100^0$
b) $120^0$
c) $140^0$
d) $150^0$




୩୪) ଦତ୍ତ ଚିତ୍ରରେ PQRS ଚତୁର୍ଭୁଜରେ ଏକ ବୃତ୍ତ ଅନ୍ତର୍ଲିଖିତ ହୋଇଅଛି । ତେବେ PD +QB= କେତେ ?

a) PQ
b) QR
c) PR
d)PS




## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. c | 2. a | 3. b | 4. d | 5. d | 6. c | 7. a | 8. b | 9. b | 10. d |
| 11. c | 12. b | 13. a | 14. c | 15. d | 16. c | 17. b | 18. d | 19. a | 20. b |
| 21. b | 22. b | 23. c | 24. d | 25. a | 26. d | 27. b | 28. d | 29. b | 30. d |
| 31. b | 32. a | 33. a | 34. a | | | | | | |

# Class-X -Subjective Question Answer

## ବୃତ୍ତର ସ୍ପର୍ଶକ

### (୫ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର)

୧ ) ପ୍ରମାଣ କର ଯେ, ଗୋଟିଏ ବୃତ୍ତର ଏକ ସ୍ପର୍ଶକ ଏହାର ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ ପ୍ରତି ଲମ୍ବ ।

ଦତ୍ତ : ABC ବୃତ୍ତର କେନ୍ଦ୍ର O, L ରେଖା ଏକ ସ୍ପର୍ଶକ ଓ P ବିନ୍ଦୁ ହେଉଛି ସ୍ପର୍ଶବିନ୍ଦୁ । $\overline{OP}$ ହେଉଛି P ବିନ୍ଦୁଗାମୀ ବ୍ୟାସାର୍ଦ୍ଧ ।

ପ୍ରମାଣ୍ୟ : $\overline{OP} \perp L$

ପ୍ରମାଣ : P ଭିନ୍ନ, ରେଖା L ଉପରିସ୍ଥ ଅନ୍ୟ ଯେ କୌଣସି ବିନ୍ଦୁ Q, ABC ବୃତ୍ତର ବହିଃସ୍ଥ ।




$\therefore OQ > OP$ ($\because \overline{OP}$ ବୃତ୍ତ ABCର ଏକ ବ୍ୟାସାର୍ଦ୍ଧ)

ମାତ୍ର Q ବିନ୍ଦୁ, L ଉପରିସ୍ଥ P ଠାରୁ ଭିନ୍ନ କୌଣସି ଏକ ବିନ୍ଦୁ ।

ଏଣୁ Q ର ପ୍ରତ୍ୟେକ ଅବସ୍ଥାନ ଲାଗି QO>OP ବା OP <OQ ।

$\therefore$ O ବିନ୍ଦୁରୁ L ରେଖା ପ୍ରତି ଅଙ୍କିତ ରେଖାଖଣ୍ଡମାନଙ୍କ ମଧ୍ୟରେ $\overline{OP}$ ର ଦୈର୍ଘ୍ୟ କ୍ଷୁଦ୍ରତମ ।

$\Rightarrow \overline{OP} \perp L$ (ପ୍ରମାଣିତ)

୨ ) ପ୍ରମାଣ କର, କୌଣସି ବୃତ୍ତର ବହିଃସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡଦ୍ୱୟର ଦୈର୍ଘ୍ୟ ସମାନ ।

ଦତ୍ତ : ବୃତ୍ତ C ର କେନ୍ଦ୍ର O ଏବଂ ଏକ ବହିଃସ୍ଥ ବିନ୍ଦୁ P । ବିନ୍ଦୁରୁ C ବୃତ୍ତ ପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ ଖଣ୍ଡ ହେଉଛନ୍ତି $\overline{PQ}$ ଓ $\overline{PR}$ଏବଂ Q ଓ R ଯଥାକ୍ରମେ ସେମାନଙ୍କର ସ୍ପର୍ଶବିନ୍ଦୁ ।




ପ୍ରମାଣ୍ୟ : PQ = PR

ଅଙ୍କନ : $\overline{OP}$, $\overline{OQ}$ଏବଂ$\overline{OR}$ ଅଙ୍କନ କରାଯାଉ ।

ପ୍ରମାଣ : $\Delta$OQP ଓ $\Delta$ ORP ରେ

$\angle OQP \cong \angle ORP$ (ପ୍ରତ୍ୟେକ ସମକୋଣ । $\because \overline{OQ}$ଏବଂ $\overline{OR}$ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ)

କର୍ଣ୍ଣ $\overline{OP} \cong \overline{OP}$ (ସାଧାରଣ ବାହୁ)

$\overline{OQ} \cong \overline{OR}$ (ଏକ ବୃତ୍ତର ବ୍ୟାସାର୍ଦ୍ଧ)

$\therefore \Delta OQP \cong \Delta ORP$ (ସ.କ.ବା ସର୍ବସମତା)

$\Rightarrow \overline{PQ} \cong \overline{PR}$ (ସର୍ବସମ ତ୍ରିଭୁଜର ଅନୁରୂପ ବାହୁ)

ଅର୍ଥାତ୍ PQ = PR (ପ୍ରମାଣିତ)

୩) ପ୍ରମାଣ କର, ଏକ ବୃତ୍ତର ବହିଃସ୍ଥ କୌଣସି ଗୋଟିଏ ବିନ୍ଦୁ P ଦେଇ ବୃତ୍ତ ପ୍ରତି ଏକ ସ୍ପର୍ଶକ–ଖଣ୍ଡ $\overline{PT}$ଏବଂ ଏକ ଛେଦକ $\overleftrightarrow{PAB}$ଅଙ୍କିତ ହେଲେ, $PA \times PB = PT^2$ ।

ଦତ୍ତ : TAB ବୃତ୍ତର କେନ୍ଦ୍ର O ଏବଂ P ବୃତ୍ତର ବହିଃସ୍ଥ ଏକ ବିନ୍ଦୁ । P ବିନ୍ଦୁ ଦେଇ ଅଙ୍କିତ ଛେଦକ, ବୃତ୍ତକୁ A ଓ B ବିନ୍ଦୁରେ ଛେଦ କରେ ଏବଂ $\overleftrightarrow{PT}$ସ୍ପର୍ଶକ ବୃତ୍ତକୁ T ବିନ୍ଦୁରେ ସ୍ପର୍ଶ କରେ ।

ପ୍ରାମାଣ୍ୟ : $PA \times PB = PT^2$

ଅଙ୍କନ : $\overline{TA}$ଓ $\overline{TB}$ଅଙ୍କନ କରାଯାଉ ।



ପ୍ରମାଣ : TAB ବୃତ୍ତର T ବିନ୍ଦୁରେ $\overleftrightarrow{PT}$ ସ୍ପର୍ଶକ ଏବଂ $\overline{TA}$ ହେଉଛି ଏକ ସ୍ପର୍ଶବିନ୍ଦୁଗାମୀ ଜ୍ୟା ।

$\Delta PTA$ ଏବଂ $\Delta PBT$ ମଧ୍ୟରେ B A P

$m\angle TPA = m\angle TPB$ (ସାଧାରଣ କୋଣ)

$m\angle PTA = m\angle TBP$ ($\because$ ବୃତ୍ତର ସ୍ପର୍ଶକ ଏହାର ସ୍ପର୍ଶ ବିନ୍ଦୁଗାମୀ ଜ୍ୟା ସହିତ ଯେଉଁ କୋଣ ଉତ୍ପନ୍ନ କରେ, ତା'ର ପରିମାଣ ଉକ୍ତ କୋଣର ଏକାନ୍ତର ଋପାନ୍ତର୍ଲିଖିତ କୋଣର ପରିମାଣ ସହ ସମାନ)

$\Delta PTA \sim \Delta PBT$ (କୋ-କୋ ସାଦୃଶ୍ୟ)

$\Rightarrow \frac{PA}{PT} = \frac{PT}{PB} = \frac{AT}{BT}$

$\Rightarrow \frac{PA}{PT} = \frac{PT}{PB}$

$\Rightarrow PA \times PB = PT^2$ (ପ୍ରମାଣିତ)

୪) ପ୍ରମାଣକର, ଦୁଇଟି ସ୍ପର୍ଶକ ବୃତ୍ତର କେନ୍ଦ୍ରଦ୍ୱୟ ଓ ସ୍ପର୍ଶବିନ୍ଦୁ ଏକ ସରଳରେଖାରେ ଅବସ୍ଥିତ ।

ଦତ୍ତ : $S_1$ ଓ $S_2$ ସ୍ପର୍ଶକ ବୃତ୍ତ ଦ୍ୱୟର ସ୍ପର୍ଶବିନ୍ଦୁ P ଏବଂ ସେମାନଙ୍କର କେନ୍ଦ୍ର ଯଥାକ୍ରମେ $O_1$ ଏବଂ $O_2$ ।

ଚିତ୍ର -୧ରେ ବୃତ୍ତ ଦ୍ୱୟ ବହିଃସ୍ପର୍ଶୀ ଏବଂ ଚିତ୍ର-୨ରେ ବୃତ୍ତ ଦ୍ୱୟ ଅନ୍ତଃସ୍ପର୍ଶୀ ।

ପ୍ରମାଣ୍ୟ : $O_1$, $O_2$ ଏବଂ P ଏକ ସରଳରେଖାରେ ଅବସ୍ଥିତ




(ଚିତ୍ର -୧)




(ଚିତ୍ର-୨)

ଅଙ୍କନ : ବୃତ୍ତ ଦ୍ୱୟର ସ୍ପର୍ଶବିନ୍ଦୁରେ ସାଧାରଣ ସ୍ପର୍ଶକ $\overleftrightarrow{PT}$ ଅଙ୍କନ କରାଯାଉ । (ଚିତ୍ର-୧ରେ ତୀର୍ଯ୍ୟକ ସାଧାରଣ ସ୍ପର୍ଶକ ଓ ଚିତ୍ର-୨ରେ ସରଳ ସାଧାରଣ ସ୍ପର୍ଶକ ଅଙ୍କିତ ହେଉଛି ।) ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ $\overline{O_1P}$ ଓ $\overline{O_2P}$ ଅଙ୍କନ କରାଯାଉ ।

ପ୍ରମାଣ : $S_1$ ବୃତ୍ତ ର ସ୍ପର୍ଶକ $\overleftrightarrow{PT}$ ଏବଂ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ $\overline{O_1P}$ ।

$\therefore \overline{O_1P} \perp \overleftrightarrow{PT}$ $\Rightarrow \overleftrightarrow{O_1P} \perp \overleftrightarrow{PT}$

ସେହିପରି ବୃତ୍ତର ସ୍ପର୍ଶକ ଏବଂ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ ।

$\therefore \overline{O_2P} \perp \overleftrightarrow{PT}$ $\Rightarrow \overleftrightarrow{O_2P} \perp \overleftrightarrow{PT}$

ମାତ୍ର $\overleftrightarrow{PT}$ ର P ବିନ୍ଦୁରେ ଗୋଟିଏ ଓ କେବଳ ଗୋଟିଏ ଲମ୍ବ ସମ୍ଭବ । $\therefore \overleftrightarrow{O_1P}$ ଏବଂ $\overleftrightarrow{O_2P}$ ରେଖାଦ୍ୱୟ ଅଭିନ୍ନ ।

$\Rightarrow O_1$, $O_2$ ଏବଂ P ଏକ ସରଳରେଖାରେ ଅବସ୍ଥିତ ।

୫) $\Delta ABC$ ସମ୍ପୃକ୍ତ $\overline{BC}$ ବାହୁ, $\overrightarrow{AB}$ ରଶ୍ମି ଏବଂ $\overrightarrow{AC}$ ରଶ୍ମିକୁ PQR ବୃତ୍ତ ଯଥାକ୍ରମେ P, Q, R ବିନ୍ଦୁରେ ସ୍ପର୍ଶ କରେ ।

ପ୍ରମାଣ କରଯେ AQ = ½ (ABC ତ୍ରିଭୁଜର ପରିସୀମା)

ଦତ୍ତ :$\Delta ABC$ ର $\overline{BC}$ ବାହୁ, $\overrightarrow{AB}$ ରଶ୍ମି ଏବଂ $\overrightarrow{AC}$ ରଶ୍ମିକୁ PQR ବୃତ୍ତ ଯଥାକ୍ରମେ P, Q, R ବିନ୍ଦୁରେ ସ୍ପର୍ଶ କରୁଛି ।

ପ୍ରାମାଣ୍ୟ : AQ = ½ (ABC ତ୍ରିଭୁଜର ପରିସୀମା)

ଅର୍ଥାତ୍ AQ = ½ (AB + BC + AC)




ପ୍ରମାଣ : ବୃତ୍ତର ବହିଃସ୍ଥ ବିନ୍ଦୁ A ଠାରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡଦ୍ୱୟର ଦୈର୍ଘ୍ୟ ସମାନ । ତେଣୁ AQ = AR --- (1)

ସେହିପରି B ବିନ୍ଦୁଠାରୁ ଅଙ୍କିତ ସ୍ପର୍ଶକ ଖଣ୍ଡ BP = BQ ------ (2)

ଏବଂ C ବିନ୍ଦୁଠାରୁ ଅଙ୍କିତ ସ୍ପର୍ଶକ ଖଣ୍ଡ CP = CR ------- (3)

(1) ରୁ AQ = AR

⇨ AB + BQ = AC + CR

⇨ AB + BP = AC + CP {(2) ଓ (3)}---------(4)

$\Delta$ABC ର ପରିସୀମା = AB + BC + AC = AB + (BP + CP) + AC

= (AB + BP) + (AC + CP)

= (AB + BP) + (AB + BP) ------ (4) ରୁ

= 2 (AB + BP) = 2 AQ

∴ AQ = ½ (AB + BC + AC) (ପ୍ରମାଣିତ)

୬) ଏକ ସାମାନ୍ତରିକ ଚିତ୍ରର ସମସ୍ତ ବାହୁକୁ ଗୋଟିଏ ବୃତ୍ତ ସ୍ପର୍ଶ କଲେ, ପ୍ରମାଣ କର ଯେ ସାମାନ୍ତରିକ ଚିତ୍ରଟି ଏକ ରମ୍ବସ ।

ଦତ୍ତ : ABCD ସାମନ୍ତରିକ ଚିତ୍ରର ବାହୁମାନ $\overline{AB}$, $\overline{BC}$, $\overline{CD}$, $\overline{AD}$ଯଥାକ୍ରମେ ଏକ ବୃତ୍ତକୁ P, Q, R, S ବିନ୍ଦୁରେ ସ୍ପର୍ଶ କରୁଛନ୍ତି ।

ପ୍ରାମାଣ୍ୟ : ABCD ଏକ ରମ୍ବସ୍

ପ୍ରମାଣ : ଆମେ ଜାଣୁ ବହିଃସ୍ଥ ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡଦ୍ୱୟର ଦୈର୍ଘ୍ୟ ସମାନ ।




ତେଣୁ AP = AS

BP = BQ

CR = CQ

DR = DS

∴ AP + BP + CR + DR = AS + BQ + CQ + DS

⇨ (AP + BP) + (CR + DR) = (AS + DS) + (BQ + CQ)

⇨ AB + CD = AD + BC

⇨ AB + AB = AD + AD {∵ ABCD ସାମାନ୍ତରିକ ଚିତ୍ରରେ AB = CD, AD = BC}

⇨ 2AB = 2AD

⇨ AB = AD

∴ ABCD ଏକ ରମ୍ବସ୍ (ପ୍ରମାଣିତ)

୭) ଗୋଟିଏ ବୃତ୍ତର କେନ୍ଦ୍ର O ଏବଂ ଏହି ବୃତ୍ତର ବହିଃସ୍ଥ ଏକ ବିନ୍ଦୁ P । P ଠାରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟ ହେଉଛି $\overline{PA}$ଓ$\overline{PB}$ । $\overline{OP}$ର ଦୈର୍ଘ୍ୟ ବୃତ୍ତର ବ୍ୟାସ ସହ ସମାନ ହେଲେ, ପ୍ରମାଣ କର ଯେ $\Delta$ABP ଏକ ସମବାହୁ ତ୍ରିଭୁଜ ।

ଦତ୍ତ : S ବୃତ୍ତର କେନ୍ଦ୍ର O । ବହିଃସ୍ଥ P ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟ $\overline{PA}$ଓ$\overline{PB}$ ।

$\overline{OP}$ ବୃତ୍ତର ବ୍ୟାସ

ପ୍ରାମାଣ୍ୟ : $\Delta$ABP ସମବାହୁ ତ୍ରିଭୁଜ ।



ଅଙ୍କନ : $\overline{OA}$ ଓ $\overline{OB}$ ବ୍ୟାସାର୍ଦ୍ଧ ଅଙ୍କନ କରାଯାଉ ।

$m\angle OAP = 90^0$ ($\because$ ବୃତ୍ତର ଏକ ସ୍ପର୍ଶକ, ଏହାର ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ ପ୍ରତି ଲମ୍ବ)

OAP ସମକୋଣୀ $\Delta$ରେ $\sin m\angle OPA = \frac{OA}{OP}$

$\Rightarrow \sin m\angle OPA = \frac{OA}{2OA} = \frac{1}{2}$ ($\overline{OA}$ ବୃତ୍ତର ବ୍ୟାସାର୍ଦ୍ଧ ଓ $\overline{OP}$ ବୃତ୍ତର ବ୍ୟାସ ସଙ୍ଗେ ସମାନ)

$\sin m\angle OPA = \sin 30^0 m\angle OPA = 30^0$

ସେହିପରି $m\angle OPB = 30^0$

$\Rightarrow m\angle OPA + m\angle OPB = 60^0$

$\Rightarrow m\ \angle APB = 60^0$

ଆଉ ମଧ୍ୟ PA = PB (ବୃତ୍ତର ବହିଃସ୍ଥ ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡଦ୍ୱୟର ଦୈର୍ଘ୍ୟ ସମାନ)

$\Rightarrow m\angle PAB = m\angle PBA = \frac{180°-60°}{2} = 60^0$

$\Rightarrow \Delta ABP$ରେ $m\angle APB = m\angle PAB = m\angle PBA = 60^0$

$\therefore \Delta ABP$ ଏକ ସମବାହୁ $\Delta$ (ପ୍ରମାଣିତ)

ଟ) ABCD ଚତୁର୍ଭୁଜର $m\angle D = 90^0$ । ଏହାର ବାହୁମାନ AB, BC, CD ଓ AD ଯଥାକ୍ରମେ ଏକ ବୃତ୍ତକୁ P, Q, R, S ବିନ୍ଦୁରେ ସ୍ପର୍ଶ କରେ । ଯଦି BC = 38cm, CD = 25cm ଓ BP = 27cm ହୁଏ ତେବେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ।

ଦତ୍ତ : ABCD ଚତୁର୍ଭୁଜର $m\angle D = 90^0$

AB, BC, CD ଓ AD ବାହୁ ଯଥାକ୍ରମେ ବୃତ୍ତକୁ P, Q, R, S ବିନ୍ଦୁରେ ସ୍ପର୍ଶ କରନ୍ତି ।

BC = 38cm, CD = 25cm ଓ BP = 27cm

ଅଙ୍କନ : $\overline{OR}$ ଓ $\overline{OS}$ବ୍ୟାସାର୍ଦ୍ଧ ଅଙ୍କନ କରାଯାଉ ।

ପ୍ରମାଣ : $m\angle ORD = m\angle OSD = 90^0$ (ଗୋଟିଏ ବୃତ୍ତର ସ୍ପର୍ଶକ, ସ୍ପର୍ଶ ବିନ୍ଦୁଗାମୀ ବ୍ୟାସାର୍ଦ୍ଧ ପ୍ରତି ଲମ୍ବ)

$m\angle D = 90^0$ (ଦତ୍ତ)

ପୁନଶ୍ଚ DS = DR (ବହିଃସ୍ଥ ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ)

$\Rightarrow$ ORDS ଏକ ବର୍ଗଚିତ୍ର

ଆମେଜାଣୁ ବହିଃସ୍ଥ ବିନ୍ଦୁରୁ ଏକ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ।

ତେଣୁ CR = CQ, BP = BQ, AP = AS, DR = DS

BP = 27cm (ଦତ୍ତ)




$\Rightarrow$BQ = 27cm ($\because$ PB = BQ)
$\Rightarrow$BC – CQ = 27cm
$\Rightarrow$ 38 – CQ = 27 cm
$\Rightarrow$ CQ = 38-27 = 11cm
$\Rightarrow$ CR = 11 cm
$\Rightarrow$CD – DR = 11cm ($\because$CR= CD-DR)
$\Rightarrow$ 25 cm – DR = 11cm
$\Rightarrow$ DR = 25 – 11 = 14cm
କିନ୍ତୁ ORDS ଏକ ବର୍ଗଚିତ୍ର

$\therefore$ CR = DR = 14cm

ତେଣୁ ବୃତ୍ତର ବ୍ୟାସାର୍ଦ୍ଧ = 14cm (ପ୍ରମାଣିତ)

୯) ଗୋଟିଏ ବୃତ୍ତରେ $\overline{AB}$ ଏକ ବ୍ୟାସ । A ବିନ୍ଦୁରେ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଉପରେ P ଏକ ବିନ୍ଦୁ ଯେପରି $\overline{PB}$, ବୃତ୍ତକୁ Q ବିନ୍ଦୁରେ ଛେଦ କରେ । ପ୍ରମାଣ କର ଯେ, $AB^2 = BP \cdot BQ$

ଦତ୍ତ : $\overline{AB}$ ବୃତ୍ତର ବ୍ୟାସ । A ବିନ୍ଦୁରେ ଅଙ୍କିତ ସ୍ପର୍ଶକ ଉପରେ P ଏକ ବିନ୍ଦୁ । $\overline{PB}$ ବୃତ୍ତକୁ Q ବିନ୍ଦୁରେ ଛେଦ କରେ ।

ପ୍ରାମାଣ୍ୟ : $AB^2 = BP \cdot BQ$

ପ୍ରାମାଣ : $\overline{PA}$ ବୃତ୍ତର ସ୍ପର୍ଶକ ଓ $\overline{PQB}$ ଏକ ଛେଦକ

⇨ $PA^2 = PQ \times PB$

ପୁନଶ୍ଚ $m\angle PAB = 90^0$ (ଏକ ବୃତ୍ତର ସ୍ପର୍ଶକ ସ୍ପର୍ଶବିନ୍ଦୁଗାମୀ ବ୍ୟାସର୍ଦ୍ଧ ପ୍ରତି ଲମ୍ବ)




ତେଣୁ ABP ସମକୋଣୀ $\Delta$ରେ $BP^2 = AP^2 + AB^2$

⇨ $AB^2 = BP^2 - AP^2$

⇨ $AB^2 = BP^2 - PQ.BP$ ($\because PA^2 = PQ \times BP$)

⇨ $AB^2 = BP\,(BP - PQ)$

$AB^2 = BP \cdot BQ$ (ପ୍ରମାଣିତ)

୧୦) ଗୋଟିଏ ବୃତ୍ତର ବହିଃସ୍ଥ ଏକ ବିନ୍ଦୁ P ଏବଂ ସ୍ପର୍ଶକ ରଶ୍ମି $\overrightarrow{PT}$ ର ସ୍ପର୍ଶବିନ୍ଦୁ T । P ବିନ୍ଦୁଗାମୀ ଏକ ରେଖା ଉକ୍ତ ବୃତ୍ତକୁ A ଓ B ବିନ୍ଦୁରେ ଛେଦକରେ, ଯେପରିକି P – A – B ।$\overline{AB}$ଉପରେ A ଓ B ର ମଧ୍ୟବର୍ତ୍ତୀ C ଏକ ବିନ୍ଦୁ । ପ୍ରମାଣ କର ଯେ $\overrightarrow{TC}$, $\angle$ATB ର ସମଦ୍ୱିଖଣ୍ଡକ ହେଲେ PC = PT

ଦତ୍ତ: S ବୃତ୍ତର ବହିଃସ୍ଥ ଏକ ବିନ୍ଦୁ P । ସ୍ପର୍ଶକ ରଶ୍ମି $\overrightarrow{PT}$ର ସ୍ପର୍ଶକ ରଶ୍ମି T । P ବିନ୍ଦୁଗାମୀ ଏକ ରେଖା ଉକ୍ତ ବୃତ୍ତକୁ A ଓ B ବିନ୍ଦୁରେ ଛେଦକରେ, ଯେପରିକି P – A – B । $\overline{AB}$ର ମଧ୍ୟବର୍ତ୍ତୀ ବିନ୍ଦୁ C । $\overrightarrow{TC}$, $\angle$ATB ର ସମଦ୍ୱିଖଣ୍ଡକ, ଅର୍ଥାତ୍ $m\angle ATC = m\angle BTC$ ।

ପ୍ରାମାଣ୍ୟ : PC = PT

ପ୍ରମାଣ : ବୃତ୍ତ $\overrightarrow{PT}$ ଏକ ସ୍ପର୍ଶକ ଏବଂ $\overline{AT}$ସ୍ପର୍ଶବିନ୍ଦୁଗାମୀ ଜ୍ୟା ।




$m\angle ATP = m\angle TBC$ (ବୃତ୍ତର ସ୍ପର୍ଶକ, ସ୍ପର୍ଶବିନ୍ଦୁଗାମୀ ଜ୍ୟା ସହ ଯେଉଁ କୋଣ କରେ ତାହା ଏକାନ୍ତର ଋପାନ୍ତର୍ଲିଖିତ କୋଣର ପରିମାଣ ସହ ସମାନ)

ପୁନଶ୍ଚ, $m\angle ATC = m\angle BTC$ (ଦତ୍ତ)

$m\angle ATP + m\angle ATC = m\angle TBC + m\angle BTC$

$m\angle PTC = m\angle ACT$

(ବହିଃସ୍ଥକୋଣର ପରିମାଣ = ଅନ୍ତଃସ୍ଥ ଦୂରବର୍ତ୍ତୀ କୋଣ ଦ୍ୱୟର ପରିମାଣର ସମଷ୍ଟି)

PC = PT (ପ୍ରମାଣିତ)

୧୧) ଗୋଟିଏ ବୃତ୍ତର ଜ୍ୟା $\overline{AB}$ ଏହି ବୃତ୍ତ ଉପରିସ୍ଥ ଏକ ବିନ୍ଦୁ P ଠାରେ ଅଙ୍କିତ ସ୍ପର୍ଶକ ସହ ସମାନ୍ତର ହେଲେ, ପ୍ରମାଣ କର ଯେ P ବିନ୍ଦୁଠାରେ $\widehat{APB}$ ସମଦ୍ୱିଖଣ୍ଡିତ ହୁଏ ।

ଦତ୍ତ: S ବୃତ୍ତର $\overline{AB}$ଜ୍ୟା ଓ P ବିନ୍ଦୁରେ ଅଙ୍କିତ ସ୍ପର୍ଶକ $\overleftrightarrow{XY}$ ।$\overline{AB} \parallel \overleftrightarrow{XY}$

ପ୍ରାମାଣ୍ୟ : $\widehat{APB}$,P ବିନ୍ଦୁଠାରେ ସମଦ୍ୱିଖଣ୍ଡିତ ହୁଏ ।

ପ୍ରମାଣ : ବୃତ୍ତର P ବିନ୍ଦୁରେ ଅଙ୍କିତ ସ୍ପର୍ଶକ $\overleftrightarrow{XY}$ଏବଂ $\overline{PA}$




ସ୍ପର୍ଶବିନ୍ଦୁଗାମୀ ଜ୍ୟା । ⇨ $m\angle XPA = m\angle PBA$ ( $\because$ ସ୍ପର୍ଶକ ସ୍ପର୍ଶବିନ୍ଦୁଗାମୀ ଜ୍ୟା ସହ ଯେଉଁ କୋଣ କରେ, ତାହା ଏକାନ୍ତର ରୂପାନ୍ତର୍ଲିଖିତ କୋଣର ପରିମାଣ ସହ ସମାନ) - (1)

ପୁନଶ୍ଚ$\overleftrightarrow{XY} \parallel \overline{AB}$$\overline{PA}$ଛେଦକ

⇨ $m\angle XPA = m\angle PAB$ (ଏକାନ୍ତର କୋଣ) --------- (2)

(1) ଓ (2) ରୁ $m\angle PBA = m\angle PAB$

⇨ PA = PB

⇨$\widehat{PA} \cong \widehat{PB}$( $\because$ ଗୋଟିଏ ବୃତ୍ତରେ ଦୁଇଟି ସର୍ବସମ ଜ୍ୟା ସହ ସମ୍ପୃକ୍ତ ଉପଦ୍ୱୟ ସର୍ବସମ)

ତେଣୁ P ବିନ୍ଦୁରେ, $\widehat{APB}$ ସମଦ୍ୱିଖଣ୍ଡଇତ ହୁଏ । (ପ୍ରମାଣିତ)

୧୨) ପାର୍ଶ୍ୱସ୍ଥ ଚିତ୍ରରେ ବୃତ୍ତର କେନ୍ଦ୍ର O, $L_1$ଓ $L_2$ ଦୁଇଟି ସ୍ପର୍ଶକ ଏବଂ $L_1 \parallel L_2$ । 'R' ବିନ୍ଦୁରେ ଅଙ୍କିତ ସ୍ପର୍ଶକ $\overleftrightarrow{PQ}$, $L_1$ଓ $L_2$କୁ P ଓ Q ବିନ୍ଦୁରେ ଛେଦ କରେ । ପ୍ରମାଣ କରେଯେ $m\angle POQ$ ଏକ ସମକୋଣ ।

ଦତ୍ତ : O ବୃତ୍ତର କେନ୍ଦ୍ର । $L_1$ଓ $L_2$ ଦୁଇଟି ସମାନ୍ତର ସ୍ପର୍ଶକ । R ଠାରେ ଅଙ୍କିତ ସ୍ପର୍ଶକ $L_1$ଓ $L_2$କୁ ଯଥାକ୍ରମେ P ଓ Q ବିନ୍ଦୁରେ ଛେଦ କରେ ।

ପ୍ରାମାଣ୍ୟ : $m\angle POQ = 90^0$

ଅଙ୍କନ : $\overline{OS}$, $\overline{OT}$, $\overline{OR}$ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ ଅଙ୍କନ କରାଯାଉ ।

$\overline{OP}$ ଓ $\overline{OQ}$ ଯୋଗ କର ।




ପ୍ରମାଣ : $\Delta OSP$ ଓ $\Delta ORP$ ମଧ୍ୟରେ

OS = OR (ଏକ ବୃତ୍ତର ବ୍ୟାସାର୍ଦ୍ଧ)

PS = PR

( $\because$ ବୃତ୍ତର ବହିଃସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ)

$\overline{OP}$ସାଧାରଣ ବାହୁ

⇨$\Delta OSP \cong \Delta ORP$ (ବା. ବା.ବା. ସର୍ବସମତା)

⇨ $m\angle OPS = m\angle OPR$ (ଅନୁରୂପ କୋଣ)

ସେହିପରି $\Delta ORQ \cong \Delta OTQ$ ⇨ $m\angle OQR = m\angle OQT$ (ଅନୁରୂପ)

ଆମେଜାଣୁ $L_1 \parallel L_2$ ଏବଂ $\overleftrightarrow{PQ}$ ଛେଦକ

⇨ $m\angle SPQ + m\angle TQP = 180^0$

⇨ $\frac{1}{2} m\angle SPQ + \frac{1}{2} m\angle TQP = \frac{1}{2} \times 180^0$

⇨ $m\angle OPR + m\angle OQR = 90^0$

$\Delta POQ$ ରେ $m\angle OPQ + m\angle OQP + m\angle POQ = 180^0$

⇨ $90^0 + m\angle POQ = 180^0$

⇨ m∠POQ = $180^0 – 90^0 = 90^0$

⇨ m∠POQ = $90^0$ (ପ୍ରମାଣିତ)

୧୩) ABC ସମକୋଣୀ ତ୍ରିଭୁଜର B ସମକୋଣ । ଏହାର ବାହୁତ୍ରୟ $\overline{AB}, \overline{BC}$ ଓ $\overline{AC}$ ଗୋଟଇଏ ବୃତ୍ତକୁ ଯଥାକ୍ରମେ P, Q, R ବିନ୍ଦୁରେ ସ୍ପର୍ଶ କରେ । AB = 8cm ଓ BC = 6cm ହେଲେ ବୃତ୍ତର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

ଦତ୍ତ : ABC ସମକୋଣୀ ∆ର $\overline{AB}, \overline{BC}$ ଓ $\overline{AC}$ବାହୁତ୍ରୟ ଯଥାକ୍ରମେ ଏକ ବୃତ୍ତକୁ P, Q, R ବିନ୍ଦୁରେ ସ୍ପର୍ଶ କରେ । m∠B = $90^0$, AB = 8cm ଓ BC = 6cm




ଅଙ୍କନ : $\overline{OA}, \overline{OB}$ ଓ $\overline{OC}$ଯୋଗ କର ।

ବୃତ୍ତର ବ୍ୟାସାର୍ଦ୍ଧ $\overline{OP}, \overline{OQ}$ ଓ $\overline{OR}$ ଅଙ୍କନ କର ।

ପ୍ରମାଣ : ABC ସମକୋଣୀ ∆ର କର୍ଣ୍ଣ AC = $\sqrt{AB^2 + BC^2}$

⇨AC = $\sqrt{8^2 + 6^2} = \sqrt{64 + 36} = \sqrt{100}$ = 10cm

ମନେକର ବୃତ୍ତର ବ୍ୟାସାର୍ଦ୍ଧ r cm, OP = OQ = OR = r cm

∆ABC ର କ୍ଷେତ୍ରଫଳ = ½ AB x BC = ½ × 8 × 6

= 24 $cm^2$ ---------- (1)

ପୁନଶ୍ଚ ∆ABCର କ୍ଷେତ୍ରଫଳ = ∆AOB ର କ୍ଷେତ୍ରଫଳ + ∆BOC ର କ୍ଷେତ୍ରଫଳ + ∆ COA ର କ୍ଷେତ୍ରଫଳ

∆ABCର କ୍ଷେତ୍ରଫଳ = ½ AB x OP + ½ BC x OQ + ½ CA x OR ($\because \overline{OP} \perp \overline{AB}, \overline{OQ} \perp \overline{BC}, \overline{OR} \perp \overline{CA}$)

= ½× 6 × r + ½ × 8 × r + ½ ×10 × r

= ½ r (6+8+10) = ½ r × 24

= 12r $cm^2$

(1) ରୁ 12r = 24

⇨ r = 2cm

ବ ବୃତ୍ତର ବ୍ୟାସାର୍ଦ୍ଧ 2cm । (ପ୍ରମାଣିତ)

**୧୪) ପାର୍ଶ୍ୱସ୍ଥ ଚିତ୍ରରେ** $\overline{AB}$ ବୃତ୍ତର ବ୍ୟାସ । ବୃତ୍ତର B ବିନ୍ଦୁରେ ଅଙ୍କିତ ସ୍ପର୍ଶକ ଉପରେ D ଅନ୍ୟ ଏକ ବିନ୍ଦୁ । $\overline{AD}$ ବୃତ୍ତକୁ C ବିନ୍ଦୁରେ ଛେଦ କରେ । C ବିନ୍ଦୁରେ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ $\overleftrightarrow{CE}, \overleftrightarrow{BD}$ କୁ E ବିନ୍ଦୁରେ ଛେଦ କରେ । ପ୍ରମାଣ କର E ବିନ୍ଦୁ $\overline{BD}$ର ମଧ୍ୟବିନ୍ଦୁ ।

ଦତ୍ତ : $\overline{AB}$ ବୃତ୍ତର ବ୍ୟାସ B ବିନ୍ଦୁଠାରେ ଅଙ୍କିତ ସ୍ପର୍ଶକ ଉପରେ D ଏକ ବିନ୍ଦୁ । $\overline{AD}$ ବୃତ୍ତକୁ C ବିନ୍ଦୁରେ ଛେଦ କରେ । C ଠାରେ ଅଙ୍କିତ ସ୍ପର୍ଶକ $\overleftrightarrow{BD}$ କୁ E ବିନ୍ଦୁରେ ଛେଦ କରେ ।

ପ୍ରମାଣ୍ୟ : E, $\overleftrightarrow{BD}$ ର ମଧ୍ୟବିନ୍ଦୁ । ଅର୍ଥାତ୍ DE = BE

ଅଙ୍କନ : $\overline{BC}$ ଯୋଗ କର ।




ପ୍ରମାଣ : ବୃତ୍ତର ବହିଃସ୍ଥE ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ । ତେଣୁ CE = BE

⇨ m∠EBC = m∠ECB

ପୁନଶ୍ଚ m∠ACB = $90^0$ (ଅର୍ଦ୍ଧ ବୃତ୍ତସ୍ଥ କୋଣର ପରିମାଣ $90^0$)

$\Rightarrow m\angle BCD = 90^0$ ($\because$ $m\angle ACB + m\angle BCD = 180^0$)

$\Rightarrow m\angle ECB + m\angle ECD = 90^0$

($\because$ $m\angle BCD = m\angle ECB = m\angle ECD$) ---------- (1)

$\Delta BCD$ରେ $m\angle DBC + m\angle BDC = 90^0$ ($\because m\angle BCD = 90^0$)

$m\angle EBC + m\angle EDC = 90^0$ ---------- (2)

(1) ଓ (2) ରୁ $m\angle ECB + m\angle ECD = m\angle EBC + m\angle EDC$

$\Rightarrow m\angle ECD = m\angle EDC$ ($\because$ $m\angle ECB = m\angle ECB$)

$\Rightarrow CE = DE$ ---------- (3)

ପୂର୍ବରୁ ପ୍ରମାଣିତ BE = CE ---------- (4)

(3) ଓ (4) ରୁ BE = DE

$\therefore$ E, $\overleftrightarrow{BD}$ର ମଧ୍ୟବିନ୍ଦୁ (ପ୍ରମାଣିତ)

୧୫) ବହିଃସ୍ପର୍ଶୀ ଦୁଇଟି ବୃତ୍ତ$S_1$ ଓ $S_2$ ପରସ୍ପରକୁ P ବିନ୍ଦୁରେ ସ୍ପର୍ଶ କରନ୍ତି, ବୃତ୍ତ ଦ୍ୱୟର ଏକ ସରଳ ସାଧାରଣ ସ୍ପର୍ଶକ $S_1$ ଓ $S_2$ ବୃତ୍ତକୁ ଯଥାକ୍ରମେ A ଓ B ବିନ୍ଦୁରେ ସ୍ପର୍ଶ କରନ୍ତି । P ବିନ୍ଦୁ ମଧ୍ୟ ଦେଇ ଅଙ୍କିତ ସାଧାରଣ ସ୍ପର୍ଶକ $\overleftrightarrow{AB}$ କୁ C ବିନ୍ଦୁରେ ଛେଦକଲେ, ପ୍ରମାଣକର AC = BC ଏବଂ $m\angle APB = 90^0$

ଦତ୍ତ : $S_1$ ଓ $S_2$ ବୃତ୍ତଦ୍ୱୟ ଚିତ୍ର ଭଳି ପରସ୍ପରକୁ P ବିନ୍ଦୁରେ ସ୍ପର୍ଶ କରନ୍ତି । ବୃତ୍ତ ଦ୍ୱୟର ଏକ ସରଳ ସାଧାରଣ ସ୍ପର୍ଶକ $S_1$ ଓ $S_2$ ବୃତ୍ତକୁ ଯଥାକ୍ରମେ A ଓ B ବିନ୍ଦୁରେ ସ୍ପର୍ଶ କରନ୍ତି । P ବିନ୍ଦୁ ମଧ୍ୟ ଦେଇ ଅଙ୍କିତ ସାଧାରଣ ସ୍ପର୍ଶକ $\overleftrightarrow{AB}$ କୁ C ବିନ୍ଦୁରେ ଛେଦ କରେ ।

ପ୍ରାମାଣ୍ୟ : AC = BC ଏବଂ $m\angle APB = 90^0$

ଅଙ୍କନ : $\overline{AP}$ ଓ $\overline{BP}$ ଅଙ୍କନ କର ।




ପ୍ରମାଣ : C ବିନ୍ଦୁରୁ $S_1$ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ।

ତେଣୁ AC = PC ---------- (1)

C ବିନ୍ଦୁରୁ $S_2$ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ।

ତେଣୁ PC = BC ---------- (2)

(1) ଓ (2) ରୁ AC = BC

ପୁନଶ୍ଚ AC = PC $\Rightarrow m\angle CAP = m\angle CPA$

PC = BC $\Rightarrow m\angle CPB = m\angle CBP$

$\Delta ABP$ରେ $m\angle APB + m\angle PAB + m\angle PBA = 180^0$

$\Rightarrow m\angle APB + m\angle PAC + m\angle PBC = 180^0$

$\Rightarrow m\angle APB + m\angle CPA + m\angle CPB = 180^0$ ($\because m\angle PAC = m\angle CPA$ ଓ $m\angle CPB = m\angle CBP$)

$\Rightarrow m\angle APB + m\angle APB = 180^0$

$\Rightarrow 2m\angle APB = 180^0$

$\Rightarrow m\angle APB = 90^0$

$\therefore AC = BC$ ଏବଂ $m\angle APB = 90^0$ (ପ୍ରମାଣିତ)

# ପରିମିତି

(Mensuration)




୧. ବୃତ୍ତର ପରିଧି = **2πr = πd ( d = 2r)**

କୌଣସି ବୃତ୍ତରେ ଦୁଇଟି ଚାପର ଦୈର୍ଘ୍ୟର ଅନୁପାତ, ସେମାନଙ୍କର ଡିଗ୍ରୀ ପରିମାପର ସମାନ।




$\therefore \dfrac{\text{ଚାପର ଦୈର୍ଘ୍ୟ}}{\text{ପରିଧି}} = \dfrac{\text{ଚାପର ଡିଗ୍ରୀ ପରିମାପ}}{\text{ବୃତ୍ତର ଡିଗ୍ରୀ ପରିମାପ}} \Rightarrow \dfrac{L}{2\pi r} = \dfrac{\theta}{360^0}$

୨. ବୃତ୍ତକଳାର ଚାପ (L) = $\dfrac{\theta}{360^0}$ **X 2πr** = $\dfrac{\theta}{180^0}$ **X πr**

୩. ବୃତ୍ତର କ୍ଷେତ୍ରଫଳ = $\pi r^2$




୪. ଅର୍ଦ୍ଧବୃତ୍ତର କ୍ଷେତ୍ରଫଳ = $\dfrac{1}{2}\pi r^2$

୫. ବୃତ୍ତୀୟ ବଳୟର କ୍ଷେତ୍ରଫଳ = $\pi(R^2-r^2)$

୬. ବୃତ୍ତକଳାର କ୍ଷେତ୍ରଫଳ = ½ lr = ½ $r^2\,\theta$

୭. ବୃତ୍ତକଳାର କ୍ଷେତ୍ରଫଳ = $\dfrac{\theta}{360^0}$ **X** $\pi r^2$




୮. ବୃତ୍ତକଳାର ପରିସୀମା = **l + 2r**

୯. ଅର୍ଦ୍ଧବୃତ୍ତର ପରିସୀମା = **πr+ 2r**




୧୦. ବୃତ୍ତଖଣ୍ଡର କ୍ଷେତ୍ରଫଳ =

AXBA ବୃତ୍ତଖଣ୍ଡର କ୍ଷେତ୍ରଫଳ =

= OAXB ବୃତ୍ତକଳାର କ୍ଷେତ୍ରଫଳ - ΔOAB ର କ୍ଷେତ୍ରଫଳ




୧୧. ପ୍ରିଜିମ୍‌ର ପାର୍ଶ୍ୱତଳର କ୍ଷେତ୍ରଫଳ=

ଆଧାରର ପରିସୀମା x ଉଚ୍ଚତା= **( a +b +c) x h**

୧୨. ପ୍ରିଜିମ୍‌ର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = **2 X** ଭୂମିର କ୍ଷେତ୍ରଫଳ **+ (a + b + c) h**

୧୩. ପ୍ରିଜିମ୍‌ର ଆୟତନ = ଭୂମିର କ୍ଷେତ୍ରଫଳ **X** ଉଚ୍ଚତା




୧୪. ସିଲିଣ୍ଡରର ଆଧାରର କ୍ଷେତ୍ରଫଳ = $\pi r^2$

୧୫. ସିଲିଣ୍ଡରର ବକ୍ରତଳର କ୍ଷେତ୍ରଫଳ = **2 π rh**

୧୬. ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ =$2\pi r(h+r)$

୧୭. ସିଲିଣ୍ଡରର ଆୟତନ = $\pi r^2 h$

୧୮. ଫମ୍ପା ସିଲିଣ୍ଡରର ଆଧାରର କ୍ଷେତ୍ରଫଳ = $\pi(R^2-r^2)$

୧୯. ଫମ୍ପା ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳ = $2\pi h(R+r)$

୨୦. ଫମ୍ପା ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi r(R+r)(R-r+h)$

୨୧. ଫମ୍ପା ସିଲିଣ୍ଡରର ଆୟତନ = $\pi(R^2-r^2)h$




୨୨. କୋନ୍‌ର ଆଧାରର କ୍ଷେତ୍ରଫଳ = $\pi r^2$

୨୩. କୋନ୍‌ର ବକ୍ରତଳର କ୍ଷେତ୍ରଫଳ = $\pi rl$

୨୪. କୋନ୍‌ର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $\pi r(r+l)$

୨୫. କୋନ୍‌ର ଆୟତନ = $\frac{1}{3}\pi r^2 h$

୨୬. $l^2 = h^2 + r^2$

୨୭. ନିଦା ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ = $4\pi r^2$




୨୮. ନିଦା ଗୋଲକର ଆୟତନ = $\frac{4}{3}\pi r^3$

୨୯. ଅର୍ଦ୍ଧ ନିଦା ଗୋଲକର ବକ୍ରପୃଷ୍ଠତଳର କ୍ଷେତ୍ରଫଳ = $2\pi r^2$ଅର୍ଦ୍ଧ ନିଦା ଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $3\pi r^2$

୩୦. ଅର୍ଦ୍ଧ ନିଦା ଗୋଲକର ଆୟତନ = $\frac{2}{3}\pi r^3$




୩୧. ଫମ୍ପା ଗୋଲକର ବାହାର ପୃଷ୍ଠତଳର କ୍ଷେତ୍ରଫଳ = $4\pi R^2$

୩୨. ଫମ୍ପା ଗୋଲକର ଭିତର ପୃଷ୍ଠତଳର କ୍ଷେତ୍ରଫଳ = $4\pi r^2$

୩୩. ଫମ୍ପା ଗୋଲକର ଆୟତନ = $\frac{4}{3}\pi(R^3 - r^3)$

୩୪. ଫମ୍ପା ଅର୍ଦ୍ଧ ଗୋଲକର ଆୟତନ = $\frac{2}{3}\pi(R^3 - r^3)$

୩୫. ଫମ୍ପା ଅର୍ଦ୍ଧ ଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi(R^2+r^2) + \pi(R^2-r^2)$

୩୬. ଫମ୍ପା ଅର୍ଦ୍ଧ ଗୋଲକର ବକ୍ରପୃଷ୍ଠତଳର କ୍ଷେତ୍ରଫଳ = $2\pi(R^2+r^2)$

# ପରିମିତି(5.1 ରୁ5.3 ଓ 5.10)

୧) ଗୋଟିଏ ବୃତ୍ତକଳାର ଚାପର ଦୈର୍ଘ୍ୟ ଓ ବ୍ୟାସାର୍ଦ୍ଧର ଦୈର୍ଘ୍ୟ ସମାନ ହେଲେ, θ= ______ ?

a) π
b) $1^C$
c) $2^C$
d) π/2

୨) ଦୁଇଟି ବୃତ୍ତର ପରିଧିଦ୍ୱୟର ସମଷ୍ଟି ୩୦୮ ହେଲେ, ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି ______ମି.

a) 40
b) 42
c) 45
d) 49

୩) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 21 ସେ.ମି ହେଲେ, ଏହାର କ୍ଷେତ୍ରଫଳ ______ସେ.ମି।

a) 1286
b) 1186
c) 1389
d) 1386

୪) ଗୋଟିଏ ବୃତ୍ତର ବ୍ୟାସ ଓ ଅର୍ଦ୍ଧପରିଧିର ଅନୁପାତ ______ ।

a) π:2
b) 2:π
c) 3:π
d) π:3

୫) ଗୋଟିଏ ଅର୍ଦ୍ଧ ବୃତ୍ତାକାର କ୍ଷେତ୍ରର ବ୍ୟାସାର୍ଦ୍ଧ 3.5 ସେ.ମି ହେଲେ, ଏହାର ପରିସୀମା ______ମି. ।

a) 10
b) 12
c) 15
d) 18

୬) ଦୁଇଟି ବୃତ୍ତକଳାର ଚାପର ଅନୁପାତ1:2ଓ ବ୍ୟାସାର୍ଦ୍ଧର ଅନୁପାତ 2:3ହେଲେ ସେମାନଙ୍କର କ୍ଷେତ୍ରଫଳର ଅନୁପାତ______ ।

a) 1:3
b) 1:2
c) 1:4
d) 3:1

୭) ଦୁଇଟି ବୃତ୍ତର ବ୍ୟାସାର୍ଦ୍ଧର ଦୈର୍ଘ୍ୟ ଯଥାକ୍ରମେ 4 ସେ.ମି. ଓ 3ସେ.ମି. ହେଲେ, ସେମାନଙ୍କର ପରିଧି ଦ୍ୱୟର ସମଷ୍ଟି ______ସେ.ମି. ।

a) 40
b) 42
c) 44
d) 45

୮) ଦୁଇଟି ବୃତ୍ତର ପରିଧି ଦ୍ୱୟର ଅନ୍ତର 44 ମି. ହେଲେ, ବ୍ୟାସାର୍ଦ୍ଧ ଦ୍ୱୟର ଅନ୍ତର ______ ।

a) 5 ମି
b) 7 ମି
c) 8 ମି
d) 10 ମି

୯) ଗୋଟିଏ ବୃତ୍ତର ଅନ୍ତର୍ଲିଖିତ ସମବାହୁ Δ ର ବାହୁର ଦୈର୍ଘ୍ୟ6√3ସେ.ମି. ହେଲେ, ବୃତ୍ତର ବ୍ୟାସାର୍ଦ୍ଧ ଅନ୍ତର ______ସେ.ମି. ।

a) 2
b) 4
c) 6
d) 8

୧୦) ଗୋଟିଏ ବୃତ୍ତକଳାର ଚାପର ଦୈର୍ଘ୍ୟ 66 ମି. ଓ ଚାପର ଡ଼ିଗ୍ରୀ ପରିମାପ 70°ହେଲେ ବ୍ୟାସାର୍ଦ୍ଧର ଦୈର୍ଘ୍ୟ ______ ।

a) 54 ମି
b) 52 ମି
c) 56 ମି

d) 58 ମି

୧୧) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 7ସେ.ମି., ଏହାର 9 ଗୁଣ କ୍ଷେତ୍ରଫଳ ବିଶିଷ୍ଟ ବୃତ୍ତର ବ୍ୟାସାର୍ଦ୍ଧ _______ସେ.ମି. ।

a) 20 ସେ.ମି.

b) 18 ସେ.ମି.

c) 21 ସେ.ମି

d) 24 ସେ.ମି.

୧୨) 4ସେ.ମି. ବ୍ୟାସାର୍ଦ୍ଧ ଏବଂ 90°କେନ୍ଦ୍ରସ୍ଥ କୋଣ ବିଶିଷ୍ଟ ବୃତ୍ତକଳାର ଚାପର ଦୈର୍ଘ୍ୟ _______ସେ.ମି. ।

a) 2πr

b) 3πr

c) πr/2

d) πr/3

୧୩)15 ସେ.ମି. x 7 ସେ.ମି. ବିଶିଷ୍ଟ ଆୟତକ୍ଷେତ୍ରର ସମପରିସୀମା ବିଶିଷ୍ଟ ବୃତ୍ତର ବ୍ୟାସ _______ସେ.ମି. ।

a) 14
b) 12
c) 10
d) 16

୧୪) ସମ ପରିସୀମା ବିଶିଷ୍ଟ ବର୍ଗକ୍ଷେତ୍ରର ବାହୁ ଓ ବୃତ୍ତର ବ୍ୟାସର ଅନୁପାତ _______ ।

a) 4:π

b) 3:π

c) π:4

d) π:3

୧୫) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 2ସେ.ମି. ହେଲେ, ଏହାର 4 ଗୁଣ କ୍ଷେତ୍ରଫଳ ବିଶିଷ୍ଟ ବୃତ୍ତର ବ୍ୟାସାର୍ଦ୍ଧ _______ସେ.ମି. ।

a) 4 ସେ.ମି.

b) 2 ସେ.ମି.

c) 8 ସେ.ମି

d) 10 ସେ.ମି.

୧୬) ଗୋଟିଏ ବୃତ୍ତର ବ୍ୟାସd ଓ ଏହାର ଏକ ବୃତ୍ତାକାର ଚାପର ଦୈର୍ଘ୍ୟ lହେଲେ, ସେମାନଙ୍କର ବୃତ୍ତକଳାର ପରିସୀମା =_______ ।

a) a + d
b) l + d
c) r + l
d) r + d

୧୭) ଦୁଇଟି ବୃତ୍ତର ବ୍ୟାସାର୍ଦ୍ଧx ସେ.ମି. ଓ x+2 ସେ.ମି. ହେଲେ, ସେମାନଙ୍କର ପରିଧିଦ୍ୱୟର ସମଷ୍ଟି= _______ ।

a) 2π

b) 2π(x+2)

c) 2π(x+1)

d) 4π(x+1)

୧୮) ଗୋଟିଏ ବର୍ଗକ୍ଷେତ୍ର ଓ ଗୋଟିଏ ବୃତ୍ତର ପରିସୀମା ସମାନ ହେଲେ, ବର୍ଗକ୍ଷେତ୍ରର ବାହୁର ଦୈର୍ଘ୍ୟ ଓ ବୃତ୍ତର ବ୍ୟାସାର୍ଦ୍ଧର ଅନୁପାତ = _______ ।

a) 7:11
b) 11:7
c) 22:7
d) 7:22

୧୯) ଗୋଟିଏ ବୃତ୍ତାକାର ବଳୟର ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି 15 ସେ.ମି. ଓ ଅନ୍ତର 7 ସେ.ମି. ହେଲେ, ବଳୟର କ୍ଷେତ୍ରଫଳ= _______ ।

a) 110
b) 220
c) 330
d) 320

୨୦) ବୃତ୍ତର ବ୍ୟାସାର୍ଦ୍ଧର ଦୈର୍ଘ୍ୟ 2 ସେ.ମି. ନେଇ ଏକ ବୃତ୍ତ ଅଙ୍କନ କଲେ, ଏହାର କ୍ଷେତ୍ରଫଳ= _______ସେ.ମି. ହେବ ।

a) 2π

b) 3π

c) 4π

d) 8ᴨ

୨୧) ଗୋଟିଏ ବୃତ୍ତାକାର କ୍ଷେତ୍ରଫଳ 462 ବର୍ଗ ସେ.ମି. । ଏହାର ସଂପୃକ୍ତ ଚାପର ଡ଼ିଗ୍ରୀ ପରିମାଣ 120° ହେଲେ ବ୍ୟାସାର୍ଦ୍ଧ _______ ।

a) 21 ସେ.ମି.

b) 42 ସେ.ମି.

c) 84 ସେ.ମି.

d) 14 ସେ.ମି.

୨୨) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 6 ସେ.ମି. । ଏହାର 9 ଗୁଣ କ୍ଷେତ୍ରଫଳ ବିଶିଷ୍ଟ ବୃତ୍ତର ବ୍ୟାସାର୍ଦ୍ଧ

_______ ସେ.ମି. ।

a) 36 ସେ.ମି.

b) 54 ସେ.ମି.

c) 18 ସେ.ମି.

d) 27 ସେ.ମି.

୨୩) ଏକ ବୃତ୍ତର ଚାପର ଦୈର୍ଘ୍ୟ  110 । ଚାପର 120° ଡ଼ିଗ୍ରୀ ପରିମାପ ହେଲେ ବୃତ୍ତର ବ୍ୟାସାର୍ଦ୍ଧ

_______ ମିଟର ।

a) 84
b) 70
c) 42
d) 35

୨୪) ଗୋଟିଏ ବୃତ୍ତର ପରିଧି ଯେତିକି ସେ.ମି., ଏହାର କ୍ଷେତ୍ରଫଳ ସେତିକି ବର୍ଗସେ.ମି. । ବୃତ୍ତର ବ୍ୟାସ _______ ।

a) 4 ସେ.ମି.

b) 3 ସେ.ମି.

c) 2 ସେ.ମି.

d) 1 ସେ.ମି.

୨୫) ABC ଓ PQR ବୃତ୍ତଦ୍ୱୟର ପରିଧି ଅନୁପାତ3:5 ହେଲେ  ବୃତ୍ତଦ୍ୱୟର କ୍ଷେତ୍ରଫଳଅନୁପାତ

_______  ।

a) 5:3
b) 9:25
c) 9:5
d) 3:5

୨୬) ଦୁଇଟି ଏକ କେନ୍ଦ୍ରିକବୃତ୍ତର ବ୍ୟାସ ଯଥାକ୍ରମେ32 ସେ.ମି.ଓ 18 ସେ.ମି । ଉଭୟଙ୍କ ପରିଧି ଅନ୍ତର୍ଗତ ସ୍ଥାନର କ୍ଷେତ୍ରଫଳ_______ବର୍ଗ ସେ.ମି. ।

a)
b)
c)
d)

୨୭) ଗୋଟିଏ ଅର୍ଦ୍ଧ ବୃତ୍ତାକାର କ୍ଷେତ୍ରର ପରିସୀମା 180 ମି. ହେଲେ ଏହାର ବ୍ୟାସାର୍ଦ୍ଧ _______ହେବ ।

a) 14ମି.

b) 21ମି.

c) 42ମି.

d) 88 ମି.

୨୮) ଗୋଟିଏ ବର୍ଗକ୍ଷେତ୍ରର ପରିସୀମା, ଗୋଟିଏ ବୃତ୍ତର ପରିସୀମା ସହ ସମାନ ହେଲେ, ସେମାନଙ୍କର କ୍ଷେତ୍ରଫଳର ଅନୁପାତ_______ହେବ ।

a) 11:14
b) 14:22
c) 11:7
d) 7:11

୨୯) ଯଦି ଏକ ଚାପ ବୃତ୍ତର କେନ୍ଦ୍ରରେ 90° କୋଣ ଉତ୍ପନ୍ନ କରେ, ତେବେ ବୃତ୍ତର ଚାପ ଓ ବୃତ୍ତର  ପରିଧିର ଅନୁପାତ _______ହେବ ।

a) 11:14
b) 14:22
c) 11:7
d) 7:11

୩୦) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 9 ସେ.ମି. । ଏଥିରେ ଅନ୍ତର୍ଲିଖିତ ସମବାହୁ ∆ର ଉଚ୍ଚତା _______ ।

a) 3.5ସେ.ମି.

b) 12ସେ.ମି.

c) 15ସେ.ମି.

d) 14.5ସେ.ମି.

୩୧) ଦୁଇଟି ବୃତ୍ତର ବ୍ୟାସ 30 ସେ.ମି. ଓ 20 ସେ.ମି. । ବୃତ୍ତ ଦ୍ୱୟର ପରିଧିର ସମଷ୍ଟି ସହ ସମାନ ପରିଧି ବିଶିଷ୍ଟ ଅନ୍ୟ ଏକ ବୃତ୍ତର ବ୍ୟାସ ______ ।

a) 25 ସେ.ମି.

b) 35 ସେ.ମି.

c) 40 ସେ.ମି.

d) 50 ସେ.ମି.

୩୨) ଗୋଟିଏ ଅର୍ଦ୍ଧ ବୃତ୍ତର ବ୍ୟାସାର୍ଦ୍ଧ 14 ସେ.ମି. ହେଲେ, ଏହାର ପରିସୀମା ______ ।

a) 44ସେ.ମି.

b) 58ସେ.ମି.

c) 72ସେ.ମି.

d) 64ସେ.ମି.

୩୩) ଏକ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 16ବର୍ଗ ସେ.ମି. । ଏହାର ଅନ୍ତର୍ଲିଖିତ ବୃତ୍ତର ବ୍ୟାସାର୍ଦ୍ଧ______ସେ.ମି ।

a) 2
b) 2√2
c) 4
d) 4√2

୩୪) ଏକ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 98 ବର୍ଗ ସେ.ମି. । ଏହାର ପରିବୃତ୍ତର ବ୍ୟାସାର୍ଦ୍ଧ ______ସେ.ମି ।

a) 5
b) 10
c) 7
d) 14

୩୫) 14 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ବୃତ୍ତର ଚାପର ଡ଼ିଗ୍ରୀ ପରିମାପ $45^{o}$ ହେଲେ, ଚାପର ଦୈର୍ଘ୍ୟ _____ସେ.ମି ।

a) 11
b) 11/2
c) 22
d) 15/2

୩୬) ଏକ ବୃତ୍ତକଳାର ଚାପର ଦୈର୍ଘ୍ୟ 24 ସେ.ମି. ଓ ବ୍ୟାସାର୍ଦ୍ଧର ଦୈର୍ଘ୍ୟ 8 ସେ.ମି. ହେଲେ ବୃତ୍ତକଳାର କ୍ଷେତ୍ରଫଳ_____ବର୍ଗ ସେ.ମି ।

a) 96
b) 48
c) 50
d) 54

୩୭) ଦୁଇଟି ବୃତ୍ତର ପରିଧିର ଅନୁପାତ 2:5ହେଲେ, କ୍ଷେତ୍ରଫଳର ଅନୁପାତ______ହେବ ।

a) 25:4
b) 2:5
c) 4:25
d) 5:2

୩୮) 10 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତରେ ଏକ ବର୍ଗଚିତ୍ର ଅନ୍ତର୍ଲିଖିତ ହେଲେ, ବର୍ଗ ଚିତ୍ରର କ୍ଷେତ୍ରଫଳ______ବର୍ଗ ସେ.ମି ହେବ ।

a) 200√2
b) 200
c) 100√2
d) 300

୩୯) ଗୋଟିଏ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 16ବର୍ଗ ସେ.ମି. । ଏହାର ଅନ୍ତର୍ଲିଖିତ ବୃତ୍ତର ବ୍ୟାସାର୍ଦ୍ଧ ______ସେ.ମି ।

a) 1
b) 2
c) 3
d) 4

୪୦) ଗୋଟିଏ ଚକର ବ୍ୟାସାର୍ଦ୍ଧ 7 ସେ.ମି. ହେଲେ ଏହାର ପରିଧି ______ସେ.ମି ।

a) 22
b) 44
c) 66
d) 88

୪୧) ଏକ ବୃତ୍ତର କ୍ଷେତ୍ରଫଳ154 ବର୍ଗ ମିଟର ହେଲେ ବୃତ୍ତର ବ୍ୟାସ______ ମି ।

a) 7
b) 10

c) 14
d) 18

୪୨) ସମଉଚ୍ଚତା ଓ ସମ ଆଧାର ବିଶିଷ୍ଟ ଅର୍ଦ୍ଧଗୋଲକର ଆୟତନ 22ଘ.ସେ.ମି. ହେଲେ, କୋନ୍‌ର ଆୟତନ______ଘନ ସେ.ମି ।

a) 10
b) 11
c) 15
d) 18

୪୩) ଦୁଇଟି ଗୋଲକର ବ୍ୟାସାର୍ଦ୍ଧ ଦ୍ୱୟର ଅନୁପାତ 3:4ହେଲେ, ଗୋଲକ ଦ୍ୱୟର ପୃଷ୍ଠତଳର କ୍ଷେତ୍ରଫଳର ଅନୁପାତ ______ ।

a) 9:16
b) 16:9
c) 3:5
d) 5:3

୪୪) ଗୋଟିଏ ଗୋଲକର ବ୍ୟାସାର୍ଦ୍ଧ 3.5 ସେ.ମି. ହେଲେ, ଏହାର ଆୟତନ______ଘ.ସେ.ମି ।

a) 530
b) 531
c) 539
d) 540

୪୫) ଗୋଟିଏ ଗୋଲକର ଆୟତନ ଏହାର ପୃଷ୍ଠତଳର କ୍ଷେତ୍ରଫଳର ପରିମାଣ ସହିତ ସମାନ ହେଲେ, ତା'ର ବ୍ୟାସାର୍ଦ୍ଧ______ଏକକ ।

a) 1
b) 2
c) 3
d) 4

୪୬) ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 616ବ.ସେ.ମି. ହେଲେ, ତା'ର ବ୍ୟାସାର୍ଦ୍ଧ______ ।

a) 7 ସେ.ମି.
b) 8 ସେ.ମି.
c) 9 ସେ.ମି.
d) 10 ସେ.ମି.

୪୭) ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳର ଅନୁପାତ 4:9 ହେଲେ, ଆୟତନର ଅନୁପାତ______ ।

a) 8:27
b) 3:4
c) 2:9
d) 27:8

୪୮) ଦୁଇଟି ଗୋଲକର ବ୍ୟାସାର୍ଦ୍ଧ ଅନୁପାତ 2:3ହେଲେ, ସେମାନଙ୍କର ଆୟତନର ଅନୁପାତ______ ।

a) 8:27
b) 2:5
c) 4:9
d) 2:19

୪୯) 3ମି. ଉଚ୍ଚତା ବିଶିଷ୍ଟ ଗୋଲକର ଆୟତନ______ଘ.ମି. ।।

a) 99/7
b) 9/7
c) 11/7
d) 7/99

୫୦) ଗୋଟିଏ ଗୋଲକର ବୃହତ୍ତମ ଜ୍ୟାର ଦୈର୍ଘ୍ୟ $2\sqrt{7}$ ସେ.ମି. ହେଲେ, ଏହାର ପୃଷ୍ଠତଳର କ୍ଷେତ୍ରଫଳ ______ବର୍ଗ ସେ.ମି ।

a) 11
b) 44
c) 88
d) 22

୫୧) ଗୋଟିଏ ଗୋଲକର ଆୟତନ ଯେତିକି ଘନସେ.ମି. ତାହାର ପୃଷ୍ଠତଳର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. ହେଲେ ଗୋଲକର ବ୍ୟାସ______ସେ.ମି ।

a) 3
b) 4
c) 6
d) 8

୫୨) ଗୋଟିଏ ଗୋଲକର ଆୟତନ xଘନ ମିଟର ଓ ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳx ବର୍ଗ ମିଟର। ଗୋଲକର ବ୍ୟାସାର୍ଦ୍ଧ______ ।

a) 1 ମି
b) $2/\sqrt{3}$ ମି

c) √3 ମି

d) 3 ମି

୫୩) ଗୋଟିଏ ଗୋଲକର ଆୟତନ 36$\pi$ଘନ ସେ.ମି. ହେଲେ ଏହାର ବ୍ୟାସ______ସେ.ମି ।

a) 3
b) 4
c) 6
d) 9

୫୪) 9 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ନିଦାଧାତବ ଗୋଲକକୁ ତରଳାଇ 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ______ନିଦା ଗୋଲକ ମିଳିପାରିବ ।

a) 25
b) 27
c) 30
d) 35

୫୫) ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 154ବର୍ଗ ସେ.ମି. ହେଲେ ଏହାର ବ୍ୟାସାର୍ଦ୍ଧ______ସେ.ମି ହେବ ।

a) 3.5
b) 5
c) 7
d) 7.5

୫୬) ଗୋଟିଏ ଗୋଲକର ଆୟତନ 154ଘନ ସେ.ମି. ଓ ପୃଷ୍ଠତଳର କ୍ଷେତ୍ରଫଳ 14 ବର୍ଗ ସେ.ମି. ହେଲେ ବ୍ୟାସାର୍ଦ୍ଧ______ସେ.ମି ।

a) 30
b) 42
c) 24
d) 33

୫୭) ଏକ ଅର୍ଦ୍ଧ ଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ60ବର୍ଗ ସେ.ମି. ହେଲେ, ଏହାର ଆଧାରର କ୍ଷେତ୍ରଫଳ ______ବର୍ଗ ସେ.ମି ।

a) 10
b) 20
c) 25
d) 30

୫୮) ଦୁଇଟି ଗୋଲକର ବ୍ୟାସାର୍ଦ୍ଧର ଅନୁପାତ 1:4ହେଲେ, ସେମାନଙ୍କର ଆୟତନର ଅନୁପାତ ______ହେବ ।

a) 1:2
b) 1:4
c) 1:16
d) 1:64

୫୯) ଏକ ଗୋଲକର ବ୍ୟାସ 14 ସେ.ମି. ହେଲେ ଏହାର ପୃଷ୍ଠତଳର କ୍ଷେତ୍ରଫଳ______ବର୍ଗ ସେ.ମି. ହେବ ।

a) 616
b) 724
c) 756
d) 632

## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. b | 2. d | 3. d | 4. b | 5. d | 6. a | 7. c | 8. b | 9. c | 10. a |
| 11. c | 12. c | 13. a | 14. c | 15. a | 16. b | 17. d | 18. b | 19. c | 20. c |
| 21. a | 22. c | 23. a | 24. a | 25. b | 26. a | 27. b | 28. a | 29. c | 30. a |
| 31. d | 32. c | 33. a | 34. c | 35. a | 36. a | 37. c | 38. b | 39. b | 40. b |
| 41. c | 42. b | 43. a | 44. c | 45. c | 46. a | 47. a | 48. a | 49. a | 50. c |
| 51. c | 52. d | 53. c | 54. b | 55. a | 56. d | 57. b | 58. d | 59. a | |

# ପରିମିତି(5.1 ରୁ5.3 ଓ 5.10)

## ବୃତ୍ତ ଓ ବୃତ୍ତକଳା

୧) ଦୁଇଟି ବୃତ୍ତର ପରିଧିର ସମଷ୍ଟି 220 ସେ.ମି. ଓ କ୍ଷେତ୍ରଫଳର ଅନ୍ତର 770 ବର୍ଗ ସେ.ମି. । ବୃତ୍ତଦ୍ୱୟର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

୨) ଗୋଟିଏ ଅର୍ଦ୍ଧ ବୃତ୍ତାକାର ଜମିର ସୀମାରେ ବାଡ଼ ଦେବା ପାଇଁ ମିଟରକୁ 75 ପଇସା ହିସାବରେ 216 ଟଙ୍କା ଖର୍ଚ୍ଚ ହେଲେ, ଅର୍ଦ୍ଧ ବୃତ୍ତାକାର ଜମିର ବ୍ୟାସ କେତେ ?

୩) ଦୁଇଟି ଏକ କୈନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟର ଅନୁପାତ 3:5 ଏବଂ ସେମାନଙ୍କର ପରିଧିର ସମଷ୍ଟି 352 ସେ.ମି. । ବୃହତ୍ତର ବୃତ୍ତର କ୍ଷେତ୍ରଫଳ ନିର୍ଣ୍ଣୟ କର ।

୪) ଖଣ୍ଡେ ତାର ଦ୍ୱାରା ଗଠିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 484 ବର୍ଗ ସେ.ମି. । ଏହାକୁ ବଙ୍କାଇ ବୃତ୍ତରେ ପରିଣତ କଲେ ବୃତ୍ତଟିର କ୍ଷେତ୍ରଫଳ କେତେ ହେବ ?

୫) କୌଣସି ଏକ ବୃତ୍ତକଳାର କେନ୍ଦ୍ରସ୍ଥ କୋଣର ପରିମାଣ $90^\circ$ । ଏହାର ବ୍ୟାସାର୍ଦ୍ଧର ଦୈର୍ଘ୍ୟ 5 ସେ.ମି. ହେଲେ ବୃତ୍ତକଳାର ପରିସୀମା ନିର୍ଣ୍ଣୟ କର । ($\pi$=3.14)

୬) ଦୁଇଟି ଏକ କୈନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧଦ୍ୱୟର ଅନୁପାତ 3:5 ଏବଂ ସେମାନଙ୍କର ପରିଧି ଦ୍ୱୟର ଅନ୍ତର 88 ସେ.ମି. । କ୍ଷୁଦ୍ରତର ବୃତ୍ତର କ୍ଷେତ୍ରଫଳ ନିର୍ଣ୍ଣୟ କର ।

୭) ଗୋଟିଏ ସମବାହୁ ତ୍ରିଭୁଜର କ୍ଷେତ୍ରଫଳ $1089\sqrt{3}$ ବର୍ଗସେ.ମି । ଏହାର ପରିସୀମା ଗୋଟିଏ ବୃତ୍ତର ପରିଧି ସଙ୍ଗେ ସମାନ ହେଲେ ବୃତ୍ତର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

୮) ଗୋଟିଏ ବୃତ୍ତାକାର ରାସ୍ତାର ବାହାର ଓ ଭିତର ପରିଧି ଯଥାକ୍ରମେ 396 ମି. ଓ 352 ମି. ହେଲେ ରାସ୍ତାର ପ୍ରସ୍ଥ ନିର୍ଣ୍ଣୟ କର ।

୯) 46 ମିଟର ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବଗିଚା ମଧ୍ୟରେ ତାହାର ସୀମାକୁ ଲାଗି ଗୋଟିଏ ରାସ୍ତା ନିର୍ମିତ ହୋଇଛି । ରାସ୍ତାର କ୍ଷେତ୍ରଫଳ 1408 ବର୍ଗମିଟର ହେଲେ ଏହାର ପ୍ରସ୍ଥ ନିର୍ଣ୍ଣୟ କର ।

୧୦) ଗୋଟିଏ ଚକର ବ୍ୟାସାର୍ଦ୍ଧ ଅନ୍ୟ ଏକ ଚକର ବ୍ୟାସାର୍ଦ୍ଧ ଠାରୁ 7 ସେ.ମି. ଅଧିକ । 88 ମିଟର ବାଟ ଗଲେ ସାନଚକ ବଡ଼ଚକ ଠାରୁ 100 ଥର ଅଧିକ ଘୂରେ । ଚକଦ୍ୱୟର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର । $\left(\pi \simeq \frac{22}{7}\right)$

୧୧) ଗୋଟିଏ ସମବାହୁ ତ୍ରିଭୁଜର ଅନ୍ତଃବୃତ୍ତର କ୍ଷେତ୍ରଫଳ । 154 ସେ.ମି. ହେଲେ, ତ୍ରିଭୁଜର ପରିସୀମା ନିର୍ଣ୍ଣୟ କର ।

୧୨) ଗୋଟିଏ ଗାଡ଼ିର ବଡ଼ଚ଼କ ଓ ସାନଚ଼କର ପରିଧିର ଅନୁପାତ 4:1 । 440 ମିଟର ରାସ୍ତା ଅତିକ୍ରମ କରିବାରେ ସାନ ଚ଼କ ବଡ଼ ଚ଼କ ଅପେକ୍ଷା 15 ଥର ଅଧିକ ଘୂରେ । ପ୍ରତ୍ୟେକ ଚ଼କର ପରିଧି ନିର୍ଣ୍ଣୟ କର । $\left(\pi \simeq \frac{22}{7}\right)$

୧୩) ଗୋଟିଏ ଘୋଡ଼ା ବୃତ୍ତ ଉପରେ ଥରେ ଘୂରି ଆସି ସିଧା ଯାଇ କେନ୍ଦ୍ରରେ ପହଂଚିବା ପାଇଁ ତାକୁ 10 ମିନିଟ୍ 12 ସେକେଣ୍ଡ ସମୟ ଲାଗିଲା । ସେ କେବଳ ବୃତ୍ତଉପରେ ଘୂରିଥିଲେ ତାକୁ କେତେ ସମୟ ଲାଗିଥା'ନ୍ତା ? $\left(\pi \simeq \frac{22}{7}\right)$

୧୪) ଏକ ବୃତ୍ତର ବ୍ୟାସାର୍ଦ୍ଧ 28 ସେ.ମି ହେଲେ ଏହାର କେନ୍ଦ୍ରରେ $90^\circ$ କୋଣ ଉତ୍ପନ୍ନ କରୁଥିବା ବୃତ୍ତ ଖଣ୍ଡର କ୍ଷେତ୍ରଫଳ ନିର୍ଣ୍ଣୟ କର ।

୧୫) 7 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ତିନୋଟି ବୃତ୍ତ ପରସ୍ପରକୁ ସ୍ପର୍ଶ କରନ୍ତି । ବୃତ୍ତ ମାନଙ୍କର ବହିଃସ୍ଥ ମାତ୍ର ସେମାନଙ୍କ ଦ୍ୱାରା ଆବଦ୍ଧ କ୍ଷେତ୍ରର କ୍ଷେତ୍ରଫଳ ଦଶମିକ ଦୁଇସ୍ଥାନ ପର୍ଯ୍ୟନ୍ତ ଆସନ୍ନମାନ ନିର୍ଣ୍ଣୟ କର । $(\sqrt{3} \simeq 1.731)(\pi \simeq 3.14)$

# Answers

୧) **ଉତ୍ତର:**

ମନେକର ବୃତ୍ତ ଦୁଇଟିର ବ୍ୟାସାର୍ଦ୍ଧ ଯଥାକ୍ରମେ R ଓ r ।

$\therefore$ ପ୍ରଥମ ବୃତ୍ତର ପରିଧି = $2\pi R$ ଓ ଦ୍ୱିତୀୟ ବୃତ୍ତର ପରିଧି = $2\pi r$

ସେହିପରି ପ୍ରଥମ ବୃତ୍ତର କ୍ଷେତ୍ରଫଳ = $\pi R^2$

ଓ ଦ୍ୱିତୀୟ ବୃତ୍ତର କ୍ଷେତ୍ରଫଳ = $\pi r^2$

ପ୍ରଶ୍ନାନୁସାରେ $2\pi R + 2\pi r = 220$

$\Rightarrow 2\pi (R+r) = 220$

$\Rightarrow 2 \times \frac{22}{7} (R+r) = 220$

$\Rightarrow \frac{44}{7} (R+r) = 220$

$\Rightarrow \frac{44}{7} (R+r) = 220$

$\Rightarrow R + r = 35$ ---------- (i)

ପୁନଶ୍ଚ ପ୍ରଶ୍ନାନୁସାରେ, $\pi R^2 - \pi r^2 = 770$

$\Rightarrow \pi(R^2 - r^2) = 770$

$\Rightarrow \frac{22}{7} (R+r)(R-r) = 770$

$\Rightarrow \frac{22}{7} \times 35 (R - r) = 770$ ($\because R + r = 35$)

$\Rightarrow R - r = 7$ ---------- (ii)

ସମୀକରଣ (i) ଓ (ii) କୁ ଯୋଗ କଲେ ଆମେ ପାଇବା

$R + r = 35$ ---------- (i)

$R - r = 7$ ---------- (ii)

$2R = 42$

⇨ R = $\frac{42}{2}$ = 21ସେ.ମି.

R ର ମୂଲ୍ୟ ସମୀକରଣ (i) ରେ ପ୍ରୟୋଗ କଲେ,

R + r = 35

⇨ 21 + r = 35

⇨ r = 35 – 21

⇨ r = 14

R = 21 ସେ.ମି ଓ r = 14 ସେ.ମି. ।

୨) **ଉତ୍ତର:**

75 ପଇସା = $\frac{75}{100} = \frac{3}{4}$ ଟଙ୍କା

$\frac{3}{4}$ଟଙ୍କା ଖର୍ଚ୍ଚ ହୁଏ = 1 ମିଟର ବାଡ଼ଦେବା ପାଇଁ

1 ଟଙ୍କା ଖର୍ଚ୍ଚ ହୁଏ $= \frac{1}{3/4} = 1 \times \frac{4}{3} = \frac{4}{3}$ମିଟର ବାଡ଼ ଦେବା ପାଇଁ

216 ଟଙ୍କା ଖର୍ଚ୍ଚ ହୁଏ = $216 \times \frac{4}{3} = 288$ ମିଟର

ଅର୍ଦ୍ଧ ବୃତ୍ତାକାର ଜମିର ପରିସୀମା = ($\pi$r + 2r)

ପ୍ରଶ୍ନାନୁସାରେ, ($\pi$r + 2r) = 288

⇨ r ($\pi$+2) = 288

⇨ r $\left(\frac{22}{7} + 2\right)$ = 288

⇨ r $\left(\frac{22+14}{7}\right)$ = 288

⇨ r $\left(\frac{36}{7}\right)$ = 288

⇨ r = 56 ମିଟର

∴ ଅର୍ଦ୍ଧ ବୃତ୍ତାକାର ଜମିର ବ୍ୟାସ = 2r = 2 X 56 = 112 ମିଟର ।

୩) **ଉତ୍ତର:**

ଦୁଇଟି ଏକ କୈନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟର ଅନୁପାତ 3:5 ମନେକର ସେମାନଙ୍କର ବ୍ୟାସାର୍ଦ୍ଧ 3x ସେ.ମି. ଓ 5x ସେ.ମି. ।

ସେମାନଙ୍କର ପରିଧି ଯଥାକ୍ରମେ 2$\pi$3xସେ.ମି. ଓ 2$\pi$5x ସେ.ମି. ।

ପରିଧି ଦ୍ୱୟର ସମଷ୍ଟି = 2$\pi$3x + 2$\pi$5x

= 16$\pi$x ସେ.ମି.

ପ୍ରଶ୍ନାନୁସାରେ 16$\pi$x = 352

⇨ $16 \times \frac{22}{7} \times x = 352$

⇨ x = $\frac{352 \times 7}{16 \times 22}$ = 7

= 5x ସେ.ମି. = 5 × 7 = 35 ସେ.ମି.

= $\pi$ $(35)^2$ = $\frac{22}{7} \times 35 \times 35$

= 3850 ବର୍ଗ ସେ.ମି.

∴ ବୃହତ୍ତର ବୃତ୍ତର କ୍ଷେତ୍ରଫଳ 3850 ବର୍ଗ ସେ.ମି.

୪) ମନେକର ତାର ଦ୍ୱାରା ଗଠିତ ବର୍ଗକ୍ଷେତ୍ରର ବାହୁର ଦୈର୍ଘ୍ୟ = a ସେ.ମି.

ଏହାର କ୍ଷେତ୍ରଫଳ = $a^2$ ବର୍ଗ ସେ.ମି.

ପ୍ରଶ୍ନାନୁସାରେ $a^2 = 484$

⇨ $a = \sqrt{484} = 22$ ସେ.ମି.

ଏହାର ପରିସୀମା = 4a

= 4 × 22

= 88 ସେ.ମି.

ତାରକୁ ବଙ୍କାଇ ବୃତ୍ତରେ ପରିଣତ କଲେ,

ବର୍ଗକ୍ଷେତ୍ରର ପରିସୀମା = ବୃତ୍ତର ପରିଧି

ମନେକର ବୃତ୍ତର ବ୍ୟାସାର୍ଦ୍ଧ = 4 ସେ.ମି

ଏହାର ପରିଧି = $2\pi r$ ସେ.ମି.

ପ୍ରଶ୍ନାନୁସାରେ, $2\pi r = 88$

⇨ $2 \times \frac{22}{7} \times r = 88$

⇨ $r = \frac{88 \times 7}{2 \times 22}$

⇨ r = 14

ବୃତ୍ତଟିର କ୍ଷେତ୍ରଫଳ $= \pi r^2$

$= \frac{22}{7} \times 14 \times 14 = 616$ ବର୍ଗ ସେ.ମି

∴ ବୃତ୍ତଟିର କ୍ଷେତ୍ରଫଳ 616 ବର୍ଗ ସେ.ମି ।

୫) **ଉତ୍ତର:** ବୃତ୍ତକଳାର କେନ୍ଦ୍ରସ୍ଥ କୋଣର ପରିମାଣ = $90^\circ$

ବ୍ୟାସାର୍ଦ୍ଧର ଦୈର୍ଘ୍ୟ (r) = 5 ସେ.ମି.

ବୃତ୍ତକଳାର ଚାପର ଦୈର୍ଘ୍ୟ (L) = $\frac{\theta}{360} \times \pi r$

$= \frac{90}{180} \times 3.14 \times 5 = 7.854$ ସେ.ମି. ।

∴ ବୃତ୍ତକଳାର ପରିସୀମା = L + 2r

= 7.854 + 2 × 5 = 7.854 +10

= 17.854 ସେ.ମି.

∴ ବୃତ୍ତକଳାର ପରିସୀମା 17.854 ସେ.ମି.

୬) **ଉତ୍ତର:**

ଦୁଇଟି ଏକ କୈନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧର ଅନୁପାତ 3:5 । ମନେକର ସେମାନଙ୍କର ବ୍ୟାସାର୍ଦ୍ଧ ଯଥାକ୍ରମେ 3x ସେ.ମି. ଓ 5x ସେ.ମି. ।

ସେମାନଙ୍କର ପରିଧି ଯଥାକ୍ରମେ $2\pi 3x$ ସେ.ମି. ଓ $2\pi 5x$ ସେ.ମି. ।

ପ୍ରଶ୍ନାନୁଯାୟୀ, $2\pi 5x - 2\pi 3x = 88$

⇨ $2\pi (5x - 3x) = 88$

⇨ $4\pi x = 88$

⇨ $x = \frac{88}{4 \times \frac{22}{7}}$ ($\because \pi = 22/7$)

⇨ $x = \frac{88 \times 7}{4 \times 22} = 7$

∴ କ୍ଷୁଦ୍ରତର ବୃତ୍ତର ବ୍ୟାସାର୍ଦ୍ଧ 3x ସେ.ମି. = 21 ସେ.ମି.

∴ କ୍ଷୁଦ୍ରତର ବୃତ୍ତର କ୍ଷେତ୍ରଫଳ $\pi r^2$

$= \frac{22}{7} \times 21 \times 21 = 1386$ ବର୍ଗ ସେ.ମ

୭) **ଉତ୍ତର:**

ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁର ଦୈର୍ଘ୍ୟ x ସେ.ମି. ନିଆଯାଉ ।

ଏହାର କ୍ଷେତ୍ରଫଳ = $\frac{\sqrt{3}}{4}x^2$ବର୍ଗ ସେ.ମି.

ପ୍ରଶ୍ନାନୁଯାୟୀ, $\frac{\sqrt{3}}{4}x^2 = 1089\sqrt{3}$

⇨ $x^2 = 1089 \times 4$

$= 33^2 \times 2^2$

⇨ $x = 66$

ସମବାହୁ ତ୍ରିଭୁଜର ପରିସୀମା = $3x = 3 \times 66 = 198$ ସେ.ମି. ।

ଏହା ଏକ ବୃତ୍ତର ପରିଧି ସହ ସମାନ

ବୃତ୍ତର ପରିଧି = $2\pi r = 198$

⇨ $r = \frac{198 \times 7}{44} = \frac{63}{2} = 31.5$

∴ ବୃତ୍ତର ବ୍ୟାସାର୍ଦ୍ଧ 31.5 ସେ.ମି.

୮) **ଉତ୍ତର:**

ମନେକର ବୃତ୍ତାକାର ରାସ୍ତାର ବାହାର ପାଖର ବ୍ୟାସାର୍ଦ୍ଧ R ମି. ଓ ଭିତର – ପାଖର ବ୍ୟାସାର୍ଦ୍ଧ r ମି. ।

∴ $2\pi R = 396$ ଓ $2\pi r = 352$

∴ $2\pi R - 2\pi r = 396 - 352$

⇨ $2\pi (R - r) = 44$ ⇨ $\frac{44}{7}(R - r) = 44$

⇨ $(R - r) = \frac{44 \times 7}{44} = 7$

∴ ରାସ୍ତାର ପ୍ରସ୍ଥ = 7 ମିଟର

୯) **ଉତ୍ତର:**

ବୃତ୍ତର ବ୍ୟାସ = 46 ମି. ବ୍ୟାସାର୍ଦ୍ଧ 23 ମି. ।

∴ ବୃତ୍ତର କ୍ଷେତ୍ରଫଳ $= \pi r^2 = \frac{22}{7} \times 23 \times 23$ ବର୍ଗ ମିଟର

$= \frac{11638}{7}$ବର୍ଗ ମିଟର

ରାସ୍ତାର କ୍ଷେତ୍ରଫଳ = 1408 ବର୍ଗ ମିଟର

∴ ଭିତର ବୃତ୍ତର କ୍ଷେତ୍ରଫଳ = $\left(\frac{11638}{7} - 1408\right)$ବର୍ଗ ମିଟର

= $\left(\frac{11638-9856}{7}\right)$ବର୍ଗ ମିଟର = $\frac{1782}{7}$ବର୍ଗ ମିଟର

$\pi r^2 = \frac{1782}{7}$ ⇨ $\frac{22}{7} r^2 = \frac{1782}{7}$

⇨ $r^2 = \frac{1782}{7} \times \frac{7}{22} = 81$

⇨ $r = \sqrt{81} = 9$

∴ ରାସ୍ତାର ପ୍ରସ୍ଥ = R – r = (23 – 9) ମି.= 14 ମି. ।

୧୦) **ଉତ୍ତର:**

ମନେକର ସାନ ଚକର ବ୍ୟାସାର୍ଦ୍ଧ = r ସେ.ମି. ।

∴ ବଡ଼ଚକର ବ୍ୟାସାର୍ଦ୍ଧ = (r + 7) ସେ.ମି.

∴ ସାନଚକ ଓ ବଡ଼ଚକର ପରିଧି ଯଥାକ୍ରମେ $2\pi r$ ସେ.ମି. ଓ $2\pi(r + 7)$ସେ.ମି.

88 ମିଟର ବାଟ ଯିବା ପରେ ସାନଚକ ଓ ବଡ଼ଚକର ଘୂର୍ଣ୍ଣନ ସଂଖ୍ୟା ଯଥାକ୍ରମେ

$\frac{8800}{2\pi r}$ଏବଂ $\frac{8800}{2\pi(r+7)}$

ପ୍ରଶ୍ନାନୁସାରେ, $\frac{8800}{2\pi r} - \frac{8800}{2\pi(r+7)} = 100 = \frac{8800}{2\pi}\left(\frac{1}{r} - \frac{1}{r+7}\right) = 100$

⇨ $\frac{8800}{2\pi}\left(\frac{7}{r(r+7)}\right) = 100$

⇨ $\frac{7}{r^2+7r} = \frac{2\pi}{88}$ ⇨ $\frac{7}{r^2+7r} = \frac{1}{14}$

⇨ $r^2 + 7r - 98 = 0$ ⇨ $(r+14)(r-7) = 0$

⇨ $r = -14$ $r = 7$

ସାନ ଚକର ବ୍ୟାସାର୍ଦ୍ଧ = 7 ସେ.ମି. ଏବଂ ବଡ଼ ଚକର ବ୍ୟାସାର୍ଦ୍ଧ = (7+7) = 14 ସେ.ମି.

୧୧) **ଉତ୍ତର:**

ପାର୍ଶ୍ୱସ୍ଥ ଚିତ୍ରରେ $\Delta ABC$ ରେ ଏକ ବୃତ୍ତଅନ୍ତର୍ଲିଖିତ ଓ ଅନ୍ତଃ ବୃତ୍ତର କେନ୍ଦ୍ର O ଓ $\overline{OD}$ବ୍ୟାସାର୍ଦ୍ଧ = r ମିଟର

∴ ଅନ୍ତଃବୃତ୍ତର କ୍ଷେତ୍ରଫଳ = $\pi r^2$ ବର୍ଗମିଟର




ପ୍ରଶ୍ନାନୁସାରେ, $\pi r^2 = 154$

⇨ $\frac{22}{7} r^2 = 154$

⇨ $r^2 = \frac{154 \times 7}{22} = 49$ ⇨ $r = \sqrt{49} = 7$

⇨ OD = 7 ମିଟର

AO : OD = 2:1

$\overline{AD}$ମଧ୍ୟମା ଓ O ଭର କେନ୍ଦ୍ର ହେତୁ

∴ $AD = 3 \times OD = 3 \times 7$ ମିଟର = 21 ମିଟର

∴ $AB = \frac{2}{\sqrt{3}} \times$ ଉଚ୍ଚତା = $\frac{2}{\sqrt{3}} \times 21$ମିଟର = $14\sqrt{3}$ ମିଟର

∴ $\Delta$ ର ପରିସୀମା = $3 \times 14\sqrt{3}$ ମିଟର = $42\sqrt{3}$ ମିଟର

୧୨) **ଉତ୍ତର:**

ଗୋଟିଏ ଗାଡ଼ିର ବଡ଼ଚ଼କ ଓ ସାନଚ଼କର ପରିଧିର ଅନୁପାତ 4:1 ।

∴ ବଡ଼ଚ଼କର ପରିଧି 4x ମିଟର ହେଲେ ସାନଚ଼କର ପରିଧି x ମିଟର ।

440 ମିଟର ରାସ୍ତା ଅତିକ୍ରମ କରିବାରେ ବଡ଼ଚ଼କ ଘୂରିବ $\frac{440}{4x}$ ଥର ଓ ସାନ ଚ଼କ ଘୂରିବ $\frac{440}{x}$ ଥର ।

$\therefore \frac{440}{x} - \frac{440}{4x} = 15$

$\Rightarrow \frac{440}{x} - \frac{110}{x}\ 15$

$\Rightarrow \frac{330}{x} = 15$

$\Rightarrow x = \frac{330}{15} = 22$

ସାନ ଚ଼କର ପରିଧି = 22 ମିଟର ଓ ବଡ଼ ଚ଼କର ପରିଧି 4x = 4 × 22ମି.= 88 ମିଟର

∴ ବଡ଼ ଚ଼କର ପରିଧି 88 ମିଟର ।

୧୩)

**ଉତ୍ତର:** ମନେକର ବୃତ୍ତର ବ୍ୟାସାର୍ଦ୍ଧ = r ଏକକ

∴ ବୃତ୍ତଉପରେ ଥରେ ଘୂରି କେନ୍ଦ୍ରରେ ପହଞ୍ଚିଲେ ଯିବ (2πr+r)

ଏକକ ପଥ = $\frac{44}{7}r + r$ ଏକକ = $\frac{51r}{7}$ ଏକକ $\frac{51}{7}r$ ଏକକ

ପଥ ଯିବାକୁ ଲାଗେ 10ମି. 12 ସେକେଣ୍ଡ = 612 ସେକେଣ୍ଡ

r ଏକକ ପଥ ଯିବାକୁ ଲାଗିବ = $\frac{612 \times 7}{51}$ସେକେଣ୍ଡ

= 84 ସେକେଣ୍ଡ

∴ ବୃତ୍ତାକାର ପଥରେ ଯିବାକୁ ଲାଗିବ (612 – 84) ସେକେଣ୍ଡ

=528 ସେକେଣ୍ଡ = 8 ମିନିଟ୍ 48 ସେକେଣ୍ଡ

୧୪) **ଉତ୍ତର:**

ବୃତ୍ତ ଖଣ୍ଡ AXB ର କ୍ଷେତ୍ରଫଳ

=OA × B ବୃତ୍ତକଳାର କ୍ଷେତ୍ରଫଳ –ΔOAB ରକ୍ଷେତ୍ରଫଳ

$= \frac{90°}{360°} \times \pi r^2 = \frac{1}{2}\ OA\,.\,OB$

$= \frac{1}{4} \times \pi \times 28^2 - \frac{1}{2} \times 28 \times 28$

$= 7\pi \times 28 - 14 \times 28$

$= 22 \times 28 - 14 \times 28$

$= 28\ (22 - 14)$

$= 28 \times 8 = 224$ ବର୍ଗସେ.ମି. ।



୧୫) **ଉତ୍ତର:**

ପାର୍ଶ୍ୱସ୍ଥ ଚିତ୍ରରେ 7 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ତିନୋଟି ବୃତ୍ତ ପରସ୍ପରକୁ ସ୍ପର୍ଶ କରନ୍ତି ।

ବୃତ୍ତ ମାନଙ୍କର କେନ୍ଦ୍ର ଯଥାକ୍ରମେ A, B ଓ C




AB = AC = BC = 7ସେ.ମି. + 7 ସେ.ମି.

= 14 ସେ.ମି.

$\therefore \Delta$ABC ର କ୍ଷେତ୍ରଫଳ = $\frac{\sqrt{3}}{4} \times 14 \times 14$ ବର୍ଗ ସେ.ମି.

= $\frac{1.73}{4} \times 196$ବର୍ଗ ସେ.ମି. = 84.77 ବର୍ଗ ସେ.ମି.

ଗୋଟିଏ ବୃତ୍ତକଳାର ଉପର ଡ଼ିଗ୍ରୀ ପରିମାପ = $60^\circ$ ($\because \Delta$ABC ଏକ ସମବାହୁ $\Delta$)

$\therefore$ ଗୋଟିଏ ବୃତ୍ତକଳାର କ୍ଷେତ୍ରଫଳ = $\frac{\theta}{360^\circ} \times \pi r^2$

= $\frac{60}{360} \times 3.14 \times 7 \times 7$ବର୍ଗ ସେ.ମି.

= $\frac{153.86}{6}$ବର୍ଗ ସେ.ମି.

ତିନୋଟି ଯାକ ବୃତ୍ତକଳାର କ୍ଷେତ୍ରଫଳର ସମଷ୍ଟି

= $\frac{3 \times 153.86}{6}$ବର୍ଗସେ.ମି.= 76.93ବର୍ଗସେ.ମି.

ଆବଶ୍ୟକୀୟ କ୍ଷେତ୍ରଫଳ = (84.77 – 76.93) ବର୍ଗସେ.ମି.

= 7.84 ବର୍ଗ ସେ.ମି

--୦୦--

# ଗୋଲକ

୧) ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 616 ବର୍ଗସେ.ମି. ହେଲେ ତା'ର ଆୟତନ କେତେ ?

୨) ଗୋଟିଏ ଗୋଲକର ଆୟତନ $\frac{792}{7}$ଘନ ସେ.ମି. ହେଲେ, ତା'ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

୩) 7 ସେ.ମି. ଦୀର୍ଘ ବାହୁ ବିଶିଷ୍ଟ ଏକ ସମଘନାକାର କାଠଖଣ୍ଡକୁ କାଟି ବୃହତ୍ତମ ଏକ ଗୋଲକରେ ପରିଣତ କରାଗଲା । ଗୋଲକର ଘନଫଳ ସ୍ଥିର କର ।

୪) ଗୋଟିଏ ଅର୍ଦ୍ଧଗୋଲକାକୃତି ପାଣିଟାଙ୍କିର ଭିତର ପାଖର ବ୍ୟାସ 4.2 ମି. । ଏଥିରେ କେତେ ପାଣି ଧରିବ ? (1 ଘ.ମି. = 100 ଲିଟର)

୫) 20 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଅର୍ଦ୍ଧଗୋଲକାକୃତି କାଠଖଣ୍ଡର ବୃହତ୍ତମ ଗୋଲକଟିଏ କାଟି ନିଆଗଲେ କେତେ କାଠ ନଷ୍ଟ ହେବ ? ($\pi \simeq 3.14$)

୬) 9 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଧାତବ ଗୋଲକକୁ ତରଳାଇ ସେଥିରୁ 1 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ କେତୋଟି କ୍ଷୁଦ୍ର ଗୋଲକ ପ୍ରସ୍ତୁତ କରାଯାଇ ପାରିବ । $\left(\pi \simeq \frac{22}{1}\right)$

୭) ଗୋଟିଏ ଫମ୍ପା ଧାବତ ଗୋଲକର ଅନ୍ତଃବ୍ୟାସାର୍ଦ୍ଧ 3 ସେ.ମି. ଓ ବହିଃ ବ୍ୟାସାର୍ଦ୍ଧ 6 ସେ.ମି. । ପ୍ରତି ଘନ ସେ.ମି. ଧାତୁର ବସ୍ତୁତ୍ୱ 8 ଗ୍ରାମ ହେଲେ ତା'ର ବସ୍ତୁତ୍ୱ ନିର୍ଣ୍ଣୟ କର ।

୮) ଗୋଟିଏ ନିଦା ସୀମା ସମଘନରୁ ଏକ ବୃହତ୍ତମ ଆକାର ବିଶିଷ୍ଟ ଗୋଲକ କାଟି ନିଆଗଲା । ଅବଶିଷ୍ଟ ଅଂଶର ଆୟତନ 12870 ଘନ ସେ.ମି. ହେଲେ, ସମଘନର ବାହୁର ଦୈର୍ଘ୍ୟ କେତେ ? ($\pi \simeq 3.14$)

# Answers

**୧) ଉତ୍ତର:**

ମନେକର ଗୋଲକର ବ୍ୟାସାର୍ଦ୍ଧ =rସେ.ମି.

ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ =4$\pi$ $r^2$ସେ.ମି.

ପ୍ରଶ୍ନାନୁସାରେ, 4$\pi$ $r^2$= 616

⇨ $4 x\frac{22}{7} xr^2 = 616$

⇨$r^2 = \frac{616 \times 7}{4x22} = 49$

⇨$r = \sqrt{49} = 7$ ସେ.ମି.

$\therefore$ ଗୋଲକର ଆୟତନ = $\frac{4}{3} \pi r^3$

$= \frac{4}{3} \times \frac{22}{7}(7)^3 = \frac{4}{3} \times \frac{22}{7} \times 7 \times 7 \times 7$ ଘନ ସେ.ମି.

$= \frac{4312}{3} = 1437\ \frac{1}{3}$ ଘନ ସେ.ମି.

୨) **ଉତ୍ତର:**

ମନେକର ଗୋଲକର ବ୍ୟାସାର୍ଦ୍ଧ r ସେ.ମି.

$\therefore$ ଗୋଲକର ଆୟତନ = $\frac{4}{3}\pi r^3$ ଘନ ସେ.ମି

ପ୍ରଶ୍ନାନୁସାରେ $\frac{4}{3}\pi r^3 = \frac{792}{7}$

$\Rightarrow \frac{4}{3} \times \frac{22}{7} r^3 = \frac{792}{7}$

$\Rightarrow r^3 = \frac{792}{7} \times \frac{7x2}{4x22}$ $\Rightarrow r^3 = 27$

$\Rightarrow r = \sqrt[3]{27} = 3$ ସେ.ମି.

$\therefore$ ଗୋଲକରେ ପୃଷ୍ଠତଳର କ୍ଷେତ୍ରଫଳ = $4\pi r^2$

$=4 \times \frac{22}{7} \times (3)^2 = \frac{4 \times 22 \times 3 \times 3}{7} = \frac{792}{7} = 113 \times \frac{1}{7}$ବର୍ଗ ସେ.ମି.

୩) **ଉତ୍ତର:**

ସମଘନର ବାହୁର ଦୈର୍ଘ୍ୟ 7 ସେ.ମି. ।

ଏଥିରୁ କଟା ଯାଇଥିବା ବୃହତ୍ତମ ଗୋଲକର ବ୍ୟାସ = 7 ସେ.ମି.

$\therefore$ ଗୋଲକର ଘନଫଳ = $\frac{1}{6}\pi d^3$ ଘନ ସେ.ମି.

$= \frac{1}{6} \times 3.141 \times 7 \times 7 \times 7$ ଘନ ସେ.ମି.

$=0.5235 \times 343$ ଘନ ସେ.ମି.

$=179.5605$ ଘନ ସେ.ମି.

୪) **ଉତ୍ତର:**

ଅର୍ଦ୍ଧ ଗୋଲକର ବ୍ୟାସ = 4.2 ମି.

$\therefore$ ଏହାର ଘନଫଳ = $\frac{1}{2} \times \frac{1}{6}\pi d^3$

$= \frac{1}{12} \times \pi + \frac{42}{10} \times \frac{42}{10} \times \frac{42}{10}$ ଘନ ମିଟର $= \frac{1}{12} \times \frac{22}{7} \times \frac{42 \times 42 \times 42}{1000}$=ଘନ ମିଟର

$= \frac{11 x 42 x 42}{1000}$ଘନ ମିଟର

$\therefore$ ଏଥିରେ ପାଣି ଧରିବ = $\frac{11 x 42x42}{1000}$ଲି. = 19404 ଲିଟର

୫) **ଉତ୍ତର:** ଅର୍ଦ୍ଧ ଗୋଲକର ବ୍ୟାସାର୍ଦ୍ଧ 20 ସେ.ମି

ଏଥିରୁ କଟାଯାଉଥିବା ବୃହତ୍ତମ ଗୋଲକର ବ୍ୟାସ = 20 ସେ.ମି

ଅର୍ଦ୍ଧ ଗୋଲକର ଘନଫଳ = $\frac{2}{3}\pi r^3$ ଘନ ସେ.ମି.

$= \frac{2}{3}\pi \times 20^3$ ଘନ ସେ.ମି.

ଗୋଲକର ଘନଫଳ = $\frac{1}{6}\pi d^3 = \frac{1}{6}\pi 20^3$ଘନ ସେ.ମି.



∴ କାଠ ନଷ୍ଟ ହେବ $\left(\frac{2}{3}\pi 20^3 - \frac{1}{6}\pi 20^3\right)$ଘନ ସେ.ମି.

= $20^3 \times \pi\left(\frac{2}{3} - \frac{1}{6}\right)$ଘନ ସେ.ମି.

= $8000 \times 3.14 \times \left(\frac{4-1}{6}\right)$ଘନ ସେ.ମି.

=$\frac{8000 \times 3.14}{2}$ଘନ ସେ.ମି.

=$4000 \times 3.14$ଘନ ସେ.ମି. = 12560 ଘନ ସେ.ମି.

୬) **ଉତ୍ତର:**

ଧାତବ ଗୋଲକର ବ୍ୟାସାର୍ଦ୍ଧ r = 9 ସେ.ମି.

∴ ଘନଫଳ = $\frac{4}{3}\pi r^3 = \frac{4}{3}\pi 9^3$ ଘନ ସେ.ମି.

କ୍ଷୁଦ୍ର ଗୋଲକର ଘନଫଳ =$\frac{4}{3}\pi 1^3$ ଘନ ସେ.ମି.

କ୍ଷୁଦ୍ର ଗୋଲକ ସଂଖ୍ୟା

= $\frac{\frac{4}{3}\pi 9^3}{\frac{4}{3}\pi} = 9^3 = 279$

୭) **ଉତ୍ତର:**

ଏଠାରେ r = 3ସେ.ମି. ଓ R = 6 ସେ.ମି.

∴ ଫମ୍ପା ଗୋଲକର ଘନଫଳ = $\frac{4}{3}\pi\,(R^3 - r^3)$

= $\frac{4}{3}\pi\,(6^3 - 3^3)$ଘନ ସେ.ମି.

= $\frac{4}{3} \times \frac{22}{7} \times (216 - 27)$ଘନ ସେ.ମି.

= $\frac{4}{3} \times \frac{22}{7} \times 189$ଘନସେ.ମି.

= 792 ଘନ ସେ.ମି.

1 ଘନ ସେ.ମି. ଧାତୁର ବସ୍ତୁତ୍ୱ 8 ଗ୍ରାମ

∴ ଫମ୍ପା ଗୋଲକର ବସ୍ତୁତ୍ୱ = 792 × 8 ଗ୍ରାମ

= 6336 ଗ୍ରାମ

୮) **ଉତ୍ତର:**

ମନେକର ସମଘନର ବାହୁର ଦୈର୍ଘ୍ୟ = x ସେ.ମି.

∴ ଏହାର ଘନଫଳ $x^3$ ଘନସେ.ମି.

ଏଥିରୁ କଟାଯାଇଥିବା ବୃହତ୍ତମ ଗୋଲକର ବ୍ୟାସ = x ସେ.ମି.

∴ ଗୋଲକର ଘନଫଳ = $\frac{1}{6}\pi x^3$ ଘନ ସେ.ମି.

ପ୍ରଶ୍ନାନୁସାରେ, $x^3 - \frac{1}{6}\pi x^3 = 12870$

⇨$x^3\left(1 - \frac{\pi}{6}\right) = 12870$

$\Rightarrow x^3\left(1-\frac{3.14}{6}\right)=12870$

$\Rightarrow x^3\left(\frac{6-3.14}{6}\right)=12870$

$\Rightarrow x^3=\left(\frac{12870\times 6}{2.86}\right)=27000=30^3$

$\Rightarrow x=30$

∴ ସମଘନର ବାହୁର ଦୈର୍ଘ୍ୟ = 30 ସେ.ମି

# ତ୍ରିକୋଣମିତି

## (Trigonometry)

1. $\sin\theta = p/h$; $\sin\theta = 1/\text{cosec}\theta$
2. $\cos\theta = b/h$ ; $\cos\theta = 1/\sec\theta$
3. $\tan\theta = p/b$ ; $\tan\theta = 1/\cot\theta$
4. $\sin^2\theta + \cos^2\theta = 1$
5. $\sec^2\theta - \tan^2\theta = 1$
6. $\text{cosec}^2\theta - \cot^2\theta = 1$
7. $\tan\theta = \sin\theta/\cos\theta$
8. $\cot\theta = \cos\theta/\sin\theta$
9. $\sin(90^o-\theta)=\cos\theta$, $\cos(90^o-\theta)=\sin\theta$
10. $\tan(90^o-\theta)=\cot\theta$ , $\cot(90^o-\theta)=\tan\theta$
11. $\sec(90^o-\theta)=\text{cosec}\theta$ , $\text{cosec}(90^o-\theta) = \sec\theta$
12. $\sin(180^o-\theta)=\sin\theta$
13. $\cos(180^o-\theta)=-\cos\theta$
14. $\tan(180o-\theta) = -\tan\theta$
15. $\cot(180^o-\theta) =-\cot\theta$
16. $\sec(180^o-\theta) = -\sec\theta$
17. $\text{cosec}\theta(180^o-\theta)= -\text{cosec}\theta$
18. $\sin(90^o+\theta) = \cos\theta$
19. $\cos(90^o+\theta) = -\sin\theta$
20. $\tan(90^o+\theta) = -\cot\theta$
21. $\cot(90^o+\theta) = -\tan\theta$
22. $\sec(90^o+\theta) = -\text{cosec}\theta$
23. $\text{cosec}(90^o+\theta)=\sec\theta$
24. $\sin(A+B)=\sin A.\cos B+\cos A.\sin B$
25. $\sin(A-B) = \sin A.\cos B-\cos A.\sin B$
26. $\cos(A+B)= \cos A.\cos B-\sin A.\sin B$
27. $\cos(A-B) = \cos A.\cos B+\sin A.\sin B$
28. $\tan(A+B) = \tan A+\tan B/1-\tan A.\tan B$
29. $\tan(A-B) = \tan A-\tan B/1+\tan A.\tan B$
30. $\cot(A-B)= \cot A.\cot B+1/\cot B-\cot A$
31. $\cot(A+B)=\cot A.\cot B-1/\cot B+\cot A$
32. $\sin 2A = 2\sin A.\cos A$
33. $\sin 2A = 2\tan A/1+\tan^2 A$
34. $\cos 2A = \cos^2 A-\sin^2 A$
35. $\cos 2A = 1-2\sin^2 A$
36. $\cos 2A=2\cos^2 A-1$
37. $\cos 2A = 1-\tan^2 A/1+\tan^2 A$
38. $\tan 2A = 2\tan A/1-\tan^2 A$
39. $\cot 2A = \cot^2 A-1/2\cot A$
40. $1+\sin 2A = (\cos A+\sin A)^2 =(\sin A+\cos A)^2$
41. $1-\sin 2A = (\cos A-\sin A)^2 = (\sin A-\cos A)^2$
42. $1+\cos 2A = 2\cos^2 A$
43. $1-\cos 2A = 2\sin^2 A$

# ତ୍ରିକୋଣମିତି

**ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1)$\text{Sin}75^0 - \text{Cos } 15^o$ = କେତେ ?

a) $\sqrt{3}/2$
b) 1/2
c) 0
d) 1

2)$\text{Sin}0^0$= କେତେ ?

a) $\text{Cos } 0^0$
b) $\text{Sin } 90^0$
c) $\text{Sin } 180^0$
d)$\text{Cos } 180^0$

3)$\tan 102^0 - \text{Cot } 168^0$= କେତେ ?

a) 0
b) -1
c) 1
d) $\pm 1$

4)$\tan 1^o \times \tan 2^0 \times \tan 3^0 \times \ldots\ldots \tan 88^o \times \tan 89^o$ = କେତେ ?

a) $1/\sqrt{3}$
b) 1
c) $\sqrt{3}$
d) -1

5)$\text{Sin}120^0 + \tan 150^0, \text{Cos}135^0$ର ମାନ କେତେ ?

a) $\frac{2\sqrt{3}}{3+\sqrt{2}}$

b) $\frac{2\sqrt{3}}{3-\sqrt{2}}$

c)$\frac{3-\sqrt{2}}{2\sqrt{3}}$

d) $\frac{3+\sqrt{2}}{2\sqrt{3}}$

6) ଯଦି A ଓ B ପ୍ରତ୍ୟେକ ସୂକ୍ଷ୍ମକୋଣ ଏବଂ Sin A = Cos B ହୁଏ, ତେବେ A + B ର ମାନ କେତେ ?

a) 90
b) 0
c) 180
d) କୌଣସିଟି ନୁହେଁ

7)SinA = 12/13ହେଲେ Cot Aର ମାନ କେତେ ?

a) $\frac{5}{12}$

b) $\frac{12}{5}$

c)$\frac{5}{13}$

d) $\frac{17}{13}$

8)$\text{Sec}^2 (90+\theta) - \text{Cot}^2 (180- \theta)$ ର ମାନ କେତେ ?

a) 0
b) 1
c) –1
d) –1/2

9)$\tan30^0 \times \tan135^0 \times \tan150^0 \times \tan 45^0$= ?

a) 1
b) 1/2
c)1/3
d) 3

10)$\text{Cos } 0^0 \times \text{Cos } 1^0 \times \text{Cos } 2^0 \times \text{Cos } 3^0 \ldots.. \text{Cos } 90^o \times \text{Cos } 91^o$ର ମାନ କେତେ ?

a) 3
b) 2
c) 1
d) 0

11)$\text{Cos } 130^0$ର ମାନ ସହ ନିମ୍ନସ୍ଥ କେଉଁଟି ସମାନ ?

a) $\text{Sin } 40^0$
b) $- \text{Sin } 50^0$
c) $\text{Cos } 40^0$
d) $-\text{Cos } 50^0$

12)$\frac{\tan 26^\circ}{\cot 64^\circ}$ର ମାନ କେତେ ?

a) 1/2
b) $1/\sqrt{2}$
c) $\sqrt{3}/2$
d) 1

13) tanA = $\sqrt{3}$ହେଲେ Sec Aର ମାନ କେତେ ?

a) 1
b) 2
c) 3
d) 4

14) ନିମ୍ନୋକ୍ତ କେଉଁ ତ୍ରିକୋଣମିତିକ ସଂଜ୍ଞା ବିହୀନ ?

a) Cosec $180^0$
b) Sec $180^0$
c) Cosec $90^0$
d) Sec $120^0$

15) $\tan 80^0 \times \tan 70^0 \times \tan 60^0 \times \tan 50^0 \times \tan 40^0 \times \tan 30^0 \times \tan 20^0 \times \tan 10^0$ର ମାନ ସହିତ ନିମ୍ନଲିଖିତ ମଧ୍ୟରୁ କେଉଁଟି ସମାନ ?

a) $\sqrt{3}$
b) 2
c) 1
d) 0

16) $\text{Cos}^2 (90 + \alpha) + \text{Cos}^2 (180 - \alpha)$ର ମାନ କେତେ ?

a) 1
b) 2
c) 3
d) 0

17) $\tan A = \frac{1}{\sqrt{3}}$ହେଲେ $\angle A$ର ପରିମାଣ କେତେ ?

a) $30^0$
b) $45^0$
c) $60^0$
d) $90^0$

18) $\text{Cos}(A - B) = \frac{1}{\sqrt{2}}$ଏବଂ$\tan(A + B) = 1$ ହେଲେ, B ର ମାନ କେତେ ?

a) $30^0$
b) $45^0$
c) $90^0$
d) 0

19)$\text{Sin}26^0 + \text{Cos } 116^0$ମାନ କେତେ ?

a) $\sqrt{3}$
b) $\sqrt{2}$
c) 1
d) 0

20) $\tan 5^0 x \tan 25^0 x \tan 30^0 x \tan 65^0 x \tan 85^0$ର ମାନ କେତେ ? ?

a) 0
b) $\frac{1}{\sqrt{3}}$
c)$\sqrt{3}$
d) 1

21) ABC ସମକୋଣୀ ତ୍ରିଭୁଜରେm$\angle B = 90^0$ । ଯଦିSin $(A - C) = \frac{1}{2}$ ହୁଏ, ତେବେ $\angle A$ ର ପରିମାଣ କେତେ ?

a) $45^0$
b) $65^0$
c) $75^0$
d) $30^0$

22) $P > 90^0$ଏବଂ Sin P = Cos Qହେଲେ ନିମ୍ନ ଉକ୍ତିମାନଙ୍କ ମଧ୍ୟରେ କେଉଁଟି ଠିକ୍ ?

a) $P + Q = 90^0$
b) $Q - P > 90^0$
c) $P - Q > 90^0$
d) $P - Q = 90^0$

23) $\text{Cot}\theta = \frac{7}{24}$ହେଲେ, Cos θର ମାନ କେତେ ?

a) $\frac{24}{7}$
b) $\frac{25}{7}$
c) $\frac{7}{25}$
d)$\frac{24}{25}$

24) $\tan^2 23^0 - \text{cosec}^2 67^0$ର ମାନ କେତେ ?

a) 1
b) 0
c) -1
d) ନିର୍ଣ୍ଣେୟ କରିହେବ ନାହିଁ

25) ଯଦି $\text{Cot}\theta = \frac{x}{y}$ ହୁଏ, ତେବେ$\text{Cosec}^2\theta$ ର ମାନ କେତେ ?

a) $\frac{x+y}{y}$
b) $\frac{x-y}{y}$
c) $\frac{x^2-y^2}{y^2}$
d) $\frac{x^2+y^2}{y^2}$

26) $\Delta$PQR ରେ tan(R+P) =1ହେଲେ, m∠Q କେତେ ?

a) $30^0$
b) $90^0$
c) $120^0$
d) $135^0$

27) Sin$1^0$, Sin$2^0$, Sin$3^0$…… Sin$180^0$ର ମାନ କେତେ ?

a) 3
b) 2
c)1
d) 0

28) $\frac{\text{Cos } 38° + \text{Sin } 119°}{\text{Sin } 52° + \text{Sin } 61°}$ର ମାନ କେତେ ?

a) 1
b) 2
c) 0
d) 3

29) Sin$^2$40 + Sin241ର ମାନ କେତେ ?

a) 0
b) 1
c) 2
d) 3

30) Cot $12^0$x Cot $38^0$xCot $45^0$x Cot $52^0$x Cot $78^0$ର ମାନ କେତେ ?

a) √3
b) 1/√2
c) 1/√3
d) 1

31) ନିମ୍ନପଦ ମାନଙ୍କ ମଧ୍ୟରୁ କେଉଁଟିର ସଂଜ୍ଞା ନାହିଁ ?

a) Sin $90^0$
b) Cos $90^0$
c) Sec $90^0$
d) Cot $90^0$

32) ପ୍ରଦତ୍ତ ଚିତ୍ରରେ$\overline{AB}$ଏକ କାନ୍ଥକୁ ଓ$\overline{AC}$ଏକ ସିଡ଼ିକୁ ସୂଚାଏ । BC = 3 ମିଟର ହେଲେ$\overline{AC}$ର ଦୈର୍ଘ୍ୟ କେତେ ମିଟର ?




a) √3
b) 2/√3
c) 6
d) 3

□ $60^0$ ∟C

33) ନିମ୍ନସ୍ଥ କେଉଁଟିtan $1^0$x tan $3^0$ …… tan $87^0$x tan $89^0$ସହ ସମାନ ?

a) Sin $60^0$ + Cos $60^0$
b) Cos $60^0$ – Sin $60^0$
c) Sin $30^0$ + Cos $30^0$
d) Sin $30^0$ + Cos $60^0$

34) $\tan\theta = \frac{3}{4}$ହେଲେ, sin θର ମାନ କେତେ ?

a) $\frac{3}{5}$

b) $\frac{4}{5}$

c) $\frac{3}{7}$

d) $\frac{4}{7}$

35) sin $15^0$ + cos $105^0$ର ମାନ କେତେ ?

a) √3/2
b) -1
c) 0
d) 1/2

36) Cosec$^2$ (140 + α) – Cot$^2$ (40 – α)ର ମାନ କେତେ ?

a) √2
b) -1
c) 0
d) 1

37) tan A = $\frac{5}{13}$ହେଲେ, Cos A = କେତେ ?

a) $\frac{12}{13}$

b) $\frac{5}{12}$

c) $\frac{12}{5}$

d) $\frac{13}{12}$

38) Cosec A = $\frac{13}{5}$ହେଲେ, tan A ର ମାନ କେତେ ?

a) $\frac{5}{12}$

b) $\frac{12}{5}$

c) $\frac{-12}{5}$

d) $\frac{-5}{12}$

39) $\sin 45^0 - \cos 45^0 =$ କେତେ ?

a) 0
b) 1
c) 2
d) 3

40) $\text{Cos } 121^0 + \sin 149^0 =$ କେତେ ?

a) -1
b) 1
c) 0
d) 2

41) $\cos 90^0$ର ମାନ $\tan 45^0$ର ମାନଠାରୁ କେତେ ଅଧିକ ?

a) 1/2
b) $\sqrt{3}/2$
c) 1
d) 0

42) $\frac{\text{Sec}^2 180° + \tan 150°}{\text{Cosec}^2 90° + \cot 120°}$ର ସରଳୀକୃତ ମାନ କେତେ ?

a) 1
b) 2
c) 0
d) 3

43) ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ ହେଲେ, Cosec (B+D) = କେତେ ?

a) 0
b) 1
c) $\sqrt{2}$
d) ସଂଜ୍ଞା ନାହିଁ

44) $1 + \tan^2 (90^0 - \theta) =$ ________

a) $\cot^2 \theta$
b) $\text{cosec}^2 \theta$
c) $\sec^2 \theta$
d) $\tan^2 \theta$

45) $\sin^2 (90^0 + \theta) + \sin^2 (180^0 - \theta) =$ ________

a) 0
b) 1
c) -1
d) 2

## ANSWER SHEET

| | | | | | | | | | |
|---|---|---|---|---|---|---|---|---|---|
| 1. c | 2. c | 3. a | 4. b | 5. d | 6. a | 7. a | 8. b | 9. c | 10. d |
| 11. d | 12. d | 13. d | 14. a | 15. c | 16. a | 17. a | 18. d | 19. d | 20. b |
| 21. b | 22. d | 23. c | 24. a | 25. d | 26. d | 27. d | 28. a | 29. b | 30. d |
| 31. c | 32. c | 33. d | 34. a | 35. c | 36. d | 37. a | 38. a | 39. a | 40. c |
| 41. d | 42. b | 43. d | 44. b | 45. b | | | | | |

# ତ୍ରିକୋଣମିତି

# Subjective Part

1. $\frac{2\text{Cos } 67°}{\text{Sin } 23°} - \frac{\tan 40°}{\cot 50°} - \text{Sin } 90°$ ର ମୂଲ୍ୟ ନିରୂପଣ କର ।

ଉତ୍ତର :- $\frac{2\text{Cos } 67°}{\text{Sin } 23°} - \frac{\tan 40°}{\cot 50°} - \text{Sin } 90°$

$=\frac{2\text{Cos } (90°-23°)}{\text{Sin } 23°} - \frac{\tan(90°-50°)}{\cot 50°} - 1$

$=\frac{2\text{Sin } 23°}{\text{Sin } 23°} - \frac{\cot 50°}{\cot 50°} - 1$

$=2-1-1$

$=0$

2. $\frac{\sec 61°+\text{cosec } 120°}{\sqrt{3}\,\text{cosec } 29°+2}$ ର ମୂଲ୍ୟ ନିରୂପଣ କର ।

ଉତ୍ତର :- $\frac{\sec 61°+\text{cosec } 120°}{\sqrt{3}\,\text{cosec } 29°+2}$

$=\frac{\sec(90°-29°)+\frac{2}{\sqrt{3}}}{\sqrt{3}\,\text{cosec } 29°+\frac{2}{\sqrt{3}}}$

$=\frac{\left(\text{cosec } 29° + \frac{2}{\sqrt{3}}\right)}{\sqrt{3}\left(\text{cosec } 29°+\frac{2}{\sqrt{3}}\right)}$

$=\frac{1}{\sqrt{3}}$

3. $\frac{\cos 70°}{\sin 20°} + \frac{\cos 55° .\ \text{cosec}\ 35°}{\tan 5° .\tan 25° .\tan 65° .\tan 85°}$ ର ମୂଲ୍ୟ ନିରୂପଣ କର ।

ଉତ୍ତର :- $\frac{\cos 70°}{\sin 20°} + \frac{\cos 55° .\ \text{cosec}\ 35°}{\tan 5° .\tan 25° .\tan 65° .\tan 85°}$

$= \frac{\cos(90°-20°)}{\sin 20°} + \frac{\cos(90°-35°) .\ \text{cosec}\ 35°}{\tan 5° .\tan 25° .\tan(90°-25°).\tan(90°-5°)}$

$= \frac{\sin 20°}{\sin 20°} + \frac{\sin 35° .\text{cosec}\ 35°}{\tan 5° .\tan 25° .\cot 25° .\cot 5°}$

$= 1 + \frac{1}{1}$

$= 1 + 1$

$= 2$

4. $\sec^2\emptyset + \text{cosec}^2(180-\emptyset) = \sec^2\emptyset\ .\text{cosec}^2\emptyset$ ପ୍ରମାଣ କର ।

ପ୍ରମାଣ :- ବାମପକ୍ଷ $=\sec^2\emptyset + \text{cosec}^2(180-\emptyset)$

$=\sec^2\emptyset + \text{cosec}^2\emptyset$

$= \frac{1}{\cos^2\emptyset} + \frac{1}{\sin^2\emptyset}$

$= \frac{\sin^2\emptyset + \cos^2\emptyset}{\sin^2\emptyset .\cos^2\emptyset}$

$= \frac{1}{\sin^2\emptyset .\cos^2\emptyset}$

$= \frac{1}{\cos^2\emptyset} . \frac{1}{\sin^2\emptyset}$

$= \sec^2\emptyset\ .\text{cosec}^2\emptyset$

= ଦକ୍ଷିଣ ପକ୍ଷ (ପ୍ରମାଣିତ)

5. $\Delta ABC$ ରେ $m\angle B = 90^0$ ପ୍ରମାଣ କର ଯେ, $\text{Sin}^2A + \text{Sin}^2C = 1$

ପ୍ରମାଣ : $\Delta ABC$ ରେ $m\angle B = 90^0$

⇨ $A + C = 180^0 - 90^0 = 90^0$

⇨ $A = 90^0 - C$

ବାମପକ୍ଷ $= \text{Sin}^2A + \text{Sin}^2C$

$= \text{Sin}^2(90 - C) + \text{Sin}^2C$

$= \text{Cos}^2C + \text{Sin}^2C$

$= 1$

= ଦକ୍ଷିଣ ପକ୍ଷ (ପ୍ରମାଣିତ)

6. $\tan 10° \times \tan 20° \times \tan 30° \times \ldots\ldots\ldots\ldots \times \tan 70° \times \tan 80°$ ର ମୂଲ୍ୟ ନିରୂପଣ କର ।

Ans - $\tan 10° \times \tan 20° \times \tan 30° \times \tan 40° \times \tan 50° \times \tan 60° \times \tan 70° \times \tan 80°$

$= \tan 10° \times \tan 20° \times \tan 30° \times \tan 40° \times \tan(90° - 40°) \times \tan(90° - 30°) \times \tan(90° - 20°) \times \tan(90° - 10°)$

$= \tan 10° \times \tan 20° \times \tan 30° \times \tan 40° \times \cot 40° \times \cot 30° \times \cot 20° \times \cot 10°$

$= (\tan 10° \times \cot 10°) \times (\tan 20° \times \cot 20°) \times (\tan 30° \times \cot 30°) \times (\tan 40° \times \cot 40°)$

$= 1 \times 1 \times 1 \times 1 = 1$

7. cot 12° x cot 38°x cot 52° x cot 60° x cot 78°ର ମୂଲ୍ୟ ନିରୂପଣ କର ।

Ans-cot 12° . cot 38° . cot 52° . cot 60° . cot 78°

= cot 12° × cot 38° × cot (90°– 38°)× $\frac{1}{\sqrt{3}}$ × cot (90°– 12°)

= cot 12° × cot 38° × tan 38° × $\frac{1}{\sqrt{3}}$ × tan 12°

= tan 12° × cot 12° × cot 38° × tan 38° × $\frac{1}{\sqrt{3}}$

= 1 × 1 × $\frac{1}{\sqrt{3}}$ = $\frac{1}{\sqrt{3}}$

8. ପ୍ରମାଣ କର ଯେ tan 1° . tan 2° . tan 3° ……. tan 89° = 1

ପ୍ରମାଣ :- ବାମପକ୍ଷ = tan 1° . tan 2° . tan 3° ……. tan 89°

= tan ($90^0$ – $89^0$) . tan ($90^0$ – $88^0$) . tan ($90^0$ – $87^0$) …… tan ($90^0$ – $46^0$ ) . tan $45^0$ ……. tan $87^0$ . tan $88^0$ . tan $89^0$

= cot $89^0$ . cot $88^0$ . cot $87^0$ …… cot $46^0$ . tan $45^0$ …. tan $87^0$ . tan $88^0$ . tan $89^0$

= 1 × 1 × 1 × ……. × 1 × 1

= 1

= ଦକ୍ଷିଣ ପକ୍ଷ (ପ୍ରମାଣିତ)

9. $\frac{\sin(180°-A).\sin(90°-A).\cot(90°+A)}{\tan(180°-A).\cos(90°+A).\mathrm{cosec}\,(90°-A)}$କୁ ସରଳ କର ।

ଉତ୍ତର :- $\frac{\sin(180°-A).\sin(90°-A).\cot(90°+A)}{\tan(180°-A).\cos(90°+A).\mathrm{cosec}\,(90°-A)}$

$=\frac{\sin A\,.\cos A\,.(-\tan A)}{-\tan A\,.(-\sin A)\,.\sec A}$

$=\frac{-\sin A\,.\cos A\,.\tan A}{\tan A\,.\,\sin A\,.\sec A}$

$=\frac{-\cos A}{\sec A}$

$=\frac{-\cos A}{\frac{1}{\cos A}}$

= –cos A × cos A

= $-\cos^2 A$

10. ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜରେ ପ୍ରମାଣ କର ଯେ,

cos A + cos B + cos C + cos D = 0

ପ୍ରମାଣ :- ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ

⇨A + C = $180^0$ ଓ ⇨B + D = $180^0$

⇨ C = ($180^0$ – A) ଓ ⇨B = ($180^0$ – D)

ବାମପକ୍ଷ = cos A + cos B + cos C + cos D

= cos A + cos ($180^0$ – D) + cos ($180^0$ – A) + cos D

$= \cos A - \cos D - \cos A + \cos D$

$= 0$

= ଦକ୍ଷିଣ ପକ୍ଷ (ପ୍ରମାଣିତ)

11. $\frac{\sin^2 135° + \cos^2 120° - \sin^2 150° + \tan^2 150°}{\sin^2 120° - \cos^2 180° + \tan^2 120° + \tan^2 135° + \cos^2 180°}$ ର ମୂଲ୍ୟ ନିରୂପଣ କର ।

ଉତ୍ତର :- $\frac{\sin^2 135° + \cos^2 120° - \sin^2 150° + \tan^2 150°}{\sin^2 120° - \cos^2 180° + \tan^2 120° + \tan^2 135° + \cos^2 180°}$

$$= \frac{\left(\frac{1}{\sqrt{2}}\right)^2 + \left(-\frac{1}{2}\right)^2 - \left(\frac{1}{2}\right)^2 + \left(-\frac{1}{\sqrt{3}}\right)^2}{\left(\frac{\sqrt{3}}{2}\right)^2 - (-1)^2 + (-\sqrt{3})^2 + (-1)^2 + (-1)}$$

$$= \frac{\frac{1}{2} + \frac{1}{4} - \frac{1}{4} + \frac{1}{3}}{\frac{3}{4} - 1 + 3 + 1 - 1} = \frac{\frac{1}{2} + \frac{1}{3}}{\frac{3}{4} + 2} = \frac{\frac{3+2}{6}}{\frac{3+8}{4}} = \frac{\frac{5}{6}}{\frac{11}{4}}$$

$$= \frac{5}{6} \times \frac{4}{11}$$

$$= \frac{20}{66} = \frac{10}{33}$$

12. ଦର୍ଶାଅ ଯେ, $3\frac{\sin 62°}{\cos 28°} - \frac{\sec 42°}{cosec\, 48°} = 2$

ପ୍ରମାଣ :- ବାମପକ୍ଷ $= 3\frac{\sin 62°}{\cos 28°} - \frac{\sec 42°}{cosec\, 48°}$

$= 3 \times \frac{\sin(90° - 28°)}{\cos 28°} - \frac{\sec(90° - 48°)}{cosec\, 48°}$

$= 3 \times \frac{\cos 28°}{\cos 28°} - \frac{\text{cosec } 48°}{\text{cosec } 48°}$

$= 3 \times 1 - 1$

$= 3 - 1$

$= 2$

= ଦକ୍ଷିଣ ପକ୍ଷ (ପ୍ରମାଣିତ)

13. $\text{cosec}^2 (97^0 + \alpha) + \cot^2 (83^0 - \alpha)$ ର ମାନ କେତେ ?

ଉତ୍ତର :- $\text{cosec}^2 (97^0 + \alpha) + \cot^2 (83^0 - \alpha)$

ମନେକର $97^0 + \alpha = \theta$

$\therefore 180^0 - \theta = 180^0 - (97^0 + \alpha)$

$= 180^0 - 97^0 - \alpha$

$= 83^0 - \alpha$

ଦତ୍ତ ପରିପ୍ରକାଶ $= \text{cosec}^2\theta + \cot^2 (180^0 - \theta)$

$= \text{cosec}^2\theta - \{\cot(180^0 - \theta)\}^2$

$= \text{cosec}^2\theta - (-\cot\theta)^2$

$= \text{cosec}^2\theta - \cot\theta^2$

$= 1$

14. $\Delta$ABC ରେ ପ୍ରମାଣ କର ଯେ, $\text{Sin}\,\frac{B+C}{2} = \text{Cos}\,\frac{A}{2}$

ପ୍ରମାଣ :- $\Delta ABC$ ରେ $A + B + C = 180^0$

$\Rightarrow B + C = 180^0 - A$

$\Rightarrow \frac{B+C}{2} = \frac{180° - A}{2} = 90^0 - \frac{A}{2}$

$\text{Sin}\left(\frac{B+C}{2}\right) = \text{Sin}\left(90° - \frac{A}{2}\right) \qquad = \text{Cos}\,\frac{A}{2}$ (ପ୍ରମାଣିତ)

## SUBJECT : MATHEMATICS

## (ଅଙ୍କନ)

## Class-X

Subjective Questions:

1)$\Delta$ABC6ରେ BC = 7ସେ.ମି., $m\angle A = 60^0$, AX ମଧ୍ୟମା = 4.5 ସେ.ମି. ତ୍ରିଭୁଜଟି ଅଙ୍କନ କର ।

2)$\Delta$ABC6ରେ $\angle$B ସମକୋଣ । AC = 7ସେ.ମି., B ବିନ୍ଦୁରୁ $\overline{AC}$ ପ୍ରତି ଲମ୍ବ$\overline{BD}$ ର ଦୈର୍ଘ୍ୟ 3 ସେ.ମି. । ତ୍ରିଭୁଜଟି ଅଙ୍କନ କର ।

3)$\Delta$ABC6ରେ BC= 8 ସେ.ମି., $m\angle A = 45^0$, AD ଉଚ୍ଚତା 3 ସେ.ମି.ହେଲେ, ତ୍ରିଭୁଜଟି ଅଙ୍କନ କର ।

4)$\Delta$ABCଅଙ୍କନ କର ଯାହାର $m\angle B = 60^0$, AC= 6.5 ସେ.ମି.ଏବଂ $\overline{AX}$ମଧ୍ୟମାର ଦୈର୍ଘ୍ୟ = 5 ସେ.ମି ।

5)$\Delta$ABCର $m\angle A = 60^0$, BC= 7 ସେ.ମି. $\overline{BE} \perp \overline{AC}$ , BE= 6.3 ସେ.ମି. $\Delta$ ଟି ଅଙ୍କନ କର ।

6)$\Delta$ABC6 ର $m\angle A = 60^0$, b: c = 2 : 3, BC= 7 ସେ.ମି. । ତ୍ରିଭୁଜଟି ଅଙ୍କନ କର ।

7)ABCD ସାମନ୍ତରିକ ଚିତ୍ର ଅଙ୍କନ କର ଯାହାର AB= 5.5 ସେ.ମି. କର୍ଣ୍ଣ $\overline{BD}$ ର ଦୈର୍ଘ୍ୟ =8 ସେ.ମି. ଓ $m\angle DAC = 60^0$ ।

8)3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତଅଙ୍କନ କର । ଏହାର କେନ୍ଦ୍ର O ହେଉ । P ବୃତ୍ତର ଏକ ବହିଃସ୍ଥ ବିନ୍ଦୁ । OP = 7 ସେ.ମି. । P ବିନ୍ଦୁରୁ ବୃତ୍ତପ୍ରତି $\overline{PA}, \overline{PB}$ ଦୁଇଟି ସ୍ପର୍ଶକ ଖଣ୍ଡ ଅଙ୍କନ କର ।

9)4 ସେ.ମି. ବ୍ୟାସ ବିଶିଷ୍ଟ ଏକ ବୃତ୍ତର କେନ୍ଦ୍ର O । $\overline{OA}$ ଏବଂ $\overline{OB}$ଦୁଇଟି ବ୍ୟାସାର୍ଦ୍ଧ, m∠AOB = $90^0$ । $\overleftrightarrow{AX}$ଓ$\overleftrightarrow{BY}$ ପରସ୍ପରକୁ 'M' ବିନ୍ଦୁରେ ଛେଦ କରୁଥିବ । ଦୁଇଟି ସ୍ପର୍ଶକ ଅଙ୍କନ କର । OAMB କି ପ୍ରକାର ଚ଼ତୁର୍ଭୁଜ ନିର୍ଣ୍ଣୟ କର ।

10)6 ସେ.ମି. ବ୍ୟାସ ବିଶିଷ୍ଟ ବୃତ୍ତଟିଏ ଅଙ୍କନ କର । ବୃତ୍ତର ବହିଃସ୍ଥ 'P' ଏକ ବିନ୍ଦୁ ଚ଼ିହ୍ନଟ କର ଯେପରିକି ବୃତ୍ତର ଯେଉଁ ବିନ୍ଦୁ 'P'ଠାରୁ ନିକଟତମ ତାହାର P ଠାରୁ ଦୂରତା 4.5 ସେ.ମି. । P ବିନ୍ଦୁରୁ ବୃତ୍ତପ୍ରତି ସ୍ପର୍ଶକ ଖଣ୍ଡ ଅଙ୍କନ କରି ତାହାର ଦୈର୍ଘ୍ୟ ମାପି ଲେଖ ।

11)3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର । ଏହାର ବହିଃସ୍ଥ ବିନ୍ଦୁ P ରୁ $\overline{PA}$ ଓ $\overline{PB}$ଦୁଇଟି ସ୍ପର୍ଶକ ଖଣ୍ଡ ଅଙ୍କନ କର ଯେପରିକି m∠APB = $60^0$ ହେବ ।

12)3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସମବାହୁ ∆ପରିଲିଖନ କର ।

13) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସୁଷମ ଷଡ଼ଭୁଜ ଅନ୍ତର୍ଲିଖନ କର ।

14) 4 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସୁଷମ ଷଡ଼ଭୁଜ ଅନ୍ତର୍ଲିଖନ କର ।

15) 7.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଏକ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର ।

16) 8 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଏକ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର

17) 9 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ABC ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କରଯାହାର ଭୂମି BC = 7 ସେ.ମି. ।

18) 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ତହିଁରେ 7 ସେ.ମି. ଉଚ୍ଚତା ବିଶିଷ୍ଟ ଏକ ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର ।

19) 4 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ତହିଁରେ 6 ସେ.ମି. ଉଚ୍ଚତା ବିଶିଷ୍ଟ ଏକ ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର ।

20) AB = 8 ସେ.ମି. ବିଶିଷ୍ଟ ରେଖାଖଣ୍ଡ ଅଙ୍କନ କର । A ବିନ୍ଦୁକୁ କେନ୍ଦ୍ର ନେଇ 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ଓ B ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଦୁଇଟି ସ୍ପର୍ଶକ ଅଙ୍କନ କର ।

# Subjective Part
# (Construction)
# ANSWERS

1.

ବିଶ୍ଳେଷଣ :

$\Delta ABC BC = 7cm$

$m\angle A = 60^0$

$\angle OBC = 90^0 - 60^0 = 30^0$

$m\angle OCB = 30^0$, BX =CX




1. ଅଙ୍କନ ପ୍ରଣାଳୀ :

i ) BC = 7 cm ଅଙ୍କନ କର

ii ) $m\angle OBC = 30^0$ଅଙ୍କନ କର = $m\angle OCB$

iii ) $\overline{BC}$ର ମଧ୍ୟବିନ୍ଦୁ X ନିର୍ଣ୍ଣୟ କର

iii ) OB = OC କୁ ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କର

iv ) X କୁ କେନ୍ଦ୍ର କରି ବ୍ୟାସାର୍ଦ୍ଧ ପରିମିତ ଏକ ବୃତ୍ତ ଅଙ୍କନ କର ଯାହା $\widehat{BC}$ ବୃହତ୍‌ଗଣକୁ A ଓ $A^1$ I ବିନ୍ଦୁରେ ଛେଦ କରିବ I

2.

ବିଶ୍ଳେଷଣ :

AC = 7cm, $m\angle ABC = 90^0$

$BD \perp AC$

CE = BD = 3cm




i) AC = 7 cmଅଙ୍କନ କର

ii) $\overline{AC}$କୁ ସମଦ୍ୱିଖଣ୍ଡ କରି ଉକ୍ତ ବିନ୍ଦୁର ନାମ O ଦିଅ I

iii) O କୁ କେନ୍ଦ୍ର କରି OA =OCବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କର I

iv) Cବିନ୍ଦୁରେ AC $\perp$CX ଅଙ୍କନ କର ଏବଂ ଉପରେ ଏକ ବିନ୍ଦୁ ନିଅ ଯେପରି CE = 3cm I

v) Eବିନ୍ଦୁରେ CA II EP ଅଙ୍କନ କର ଯାହା ବୃତ୍ତକୁ A ଓ $B^1$ ବିନ୍ଦୁରେ ଛେଦ କରୁ CE = 3cm I

v) $\Delta ABC$ କିମ୍ବା $\Delta ABC$ ଏକ ଆବଶ୍ୟକୀୟ ତ୍ରିଭୁଜ I

3.

ବିଶ୍ଳେଷଣ :

$m\angle A = 45°$



BC = 8cm
AD ଲମ୍ବ= 3cm

$m\angle A < 90°$

X

i) $\overline{BC}$ଅଙ୍କନ କର ଯାହାର ଦୈର୍ଘ୍ୟ 8cm

P

ii) $m\angle OBC = m\angle OCB = 45°$ଅଙ୍କନ କର

iii) O କୁ କେନ୍ଦ୍ରକରି OB = OC କୁ ବ୍ୟାସାର୍ଦ୍ଧ

ରୂପେ ନେଇ ବୃତ୍ତ ଅଙ୍କନ କର

iv) Bବିନ୍ଦୁରେ$\overline{BC} \perp \overrightarrow{BX}$ଅଙ୍କନ କର

$\overrightarrow{BX}$ଉପରେ M ଏକ ବିନ୍ଦୁ ନିଅ

ଯେପରି BM = 3cm

v) Mବିନ୍ଦୁରେ$\overrightarrow{MP} \perp \overrightarrow{BM}$ଅଙ୍କନ କର

ଯାହା ବୃତ୍ତକୁ A ଓ $A^1$ବିନ୍ଦୁରେ

ଛେଦ କରିବ ।

vi) $\Delta ABC$ କିମ୍ବା$\Delta A^1BC$ ଏକ

ଆବଶ୍ୟକୀୟ ତ୍ରିଭୁଜ ।

4.

ବିଶ୍ଲେଷଣ :

AC = 6.5cm

$m\angle B = 60°$

AX ମଧ୍ୟମା = 5cm

i) $\overline{AC}$ଅଙ୍କନ କର ଯାହାର ଦୈର୍ଘ୍ୟ 6.5 cm

$\overline{AC}$ର ସମଦ୍ୱିଖଣ୍ଡକ ଲମ୍ବ ଅଙ୍କନ କରି ମଧ୍ୟବିନ୍ଦୁର ନାମ X ଦିଅ ।

ii) Y ବିନ୍ଦୁ ଓ C ବିନ୍ଦୁରେ 30°ଅଙ୍କନ କରି ଛେଦ ବିନ୍ଦୁର ନାମ O ଦିଅ ।

$(m\angle OYC = m\angle OCY = 30°)$

iii) O କୁ କେନ୍ଦ୍ର କରି OY = OC କୁ

ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କର ।

iv) A କୁ କେନ୍ଦ୍ର ନେଇ 5cm ବ୍ୟାସାର୍ଦ୍ଧ ବିଶିଷ୍ଟ

ଅଙ୍କିତ ଚାପ ଅର୍ଦ୍ଧବୃତ୍ତକୁ ଯେଉଁ ବିନ୍ଦୁରେ

ଛେଦ କରିବ ତାର ନାମ X ଦିଅ ।




v) $\overline{BC}$ଅଙ୍କନ କର ଯେପରି C – X – B ହେବ ଏବଂ CX = BX ହେବ

vi) $\Delta ABC$ ଏକ ଆବଶ୍ୟକୀୟ ତ୍ରିଭୁଜ ।

5.
ବିଶ୍ଲେଷଣ :




∆ABC ରେ BC = 7cm

m∠BEC = 90°

m∠BAC = 60° = m∠BAE

m∠ABE = 30°

i) BC ଅଙ୍କନ କର ଯାହାର ଦୈର୍ଘ୍ୟ 7cm

ii) BC ର ମଧ୍ୟବିନ୍ଦୁ X ନିର୍ଣ୍ଣୟ କର

iii) XB = XC କୁ ବ୍ୟାସାର୍ଦ୍ଧ ନେଇ

ଏକ ଅର୍ଦ୍ଧବୃତ୍ତ ଅଙ୍କନ କର

($\overline{BC}$ର ଊର୍ଦ୍ଧ୍ୱ ସମତଳରେ)

iv) B କୁ କେନ୍ଦ୍ରକରି 6.3 cm

ବ୍ୟାସାର୍ଦ୍ଧ ପରିମିତ ଚାପ ଅର୍ଦ୍ଧବୃତ୍ତକୁ

E ବିନ୍ଦୁରେ ଛେଦ କରୁ ।$\overline{EB}$କୁ ଯୋଗ କର ।

v) B ବିନ୍ଦୁରେ 30°ଅଙ୍କନ କର ତାହା BC ସମଦ୍ୱିଖଣ୍ଡକକୁ

ଛେଦ କରୁ । ସେହି ବିନ୍ଦୁର ନାମ O ଦିଅ ।

vi) O କୁ କେନ୍ଦ୍ର କରି OB = OC ବ୍ୟାସାର୍ଦ୍ଧ

ନେଇ ବୃତ୍ତ ଅଙ୍କନ କର ।

vii) $\overrightarrow{CE}$ବୃତ୍ତକୁ ଯେଉଁ ବିନ୍ଦୁରେ ଛେଦକରେ

ତାହାର ନାମ A ଅଦି । $\overline{AB}$କୁ ଯୋଗକର ।

viii) ∆ABC ଏକ ଆବଶ୍ୟକୀୟ ତ୍ରିଭୁଜ ।

6.
ବିଶ୍ଲେଷଣ ଚିତ୍ର :




C

E

∆ABC ରେ∠A ର ସମଦ୍ୱିଖଣ୍ଡକ$\overline{BC}$କୁ

D ବିନ୍ଦୁରେ ଛେଦ କରୁ

b : c = 2 : 3
AC : AB = 2 : 3
CD : BD = 2 : 3

i) CB ଅଙ୍କନ କର ଯାହାର ଦୈର୍ଘ୍ୟ 7cm

ii) C ଓ B ବିନ୍ଦୁରେ 30° (90° – 60°) ଅଙ୍କନ କରି

ଛେଦ ବିନ୍ଦୁର ନାମ O ଦିଅ ।

iii) OC = OB କୁ ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କର ।

iv) BC ର ସମଦ୍ୱିଖଣ୍ଡକ ବୃତ୍ତକୁ E ବିନ୍ଦୁରେ ଛେଦ କରୁ ।

v) AC : AB କୁ 2 : 3 ରେ ବିଭାଜନ କରି X ବିନ୍ଦୁ ନିର୍ଣ୍ଣୟ କର ।

vi) $\overrightarrow{CX}$କୁ ବର୍ଦ୍ଧିତ କଲେ ବୃତ୍ତକୁ ଯେଉଁ ବିନ୍ଦୁରେ

vii) AB, AC  ଯୋଗ କରି ଛେଦକରିବ ତାହା  A ବିନ୍ଦୁ ।

7.

ବିଶ୍ଳେଷଣ ଚିତ୍ର :

$m\angle DAC = 60°$, BO = OD, BD = 8cm

AB = 5.5cm, OD = 4cm

$m\angle OAD = 60°$, AO = CO




i) BD ଅଙ୍କନ କର ଯାହାର ଦୈର୍ଘ୍ୟ 8cm  ।

ଏହାକୁ O ବିନ୍ଦୁରେ ସମଦ୍ୱିଖଣ୍ଡ କର ।

ii) $\overline{OD}$ର ଉର୍ଦ୍ଧ୍ୱସମତଳରେ$m\angle POD = m\angle PDO = 30°$ ଅଙ୍କନ କର ।

iii) P କୁ କେନ୍ଦ୍ର କରି PO = PD ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କର ।

B କୁ କେନ୍ଦ୍ର କରି 5.5cm ବ୍ୟାସାର୍ଦ୍ଧ ବିଶିଷ୍ଟ ଅଙ୍କିତ ଚାପ

ବୃତ୍ତ ଖଣ୍ଡକୁ ଯେଉଁ ବିନ୍ଦୁରେ ଛେଦ କରିବ ତାର ନାମ A ଦିଅ ।

iv) $\overline{AB}$, $\overline{AD}$, ଓ$\overrightarrow{AO}$ଅଙ୍କନ କର । $\overrightarrow{AO}$ ଉପରେ C ଏକ ବିନ୍ଦୁ ନିଅ ଯେପରି AO = OC

v) $\overline{BC}$, $\overline{CD}$ଅଙ୍କନ କର ।

vi) ABCD ଏକ ଆବଶ୍ୟକୀୟ ସାମନ୍ତରିକ ଚିତ୍ର

8.

ବିଶ୍ଳେଷଣ :

ବୃତ୍ତର କେନ୍ଦ୍ର O  । OP = 7cm

OA, OB ବୃତ୍ତର ବ୍ୟାସାର୍ଦ୍ଧ

OA = OB = 3cm, $m\angle OAP = m\angle OBP = 90°$




i) 3cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର

ଏହାର କେନ୍ଦ୍ରO ,  OP = 7cm ଅଙ୍କନ କର

ii) OP ର ସମଦ୍ୱିଖଣ୍ଡକ ଲମ୍ବ ଅଙ୍କନ କରି

OP ର ମଧ୍ୟବିନ୍ଦୁ ନିର୍ଣ୍ଣୟ କର ।

iii) S କୁ କେନ୍ଦ୍ର କରି SO = SP କୁ ବ୍ୟାସାର୍ଦ୍ଧ ନେଇ

ଏକ ବୃତ୍ତ ଅଙ୍କନ କରାଯାଉ ।

iv) ବୃତ୍ତ ଦ୍ୱୟର ଛେଦ ବିନ୍ଦୁ M ଓ N ହେଉ ।

v) $\overrightarrow{PM}$ଓ$\overrightarrow{PN}$ଅଙ୍କନ କର

9.

ବିଶ୍ଳେଷଣ :

$m\angle OAY = m\angle OBY = 90°$

$m\angle AOB = 90°$

OAYB ଏକ ବର୍ଗଚିତ୍ର ହେବ ।




i) $\overline{CA}$ ଅଙ୍କନ କର ଯାହାର ଦୈର୍ଘ୍ୟ 4cm

ii) CA କୁ ସମଦ୍ୱିଖଣ୍ଡ କରି O ବିନ୍ଦୁ ନିର୍ଣ୍ଣୟ କର

OA କୁ ବ୍ୟାସାର୍ଦ୍ଧ ନେଇ ଏକ ବୃତ୍ତ ଅଙ୍କନ କର ।

iii) $m\angle AOB = 90°$ଅଙ୍କନ କର ।

ଯାହା ବୃତ୍ତକୁ B ବିନ୍ଦୁରେ ଛେଦ କରିବ ।

iv) Aବିନ୍ଦୁରେ$\overleftrightarrow{AX}$ଓ B ବିନ୍ଦୁରେ$\overleftrightarrow{BY}$ସ୍ପର୍ଶକ ଅଙ୍କନ କର ।

v) $\overrightarrow{AX}$ଓ$\overrightarrow{BY}$ର ଛେଦ ବିନ୍ଦୁର ନାମ M ଦିଅ ।

10.

ବିଶ୍ଳେଷଣ ଚିତ୍ର :

ବୃତ୍ତର କେନ୍ଦ୍ର O ।

AB ବ୍ୟାସ 6cm

BP = 4.5cm

$\overrightarrow{PM}$ଓ$\overrightarrow{PN}$ଦୁଇଟି ସ୍ପର୍ଶକ




i) $\overline{AB}$ଅଙ୍କନ କର ଯାହାର ଦୈର୍ଘ୍ୟ 6cm

ii) $\overline{AB}$କୁ ସମଦ୍ୱିଖଣ୍ଡ କରି ମଧ୍ୟବିନ୍ଦୁ O ନିର୍ଣ୍ଣୟ କର ।

iii) $\overline{OA} = \overline{OB}$କୁ ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କର ।

iv) $\overrightarrow{AB}$ଉପରେ P ଏକ ବିନ୍ଦୁ ନିଅ ଯେପରି BP = 4.5cm

v) OP କୁ ସମଦ୍ୱିଖଣ୍ଡ କରି ମଧ୍ୟବିନ୍ଦୁ X ନିର୍ଣ୍ଣୟ କର ।

vi) XO = XP କୁ ବ୍ୟାସାର୍ଦ୍ଧ ନେଇ ଅନ୍ୟ ଏକ ବୃତ୍ତ ଅଙ୍କନ କର ।

ବୃତ୍ତ ଦ୍ୱୟର ଛେଦ ବିନ୍ଦୁ M ଓ N ହେଉ ।

vii) $\overrightarrow{PM}$ଓ$\overrightarrow{PN}$ହେଉଛି ଆବଶ୍ୟକୀୟ ସ୍ପର୍ଶକ ।

11.

ବିଶ୍ଳେଷଣ :

OA = OB = 3cm

$m\angle AOB = 120°$

$m\angle APB = 60°$




i) 3cm ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ଅଙ୍କନ କରି କେନ୍ଦ୍ରର ନାମ O ଦିଅ ।

ii) OA ବ୍ୟାସାର୍ଦ୍ଧ ଅଙ୍କନ କର ।

iii) OB ବ୍ୟାସାର୍ଦ୍ଧ ଅଙ୍କନ କର ଯେପରି $m\angle AOB = 120°$

iv) A ବିନ୍ଦୁ ଓ B ବିନ୍ଦୁରେ ସ୍ପର୍ଶକ ଅଙ୍କନ କର ଓ ଛେଦ ବିନ୍ଦୁର ନାମ P ଦିଅ ।

12.
ବିଶ୍ଳେଷଣ :

$m\angle AZO = m\angle AYO = 90°$

AZOY ଚତୁର୍ଭୁଜରେ $m\angle ZOY$
$= 360° – (90° + 90° + 60°)$
$= 120°$

ସେହିପରି $m\angle XOY = m\angle XOZ = 120°$




i) 3.5 cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ଓ କେନ୍ଦ୍ରର ନାମ O ଦିଅ ।

ii) ବୃତ୍ତର ବ୍ୟାସାର୍ଦ୍ଧ $\overline{OZ}$ନିଅ ।

$m\angle ZOX = m\angle ZOY = 120°$ଅଙ୍କନ କର ।

iii) $\overline{OX}$, $\overline{OY}$ଅଙ୍କନ କର ।

iv) X, Y ଓ Z ବିନ୍ଦୁରେ ସ୍ପର୍ଶକ ଅଙ୍କନ କର ।

ସେମାନଙ୍କର ଛେଦ ବିନ୍ଦୁ A, B, C ହେଉ ।

v) ΔABC ଏକ ଆବଶ୍ୟକୀୟ ତ୍ରିଭୁଜ ।

13.
ବିଶ୍ଳେଷଣ :

ABCDEF ଏକ ବୃତ୍ତାନ୍ତର୍ଲିଖିତ ସୁଷମ ଷଡ଼ଭୁଜ ବୃତ୍ତର କେନ୍ଦ୍ର O

$m\angle AOB = m\angle BOC = m\angle COD = m\angle DOE = m\angle EOF = m\angle FOA$
$= \frac{360°}{6} = 60°$




i) 3.5 cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ।

ବୃତ୍ତ ଉପରେ A ଏକ ବିନ୍ଦୁ ନିଅ ।

ii) ବୃତ୍ତର ବ୍ୟାସାର୍ଦ୍ଧ ସହ ସମାନ ବ୍ୟାସାର୍ଦ୍ଧ ନେଇ

A କୁ କେନ୍ଦ୍ର କରି ଏକ ଚାପ ଅଙ୍କନ କର ।

ଛେଦ ବିନ୍ଦୁର ନାମ B ଦିଅ ।

iii) ଏହିପରି କ୍ରମ ଅନୁସାରେ C, D, E, F ବିନ୍ଦୁ ଚିହ୍ନଟ କର ।

iv) $\overline{AB}, \overline{BC}, \overline{CD}, \overline{DE}, \overline{EF}, \overline{FA}$କୁ ଯୋଗ କର ।

v) ABCDEF ଏକ ଆବଶ୍ୟକୀୟ ବୃତ୍ତାନ୍ତର୍ଲିଖିତ ସୁଷମ ଷଡ଼ଭୁଜ ।

14.
ବିଶ୍ଳେଷଣ :

$$\overline{AB} \cong \overline{BC} \cong \overline{CD} \cong \overline{DE} \cong \overline{EF} \cong \overline{FA}$$

P, Q, R, S, T, U ସ୍ପର୍ଶବିନ୍ଦୁ

m∠PBQ = 120°

m∠OPB = m∠OQB = 90°

⇨m∠POQ = 60°

m∠POQ = m∠QOR = m∠ROS = m∠SOT = m∠TOU = m∠UOP = 60°

i) 4 cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ।

ବୃତ୍ତଉପରେ P ଏକ ବିନ୍ଦୁ ଦିଅ ।

ii) ବୃତ୍ତର ବ୍ୟାସାର୍ଦ୍ଧ  ସହ ସମାନ ବ୍ୟାସାର୍ଦ୍ଧ ନେଇ

ଏକ ଚାପ ଅଙ୍କନ କର, ତାହା  ବୃତ୍ତକୁ ଯେଉଁ ବିନ୍ଦୁରେ

ଛେଦ କରିବ ତାହାର ନାମ Q ଦିଅ ।

iii) କ୍ରମାନ୍ୱୟରେ ଏହି ପରି ଚାପ କାଟି

R, S, T, U ବିନ୍ଦୁ ଚିହ୍ନଟ କର ।

iv) $\overline{PS}$,  $\overline{QT}$ଓ$\overline{RU}$କୁ ଯୋଗ କର ।

v) P, Q, R, S, T ଓ  U ବିନ୍ଦୁରେ

ବୃତ୍ତପ୍ରତି ସ୍ପର୍ଶକ ଅଙ୍କନ କର ।

vi)  ସ୍ପର୍ଶକ ମାନଙ୍କର ଛେଦ ବିନ୍ଦୁ A, B, C, D, E, F ଦିଅ ।

ABCDEF ଏକ ଆବଶ୍ୟକୀୟ ସୁଷମ ଷଡ଼ଭୁଜ ।




15.

ବିଶ୍ଳେଷଣ :

△ABC ବୃତ୍ତାନ୍ତର୍ଲିଖିତ ସମକୋଣୀ ସମଦ୍ୱିବାହୁ

ତ୍ରିଭୁଜ ହେଲେ କର୍ଣ୍ଣ AB, ବୃତ୍ତର ବ୍ୟାସ ହେବ m∠C=$90^0$

i) 7.5 cm  ଦୈର୍ଘ୍ୟ ବିଶିଷ୍ଟ AB ଅଙ୍କନ କରି

ଏହାର ମଧ୍ୟବିନ୍ଦୁ O ନିର୍ଣ୍ଣୟ କର ।

ii)ବୃତ୍ତର କେନ୍ଦ୍ର O ଏବଂ AB ର

ସମଦ୍ୱିଖଣ୍ଡକ ଲମ୍ବ ବୃତ୍ତକୁ C ବିନ୍ଦୁରେ ଛେଦକରୁ

iii) $\overline{AC}$ଓ$\overline{BC}$କୁ ଯୋଗକର

iv) △ABC ଏକ ଆବଶ୍ୟକୀୟ

ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ




16.

ବିଶ୍ଳେଷଣ :



$\angle QPB = \angle PBQ = \angle OQB = 90^0$

$m\angle POQ = 90^0$

$m\angle QCR = m\angle PAR = 45^0$

⇨$m\angle QOR = m\angle POR = 135^0$

i) 8 cm ଦୈର୍ଘ୍ୟ ବିଶିଷ୍ଟ $\overline{PS}$ଅଙ୍କନ କର ।

ଏହାର ମଧ୍ୟବିନ୍ଦୁ O । OP= OS କୁ ବ୍ୟାସାର୍ଦ୍ଧ ନେଇ

ଏକ ବୃତ୍ତ ଅଙ୍କନ କର ।

ii) $m\angle POQ = 90^0$ଓ $m\angle POR = 135^0$ଅଙ୍କନ କର ।

Q ଓ R ବୃତ୍ତ ଉପରେ ଅବସ୍ଥିତ ।

iii) P,Q ,R ବିନ୍ଦୁରେ ବୃତ୍ତପ୍ରତି ସ୍ପର୍ଶକ ଅଙ୍କନ କର ଓ

ଛେଦବିନ୍ଦୁର ନାମ A, B, C ଦିଅ ।

$\Delta$ ABC ଏକ ଆବଶ୍ୟକୀୟ ତ୍ରିଭୁଜ ।

17.

ବିଶ୍ଲେଷଣ :

$\Delta$ ର ଭୂମି BC = 7cm

ବୃତ୍ତର ବ୍ୟାସ my = 9cm

OM = OY = 4.5 cm




i) 9 cm ଦୈର୍ଘ୍ୟ ବିଶିଷ୍ଟ $\overline{BD}$ଅଙ୍କନ କରି ଏହାର

ମଧ୍ୟବିନ୍ଦୁର ନାମ O ଦିଅ ।

ii) OB= OC କୁ ବ୍ୟାସାର୍ଦ୍ଧ ନେଇ

O କୁ କେନ୍ଦ୍ର କରି ଏକ ବୃତ୍ତ ଅଙ୍କନ କର ।

iii) $\overline{BC}$ଜ୍ୟା 7 cm ଅଙ୍କନ କର ।

iv) $\overline{BC}$ର ସମଦ୍ୱିଖଣ୍ଡକ ଲମ୍ବ ଅଙ୍କନ କର

ଯାହା ବୃତ୍ତକୁ ଦୁଇଟି ବିନ୍ଦୁରେ ଛେଦ କରିବ ।

ଛେଦ ବିନ୍ଦୁର ନାମ A ଓ A  ନିଅ ।

v) $\overline{AB}$ଓ $\overline{AC}$ଅଙ୍କନ କର ।

$\Delta$ ABC ଏକ ଆବଶ୍ୟକୀୟ ତ୍ରିଭୁଜ ।

18.

ବିଶ୍ଲେଷଣ :

$\Delta$ ABC ବୃତ୍ତର  ପରିଲିଖିତ ଯାହାର କେନ୍ଦ୍ର O

AB = AC

AD $\perp$ AC ହେଲେ BD =CD



ଅର୍ଥାତ୍ O ବିନ୍ଦୁ $\overline{AD}$ ଉପରେ ଅବସ୍ଥିତ B

OD = 3 cm
AD = 7 cm
OA = 7-3 = 4 cm
D, E, F ସ୍ପର୍ଶ ବିନ୍ଦୁ ହେଲେ AE ଓ AF

ଦୁଇଟି ସ୍ପର୍ଶକ ଖଣ୍ଡ ହେବ ।

i) 3 cm ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ଅଙ୍କନ କରି ଏହାର ବ୍ୟାସାର୍ଦ୍ଧ OD ନିଅ ।

ii) $\overrightarrow{OD}$ ଉପରେ A ଏପରି ଏକ ବିନ୍ଦୁ ନିଅ ଯେପରି

O-D-A ଓ ନାମ O ଦିଅ ।

iii) A ବିନ୍ଦୁରୁ ବୃତ୍ତପ୍ରତି ଦୁଇଟି ସ୍ପର୍ଶକ ଖଣ୍ଡ $\overline{AE}$ ଓ $\overline{AF}$ଅଙ୍କନ କର ।

$\overline{AD}$ କୁ ବ୍ୟାସ ନେଇ ଅଙ୍କିତ ବୃତ୍ତ

ଉକ୍ତ ବୃତ୍ତକୁ E ଓ F ବିନ୍ଦୁରେ ଛେଦ କରିବ ।

iv) D ବିନ୍ଦୁରେ $\overleftrightarrow{DX}$ ସ୍ପର୍ଶକ ଅଙ୍କନ କର

v) $\overleftrightarrow{D\ X}$, $\overline{AE}$ ଓ $\overline{AF}$କୁ ଯେଉଁ ବିନ୍ଦୁରେ

ଛେଦ କରିବ ତାର ନାମ ଯଥାକ୍ରମେ

B ଓ C ଦିଅ । Δ ABC ଏକ ଆବଶ୍ୟକୀୟ ତ୍ରିଭୁଜ ।

19.
ବିଶ୍ଳେଷଣ :

Δ ABC ବୃତ୍ତାର୍ନ୍ତିଖିତ ଯାହାର କେନ୍ଦ୍ର AB = AC

O ବୃତ୍ତର କେନ୍ଦ୍ର AD ⊥ BC

AB = AC
⇨BD = CD ଅର୍ଥାତ୍O ବିନ୍ଦୁ $\overline{AD}$ ଉପରିସ୍ଥ
AO = 4 cm AD = 6 cm
m ∠PDC= m ∠ODB = $90^0$




ii) 4 cm ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ଅଙ୍କନ କର

O ବୃତ୍ତର କେନ୍ଦ୍ର

iii) $\overline{OA}$ଏକ ବ୍ୟାସାର୍ଦ୍ଧ ନିଅ । $\overline{AO}$ ଅଙ୍କନ କର

$\overline{AO}$ ଉପରେ D ଏକ ବିନ୍ଦୁ ନିଅ ଯେପରି

A-O –D ଓ AD = 6 cm

$\overleftrightarrow{AD}$ପ୍ରତି D ବିନ୍ଦୁରେ ଛେଦ କରିବ

ତାର ନାମ B ଓ C ନିଅ ।

$\overline{AB}$, $\overline{AC}$ଅଙ୍କନ କର

Δ ABC ଏକ ଆବଶ୍ୟକୀୟ ତ୍ରିଭୁଜ ।

20.
ବିଶ୍ଳେଷଣ :

AB = 8 cm



AO – BO = 8/2 = 4cm

ବୃତ୍ତର ବ୍ୟାସାର୍ଦ୍ଧ AC = 3 cm

$\overrightarrow{BM}$ ଓ $\overrightarrow{BN}$ ଦୁଇଟି ସ୍ପର୍ଶକଖଣ୍ଡ

i) 8 cm  ଦୈର୍ଘ୍ୟ ବିଶିଷ୍ଟ $\overline{AB}$ ଅଙ୍କନ କର

ii) AB ର ମଧ୍ୟବିନ୍ଦୁ O ନିର୍ଣ୍ଣୟ କର

iii)OA = OB କୁ ବ୍ୟାସାର୍ଦ୍ଧ ନେଇ

ଗୋଟିଏ ବୃତ୍ତ ଅଙ୍କନ କର ।

iv) A କୁ କେନ୍ଦ୍ରକରି 3 cm ପରି ଦୈର୍ଘ୍ୟ ବିଶିଷ୍ଟ ବ୍ୟାସାର୍ଦ୍ଧ

ନେଇ ଅନ୍ୟ ଏକ ବୃତ୍ତ ଅଙ୍କନ କର ।

v) ବୃତ୍ତ ଦ୍ୱୟର ଛେଦ ବିନ୍ଦୁ M ଓ N ହେଉ ।

vi) $\overrightarrow{BM}$ ଓ $\overrightarrow{BN}$ ସ୍ପର୍ଶକଖଣ୍ଡ ଅଙ୍କନ କର ।

# ଦ୍ୱିଘାତ ସମୀକରଣ

## ଦ୍ୱିଘାତ ସମୀକରଣ

**(Quadratic Equation)**

P (x) = $ax^2$+ b x + c (a ≠ 0) ଗୋଟିଏ ଦ୍ୱିଘାତ ପଲିନୋମିଆଲ୍ **(Quadratic Polynomial)**,ଯେଉଁଠାରେ a ଓ b ଯଥାକ୍ରମେ $x^2$, x ର ସହଗ ଏବଂ c ଏକ ଧ୍ରୁବ ସଂଖ୍ୟା ।

$ax^2$+ b x + c (a ≠ 0) କୁ ଦ୍ୱିଘାତ ସମୀକରଣ **(Quadratic Equation)** କୁହାଯାଏ ।

ମନେରଖ : ଗୋଟିଏ n ଘାତୀ ସମୀକରଣ $a_nx^n + a_{n-1}x^{n-1} + .... a_1x + a_0 = 0$, (a ≠ 0) ର n ସଂଖ୍ୟକ ବୀଜ ବା ମୂଳ ଅଛି । ଉକ୍ତ ତଥ୍ୟଟି .ବୀଜଗଣିତରେ ମୌଳିକ ଉପପାଦ୍ୟ. **(Fundamental Theorem of Algebra)** ରୂପେ ପରିଚିତ ।

ଦ୍ୱିଘାତ ସମୀକରଣର ମୂଳ a ଓ b ହେଲେ :

$$\alpha = \frac{-b + \sqrt{(b^2 - 4ac)}}{2a} \quad \text{ଏବଂ} \quad \beta = \frac{-b - \sqrt{(b^2 - 4ac)}}{2a} \quad ................ (i)$$

(i) ରେ ନିର୍ଣ୍ଣିତ ସୂତ୍ରକୁ ଦ୍ୱିଘାତ ସୂତ୍ର **(Quadratic Formula)** କୁହାଯାଏ ।

### ପ୍ରଭେଦକ (Discriminant) :

$b_2 - 4ac$ କୁ ଦ୍ୱିଘାତ ସମୀକରଣ $ax^2 + bx + c = 0$ ର ପ୍ରଭେଦକ କୁହାଯାଏ ଓ ଏହାକୁ 'D' ଦ୍ୱାରା ସୂଚିତ କରାଯାଏ । ଅର୍ଥାତ୍ $D = b^2 - 4ac$ ।

ଦ୍ୱିଘାତ ସମୀକରଣ $ax^2 + bx + c = 0$ କୁ ବିଚାରକୁ ନେଲାବେଳେ, ସେଥିରେ a, b ଓ c ରାଶିତ୍ରୟ ପୂର୍ଣ୍ଣ ସଂଖ୍ୟା ଓ a≠ 0 ।

ମୂଳ ଦ୍ୱୟକୁ D ମାଧ୍ୟମରେ ପ୍ରକାଶ କଲେ,

$$\alpha = \frac{-b + \sqrt{(b^2 - 4ac)}}{2a} = \frac{-b + \sqrt{D}}{2a}$$

$$\beta = \frac{-b - \sqrt{(b^2 - 4ac)}}{2a} = \frac{-b - \sqrt{D}}{2a}$$

### ମୂଳଦ୍ୱୟର ସ୍ୱରୂ (Nature of roots) :

ଦ୍ୱିଘାତ ସମୀକରଣର ପ୍ରଭେଦକ (D) କୁ ବିଚାରକୁ ନେଇ ସମୀକରଣଟିର ମୂଳଦ୍ୱୟର ସ୍ୱରୂପ ନିରୂପଣ କରାଯାଏ ।

(i) D > 0 ହେଲେ, ମୂଳଦ୍ୱୟ a ଓ b ବାସ୍ତବ ସଂଖ୍ୟା ଓ ପରସ୍ପରଠାରୁ ପୃଥକ ହେବେ । ଅର୍ଥାତ୍ a ≠ b ।

(ii) D = 0 ହେଲେ ମୂଳଦ୍ୱୟ ବାସ୍ତବ ସଂଖ୍ୟା ଏବଂ ଏକ ଓ ଅଭିନ୍ନ ହେବେ । ଅର୍ଥାତ୍ a = b ।

(iii) D < 0 ହେଲେ ମୂଳଦ୍ୱୟ a ଓ b ବାସ୍ତବ ହେବେ ନାହିଁ ।

| D ର ମାନ | ମୂଳଦ୍ୱୟର ସ୍ୱରୂପ | ବୀଜଦ୍ୱୟ |
|---|---|---|
| 1. $D > 0$<br>(i) ପୂର୍ଣ୍ଣବର୍ଗ ସଂଖ୍ୟା<br>(ii) ପୂର୍ଣ୍ଣବର୍ଗ ସଂଖ୍ୟା ନୁହେଁ | ମୂଳଦ୍ୱୟ ବାସ୍ତବ ଏବଂ ଅସମାନ<br>ମୂଳଦ୍ୱୟ ପରିମେୟ ଏବଂ ଅସମାନ<br>ମୂଳଦ୍ୱୟ ଅପରିମେୟ ଏବଂ ଅସମାନ | $\frac{-b+\sqrt{D}}{2a}, \frac{-b-\sqrt{D}}{2a}$ |
| 2. $D = 0$ | ବାସ୍ତବ (ପରିମେୟ) ଏବଂ ସମାନ | $\frac{-b}{2a}$ |
| 3. $D < 0$ | ଅବାସ୍ତବ ଅର୍ଥାତ୍ ବାସ୍ତବ ମୂଳ ନାହିଁ | |

ମୂଳଦ୍ୱୟ ଓ ସହଗ ମଧ୍ୟରେ ସଂପର୍କ :-

(୧) ମୂଳଦ୍ୱୟର ସମଷ୍ଟି :

$\alpha + \beta = \frac{-b}{a}$ ଅର୍ଥାତ୍ ମୂଳଦ୍ୱୟର ସମଷ୍ଟି $= \frac{-b}{a}$

(୨) ମୂଳଦ୍ୱୟର ଗୁଣଫଳ :

$\alpha\beta = \frac{c}{a}$ ଅର୍ଥାତ୍ ମୂଳଦ୍ୱୟର ଗୁଣଫଳ $= \frac{c}{a}$

**ଦ୍ୱିଘାତ ସମୀକରଣର ଗଠନ (Formation of a quadratic equation) :**

ମନେକର ଦ୍ୱିଘାତ ସମୀକରଣ $ax^2 + bx + c = 0$ $(a \neq 0)$ର ମୂଳଦ୍ୱୟ $\alpha$ ଓ $\beta$ ।

ତେବେ $\alpha + \beta = -\frac{b}{a}$ ଏବଂ $\alpha\beta = \frac{c}{a}$ (ଅନୁଚ୍ଛେଦ 2.5)

$\Rightarrow x^2 - (\alpha + \beta)x + \alpha\beta = 0$

**ଆବଶ୍ୟକ ଦ୍ୱିଘାତ ସମୀକରଣ : $x^2$ –(ମୂଳଦ୍ୱୟର ସମଷ୍ଟି)x+ମୂଳଦ୍ୱୟର ଗୁଣଫଳ = 0 ।**

# ଦ୍ୱିଘାତ ସମୀକରଣ

## MULTIPLE CHOICE QUESTIONS AND ANSWERS.

ପ୍ରତ୍ୟେକ ପ୍ରଶ୍ନରେ ଚାରୋଟି ବିକଳ୍ପ ଉ□ର ଦିଆଯାଇଛି । ଠିକ୍ ଉ□ରଟି ବାଛି ଲେଖ ।

1. କେଉଁ ସ□ରେ ($x^2 + bx + a = 0$) ସମୀକରଟି ଏକ ଦ୍ୱିଘାତ ସମୀକରଣ ହେବ ?
   (a) $a \neq 0$ (b) $b \neq 0$ (c) $c \neq 0$ (d) $a + b + c = 0$

2. $a_n x^n + a_{n-1}x^{n-1} + a_{n-2}x^{n-2} + ........ + a_1 x + a_0$, ($a_n \neq 0$, $n \in N$) ସମୀକରଣର କେତୋଟି ବୀଜ ଅଛି ?
   (a) 1 (b) 2 (c) n–1 (d) n

3. $x^2 - kx + 12 = 0$ ସମୀକରଣର ଗୋଟିଏ ବୀଜ 3 ହେଲେ k ର ମାନ କେତେ ?
   (a) 4 (b) –4 (c) 7 (d) –7

4. ନିମ୍ନୋକ୍ତ ମଧ୍ୟରୁ କେଉଁ ସମୀକରଣର ଗୋଟିଏ ମୂଳ 2 ଓ ମୂଳଦ୍ୱୟର ସମଷ୍ଟି 0 ଅଟେ ?
   (a) $x^2 + 4 = 0$ (b) $x^2 - 4 = 0$ (c) $4x^2 - 1 = 0$ (d) $x^2 - 2 = 0$

5. $3x^2 - 2x + 2 = 0$ ସମୀକରଣର ମୂଳଦ୍ୱୟର ସ୍ୱରୂପ କ'ଣ ?
   (a) ବାସ୍ତବ ଓ ସମାନ (b) ଅବାସ୍ତବ ଓ ଅସମାନ
   (c) ବାସ୍ତବ ଓ ଅସମାନ (d) ଅବାସ୍ତବ ଓ ସମାନ

6. K ର କେଉଁ ମାନ ପାଇଁ $x^2 - 4x + K = 0$ ର ବୀଜଦ୍ୱୟ ବାସ୍ତବ ଓ ଅସମାନ ହେବ ?
   (a) $K = 4$ (b) $K > 4$ (c) $K \geq 4$ (d) $K < 4$

7. K ର କେଉଁ ମାନ ପାଇଁ $9x^2 - 24x + K = 0$ ସମୀକରଣର ବୀଜଦ୍ୱୟ ବାସ୍ତବ ଓ ସମାନ ଅଟନ୍ତି ?
   (a) 16 (b) 32 (c) 36 (d) 24

8. ଯଦି –5, $2x^2 + px - 15 = 0$ ସମୀକରଣର ଗୋଟିଏ ବୀଜ ଏବଂ $p(x^2 + x) + k = 0$ ସମୀକରଣର ବୀଜଦ୍ୱୟ ସମାନ ଓ ବାସ୍ତବ ତେବେ k ର ମାନ କେତେ ?
   (a) (b) (c) (d)

9. $\sqrt{6+\sqrt{6+\sqrt{6+}}}$....... ର ମାନ କେତେ ?
   (a) 4 (b) 3 (c) –3 (d) 3.5

11. ଗୋଟିଏ ଦ୍ୱିଘାତ ସମୀକରଣର ବୀଜଦ୍ୱୟ 2 ଓ 3 ହେଲେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ଅଟେ ?
   (a) $(x - 2)(x - 3) = 0$ (b) $(x+2)(x-3)=0$ (c) $(x+2)(x+3) = 0$ (d) $(x-2)(x+3)=0$

13. k ର କେଉଁ ମାନ ପାଇଁ $kx^2 - 4x - 4 = 0$ ସମୀକରଣର ପ୍ରଭେଦକ 32 ହେବ ?
   (a) 1 (b) 2 (c) 3 (d) 4

15. $ay^2 + ay + 3 = 0$ ଓ $y^2 + y + b = 0$ ସମୀକରଣରଦ୍ୱୟର ସାଧାରଣ ବୀଜଟି 1 ହେଲେ ab ର ମାନ କେତେ ?

(a) 3 (b) $-\frac{7}{2}$ (c) 6 (d) –3

17. $x^2 - x = k(2x - 1)$ ସମୀକରଣର ବୀଜଦ୍ୱୟର ସମଷ୍ଟି 0 ହେଲେ k ର ମାନ କେତେ ?

(a) –2 (b) 2 (c) - 1/2 (d) 1/2

18. $px^2 + qx + r = 0$ ସମୀକରଣର ବୀଜଦ୍ୱୟର ଗୁଣଫଳ 1 ହେଲେ ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ୍ ?

(a) $p = 0$ (b) $q = r$ (c) $r = p$ (d) $p + q + r=0$

19. ଯେଉଁ ଦ୍ୱିଘାତ ସମୀକରଣର ମୂଳଦ୍ୱୟ  ଓ 3, ସେହି ସମୀକରଣଟି କ'ଣ ହେବ ?

(a) $3x^2+11x–6=0$ (b) $3x^2+11x+6=0$ (c) $3x^2–11x–6=0$ (d) $3x^2–11x+6=0$

20. ଗୋଟିଏ ଅଣଶୂନ୍ୟ ପୂର୍ଣ୍ଣସଂଖ୍ୟା, ତାହାର ବର୍ଗସହ ସମାନ ହେଲେ ସଂଖ୍ୟାଟି କେତେ ?

(a) 1 (b) –1 (c) ±1 (d) 0

21. ଗୋଟିଏ ସଂଖ୍ୟା ଓ ଏହାର ବ୍ୟୁତକ୍ରମର ସମଷ୍ଟି 2 । ସଂଖ୍ୟାଟିକୁ x ନେଲେ ସମୀକରଣଟି କ'ଣ ହେବ ?

(a) $x^2 + 2x + 1 = 0$ (b) $x^2 + 2x – 1 = 0$ (c) $x^2 – 2x + 1 = 0$ (d) $x^2 – 2x – 1 = 0$

22. $ax^2 + bx + c = 0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ $\alpha^2 + \beta^2$ ର ମାନ କେତେ ?

(a) $\frac{bc}{a}$ (b) $\frac{b^2 + 2ca}{a^2}$ (c) $\frac{b^2 - 2ca}{a^2}$ (d) $\frac{-bc}{a}$

23. ଯଦି $x^2 – px + q = 0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ତେବେ $\alpha^2\beta^2$ ର ମାନ କେତେ ?

(a) $p^2$ (b) $p^2q^2$ (c) $p^2+q^2$ (d) $q^2$

25. $x^2 – px + 8 = 0$ ସମୀକରଣର ଗୋଟିଏ ମୂଳ ଅପରଟିର 2 ଗୁଣ ହେଲେ p ର ମାନ କେତେ ?

(a) 2 (b) 4 (c) 6 (d) 8

26. ଗୋଟିଏ ଆୟତଚିତ୍ରର ଦୈର୍ଘ୍ୟ ପ୍ରସ୍ଥଠାରୁ 2cm ଅଧିକ ଓ ଏହାର କ୍ଷେତ୍ରଫଳ 120 $cm^2$ । ଆୟତଚିତ୍ରର ଦୈର୍ଘ୍ୟ ଓ ପ୍ରସ୍ଥ ନିର୍ଣ୍ଣୟ କରିବା ପାଇଁ ନିମ୍ନୋକ୍ତ ସମୀକରଣ ମଧ୍ୟରୁ କେଉଁଟି ପ୍ରଯୁଜ୍ୟ ?

(a) $x^2 + 4x = 120$ (b) $x^2 – 2x = 120$ (c) $2x^2 – 4x = 240$ (d) $x^2 + 2x = 120$

27. ଯେଉଁ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ସମଷ୍ଟି 8 ଓ ଗୁଣଫଳ 15 ସେହି ସମୀକରଣଟି କ'ଣ ହେବ ?

(a) $x^2 – 8x + 15 = 0$ (b) $x^2+8x+15 = 0$ (c) $x^2+15x + 8 = 0$ (d) $x^2–15x+8=0$

28. $3x^2 – 2x + (p – 3) = 0$ ସମୀକରଣର ଗୋଟିଏ ମୂଳ ଅନ୍ୟଟିର ବ୍ୟୁତକ୍ରମ ହେଲେ p ର ମାନ କେତେ ?

(a) 1 (b) 0 (c) 6 (d) 9

29. $3x^2 – 2x + k = 0$ ସମୀକରଣର ମୂଳଦ୍ୱୟ ପରସ୍ପର ଗୁଣନାତ୍ମକ ବିଲୋମୀ ହେଲେ k ର ମାନ କେତେ ?

(a) 2 (b) 1 (c) –1 (d) 3

30. $5x^2 – 3x + c = 0$ ସମୀକରଣର ବୀଜଦ୍ୱୟର ସମଷ୍ଟି ଓ ଗୁଣଫଳ ସମାନ ହେଲେ c ର ମାନ କେତେ ?

(a) 3 (b) –3 (c) 5 (d) –5

32. ଦ୍ୱିଘାତ ସମୀକରଣକୁ ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କରିବା କେଉଁ ଭାରତୀୟ ଗଣିତଜ୍ଞଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ?

(a) ଶ୍ରୀଧର ଆଚାର୍ଯ୍ୟ (b) ଆର୍ଯ୍ୟଭଟ୍ଟ (c) ପିଥାଗୋରସ୍ (d) ବ୍ରହ୍ମଗୁପ୍ତ

35. $ax^2 + bx + c = 0$, $(a \neq 0)$ ସମୀକରଣର ଗୋଟିଏ ବୀଜ ଅନ୍ୟଟିର 3 ଗୁଣ ହେଲେ $b^2 = ac$ ର ମାନ କେତେ ?

(a) 3:1 (b) 3:16 (c) 16:3 (d) 16:1

**ଉତ୍ତର**

1. (c) 2. (d) 3. (c) 4. (b) 5. (b) 6. (d) 7. (a) 8. (c) 9. (b)
11. (a) 12. (d) 13. (a) 14. (c) 15. (a) 16. (d) 17. (c) 18. (c) 19. (d) 20. (a)
21. (c) 22. (c) 23. (d) 24. (a) 25. (c) 26. (d) 27. (a) 28. (c) 29 (d).
30. (a) 31. (d) 32. (a) 35. (c)

## SUBJECTIVE QUESTIONS AND ANSWERS

## 5 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

1. ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର ।

$$14x^2 + x - 3 = 0$$

**ସମାଧାନ :** $14x^2 + x - 3 = 0$

$$\Rightarrow \quad x^2 + \frac{x}{14} - \frac{3}{14} = 0$$

(14 ଦ୍ୱାରା ଉଭୟ ପାର୍ଶ୍ୱକୁ ଭାଗ କଲେ)

$$\Rightarrow \quad x^2 + \frac{x}{14} = \frac{3}{14}$$

$$\Rightarrow \quad x^2 + 2 . x .$$

$$\frac{1}{28} + \left(\frac{1}{28}\right)^2 = \frac{3}{14} + \left(\frac{1}{28}\right)^2$$

$$\Rightarrow \left(x+\frac{1}{28}\right)^2 = \frac{3}{14}+\frac{1}{784}$$

$$= \frac{3\times 56+1}{784} = \frac{168+1}{784}$$

$$= \frac{169}{784} = \left(\frac{13}{28}\right)^2$$

$$\Rightarrow x + \frac{1}{28} = \pm\frac{13}{28}$$

$$\Rightarrow x = -\frac{1}{28} \pm \frac{13}{28} = \frac{-1\pm 13}{28}$$

$= \frac{-1+13}{28}$ କିମ୍ବା $\frac{-1-13}{28}$

$\Rightarrow x = \frac{12}{28}$ ବା $\frac{-14}{28}$

$= \frac{3}{7}$ ବା $-\frac{1}{2}$

$\therefore$ ନିର୍ଣ୍ଣେୟ ମୂଳଦ୍ୱୟ $\frac{3}{7}$ ଓ $\frac{-1}{2}$

2. ଯଦି $2x^2 - 4x + 2 = 0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହୁଏ, ତେବେ ପ୍ରମାଣ କର ଯେ $\frac{\alpha}{\beta}+\frac{\beta}{\alpha}+4\left(\frac{1}{\alpha}+\frac{1}{\beta}\right)+2\alpha\beta = 12$.

**ସମାଧାନ :** $2x^2 - 4x + 2 = 0$

ଏଠାରେ $a = 2$, $b = -4$ ଓ $c = 2$

$$\therefore \alpha+\beta = \frac{-b}{a} = \frac{-(-4)}{2} = \frac{4}{2} = 2$$

$$\alpha\beta = \frac{c}{a} = \frac{2}{2} = 1$$

ବର୍ତ୍ତମାନ $\frac{\alpha}{\beta}+\frac{\beta}{\alpha}+4\left(\frac{1}{\alpha}+\frac{1}{\beta}\right)+2\alpha\beta$

$$= \frac{\alpha^2+\beta^2}{\alpha\beta}+4\left(\frac{\alpha+\beta}{\alpha\beta}\right)+2\alpha\beta$$

$$= \frac{(\alpha+\beta)^2-2\alpha\beta}{1}+4\times\frac{2}{1}+2\times 1$$

$$= (2)^2 - 2\times 1 + 8 + 2$$

$$= 4 - 2 + 8 + 2 = 4 + 8 = 12$$

$$\therefore \frac{\alpha}{\beta}+\frac{\beta}{\alpha}+4\left(\frac{1}{\alpha}+\frac{1}{\beta}\right)+2\alpha\beta = 12$$

3. ଗୋଟିଏ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ଅଙ୍କ ଦ୍ୱୟର ଗୁଣଫଳ 18 । ସଂଖ୍ୟାଟିରୁ 63 ବିୟୋଗକଲେ ଅଙ୍କଦ୍ୱୟର ସ୍ଥାନ ବଦଳି ଯାଏ । ତେବେ ସଂଖ୍ୟାଟି କେତେ ?

**ସମାଧାନ :** ମନେକର ସଂଖ୍ୟାଟିର ଦଶକ ସ୍ଥାନୀୟ ଅଙ୍କ x

ତେବେ ଏକକ ସ୍ଥାନୀୟ ଅଙ୍କଟି $\frac{18}{x}$ ($\because$ ଅଙ୍କଦ୍ୱୟର ଗୁଣଫଳ 18)

$\therefore$ ସଂଖ୍ୟାଟି $= 10x + \frac{18}{x}$

ପ୍ରଶ୍ନାନୁସାରେ ସଂଖ୍ୟାଟିରୁ 63 ବିୟୋଗ କଲେ ଅଙ୍କଦ୍ୱୟର ସ୍ଥାନ ବଦଳିଯାଏ । ଅଙ୍କଦ୍ୱୟର ସ୍ଥାନ ବଦଳିଲେ ସଂଖ୍ୟାଟି $10 \times \frac{18}{x} + x$

$$\therefore \quad 10x + \frac{18}{x} - 63 = 10 \times \frac{18}{x} + x$$

$$\Rightarrow \quad 10x + \frac{18}{x} - \frac{180}{x} - x = 63$$

$$\Rightarrow \quad 9x + \frac{18 - 180}{x} = 63$$

$$\Rightarrow \quad 9x - \frac{162}{x} - 63 = 0$$

$$\Rightarrow \quad \frac{9x^2 - 162 - 63x}{x} = 0$$

$$\Rightarrow \quad 9x^2 - 63x - 162 = 0$$

$$\Rightarrow \quad x^2 - 7x - 18 = 0$$

$$\Rightarrow \quad x = \frac{-(-7) \pm \sqrt{(-7)^2 - 4.1.(-18)}}{2.1}$$ {∵ a = 1, b = −7 ଓ c = −18}

$$= \frac{7 \pm \sqrt{49 + 72}}{2} = \frac{7 \pm \sqrt{121}}{2}$$

$$= \frac{7 \pm 11}{2} = \frac{7 + 11}{2} \text{ ବା } \frac{7 - 11}{2}$$

$$\therefore \quad x = \frac{18}{2} \text{ ବା } \frac{-4}{2}$$

$= 9$ ବା $-2$

ତେଣୁ $x = 9$ ($\because x = -2$ ଅସମ୍ଭବ)

$\therefore$ ସଂଖ୍ୟାଟି $= 10x + \frac{18}{x} = 10 \times 9 + \frac{18}{9}$

$= 90 + 2 = 92$

4. ଯଦି $ax^2 + bx + c = 0$ ସମୀକରଣର ଗୋଟିଏ ମୂଳ ଅପରଟିର 4 ଗୁଣ ହୁଏ ତେବେ ପ୍ରମାଣ କର ଯେ $4b^2 = 25ac$.

**ସମାଧାନ :** $ax^2 + bx + c = 0$

ମନେକର $ax^2 + bx + c = 0$ ସମୀକରଣର ଗୋଟିଏ ମୂଳ $\alpha$ ତେବେ ଅନ୍ୟ ମୂଳଟି $4\alpha$.

ମୂଳଦ୍ୱୟର ସମଷ୍ଟି $= \frac{-b}{a}$

$$\Rightarrow \quad \alpha + 4\alpha = \frac{-b}{a}$$

$$\Rightarrow \quad 5\alpha = \frac{-b}{a}$$

$$\Rightarrow \quad \alpha = \frac{-b}{5a} \qquad \text{......(i)}$$

ମୂଳଦ୍ୱୟର ଗୁଣଫଳ $= \frac{c}{a}$

$$\alpha \, . \, 4\alpha = \frac{c}{a}$$

$\Rightarrow \quad 4\alpha^2 = \frac{c}{a}$

(i) ରୁ $\alpha$ ର ମାନ ପକାଇଲେ

$$4\left(\frac{-b}{5a}\right)^2 = \frac{c}{a}$$

$\Rightarrow \quad 4 \times \frac{b^2}{25a^2} = \frac{c}{a}$

$\Rightarrow \quad 4b^2 = \frac{c}{a} \times 25a^2 = 25ac$

$\therefore \quad 4b^2 = 25ac$ (ଉତ୍ତର)

5. ସମାଧାନ କର : $\sqrt{2x+9} + x = 13$

**ସମାଧାନ :**

$\sqrt{2x+9} + x = 13$

$\Rightarrow \quad \sqrt{2x+9} = 13 - x$

$\Rightarrow \quad 2x + 9 = (13 - x)^2$

(ଉଭୟ ପାର୍ଶ୍ୱର ବର୍ଗ କଲେ)

$\Rightarrow \quad 2x + 9 = 169 + x^2 - 26x$

$\Rightarrow \quad x^2 - 26x + 169 - 2x - 9 = 0$

$\Rightarrow \quad x^2 - 28x + 160 = 0$

$\Rightarrow \quad x = \frac{-(-28) \pm \sqrt{(-28)^2 - 4\%160}}{2 \times 1}$

$(\because a = 1, b = -28, c = 160)$

$\Rightarrow \quad x = \frac{28 \pm \sqrt{784 - 640}}{2}$

$= \frac{28 \pm \sqrt{144}}{2} = \frac{28 \pm 12}{2}$

$= \frac{28+12}{2}$ ବା $= \frac{28-12}{2}$

$= \frac{40}{2}$ ବା $\frac{16}{2}$ = 20 ବା 8

$\Rightarrow \quad x = 20$ ବା 8

ଯେହେତୁ $x = 20$ ପାଇଁ, $\sqrt{2x+9}$ ର ଧନାତ୍ମକ ବର୍ଗମୂଳ ପାଇଁ ଦତ୍ତ ସମୀକରଣଟି ସିଦ୍ଧ ହୁଏ ନାହିଁ । ତେଣୁ ନିର୍ଣ୍ଣେୟ ସଂଖ୍ୟାଟି $x = 8$ ହେବ ।

8. ସମାଧାନ କର : $x^{-4} - 5x^{-2} + 4 = 0$

**ସମାଧାନ** : $x^{-4} - 5x^{2} + 4 = 0$

ମନେକର $x^{-2} = y \Rightarrow x^{-4} = \left(x^{-2}\right)^2 = y^2$

ତେବେ ଦତ୍ତ ସମୀକରଟି

$y^2 - 5y + 4 = 0$

$\therefore \quad y = \dfrac{-(-5) \pm \sqrt{(-5)^2 - 4.1.4}}{2 \times 1}$

$= \dfrac{5 \pm \sqrt{25-16}}{2}$

$= \dfrac{5 \pm \sqrt{9}}{2} = \dfrac{5 \pm 3}{2}$

$= \dfrac{5+3}{2}$ ବା $= \dfrac{5-3}{2}$

$= \dfrac{8}{2}$ ବା $\dfrac{2}{2} = 4$ ବା 1

$\therefore \quad y = 4$ ଓ 1

$y = 4 \Rightarrow x^{-2} = 4$

$\Rightarrow \quad \dfrac{1}{x^2} = 4$

$\Rightarrow \quad x^2 = \dfrac{1}{4}$

$\Rightarrow \quad x = \sqrt{\dfrac{1}{4}} = \pm\dfrac{1}{2}$

$y = 1$

$\Rightarrow \quad x^{-2} = 1$

$\Rightarrow \quad \dfrac{1}{x^2} = 1$

$\Rightarrow \quad x^2 = 1$

$\Rightarrow \quad x = \pm 1$

$\therefore$ ନିର୍ଣ୍ଣେୟ ସମାଧାନ $\pm\dfrac{1}{2}$ ଓ $\pm 1$

9. ଏକ ନୌକାର ବେଗ ସ୍ଥିର ଜଳରେ 15 କି.ମି. ପ୍ରତି ଘ । । ଏହା ସ୍ରୋତର ପ୍ରତିକୂଳରେ 30 କି.ମି. ଅତିକ୍ରମ କରି ପୁନଶ୍ଚ (ଅନୁକୂଳରେ) ଫେରି ଆସିବାକୁ 4 ଘ । 30 ମିନିଟ୍ ସମୟ ନେଲା । ତେବେ ସ୍ରୋତର ଘ । ପ୍ରତି ବେଗ ନିର୍ଣ୍ଣୟ କର ।

**ସମାଧାନ :**

ମନେକର ସ୍ରୋତର ବେଗ ଘଂଟାପ୍ରତି x କି.ମି. ।

ପ୍ରଶ୍ନାନୁସାରେ ସ୍ଥିର ଜଳରେ ନୌକାର ବେଗ 15 କି.ମି./ଘ ।

ତେବେ ସ୍ରେତର ଅନୁକୂଳରେ ନୌକାର ବେଗ 15 + x କି.ମି./ଘ ।

ସ୍ରୋତର ପ୍ରତିକୂଳରେ ନୌକାର ବେଗ 15 – x କି.ମି./ଘ ।

$\therefore$ ସ୍ରୋତର ପ୍ରତିକୂଳରେ 30 କି.ମି. ଯିବା ପାଇଁ ସମୟ $\dfrac{30}{15-x}$ ଘ ।

ସ୍ରୋତର ଅନୁକୂଳରେ 30 କି.ମି. ଯିବା ପାଇଁ ସମୟ $= \dfrac{30}{15+x}$ ଘ ।

ମୋଟ ସମୟ $=\frac{30}{15-x}+\frac{30}{15+x}$

ପ୍ରଶ୍ନାନୁସାରେ $\frac{30}{15-x}+\frac{30}{15+x}$ = 4 ଘ । 30 ମିନିଟ୍ $= 4\frac{1}{2}$ ଘ ।

$\Rightarrow \quad 30\left(\frac{1}{15-x}+\frac{1}{15+x}\right)=\frac{9}{2}$

$\Rightarrow \quad 30\left\{\left(\frac{15+x+15-x}{(15-x)(15+x)}\right)\right\}=\frac{9}{2}$

$\Rightarrow \quad 30\times\frac{30}{15^2-x^2}=\frac{9}{2}$

$\Rightarrow \quad \frac{900}{225-x^2}=\frac{9}{2}$

$\Rightarrow \quad (225-x^2)9 = 900 \times 2$

$\Rightarrow \quad 225-x^2=\frac{900\times 2}{9}=200$

$\Rightarrow \quad x^2 = 225-200 = 25$

$\Rightarrow \quad x = \sqrt{25} = \pm 5$

$\Rightarrow \quad x = 5$ ($x = -5$ ଅସମ୍ଭବ)

$\therefore$ ସ୍ରୋତର ଘ । ପ୍ରତି ବେଗ 5 କି.ମି. । (ଉତ୍ତର)

10. ଯଦି $41x^2 - 2(5a + 4b)x + a^2 + b^2 = 0$ ସମୀକରଣର ମୂଳଦ୍ୱୟ ସମାନ ହୁଅନ୍ତି, ତେବେ ପ୍ରମାଣ କର ଯେ, $\frac{a}{b}=\frac{5}{4}$

**ସମାଧାନ** : $41x^2 - 2(5a + 4b)x + (a^2 + b^2) = 0$

ସମୀକରଣର ମୂଳଦ୍ୱୟ ସମାନ ।

$\Rightarrow b^2 = 4ac$

ତେବେ $\{-2(5a + 4b)\}^2 = 4(41)(a^2 + b^2)$

$\Rightarrow 4(5a + 4b)^2 = 164(a^2+b^2)$

$\Rightarrow 4(25a^2 + 16b^2 + 40ab) = 164(a^2 + b^2)$

$\Rightarrow 100a^2 + 64b^2 + 160ab = 164a^2 + 164b^2$

$\Rightarrow \quad 164a^2 + 164b^2 - 100a^2 - 64b^2 - 160ab = 0$

$\Rightarrow \quad 64a^2 + 100b^2 - 160ab = 0$

$\Rightarrow \quad (8a)^2 + (10b)^2 - 2 \,.\, 8a \,.\, 10b = 0$

$\Rightarrow \quad (8a - 10b)^2 = 0$

$\Rightarrow \quad 8a - 10b = 0$

$\Rightarrow \quad 8a = 10b$

$\Rightarrow \quad \frac{a}{b}=\frac{10}{8}=\frac{5}{4}$

$\therefore \quad \frac{a}{b}=\frac{5}{4}$

12. ଦୁଇଟି ସଂଖ୍ୟାର ସମଷ୍ଟି 9 । ସଂଖ୍ୟାଦ୍ୱୟର ବ୍ୟୁତକ୍ରମର ସମଷ୍ଟି $\frac{1}{2}$ ହେଲେ ସଂଖ୍ୟାଦ୍ୱୟ ନିର୍ଣ୍ଣୟ କର ।

**ସମାଧାନ :** ମନେକର ଗୋଟିଏ ସଂଖ୍ୟା x ତେବେ ଅନ୍ୟ ସଂଖ୍ୟାଟି $9 - x$ ।

ପ୍ରଶ୍ନାନୁସାରେ $\frac{1}{x}+\frac{1}{9-x}=\frac{1}{2}$

$\Rightarrow \quad \frac{9-x+x}{x(9-x)}=\frac{1}{2}$

$\Rightarrow \quad \frac{9}{9x-x^2}=\frac{1}{2}$

$\Rightarrow \quad 18 = 9x - x^2$

$\Rightarrow \quad x^2 - 9x + 18 = 0$

$\Rightarrow \quad x=\frac{-(-9)\pm\sqrt{(-9)^2-4.1.18}}{2\times 1}$

$=\frac{9\pm\sqrt{81-72}}{2}$

$=\frac{9\pm\sqrt{9}}{2}=\frac{9+3}{2}$ ବା $\frac{9-3}{2}$

$=\frac{12}{2}$ ବା $\frac{6}{2}$

= 6 ବା 3

$\therefore$ ସଂଖ୍ୟାଦ୍ୱୟ 6 ଓ 3 ଅଟନ୍ତି ।

# ସମ୍ଭାବ୍ୟତା

**(PROBABILITY)**

ଆନୁଭବିକ ଏବଂ ତତ୍ତ୍ୱାଧାରିକ ସମ୍ଭାବ୍ୟତା -

ପରୀକ୍ଷଣରୁ ଉଦ୍ଭବ ଫଳାଫଳର ପ୍ରକୃତ ଉପସ୍ଥାପନା କରାଯାଇ ଘଟଣାଟିର ସମ୍ଭାବ୍ୟତା ନିରୂ ଣ ସମ୍ଭବ । ଏହି ପ୍ରକାରର ସମ୍ଭାବ୍ୟତା ନିରୂ ଣକୁ ଅନୁଭବ ସିଦ୍ଧ ବା ଆନୁଭବିକ **(Empirical)** ସମ୍ଭାବ୍ୟତା କୁହାଯାଏ

$$\therefore \text{‘ଘଟଣା’ର ଆନୁଭବିକ ସମ୍ଭାବ୍ୟତା} = \frac{\text{ଆବଶ୍ୟକ ଫଳଟିର ବାରମ୍ବାରତା}}{\text{ପରୀକ୍ଷଣ ସଂଖ୍ୟା}}$$

$$\text{ଘଟଣାର ସମ୍ଭାବ୍ୟତା} = \frac{\text{ଘଟଣା ଦ୍ୱାରା ଅନୁଗୃହିତ ଫଳାଫଳ ସଂଖ୍ୟା}}{\text{ପରୀକ୍ଷଣର ସମ୍ଭାବ୍ୟ ସମସ୍ତ ଫଳାଫଳ ସଂଖ୍ୟା}}$$

ଘଟଣା $\bar{E}$ ଘଟଣା E ର ପରିପୂରକ ଘଟଣା । ଅର୍ଥାତ୍ E ଏବଂ $\bar{E}$ କିମ୍ବା $E'$ ଘଟଣା ଦ୍ୱୟ ପରିସ୍ପର ପରିପୂରକ ।

$\therefore P(E) + P(\bar{E}) = 1$

$\Rightarrow P(\bar{E}) = 1 - P(E)$ **ମନେରଖ :** ଯେକୌଣସି ଘଟଣା E ପାଇଁ $P(\bar{E}) = 1 - P(E)$

**: ନିମ୍ନ ଚିତ୍ରଟିରେ ଏକ ଥର, ଦୁଇ ଥର ଓ ଶେଷରେ 3 ଥର ମୁଦ୍ରା ଟସ୍‌ର ଫଳାଫଳ ସ୍ଥିରିକୃତ ହୋଇଛି ।**




S = {HHH, HHT, HTH, HTT, THH, THT, TTH, TTT} ଓ ଏହା 3 ଥର ମୁଦ୍ରା ଟସ୍‌ର ସାମ୍ପଲ ସ୍ପେସ ଅଟେ ।)

**ଘଟଣା (Event)** : ପରୀକ୍ଷଣ ରେ ଲବ୍ଧ ସାମ୍ପଲ ସ୍ପେସ୍ S ହେଲେ ଏହାର ଯେ କୌଣସି ଉପସେଟ୍ E

ଉକ୍ତ ପରୀକ୍ଷଣ ଜନିତ ଏକ ଘଟଣା ଅଟେ ।

**(i) ସରଳ ବା ମୌଳିକ ଘଟଣା) :** ଏକ ଉପାଦାନ ବିଶିଷ୍ଟ ଘଟଣାକୁ ସରଳ ଘଟଣା ବା ମୌଳିକ ଘଟଣା କୁହାଯାଏ । ଉଦାହରଣ ସ୍ୱରୂ , ଥରେ ମୁଦ୍ରା ଟସ ରେ {H} ଓ {T} ପ୍ରତ୍ୟେକ ଗୋଟିଏ ଗୋଟିଏ ସରଳ ଘଟଣା । ଦୁଇ ଥର ମୁଦ୍ରା ଟସରେ ପ୍ରତ୍ୟେକ {HH}, {HT}, {TH} ଓ {TT} ଗୋଟିଏ ଗୋଟିଏ ସରଳ ଘଟଣା ।

**(ii) ଯୌଗିକ ଘଟଣା :** ଏକାଧିକ ଉପାଦାନ ବିଶିଷ୍ଟ ଘଟଣାକୁ ଯୌଗିକ ଘଟଣା କୁହାଯାଏ । ଉଦାହରଣ ସ୍ୱରୂ , ଦୁଇ ଥର ମୁଦ୍ରା ଟସରେ {TH, HH, HT}{HH,TT} ଇତ୍ୟାଦି ପ୍ରତ୍ୟେକ ଗୋଟିଏ ଗୋଟିଏ ଯୌଗିକ ଘଟଣା । ପ୍ରକାଶ ଥାଉକି, ଦୁଇଥର ମୁଦ୍ରା ଟସ୍‌ରେ S = {TH, TT, HH, HT}

**(iii) ପରସ୍ପର ବହିର୍ଭୁକ୍ତ ଘଟଣା:** ଦୁଇଟି ଘଟଣା $E_1$ ଓ $E_2$ (ଯେଉଁ ଠାରେ $E_1$ , $E_2 \subset S$) ପରସ୍ପର ବହିର୍ଭୁକ୍ତ ଯଦି $E_1$ ଓ $E_2$ ଅଣଚ୍ଛେଦୀ ଅର୍ଥାତ୍ $E_1 \cap E_2 = \emptyset$ । ଉଦାହରଣ ସ୍ୱରୂ , ମୁଦ୍ରାକୁ ଥରେ ଟସ୍ କଲେ {H} ଓ {T} ଘଟଣା ଦ୍ୱୟ ଓ ଦୁଇ ଥର ଟସ୍ ରେ {HH,TH} ଓ {TT} ଘଟଣା ଦ୍ୱୟ ପରସ୍ପର ବହିର୍ଭୁକ୍ତ ।

**(iv) ପରିପୂରକ ଘଟଣା :** $E_1$ ଓ $E_2$ ଘଟଣା ଦ୍ୱୟ ପରସ୍ପର ପରି ୂରକ ହେବେ ଯଦି $E_1$ ଓ $E_2$ ପରସ୍ପରର ବହିର୍ଭୁକ୍ତ ଓ ସେମାନଙ୍କ ସଂଯୋଗ ($E_1 \cup E_2$) ହେତୁ ସାମ୍ପଲ୍ ସ୍ପେସ୍ S ଉତ୍ପନ୍ନ ହୁଏ । ଉଦାହରଣ ସ୍ୱରୂ , $E_1$ = {H} ଓ $E_2$ = {T} ଘଟଣା ଦ୍ୱୟ ଥରେ ମୁଦ୍ରାଟସରେ ପରି ୂରକ ଓ $E_1$ = {HH}, $E_2$ = {HT, TH, TT} ଘଟଣା ଦ୍ୱୟ ଦୁଇଥର ମୁଦ୍ରା ଟସ୍‌ରେ ପରସ୍ପର ପରି ୂରକ ।

E ଘଟଣାର ସମ୍ଭାବ୍ୟତା P(E) ନିମ୍ନମତେ ସଂଜ୍ଞାକୃତ ।

$$P(E) = \frac{E \text{ ରେ ଥିବା ଉପାଦାନ ସଂଖ୍ୟା}}{S \text{ ରେ ଥିବା ଉପାଦାନ ସଂଖ୍ୟା}} = \frac{|E|}{|S|}$$

(i) $E \subset S$ ଘଟଣା ହେଲେ $P(\phi) = 0$, $P(S)=1$ ଓ $0 \le P(E) \le 1$ । $\phi$ ଅନିଶ୍ଚିତ ଘଟଣା (Impossible Event) ହୋଇଥିଲା ବେଳେ S ଏକ ନିଶ୍ଚିତ ଘଟଣା (Sure Event) ।

(ii) ଏକ ଘଟଣା (E) ଏବଂ ଏହାର ପରିପୂରକ ଘଟଣା ( $\overline{E}$ କିମ୍ବା $E'$) ଦ୍ୱୟ S ର ଉପସେଟ୍ । ଉକ୍ତ ଘଟଣା ଦ୍ୱୟର ସମ୍ଭାବ୍ୟତାର ଯୋଗଫଳ 1 । ଅର୍ଥାତ୍ $P(E) + P(E') = 1$

(iii) $E_1$ ଓ $E_2$ ଦୁଇଗୋଟି ଘଟଣା ଅର୍ଥାତ୍ $E_1 \subset S$ ଓ $E_2 \subset S$ ହେଲେ, $E_1 \cup E_2$ ମଧ୍ୟ ଏକ ଘଟଣା କାରଣ $E_1 \cup E_2$ ସାମ୍ପଲ ସ୍ପେସ S ର ଏକ ଉପସେଟ୍ । ଆମେ ଜାଣିଛେ ଯେ,

$|E_1 \cup E_2| = |E_1| + |E_2| - |E_1 \cap E_2|$ (ଯେତେବେଳେ $E_1$ ଓ $E_2$ ସେଟ୍‌ଦ୍ୱୟ ପରସ୍ପରଚ୍ଛେଦୀ)

(ନବମ ଶ୍ରେଣୀର "ମାଧ୍ୟମିକ ବୀଜଗଣିତ" ର ସେଟ୍ ଅଧ୍ୟାୟରେ ବର୍ଣ୍ଣିତ ବିଷୟବସ୍ତୁକୁ ଅନୁଧ୍ୟାନ କର)

$$\therefore P(E_1 \cup E_2) = \frac{|E_1 \cup E_2|}{|S|} = \frac{|E_1|+|E_2|-|E_1 \cap E_2|}{|S|} = \frac{|E_1|}{|S|} + \frac{|E_2|}{|S|} - \frac{|E_1 \cap E_2|}{|S|}$$

$$= P(E_1) + P(E_2) - P(E_1 \cap E_2)$$

ଅର୍ଥାତ୍ $\boxed{P(E_1 \cup E_2) = P(E_1) + P(E_2) - P(E_1 \cap E_2)}$

**ଦ୍ରଷ୍ଟବ୍ୟ :** (i) ଏଠାରେ $E_1$ ଓ $E_2$ ଘଟଣା ଦ୍ୱୟ ମଧ୍ୟରେ କିଛି ସାଧାରଣ ଉପାଦାନ ଅଥବା ସାଧାରଣ ଫଳାଫଳ (Sample Points) ରହିଛି ।

(ii) $E_1$ ଓ $E_2$ ଘଟଣା ଦ୍ୱୟ ପରସ୍ପର ବହିର୍ଭୁକ୍ତ ଘଟଣା ନୁହଁନ୍ତି (Non-Mutually exclussive)

(iii) ଯଦି $E_1$ ଓ $E_2$ ଘଟଣା ଦ୍ୱୟ ପରସ୍ପର ବହିର୍ଭୁକ୍ତ ଅର୍ଥାତ୍ $E_1 \cap E_2 = \phi$ ହୁଏ, ତେବେ $P(E_1 \cap E_2) = 0$ ଓ ଏକ୍ଷେତ୍ରରେ $\boxed{P(E_1 \cup E_2) = P(E_1) + P(E_2)}$

**ମନେରଖ :** $E_1$ ଓ $E_2$ ଘଟଣା ଦ୍ୱୟ ପାଇଁ $P(E_1 \cup E_2) = P(E_1) + P(E_2) - P(E_1 \cap E_2)$
ଏବଂ $E_1$ ଓ $E_2$ ପରସ୍ପର ବହିର୍ଭୁକ୍ତ ହେଲେ $P(E_1 \cup E_2) = P(E_1) + P(E_2)$ ।

# ସମ୍ଭାବ୍ୟତା

## MULTIPLE CHOICE QUESTIONS

ପ୍ରତ୍ୟେକ ପ୍ରଶ୍ନରେ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରଟି ବାଛି ଲେଖ ।

1. ଗୋଟିଏ ମୁଦ୍ରାକୁ 30 ଥର ଟସ୍ କରିଥିବାରୁ 11 ଥର H ଆସିଲେ, P(T) = _____ ।

   (a) $\frac{11}{30}$ (b) $\frac{22}{30}$ (c) $\frac{19}{30}$ (d) $\frac{1}{30}$

2. $p(A) = \frac{2}{3}$ ହେଲେ, $P(\bar{A})$ = କେତେ ହେବ ?

   (a) $\frac{1}{3}$ (b) $\frac{1}{6}$ (c) 1 (d) 0

3. ଦୁଇଟି ଲୁଡୁଗୋଟିକୁ ଏକ ସଙ୍ଗେ ଗଡ଼ାଇଲେ, ଉଭବ ଫଳାଫଳ ଥିବା ସଂଖ୍ୟା ଦ୍ୱାରା ଯୋଗଫଳ ≥12 ହେବାର ସମ୍ଭାବ୍ୟତା କେତେ ?

   (a) $\frac{1}{12}$ (b) $\frac{1}{36}$ (c) $\frac{3}{12}$ (d) $\frac{1}{18}$

4. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ ଏକ ପୂର୍ଣ୍ଣବର୍ଗ ସଂଖ୍ୟା ଆସିବାର ସମ୍ଭାବ୍ୟତା _____ ।

   (a) $\frac{2}{6}$ (b) $\frac{2}{8}$ (c) $\frac{3}{6}$ (d) $\frac{4}{8}$

5. ଗୋଟିଏ ମୁଣିରେ 3ଟି ନାରଙ୍ଗୀ, 5ଟି ହଳଦିଆ, 8ଟି ନୀଳ ବଲ୍ ଅଛି । ସେଥିମଧ୍ୟରୁ ଯଦୃଚ୍ଛା ଗୋଟିଏ ନୀଳବଲ୍ ପାଇବାର ସମ୍ଭାବ୍ୟତା _____ ।

   (a) $\frac{1}{2}$ (b) $\frac{3}{13}$ (c) $\frac{3}{16}$ (d) $\frac{5}{16}$

7. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ ଫଳ ≤6 ପାଇବାର ସମ୍ଭାବ୍ୟତା _____ ।

   (a) $\frac{1}{6}$ (b) $\frac{5}{6}$ (c) 1 (d) 0

8. ଗୋଟିଏ ମୁଦ୍ରାକୁ 2 ଥର ଟସ୍ କରାଗଲେ, ଫଳ କେବଳ T ପାଇବାର ସମ୍ଭାବ୍ୟତା _____ ହେବ ?

   (a) $\frac{2}{3}$ (b) $\frac{1}{4}$ (c) $\frac{3}{4}$ (d) $\frac{2}{4}$

9. ଗୋଟିଏ ବାକ୍ସରେ 15ଟି ଲାଲ୍, 12ଟି ଧଳା ଓ 9ଟି ନୀଳ ସମାନ ଆକାର ବିଶିଷ୍ଟ ବଲ୍ ଅଛି । ଗୋଟିଏ ଧଳା ବଲ୍ ନ ଆସିବାର ସମ୍ଭାବ୍ୟତା କେତେ ?

   (a) $\frac{21}{36}$ (b) $\frac{27}{26}$ (c) $\frac{24}{36}$ (d) $\frac{9}{36}$

10. ଦୁଇଟି ମୁଦ୍ରାକୁ ଥରେ ଟସ୍ କଲେ ଅତି କମ୍‌ରେ ଗୋଟିଏ H ଆସିବାର ସମ୍ଭାବ୍ୟତା _____ ହେବ ?

   (a) 1 (b) $\frac{1}{2}$ (c) $\frac{3}{4}$ (d) $\frac{1}{4}$

12. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ 3 ଦ୍ୱାରା ବିଭାଜ୍ୟ ସଂଖ୍ୟାଟିଏ ପଡ଼ିବାର ସମ୍ଭାବ୍ୟତା _____ ।

   (a) $\frac{1}{6}$ (b) $\frac{1}{3}$ (c) $\frac{2}{3}$ (d) $\frac{1}{2}$

13. ଆଜି ବର୍ଷା ହେବାର ସମ୍ଭାବ୍ୟତା 0.75 ହେଲେ, ବର୍ଷା ନ ହେବାର ସମ୍ଭାବ୍ୟତା କେତେ ହେବ ?

(a) $\frac{1}{4}$ (b) $\frac{3}{8}$

(c) $\frac{3}{4}$ (d) $\frac{2}{3}$

14. ଦୁଇଟି ଘଟଣା $E_1$ ଓ $E_2$ ପରସ୍ପର ବହିର୍ଭୁକ୍ତ ହେଲେ, $P(E_1 \cap E_2)$ = _____ ।

(c) $\frac{1}{2}$ (b) $\frac{2}{3}$

(c) 1 (d) 0

15. ଏକ ଅସମ୍ଭବ ଘଟଣାର ସମ୍ଭାବ୍ୟତା _____ ।

(a) 1 (b) 0

(c) $\frac{1}{2}$ (d) $-\frac{1}{2}$

17. ଗୋଟିଏ ଲୁଡୁ ଗୋଟିକୁ 5 ଥର ଗଡ଼ାଇଲେ ସମସ୍ତ ସମ୍ଭାବ୍ୟ ଫଳ ସଂଖ୍ୟା _____ ହେବ ।

(a) $5^3$ (b) $6^5$

(c) $5^6$ (d) $6^3$

18. $E_1 \cap E_2 = \phi$ ହେଲେ, $P(E_1 \cup E_2)$ = _____ ହେବ ।

(a) 0 (b) $P(E_1) . P(E_2)$

(c) $P(E_1) + P(E_2)$ (d) $P(E_1)–P(E_2)$

19. ଏକ ଲୁଡୁ ଗୋଟି ଗଡ଼ାଇଲେ ଫଳ ଯୁଗ୍ମ କିମ୍ବା ଅଯୁଗ୍ମ ହେବାର ସମ୍ଭାବ୍ୟତା _____ ।

(a) 0 (b) 1

(c) $\frac{1}{2}$ (d) $\frac{1}{3}$

21. ଦୁଇଟି ଲୁଡୁ ଗୋଟିକୁ ଏକା ସାଙ୍ଗରେ ନିକ୍ଷେପ କଲେ ସଂଖ୍ୟାଦ୍ୱୟର ଗୁଣଫଳ 6 ଆସିବାର ସମ୍ଭାବ୍ୟତା _____ ହେବ ।

(a) $\frac{1}{9}$ (b) $\frac{1}{6}$

(c) $\frac{3}{4}$ (d) $\frac{5}{36}$

22. ଦୁଇଟି ଲୁଡୁ ଗୋଟିକୁ ଏକା ସାଙ୍ଗରେ ନିକ୍ଷେପ କଲେ ଉଭୟ ଯୁଗ୍ମ ସଂଖ୍ୟା ମିଳିବାର ସମ୍ଭାବ୍ୟତା _____ ହେବ ?

(a) $\frac{1}{6}$ (b) $\frac{1}{9}$

(c) $\frac{2}{9}$ (d) $\frac{1}{4}$

23. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ ଫଳାଫଳ 2 ଓ 5 ମଧ୍ୟବର୍ତ୍ତୀ ଗୋଟିଏ ସଂଖ୍ୟା ଆସିବାର ସମ୍ଭାବ୍ୟତା _____ ହେବ ?

(a) $\frac{1}{5}$ (b) $\frac{1}{6}$

(c) $\frac{2}{3}$ (d) $\frac{1}{3}$

24. ଗୋଟିଏ ଲୁଡୁ ଗୋଟିକୁ ଦୁଇଥର ଗଡ଼ାଇଲେ ଉଭୟ ଗୋଟିରେ ମିଳୁଥିବା ସଂଖ୍ୟାଦ୍ୱୟର ଗୁଣଫଳ ଏକ ପୂର୍ଣ୍ଣବର୍ଗ ସଂଖ୍ୟା ହେବାର ସମ୍ଭାବ୍ୟତା _____ ହେବ ।

(a) $\frac{7}{36}$ (b) $\frac{1}{2}$

(c) $\frac{5}{36}$ (d) $\frac{2}{9}$

25. ଏକ ଉପାଦାନ ବିଶିଷ୍ଟ ଘଟଣାକୁ _____ କୁହାଯାଏ ।

(a) ମୌଳିକ ଘଟଣା (b) ପରିପୂରକ ଘଟଣା

(c) ଯୌଗିକ ଘଟଣା (d) କୌଣସିଟି ନୁହେଁ

26. MATHEMATICS ଶବ୍ଦରୁ ଯଦୃଚ୍ଛା A କିମ୍ବା T ବାଛିବାର ସମ୍ଭାବ୍ୟତା _____ ।

(a) $\frac{1}{4}$ (b) $\frac{1}{2}$

(c) $\frac{4}{11}$ (d) $\frac{2}{11}$

29. $E_1$ ଓ $E_2$ ଦୁଇଟି ପରସ୍ପର ପରିପୂରକ ଘଟଣା ହେଲେ, $P(E_1 \cup E_2)$ = _____

(a) 0 (b) $\frac{1}{2}$

(c) 1 (d) $\frac{1}{3}$

30. ଗୋଟିଏ ଅଧିବର୍ଷ ନଥିବା ବର୍ଷରେ 53ଟି ରବିବାର ପାଇବାର ସମ୍ଭାବ୍ୟତା _____ ।

(a) $\frac{1}{7}$ (b) $\frac{2}{7}$

(c) $\frac{1}{2}$ (d) $\frac{3}{7}$

32. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼େଇଲେ ଫଳାଫଳ ଯୁଗ୍ମ କିମ୍ବା 3 ର ଗୁଣିତକ ହେବାର ସମ୍ଭାବ୍ୟତା ______ ହେବ ।

(a) $\frac{1}{3}$ (b) $\frac{3}{4}$

(c) $\frac{1}{2}$ (d) $\frac{2}{3}$

33. $P(E_1) + P(E_2) = 1$ ଏବଂ $P(E_2) = 4.P(E_1)$ ହେଲେ, $P(E_2)$ = ______

(a) $\frac{1}{4}$ (b) $\frac{2}{5}$

(c) $\frac{4}{5}$ (d) $\frac{1}{5}$

34. ଗୋଟିଏ ମୁଦ୍ରାକୁ 30 ଥର ଟସ୍ କରିବାରୁ 16 ଥର T ଆସିଲା, ତେବେ P(H) = _____

(a) $\frac{6}{15}$ (b) $\frac{7}{15}$

(c) $\frac{8}{15}$ (d) $\frac{9}{15}$

37. ଗୋଟିଏ ମୁଦ୍ରାକୁ n ଥର ଟସ୍ କଲେ ସାମ୍ପଲ୍ ସ୍ପେସ୍‌ର ଉପାଦାନଟି ସଂଖ୍ୟା _____

(a) $n^2$ (b) $n^3$

(c) $2^n$ (d) $2^4$

38. ଗୋଟିଏ ଲୁଡୁଗୋଟିକୁ n ଥର ଗଡ଼ାଇଲେ ସାମ୍ପଲ୍‌ସ୍ପେସ୍‌ର ଉପାଦାନ ସଂଖ୍ୟା _____ ।

(a) $6^n$ (b) $n^6$

(c) $6^5$ (d) $6^{n+1}$

39. ଗୋଟିଏ ଲଟେରୀରେ 10ଟି ପ୍ରାଇଜ୍ ଓ 15ଟି ଶୂନ୍ୟ ଅଛି, ଗୋଟିଏ ପ୍ରାଇଜ୍ ପାଇବାର ସମ୍ଭାବ୍ୟତା _____ ।

(a) $\frac{1}{5}$ (b) $\frac{3}{5}$

(c) $\frac{0}{5}$ (d) $\frac{2}{5}$

40. ଗୋଟିଏ ଲୁଡୁଗୋଟିକୁ ଦୁଇଥର ଗଡ଼ାଇଲେ ଦୃଶ୍ୟମାନ ସଂଖ୍ୟା ଅସମାନ ଆସିବାର ସମ୍ଭାବ୍ୟତା _____ ।

(a) $\frac{1}{6}$ (b) $\frac{2}{6}$

(c) $\frac{4}{6}$ (d) $\frac{5}{6}$

41. $P(A) - P(\overline{A}) = 0.78$ ହେଲେ $P(\overline{A})$ = _____

(a) 0.11 (b) 0.12

(c) 0.21 (d) 0.23

42. ଦୁଇଟି ଲୁଡୁଗୋଟିକୁ ଗଡ଼ାଇଲେ ଫଳଦ୍ୱୟ ପୂର୍ଣ୍ଣବର୍ଗ ସଂଖ୍ୟା ଆସିବାର ସମ୍ଭାବ୍ୟତା _____ ।

(a) $\frac{0}{9}$ (b) $\frac{1}{9}$

(c) $\frac{2}{9}$ (d) $\frac{3}{9}$

43. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ, $\geq 5$ ଆସିବାର ସମ୍ଭାବ୍ୟତା _____ ।

(a) $\frac{1}{3}$ (b) $\frac{2}{3}$

(c) $\frac{3}{3}$ (d) $\frac{0}{3}$

46. $P(E_1) = \frac{2}{5}$, $P(E_2) = \frac{1}{5}$ ଏବଂ $(E_1 \cap E_2) = \phi$ ହେଲେ $P(E_1 \cup E_2)$ = _____

(a) $\frac{1}{5}$ (b) $\frac{2}{5}$

(c) $\frac{3}{5}$ (d) $\frac{4}{5}$

47. ତିନୋଟି ମୁଦ୍ରାକୁ ଏକ ସଙ୍ଗେ ଟସ୍ କଲେ ଫଳାଫଳ ଅତି କମ୍‌ରେ ଦୁଇଟି H ଆସିବାର ସମ୍ଭାବ୍ୟତା _____ ।

(a) $\frac{1}{2}$ (b) $\frac{3}{2}$

(c) $\frac{0}{2}$ (d) 1

49. $E_1$ ଓ $E_2$ ପରସ୍ପର ଦୁଇଟି ବହିର୍ଭୁତ ଘଟଣା ଏବଂ $P(E_1) = \frac{3}{7}$ ଓ $P(E_2) = \frac{4}{7}$ ହେଲେ, $P(E_1 \cup E_2)$ = _____ ।

(a) 0 (b) 1

(c) 2 (d) 3

55. ଗୋଟିଏ ମୁଦ୍ରାକୁ ଥରେ ଟସ୍ କଲେ $E_1$ = {H} ଘଟଣାର ପରିପୂରକ ଘଟଣା $\bar{E}$ = _____ ।

(a) {T} (b) {H, T}

(c) {H, H} (d) {T, T}

57. $P(E_1) = \frac{3}{5}$, $P(E_2) = \frac{2}{5}$ ଓ $P(E_1 \cup E_2) = \frac{4}{5}$ ହେଲେ, $P(E_1 \cap E_2)$ = _____ ।

(a) $\frac{0}{5}$ (b) $\frac{1}{5}$

(c) $\frac{2}{5}$ (d) $\frac{3}{5}$

58. ଅନୁଭବ ସିଦ୍ଧ ସମ୍ଭାବ୍ୟତାକୁ _____ ସମ୍ଭାବ୍ୟତା କୁହାଯାଏ ।

(a) କ୍ଲାସିକାଲ୍ (b) ଆନୁଭବିକ

(c) ତତ୍ତ୍ୱାଧାରକ (d) ସମସ୍ତ

59. ତତ୍ତ୍ୱାଧାରକ ସମ୍ଭାବ୍ୟତାକୁ _____ ସମ୍ଭାବ୍ୟତା କୁହାଯାଏ ।

(a) କ୍ଲାସିକାଲ୍ (b) ଆନୁଭବିକ

(c) ତତ୍ତ୍ୱାଧାରକ (d) ସମସ୍ତ

60. E ଏକ ନିଶ୍ଚିତ ଘଟଣା ହେଲେ $0 \leq P(E) \leq$ _____ ।

(a) 0 (b) 1

(c) 2 (d) 3

61. ଏକ ଉପାଦାନ ବିଶିଷ୍ଟ ଘଟଣାକୁ _____ କୁହାଯାଏ ।

(a) ମୌଳିକ (b) ଯୌଗିକ

(c) ପରିପୂରକ (d) ଏକକ

62. ଗୋଟିଏ ମୁଦ୍ରାକୁ 45 ଥର ଟସ୍ କରିବାର H ଯେତେ ଥର ଆସିଲା T ତା'ର ଦୁଇଗୁଣ ଥର ଆସିଲା । ତେବେ P(T) = _____ ।

(a) $\frac{1}{3}$ (b) $\frac{2}{3}$

(c) $\frac{0}{3}$ (d) 1

**ଉତ୍ତର**

| | | | | |
|---|---|---|---|---|
| 1.(c) | 2.(a) | 3.(b) | 4.(a) | 5.(a) |
| 7.(c) | 8. (b) | 9.(c) | 10.(c) | |
| 12.(b) | 13.(a) | 14.(d) | 15.(b) | |
| 17.(b) | 18.(c) | 19.(b) | 21.(a) | |
| 22.(d) | 23.(d) | 24.(d) | 25.(a) | |
| 26.(c) | 29.(c) | 30.(a) | 32.(d) | |
| 33.(c) | 34.(b) | 37.(c) | 38.(a) | |
| 39.(d) | 40.(d) | 41.(a) | 42.(b) | |
| 43.(a) | 46.(c) | 47.(a) | 49.(b) | |
| 55.(a) | 57.(b) | 58.(b) | 59.(a) | |
| 60.(b) | 61.(a) | 62.(b) | | |

## SUBJECTIVE

1. ଏକ ଫାଟକକୁ ଗୋଟିଏ ଦିନରେ ଅତିକ୍ରମ କରୁଥିବା ବିଭିନ୍ନ ପ୍ରକାରର ଯାନମାନଙ୍କର ସମ୍ଭାବ୍ୟତା ନିମ୍ନ ପ୍ରକାରର ଅଟେ ।

$P$ (କାର୍) $= \frac{1}{4}$, $P$(ଟ୍ରକ୍) $= \frac{1}{8}$

$P$(ଦୁଇ ଚକିଆ ଗାଡ଼ି) $= \frac{1}{2}$ ଓ

$P$ (ଟ୍ରାକ୍ଟର) $= \frac{1}{8}$

ଯଦି ପ୍ରତିଦିନ ହାରାହାରି 4000ଟି ବିଭିନ୍ନ ଯାନ ଫାଟକ ଅତିକ୍ରମ କରୁଥାନ୍ତି, ତେବେ ପ୍ରତ୍ୟେକ ଯାନଗୁଡ଼ିକର ହାରାହାରି ସଂଖ୍ୟା ନିରୂପଣ କର ।

**ସମାଧାନ :** ମନେକର କାର୍, ଟ୍ରକ୍, ଦୁଇଚକିଆ ଗାଡ଼ି ଓ ଟ୍ରାକ୍ଟରମାନଙ୍କ ସଂଖ୍ୟା ଯଥାକ୍ରମେ x, y, z ଓ w ।

$\therefore \quad n = x + y + z + w = 4000$ (n = ମୋଟ ଯାନବାହନ ସଂଖ୍ୟା)

ପ୍ରଶ୍ନାନୁସାରେ, $\frac{x}{n} = \frac{1}{4}, \frac{y}{n} = \frac{1}{8}, \frac{z}{n} = \frac{1}{2}$ ଓ $\frac{w}{n} = \frac{1}{8}$

କିମ୍ବା, $\frac{x}{4000} = \frac{1}{4}, \frac{y}{4000} = \frac{1}{8}, \frac{z}{4000} = \frac{1}{2}$ ଓ $\frac{w}{4000} = \frac{1}{8}$

$x = \frac{4000}{4} = 1000, \; y = \frac{4000}{8} = 500$, $z = \frac{4000}{2} = 2000$ ଓ $w = \frac{4000}{8} = 500$

$\therefore$ ପ୍ରତ୍ୟେକ ଦିନ ହାରାହାରି 100 କାର୍, 500 ଟ୍ରକ୍ ଓ 2000 ଦୁଇଚକିଆ ଗାଡ଼ି ଓ 500 ଟ୍ରାକ୍ଟର ଫାଟକ ଅତିକ୍ରମ କରନ୍ତି ।

2. ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ

(i) '4' ରୁ ଅଧିକ ଲେଖାଥିବା ସଂଖ୍ୟା ଏବଂ

(ii) '4' କିମ୍ବା '4' ରୁ କମ୍ ଲେଖାଥିବା ସଂଖ୍ୟା ଆସିବାର ସମ୍ଭାବ୍ୟତା ନିରୂପଣ କର ।

**ସମାଧାନ :** (i) ଘଟଣା 'E' = 4 ରୁ ଅଧିକ ଲେଖାଥିବା ସଂଖ୍ୟା । ଏଠାରେ ସମ୍ଭାବ୍ୟ ସମସ୍ତ ଫଳାଫଳଗୁଡ଼ିକ ହେଲେ 1, 2, 3, 4, 5 ଓ 6 ଏବଂ ଏଗୁଡ଼ିକର ସଂଖ୍ୟା 6 । ଘଟଣା E ଦ୍ୱାରା ଅନୁଗୃହିତ ଫଳାଫଳ ଗୁଡ଼ିକ ହେଲେ, 5 ଏବଂ 6 ଏବଂ ଏଗୁଡ଼ିକର ସଂଖ୍ୟା 2 ।

$\therefore \quad P(E) = \frac{2}{6} = \frac{1}{3}$

(ii) ଘଟଣା 'F' = 4 କିମ୍ବା 4 ରୁ କମ୍ ଲେଖାଥିବା ସଂଖ୍ୟା ।

ସମ୍ଭାବ୍ୟ ଫଳାଫଳଗୁଡ଼ିକ ହେଲେ 1, 2, 3, 4, 5 ଓ 6 ଏବଂ ଏଗୁଡ଼ିକର ସଂଖ୍ୟା 6 ।

ଘଟଣା F ଦ୍ୱାରା ଅନୁଗୃହିତ ଫଳାଫଳଗୁଡ଼ିକ ହେଲେ, 1, 2, 3 ଓ 4 ଏବଂ ଏଗୁଡ଼ିକରେ ସଂଖ୍ୟା 4 ।

$\therefore \quad P(F) = \frac{4}{6} = \frac{2}{3}$

ଏଠାରେ ଲକ୍ଷ୍ୟ କର P(E) + P(F) = 1

4. ଗୋଟିଏ ଲୁଡୁଗୋଟିକୁ 2 ଥର ଗଡ଼ାଗଲା । ନିମ୍ନଲିଖିତ ଘଟଣାଗୁଡ଼ିକ ନିରୂପଣ କରି ସମ୍ଭାବ୍ୟତା ନିରୂପଣ କର ।

(i) $E_1$ : ସମଷ୍ଟି $\leq 3$

(ii) $E_2$ : ସମଷ୍ଟି = 9

(iii) $E_3$ : ସମଷ୍ଟି = 13

**ସମାଧାନ :** ଗୋଟିଏ ଲୁଡୁଗୋଟିକୁ 2 ଥର ଗଡ଼ାଇଲେ, ସାମ୍ପଲ୍‌ସ୍ପେସ୍‌ରେ ଥିବା ଉପାଦାନ ସଂଖ୍ୟା = $6^2$ = 36

$\therefore \quad |S| = 36$

(i) ଘଟଣା $E_1$ : ସମଷ୍ଟି $\leq 3$ ଦ୍ୱାରା ଅନୁଗୃହିତ ଉପାଦାନଗୁଡ଼ିକ ହେଲେ, 12, 21 ଓ 11 ।

$\therefore \quad E_1 = \{12, 21, 11\}$

$|E_1| = 3, \; P(E_1) = \frac{3}{36} = \frac{1}{12}$

(ii) ଘଟଣା $E_2$ : ସମଷ୍ଟି = 9 ଦ୍ୱାରା ଅନୁଗୃହିତ ଉପାଦାନଗୁଡ଼ିକ ହେଲେ, 63, 36, 45 ଓ 54

∴ $E_2$ = {63, 36, 45 ଓ 54}

$|E_2| = 4 \qquad P(E_2) = \frac{4}{36} = \frac{1}{9}$

(iii) ଘଟଣା $E_3$ : ସମଷ୍ଟି = 13 ଏକ ଅସମ୍ଭବ ଘଟଣା ।

∴ $E_3 = \phi$

$|E_3| = 0 \qquad P(E_3) = \frac{0}{36} = 0$

5. ଗୋଟିଏ ଲୁଡୁଗୋଟିକୁ ଗଡ଼ାଇଲେ ଫଳଟି "ଏକ ଯୁଗ୍ମ ସଂଖ୍ୟା କମ୍ବା ଏକ ଅଯୁଗ୍ମ ସଂଖ୍ୟା" ଆସିବାର ସମ୍ଭାବ୍ୟତା ନିରୂପଣ କର ।

**ସମାଧାନ :** ଏଠାରେ sample space S = {1, 2, 3, 4, 5, 6}

ମନେକର ଘଟଣା $E_1$ = ଫଳଟି ଯୁଗ୍ମ ସଂଖ୍ୟା ଆସିବା

∴ $E_1$ = {2, 4, 6}

$|E_1| = 3, \; P(E_1) = \frac{|E_1|}{|S|} = \frac{3}{6} = \frac{1}{2}$

ଘଟଣା $E_2$ = ଫଳଟି ଅଯୁଗ୍ମ ସଂଖ୍ୟା ଆସିବା

∴ $E_2$ = {1, 3, 5}

$|E_2| = 3, P(E_2) = \frac{|E_2|}{|S|} = \frac{3}{6} = \frac{1}{2}$

∴ ଏକ ଯୁଗ୍ମ ସଂଖ୍ୟା କିମ୍ବା ଏକ ଅଯୁଗ୍ମ ସଂଖ୍ୟା ଆସିବା ଘଟଣାର ସମ୍ଭାବ୍ୟତା = $P(E_1 \cup E_2) = P(E_1) + P(E_2)$

$= \frac{|E_1|}{|S|} + \frac{|E_2|}{|S|} = \frac{1}{2} + \frac{1}{2} = 1$

6. ଗୋଟିଏ ଲୁଡୁଗୋଟିକୁ ଗଡ଼ାଇଲେ ଫଳଟି "ଏକ ଯୁଗ୍ମ ସଂଖ୍ୟା" କିମ୍ବା ଫଳ ≥ 4 ହେବାର ସମ୍ଭାବ୍ୟତା ନିରୂପଣ କର ।

**ସମାଧାନ :** ଏଠାରେ sample space S = {1, 2, 3, 4, 5, 6}

|S| = 6

ଫଳଟି ଯୁଗ୍ମ ସଂଖ୍ୟା ହେବା ଘଟଣା $E_1$ = {2, 4, 6} ଏବଂ ଫଳଟି ≥ 4 ହେବା ଘଟଣା $E_2$ = {4, 5, 6}

∴ $|E_1| = 3, |E_2| = 3$

$E_1$ ଏବଂ $E_2$ ଘଟଣାଦ୍ୱୟ ବହିର୍ଭୁକ୍ତ ଘଟଣା ନୁହଁନ୍ତି । କାରଣ ଉଭୟ ଘଟଣାରେ କିଛି ସାଧାରଣ ଉପାଦାନ ଅଛନ୍ତି ।

$E_1 \cap E_2 = \{4, 6\} \Rightarrow |E_1 \cap E_2| = 2$

"ଏକ ଯୁଗ୍ମ ସଂଖ୍ୟା କିମ୍ବା ଫଳ ≥ 4" ର ସମ୍ଭାବ୍ୟତା

$\Rightarrow P(E_1 \cup E_2) = P(E_1) + P(E_2) - P(E_1 \cap E_2)$

$= \frac{|E_1|}{|S|} + \frac{|E_2|}{|S|} - \frac{|E_1 \cap E_2|}{|S|} = \frac{3}{6} + \frac{3}{6} - \frac{2}{6} = \frac{4}{6} = \frac{2}{3}$

7. ଏକ ପରୀକ୍ଷଣରେ ପରସ୍ପର ବହିର୍ଭୁକ୍ତ ଦୁଇଟି ଘଟଣା $E_1$ ଓ $E_2$ ଏପରିକି, $P(E_1) = 2P(E_2)$ ଓ $P(E_1) + P(E_2) = 0.9$ । ତେବେ $E_1 \cup E_2$ ଘଟଣା ତଥା $E_1$ ଘଟଣାର ସମ୍ଭାବ୍ୟତା ନିରୂପଣ କର ।

**ସମାଧାନ :** ଆମେ ଜାଣୁ, ଦୁଇଟି ବହିର୍ଭୁକ୍ତ ଘଟଣା ପାଇ, $P(E_1 \cup E_2) = P(E_1) + P(E_2) = 0.9$

ପୁନଶ୍ଚ, $P(E_1) = 0.9 - P(E_2)$

ପ୍ରଶ୍ନାନୁସାରେ, $P(E_1) = 2P(E_2)$

ତେବେ, $2P(E_2) = 0.9 - P(E_2)$

$\Rightarrow \quad 2P(E_2) + P(E_2) = 0.9$

$\Rightarrow \quad 3P(E_2) = 0.9$

$\Rightarrow \quad P(E_2) = \frac{0.9}{3} = 0.3$

$P(E_1) = 0.9 - P(E_2) = 0.9 - 0.3 = 0.6$

10. ଯଦି $E_1$ ଓ $E_2$ ଏପରି ଦୁଇଟି ଘଟଣା ଯେଉଁଠାରେ, $P(E_1) = \frac{5}{8}$ ଓ $P(E_2) = \frac{2}{8}$ ଓ $P(E_1 \cap E_2) = \frac{1}{8}$

ତେବେ ନିମ୍ନଲିଖିତ ଗୁଡ଼ିକ ସ୍ଥିର କର ।

(i) $P(E_1 \cup E_2)$, (ii) $P(E_1')$, (iii) $P(E_2')$, (iv) $P(E_1' \cup E_2')$

**ସମାଧାନ :** (i) $P(E_1 \cup E_2) = P(E_1) + P(E_2) - P(E_1 \cap E_2)$

$$= \frac{5}{8} + \frac{2}{8} - \frac{1}{8} = \frac{7}{8} - \frac{1}{8} = \frac{6}{8} = \frac{3}{4}$$

(ii) $P(E_1') = 1 - P(E_1)$

$$= 1 - \frac{5}{8} = \frac{8-5}{8} = \frac{3}{8}$$

(iii) $P(E_2') = 1 - P(E_2)$

$$= 1 - \frac{2}{8} = \frac{8-2}{8} = \frac{6}{8} = \frac{3}{4}$$

(iv) $P(E_1' \cup E_2') = P(E_1') + (E_2') - P(E_1' \cap E_2')$

$$= \frac{3}{8} + \frac{3}{4} - \frac{7}{8}$$

$$= \frac{3+6}{8} - \frac{7}{8} \qquad = \frac{9}{8} - \frac{7}{8} = \frac{2}{8} = \frac{1}{4}$$

$$\left[\because P(E_1' \cap E_2') = 1 - P(E_1 \cap E_2) = 1 - \frac{1}{8} = \frac{7}{8}\right]$$

11. ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ "ଫଳ 5 କିମ୍ବା ଏକ ଅଯୁଗ୍ମ ସଂଖ୍ୟା" ଆସିବାର ସମ୍ଭାବ୍ୟତା ନିରୂପଣ କର ।

**ସମାଧାନ :** ଏଠାରେ sample space S = {1, 2, 3, 4, 5, 6}

